# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୫/୨୦୧୮ (୧୬ ପୃଷ୍ଠା+ ସାହିତ୍ୟାୟନ) | Bhubaneswar, Wednesday, September 5 / 2018 | ★★★★

୪୪ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-







KP GROUP
Quality Since 1965
कमला पसन्द
अनोखा स्वाद
पान मसाला
20% EXTRA
Hallmark of quality
କମଳା ପସନ୍ଦ
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୫/୨୦୧୮ | Bhubaneswar, Wednesday, September 5 / 2018 | ପୃଷ୍ଠା-୧


**ଓମ୍ ପ୍ରକାଶଙ୍କୁ ସ୍ୱର୍ଣ୍ଣ**
ଭାରତୀୟ ଶୁଟର ଓମ୍‌ପ୍ରକାଶ ମିଥରୱାଲ ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ୫୦ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

୧୩

୦୭

**ଅମିତାଭଙ୍କ ସହ କାର୍ଯ୍ୟ କରି ଖୁସି ହେବି**
ଉପଯୁକ୍ତ ରୋଲ୍ ମିଳିଲେ ମେଗାଷ୍ଟାର୍ ଅମିତାଭ ବଚ୍ଚନଙ୍କ ସହ କାର୍ଯ୍ୟ କରି ଖୁସି ହେବି ବୋଲି କହିଛନ୍ତି ପ୍ରଖ୍ୟାତ ଅଭିନେତ୍ରୀ ଜୟାପ୍ରଦା।





## ପାକିସ୍ତାନର ନୂଆ ରାଷ୍ଟ୍ରପତି ଆରିଫ୍ ଅଲଭ୍ୱି



ଇସ୍‌ଲାମାବାଦ, ୪।୯(ପି.ଟି.): ପାକିସ୍ତାନର ନୂଆ ରାଷ୍ଟ୍ରପତି ଭାବେ ଡ. ଆରିଫ୍ ଅଲଭ୍ୱି ମଙ୍ଗଳବାର ନିର୍ବାଚିତ ହୋଇଛନ୍ତି। କ୍ରିକେଟରରୁ ପ୍ରଧାନମନ୍ତ୍ରୀ ହୋଇଥିବା ଇମ୍ରାନ୍ ଖାନ୍‌ଙ୍କ ସେ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା। ୬୯ ବର୍ଷୀୟ ଅଲଭ୍ୱି ହେଉଛନ୍ତି ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ)ର ପ୍ରତିଷ୍ଠାତା ସଦସ୍ୟ। ରାଷ୍ଟ୍ରପତି ପଦ ଲାଗି ତାଙ୍କ ବିପକ୍ଷରେ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ଐତଜାଜ୍ ଅହସାନ ଏବଂ ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ଏନ୍ (ପିଏମ୍ଏଲ-ଏନ୍)ର ମୌଲାନା ଫଜଲ୍ ଉର୍ ରହମନ୍ ପ୍ରାର୍ଥୀ ହୋଇଥିଲେ। ଏହି ତ୍ରିମୁଖୀ ଲଢ଼େଇରେ ବିଜୟୀ ହେବା ସହ ପାକିସ୍ତାନର ୧୩ଶ ରାଷ୍ଟ୍ରପତି ବନିଯାଇଛନ୍ତି ଅଲଭ୍ୱି। ନ୍ୟାଶନାଲ ଆସେମ୍ବ୍ଲିର ୪୩୦ ସଦସ୍ୟ ଗୁପ୍ତ ବାଲଟ ଜରିଆରେ ଭୋଟ ଦେଇଥିଲେ। ତନ୍ମଧ୍ୟରୁ ଅଲଭ୍ୱିଙ୍କୁ ୨୧୨ ଖଣ୍ଡ ଭୋଟ ମିଳିଥିବାବେଳେ ରହମନ୍‌ଙ୍କୁ ୧୩୧ ଏବଂ ଅହସାନ୍‌ଙ୍କୁ ୮୧ ଆଇନପ୍ରଣେତାଙ୍କ ସମର୍ଥନ ମିଳିଛି। ୬ ଖଣ୍ଡ ଭୋଟ ନାକଚ ହୋଇଯାଇଥିବା ଡନ୍ ରିପୋର୍ଟରୁ ଜଣାପଡ଼ିଛି। ☞ପୃଷ୍ଠା–୧୦

## ସୁବର୍ଣ୍ଣରେଖାରୁ ବେଆଇନ ବାଲି ଉତ୍ତୋଳନ ମାମଲା
## ଏନ୍‌ଜିଟିରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ ଅଫିସ, ୪।୯: ବାଲେଶ୍ୱର ଜିଲାର ଜଳେଶ୍ୱର ନିକଟରେ ସୁବର୍ଣ୍ଣରେଖା ନଦୀ ଶଯ୍ୟାରୁ ପଶ୍ଚିମବଙ୍ଗର ମାଫିଆଙ୍କ ଦ୍ୱାରା ବେଆଇନ ବାଲି ଉତ୍ତୋଳନକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ରୁଜୁ ହୋଇଥିବା ମାମଲାର ଶୁଣାଣି ଶେଷ ହୋଇଛି। ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ଏସ୍.ପି. ୱାଙ୍ଗଡି ଓ ବିଶେଷଜ୍ଞ ସଭ୍ୟ ରାଗିନୀ ନନ୍ଦାଙ୍କୁ ନେଇ ଗଠିତ ଖଣ୍ଡପୀଠ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମଙ୍ଗଳବାର ମାମଲାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଛନ୍ତି। ସୁବର୍ଣ୍ଣରେଖାରୁ ପଶ୍ଚିମବଙ୍ଗର ବାଲି ମାଫିଆମାନେ ☞ପୃଷ୍ଠା–୧୦

# ବ୍ରିଜ୍ ଭୁଶୁଡ଼ି ୫ ମୃତ

**କୋଲ୍‌କାତାରେ ଦୁର୍ଘଟଣା**
- ୨୫ ଆହତ, ଫସିରହିଥିବା ଲୋକ ଉଦ୍ଧାର
- ଭାଙ୍ଗିଲା ଅନେକ ଯାନବାହନ
- ଉଦ୍ଧାରକାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ୍ ସାମିଲ
- ଦୁର୍ଘଟଣା ପରେ ଟ୍ରାଫିକ୍ ସମସ୍ୟା
- ତଦନ୍ତ ନିର୍ଦ୍ଦେଶ ଦେଲେ ମମତା
- ଶୋକବ୍ୟକ୍ତ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

କୋଲ୍‌କାତା, ୪।୯

ପଶ୍ଚିମବଙ୍ଗରେ ଦୁଇବର୍ଷ ପୂର୍ବେ ଘଟିଥିବା ପୋସ୍ତା ଫ୍ଲାଏଓଭର ଭୁଶୁଡ଼ିବା ଘଟଣା ମନରୁ ଲିଭି ନ ଥିବାବେଳେ ଏବେ ଏହାର ପୁନରାବୃତ୍ତି ଘଟିଛି। ଦକ୍ଷିଣ କୋଲ୍‌କାତାରେ ଥିବା ମାଜେରହାଟ ରୋଡ୍ ଓଭରବ୍ରିଜ୍ ମଙ୍ଗଳବାର ଅପରାହ୍ନରେ ଭୁଶୁଡ଼ିପଡ଼ିଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ମଧ୍ୟ ବହୁସଂଖ୍ୟକ ଲୋକ ଚାପିହୋଇରହିଥିବା ସୂଚନା ମିଳିଛି। ହଠାତ୍ ବ୍ରିଜ୍ ଭୁଶୁଡ଼ିପଡ଼ିବା ଯୋଗୁ ସେଠାରେ ଯାତାୟାତ କରୁଥିବା ଯାନବାହନଗୁଡ଼ିକ ଭାଙ୍ଗିଯାଇଛି। ଏଠାରେ ରେଳ ସେବା ମଧ୍ୟ ବାତିଲ ହୋଇଛି। ଦୁର୍ଘଟଣା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି।


ଜନଗହଳିପୂର୍ଣ୍ଣ ଆଲିପୁର ଅଞ୍ଚଳରେ ରହିଛି ୪୦ ବର୍ଷ ପୁରୁଣା ଏହି ବ୍ରିଜ୍। ମାଜେରହାଟ୍ ରେଳ ଷ୍ଟେଶନରୁ ବେହାଲା ସିଟି ସେଣ୍ଟର ଏବଂ ଦକ୍ଷିଣାଞ୍ଚଳର ଅନ୍ୟ ସ୍ଥାନକୁ ଏହା ସଂଯୋଗ କରୁଛି। ଅପରାହ୍ନ ୪ଟା ୪୫ରେ ଭିଡ଼ ଲାଗିରହିଥିବାବେଳେ ବ୍ରିଜ୍‌ଟି ଭୁଶୁଡ଼ିପଡ଼ିଥିଲା। ତୁରନ୍ତ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚି କାର୍ଯ୍ୟରେ ଲାଗିପଡ଼ିଥିଲେ। ଶେଷ ଖବର ସୁଦ୍ଧା ଭଗ୍ନାବଶେଷରୁ ୫ ମୃତଦେହ ଉଦ୍ଧାର କରାଯାଇଥିଲା। ☞ପୃଷ୍ଠା–୧୦



## ■ ପୁଣି ବଢ଼ିଲା ପେଟ୍ରୋଲ,ଡିଜେଲ ଦର
# ଏକ୍ସାଇଜ ଡ୍ୟୁଟି ହ୍ରାସ କରିବନି କେନ୍ଦ୍ର

ନୂଆଦିଲ୍ଲୀ,୪।୯– ଟଙ୍କାର ମୂଲ୍ୟ ହ୍ରାସର ପ୍ରଭାବ ପେଟ୍ରୋଲ ଓ ଡିଜେଲ ଦର ଉପରେ ପଡୁଛି। ଏହି କାରଣରୁ ଦେଶରେ ତେଲ ଦର କ୍ରମାଗତ ବଢ଼ିଚାଲିଛି। ମଙ୍ଗଳବାର ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭୯.୩୧ ଟଙ୍କା ଏବଂ ଡିଜେଲ ୭୧.୩୪ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ଅନ୍ୟପକ୍ଷରେ ପେଟ୍ରୋଲ ଓ ଡିଜେଲ ଉପରେ ସରକାର ଏକ୍ସାଇଜ ଡ୍ୟୁଟି ବା ଉତ୍ପାଦ ଶୁଳ୍କ ହ୍ରାସ କରିବେ ନାହିଁ ବୋଲି ମଙ୍ଗଳବାର ସ୍ପଷ୍ଟ କରିଛନ୍ତି।ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ମଙ୍ଗଳବାର ପେଟ୍ରୋଲ ୧୬ ପଇସା ଏବଂ ଡିଜେଲ ୧୯ପଇସା ବୃଦ୍ଧି କରାଯାଇଛି। ଟଙ୍କାର ମୂଲ୍ୟ ହ୍ରାସ ଓ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଅଗଷ୍ଟ ମଧ୍ୟଭାଗରୁ ପେଟ୍ରୋଲ ଓ ଡିଜେଲ ଦରରେ ନିଆଁ ଲାଗିଛି। ☞ପୃଷ୍ଠା–୧୦


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


## ■ ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ ପ୍ରସଙ୍ଗ
# ଛତିଶଗଡ଼ ପୋଲିସ ସହଯୋଗରେ ତଦନ୍ତ ଚାଲିଛି

- ଅଭିଯୁକ୍ତ ବିଳାସପୁର ଜେଲରେ ଭୋଗୁଛନ୍ତି ଆଜୀବନ କାରାଦଣ୍ଡ
- ତାଙ୍କ ନାଁରେ ରହିଛି ୪୨ଟି ଆପରାଧିକ ମାମଲା
- ଦାବିକରିଛନ୍ତି ୫୦ କୋଟି ଟଙ୍କା

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଛତିଶଗଡର ବିଳାସପୁର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା ପୁଷ୍ପେନ୍ଦ୍ର ନାଥ ଚୌହ୍ୱାନ ନାମକ ଜଣେ କଏଦୀ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହତ୍ୟା ଧମକ ଦେଇଥିଲେ। ଛତିଶଗଡ଼ ପୋଲିସ ସହାୟତାରେ ଏହି ଘଟଣାର ତଦନ୍ତ ଚାଲିଛି ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ମାମଲାରେ ଓଡିଶା ପୋଲିସ ଛତିଶଗଡ ପୋଲିସ ସହ ନିରନ୍ତର ଯୋଗାଯୋଗରେ ରହିଛି। ଧମକପୂର୍ଣ୍ଣ ଚିଠି ପଠାଇଥିବା ପୁଷ୍ପେନ୍ଦ୍ରଙ୍କ ନାଁରେ ୪୨ଟି ଆପରାଧିକ ମାମଲା ରହିଛି। ଚିଠିରେ ସେ ନବୀନଙ୍କଠାରୁ ୫୦ କୋଟି ଟଙ୍କା ଦାବି କରିଛନ୍ତି। ସେ କେଉଁ ପରିସ୍ଥିତିରେ ଓ କାହିଁକି ଏପରି ଚିଠି ପଠାଇଛନ୍ତି, ତାହାକୁ ଅତି ଗମ୍ଭୀରତାର ସହ ନିଆଯାଇ ତଦନ୍ତ କରାଯାଉଛି। ଘଟଣାର ତଦନ୍ତ ସଂକ୍ରାନ୍ତରେ ଛତିଶଗଡ ସରକାରଙ୍କୁ ଜଣାଇ ଦିଆଯିବା ସହ ସେଠାକାର ପୋଲିସର ତଦନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି। ପୁଷ୍ପେନ୍ଦ୍ରଙ୍କ ମାନସିକ ବିକୃତି ରହିଛି ଏବଂ ସେ ପୂର୍ବରୁ କେତେଜଣ ବିଚାରପତି, ମନ୍ତ୍ରୀ ଏବଂ ଅଫିସରଙ୍କୁ ଧମକପୂର୍ଣ୍ଣ ଚିଠି ଲେଖିଛନ୍ତି ବୋଲି ବିଳାସପୁର ଏସ୍‌ପି ତଦନ୍ତରୁ ଜାଣିବାକୁ ପାଇଛନ୍ତି। ତେଣୁ ପୁଷ୍ପେନ୍ଦ୍ରଙ୍କ ମାନସିକ ସ୍ଥିତି ମଧ୍ୟ ଯାଞ୍ଚ କରାଯିବ ବୋଲି ଏଡିଜି କହିଛନ୍ତି।

ସୂଚନା ମୁତାବକ, ଗତ ଅଗଷ୍ଟ ୨୫ରେ ଏହି ଚିଠି ଓଡିଶା ପୋଲିସ ନିକଟରେ ଡାକ ଯୋଗେ ପହଞ୍ଚିଥିଲା। ଓଡିଶାର ଏଡିଜି(ଗୋଇନ୍ଦା) ରବିବାର ଛତିଶଗଡ ପୋଲିସକୁ ଏ ସମ୍ପର୍କରେ ଜଣାଇବା ☞ପୃଷ୍ଠା–୧୦

# ୪୮ ଘଣ୍ଟାରେ ଲଘୁଚାପ

- ଉପକୂଳ, ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ବର୍ଷା ସମ୍ଭାବନା
- ସମୁଦ୍ରକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ କଲା ପାଣିପାଗ ବିଭାଗ

ଭୁବନେଶ୍ୱର,୪।୯(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗର, ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏଥିଯୋଗୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆସନ୍ତା ୩ ଦିନ ଯାଏ ବର୍ଷା ଲାଗିରହିବ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାତିରୁ ଉତ୍ତର ଓଡିଶାରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି। ଏଥିଯୋଗୁ ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ସମ୍ବଲପୁର, ଝାରସୁଗୁଡା, ଦେବଗଡ, ଢେଙ୍କାନାଳ, ଅନୁଗୋଳ, ପୁରୀ ଓ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୬ ତାରିଖରେ ବୌଦ୍ଧ, ସୋନପୁର, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, ପୁରୀ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୭ ତାରିଖରେ ସୁନ୍ଦରଗଡ, ବରଗଡ, ଝାରସୁଗୁଡା, ଦେବଗଡ, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର, ମୟୂରଭଞ୍ଜ, ବରଗଡ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହିବ। ସମୁଦ୍ର ମଧ୍ୟକୁ ଯାଇଥିବା ମତ୍ସ୍ୟଜୀବୀମାନେ ୪ ତାରିଖ ରାତି ସୁଦ୍ଧା ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ୫ରୁ ୭ ତାରିଖ ଯାଏ ସମୁଦ୍ର ଭିତରକୁ ନ ଯିବା ଲାଗି ସତର୍କ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ କାଁ ଭାଁ ବର୍ଷା ରେକର୍ଡ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ହୀରାକୁଦରେ ୧୬.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ତାଳଚେର ୧୫, କୋରାପୁଟ ୧୦.୪, ମାଲକାନଗିରି ୧୪ ଏବଂ ସୋନପୁରରେ ୪୩.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ବାଜପେୟୀଙ୍କୁ ବିଧାନସଭାରେ ଶ୍ରଦ୍ଧାଞ୍ଜଳି

- ଗୃହ ଦିନକ ପାଇଁ ମୁଲତବୀ
- ଆଜି ଉପସ୍ଥାପନ ହେବ ଅତିରିକ୍ତ ବଜେଟ

ଭୁବନେଶ୍ୱର,୪।୯(ବ୍ୟୁରୋ)

ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧ଟାରେ ଅଧିବେଶନ ଆରମ୍ଭ ହେବା ମାତ୍ରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ବାଚସ୍ପତି ପ୍ରଦୀପ ଅମାତ ଦିବଂଗତଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରିବାକୁ ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକଙ୍କୁ କହିଥିଲେ। ଏହାପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଲୋକ ସଭାର ପୂର୍ବତନ ବାଚସ୍ପତି ସୋମନାଥ ଚାଟାର୍ଜୀ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି, ପୂର୍ବତନ ମନ୍ତ୍ରୀ ଯଦୁନାଥ ଦାସମହାପାତ୍ର, ବିଧାନସଭାର ପୂର୍ବତନ ସଦସ୍ୟ ସୂର୍ଯ୍ୟମଣି ଜେନା, ବ୍ରଜକିଶୋର ମହାନ୍ତି, ମୁରଲୀଧର କୁଅଁର ଏବଂ ଓଡ଼ିଶା ପୋଲିସ କନଷ୍ଟେବଳ ସଞ୍ଜୟ ମାଝିଙ୍କ ବିୟୋଗରେ ☞ପୃଷ୍ଠା–୧୦



ବିଧାନସଭାରେ ଦିବଂଗତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଉଛି।

## କନକବର୍ଦ୍ଧନଙ୍କ ଭାଷଣକୁ ବିରୋଧ

ଭୁବନେଶ୍ୱର,୪।୯(ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବାବେଳେ ମଙ୍ଗଳବାର ବିଧାନସଭାରେ ଭାଜପା ଓ ବିଜେଡି ମୁହାଁମୁହିଁ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବ ଉପରେ ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ ୧୦ ମିନିଟରୁ ଊର୍ଦ୍ଧ୍ୱ କାଳ ବାଜପେୟୀଙ୍କ ଦେଶ ତଥା ଓଡିଶା ପ୍ରତି ଥିବା ଅବଦାନକୁ ବଖାଣିଥିଲେ। ଏପରିକି ସେ କହିଥିଲେ ଯେ, ଅଟଳଜୀ ନବୀନଜୀଙ୍କୁ ରାଜନୀତି ଶିଖାଇଥିଲେ। ବାଜପେୟୀ ଥିଲେ ନବୀନଙ୍କ ଶାସନ ଦେଖି ମନଦୁଃଖ କରିଥାଆନ୍ତେ। ଏଭଳି ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଥିଲା। କନକବର୍ଦ୍ଧନ ଶ୍ରଦ୍ଧାଞ୍ଜଳି ବଦଳରେ ରାଜନୈତିକ ଭାଷଣ ଦେଉଛନ୍ତି ବୋଲି ବିଜେଡି ବିଧାୟକ ଦେବାଶିଷ ସାମନ୍ତରାୟ କହିଥିଲେ। ବିଜେଡିର ଅନ୍ୟ ସଦସ୍ୟମାନେ ମଧ୍ୟ ହାଲକା ପ୍ରତିବାଦ କରିଥିଲେ। ଏହାକୁ ନେଇ ଗୃହରେ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ଗୃହ ବାହାରେ କନକବର୍ଦ୍ଧନ କହିଲେ ଯେ, ମୁଁ ମୋ ମନର କଥା କହିଲି। ମୁଁ ଭାବୁନି ସେ ମୋ କଥାରେ ଏକମତ ହେବେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏଭଳି ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଗୃହର ନେତା ଶୋକ ପ୍ରସ୍ତାବ ଆଗତ କଲେ। ଆମେ ସମସ୍ତେ ଶ୍ରଦ୍ଧାଞ୍ଜଳି ଦେବା କଥା। ଶ୍ରଦ୍ଧାଞ୍ଜଳି ବେଳେ ଯାହା ଘଟିଲା ତାହା ଉଚିତ ନ ଥିଲା। ଆମେ ଆଉ ଅଧିକ ବିବାଦ ଭିତରକୁ ପଶିବା ଉଚିତ ନୁହେଁ। ଏଭଳି କଲେ ବାଜପେୟୀଙ୍କୁ ଅସମ୍ମାନ ହେବ ବୋଲି ନରସିଂହ କହିଛନ୍ତି।

**ଆଜିର ସମ୍ପାଦକୀୟ**

ବ୍ୟବସ୍ଥା ପାଇଁ ବୋଝ

**ଆଜିର ମନ୍ତବ୍ୟ**

"ଜମ୍ମୁ-କଶ୍ମୀର ପାଇଁ ପୃଥକ୍ ସମ୍ବିଧାନ ପ୍ରଣୟନ ଅସମୀଚୀନ ।
– ଅଜିତ୍ ଡୋଭାଲ, ଏନ୍‌ଏସ୍‌ଏ


NECC NATIONAL EGG CO-ORDINATION COMMITTEE — Vencobb CHICKEN — 04.09.2018

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 60 | 106 | 116 |
| DKL | 60 | 106 | 116 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 61 | 107 | 117 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers



ଉତ୍ତରପ୍ରଦେଶ ଶାହରନ୍‌ପୁରର ଘଟଣା। ଅନ୍ୟ ମହିଳାଙ୍କ ସହିତ ସ୍ୱାମୀଙ୍କ ଅବୈଧ ସମ୍ପର୍କକୁ ବିରୋଧ କରି ଜଣେ ସ୍ତ୍ରୀ ଏସିଡ୍ ଆଟାକ୍‌ର ଶିକାର ହୋଇଛନ୍ତି। ଫୈଜାନ ନାମକ ଜଣେ ବ୍ୟକ୍ତିଙ୍କର ଅନ୍ୟ ମହିଳାଙ୍କ ସହିତ ଅବୈଧ ସମ୍ପର୍କ ଥିଲା। ଏହାକୁ ତାଙ୍କ ସ୍ତ୍ରୀ ହେନା ବିରୋଧ କରୁଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଫୈଜାନ୍ ଏସିଡ ଆଣି ହେନାଙ୍କ ଉପରେ ଢାଳି ଦେଇଥିଲେ। ହେନାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ................................



ପ୍ରଣବ
ପରିବାରବର୍ଗ



ସ୍ୱସ୍ତିକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଧରିତ୍ରୀ MATRIMONIAL

### BRIDE WANTED

Wanted a divorceed/ bride/ poor lady for marriage/ living together with a divorceed person age about 47yrs at Bhubaneswar. Contact: 8018178280. D-8136

Divorcee Bengali Kayasta boy 1985, CA, Establish business. Parents Doctor: 9437555525. D-63365

Need any caste bride for a sc handsome boy (29) working in L&T. 7381460017. D-60812

### GROOM WANTED

(Chemical laboratory) ସରକାରୀ ଚାକିରି କରୁଥିବା 45 ବର୍ଷ ଝିଅ ପାଇଁ ଯେ କୌଣସି ଜାତିର ଘର ଜ୍ୱାଇଁ ବରପାତ୍ର ଆବଶ୍ୟକ। 8658204685. D-8193

Now Matrimonial ads. only on Wednesday & Sunday Book 1 Get 1 FREE

Khandayat bride Bank Manager 43, Lecturer 34 (caste-no-bar). Contact: 7873374269. D-63485

ଭୁବନେଶ୍ୱରର ବ୍ରାହ୍ମଣ ଝିଅ ୩୪ ପାଇଁ ଉପଯୁକ୍ତ ପାତ୍ର ଆବଶ୍ୟକ। 9861135199. D-8205

Searching only caste for a beautiful Khandayat girl (30) working in private company. 9658674636. D-60811

## classified



### SALE

2013 model Ashok Leyland bus (AC sleeper, push back) tiptop running condition for sale. Contact: 8895475842, 8270120771. D-64139



### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64125

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64130

Bhubaneswar AIIMS Hospital DOON School 30' road gharabari possession plot. 9438763122. D-62786

ଭୁବନେଶ୍ୱର ବାଲକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡକୁ ଲାଗି sqft. 450/-ରେ ବିକ୍ରିହେବ। 9438855652, 9090053827. D-64302

Jatani gate ପାଖରେ NHକୁ ଲାଗି ପାଚେରି ହୋଇଥିବା plot ମିଳୁଅଛି। 9439864322. D-64303

### PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64131



About 2000 sqf, ground floor family, Govt./ Public sector office near DAV School, Unit-8. Contct No: 9840375016, 9437136820. D-8208

Space for medicine store, Clinic, Patholab Vivekananda marg, Bhubaneswar. 8018595307, 9861066949. D-60813

House at CRP Square available for family of Government employee. Contact: 9438048807. D-58693

Single room for ladies at Prachi Vihar, Rasulgarh, BBSR. Contact: 6371073404. D-63487



Shivam logistic packers movers. Household/ car relocation countrywide. 9777044177, 9338461133. D-8191



Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Herbal full body massage by smart/ expert therapist. Contact: 8338067247. D-64128

Newly open herbal full body massage with refreshment. 7381239385. D-63085

All type of massage and good therapy full body massage Sai herbal spa. 7609005923. D-64201

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

Opening newly ayurvedic full body massage ladies & gents. 7438851534, 7609923705. D-38527

Bangkok spa special offer 50% off on all 1hrs any full body massage. 9861688844, 8018739084. D-63599

Herbal full body massage by smart/ expert therapist. Contact: 8338067247. D-64134

Newly opening ayurvedic body massage in joint pains, smart therapist. 9776383819. D-64132

Newly opening ayurvedic body massage smart therapist, Shree Herbal. 7750020754. D-64133

Ayurvedic full body massage ladies / gents smart expert therapist. 9114697517. D-63068



Admission open medical registration BAMS, BHMS, BUMS, D. Pharma, Nursing. Contact: 9893869473. D-64135

### AFFIDAVIT

ଆମେ ସତ୍ୟପାଠ C.F No- 90/20.8.2018 ଅନୁସାରେ ଘୋଷଣା କରୁଛୁ କି ଯେ ବିଜୟ କୁମାର ଦାସ, ପିତା-ସୁରଥ ଚନ୍ଦ୍ର ଦାସ ଏବଂ ବିଜୟ କୁମାର ଦାସ, ପିତା-ସୁବାସ ଚନ୍ଦ୍ର ଦାସ ଏକ ଏବଂ ସମାନ ବ୍ୟକ୍ତି। ଡ୍ରାଇଭିଂ ଲାଇସେନ୍ସରେ ହୋଇଥିବା ତ୍ରୁଟିକୁ ସୁଧାରିବାକୁ ଏହି ଘୋଷଣା। ଧ-୮୧୯

### Business Administrationରେ ଡକ୍ଟରେଟ୍ ଲାଭ



**ଶ୍ରୀମତୀ ତୃପ୍ତିମୟୀ ମହାରଣା**

ଉତ୍କଳ ବିଶ୍ୱବିଦ୍ୟାଳୟ Business Managementର ପ୍ରଫେସର ଡ. ଜୟକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ "Performance measurement & marketing of Life Insurance providers in India" ବିଷୟରେ ଗବେଷଣା କରି Ph.D. ଡିଗ୍ରୀ ହାସଲ କରିଛନ୍ତି। Dr. B.K. Jain ମଧ୍ୟପ୍ରଦେଶ ଓ Dr. J.L Gupta ଦିଲ୍ଲୀଙ୍କ ଦ୍ୱାରା ଉକ୍ତ ସନ୍ଦର୍ଭଟି ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ତୃପ୍ତିମୟୀ ମହାରଣା ଓଡ଼ିଶା ହାଇକୋର୍ଟର ଯୁବ ଆଇନଜୀବୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କର ସହଧର୍ମିଣୀ ଓ ନୟାଗଡ଼ ଜିଲ୍ଲାର ଖଳିସାହି ପଞ୍ଚାୟତସ୍ଥିତ ପୁଆଣିଆ ଗ୍ରାମର ଶ୍ରୀଗଦାଧର ମହାପାତ୍ରଙ୍କର ପୁତ୍ରବଧୂ ଅଟନ୍ତି ଓ ଅବସରପ୍ରାପ୍ତ ରେଭିନ୍ୟୁ ଇନ୍‌ସପେକ୍ଟର ଦାମୋଦର ମହାରଣା, ସା. କଳାପଥର, ଥାନା-ବୈଦ୍ୟେଶ୍ୱର, ଜି-କଟକଙ୍କର କନିଷ୍ଠା କନ୍ୟା ଅଟନ୍ତି। ଡ ତୃପ୍ତିମୟୀ ମହାରଣା ଏହି ସଫଳତା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଠାକୁରଙ୍କର ନିକଟରେ ଭକ୍ତିପୂତ କୃତଜ୍ଞତା ଜଣାଇବା ସହ ପରିବାରବର୍ଗ ବାପା, ମାଆ ତଥା ବନ୍ଧୁବାନ୍ଧବଙ୍କୁ ଶୁଭେଚ୍ଛା ସହ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ଧ-୫୬୬୨୮

### ଦ୍ୱାଦଶ ଜନ୍ମଦିନ ଶୁଭେଚ୍ଛା



(ନିଲ୍)

**ନବନୀତ ପାଢୀ**

**ଜି.ଏମ୍. କଲେଜ ରୋଡ, ସମ୍ବଲପୁର**

ଆଜି ତୋ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ତୋର ଚଲାପଥ କୁସୁମିତ ହେବା ସହ ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ମାମା, ନାନୀ ମାମା, ବାପା, ମାଆ, କାକା, କାକି, ପିଉସା, ପିଉସୀ, ମାମୁ, ମାଇଁ, ମଉସା ଓ ମାଉସୀମାନେ। ଧ-୬୨୪୩୭

### ୧୩ତମ ଜନ୍ମଦିନ ଶୁଭେଚ୍ଛା



(ଓମ୍)

**ବିଶାଳ ପ୍ରିୟଦର୍ଶନ**

ତୋର ଚଲାପଥ କୁସୁମିତ ହେଉ, ଜଗତର ନାଥ ଶ୍ରୀଜଗନ୍ନାଥ ଓ ଜଗତ ଜନନୀ ମା'ଙ୍କ ନିକଟରେ ପବିତ୍ର ଜନ୍ମଦିବସ ଅବସରରେ ଏହାହିଁ ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେମା, ମା, ବାପା, ବଡମା, ବଡବାପା, ଅଜା, ଆଈ, ମାମୁଁ, ମାଇଁ ଓ ମଉସାମାନଙ୍କର ଶତକୋଟି ଆଶୀର୍ବାଦ। ଧ-୫୬୧୪୬

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନିରୁଦ୍ଦିଷ୍ଟ



**ନାମ- ବୁଦ୍ଧିଆ ସ୍ୱାଇଁ** (୬୨)

ପିତା-ଜଗା ସ୍ୱାଇଁ, ଗ୍ରାମ-ଓଡ଼ନଇ ଗ୍ରାପ-ମର୍ଦ୍ଦକୋଟ, କୋଦଳା, ଗଞ୍ଜାମ ସେ ଗତ ୨୬ ତାରିଖରୁ ପୁରୀ ଯାଇ ଫେରିନାହାନ୍ତି। ପରିବାର ଲୋକେ ବହୁତ ଖୋଜି ବିଫଳ ହେବାପରେ ନିରାକାରପୁର ଓ ବେଗୁନିଆପଡ଼ା ଫାଣ୍ଡିରେ ଅଭିଯୋଗ କରିଛନ୍ତି। କେହି ସହୃଦୟବ୍ୟକ୍ତି ସନ୍ଧାନ ପାଆନ୍ତି ମୋବାଇଲ: 9337012055, 8658340359ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୮୧୯୨

## କିଛି ତଥ୍ୟ

୨୦୧୮ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଭାରତ ବିଦେଶକୁ ୨,୬୨,୭୬୪ ଟନ କଫି ରପ୍ତାନି କରିଛି। ବର୍ଷ ୨୦୧୭ ସମାନ ସମୟ ତୁଳନାରେ ଏଥିରେ ୫୦୫ ଟନ୍ ହ୍ରାସ ପାଇଛି। ଉକ୍ତ ସମୟରେ ଭାରତରୁ ମୋଟ ୨,୬୩,୨୬୯ ଟନ୍ କଫି ରପ୍ତାନି ହୋଇଥିଲା।

– କଫି ବୋର୍ଡ

## ୭ରେ ଅପୋସାର ମହାସମାବେଶ

ଭୁବନେଶ୍ୱର, ୪।୯(ବ୍ୟୁରୋ)


ଶିକ୍ଷା ଅଧିକାର ଆଇନ ସମସ୍ତଙ୍କ ପାଇଁ ସମାନ। କିନ୍ତୁ କେତେକ ସ୍କୁଲ୍‌କୁ ସରକାର ଅନେକ ସରକାରୀ ସୁବିଧା ପ୍ରଦାନ କରୁଥିବାବେଳେ ଅନ୍ୟ ଘରୋଇ ସ୍କୁଲ୍‌ଗୁଡ଼ିକ ପ୍ରତି ଆଖି ବୁଜି ଦେଇଛନ୍ତି। ଏ ନେଇ ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ୍ ଆସୋସିଏଶନ(ଅପୋସା) ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଅପୋସା ପକ୍ଷରୁ ୭ଦଫା ଦାବି ନେଇ ଆସନ୍ତା ୭ତାରିଖ ଦିନ ଲୋୟର ପିଏମ୍‌ଜିଠାରେ ମହାସମାବେଶ ଆୟୋଜନ କରାଯିବ ବୋଲି ସଂଘ ସଭାପତି ସତ୍ୟନାରାୟଣ ମିଶ୍ର କହିଛନ୍ତି। ସମସ୍ତ ଘରୋଇ ବିଦ୍ୟାଳୟକୁ ସ୍ଥାୟୀ ସ୍ୱୀକୃତି, ମାଗଣା ସରକାରୀ ପାଠ୍ୟ ପୁସ୍ତକ, ଆବଶ୍ୟକ ଜାଗା ପ୍ରଦାନ ଦାବିରେ ପୂର୍ବରୁ ସରକାରଙ୍କୁ ଦାବିପତ୍ର ଦିଆଯାଇଛି। କିନ୍ତୁ ବିଭିନ୍ନ ଆଳ ଦେଖାଇ ସରକାର ହଜାର ହଜାର ଘରୋଇ ବିଦ୍ୟାଳୟର ସ୍ୱୀକୃତି ଉପରେ ଅଙ୍କୁଶ ଲଗାଉଛନ୍ତି ବୋଲି ସଂଗଠନର ସମ୍ପାଦକ ଅବନ୍ତି କୁମାର ସୂତାର କହିଛନ୍ତି। ମଙ୍ଗଳବାର ବୁଦ୍ଧ ମନ୍ଦିରଠାରେ ଅପୋସା ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

## ଆଜି କଳାଦିବସ ପାଳିବେ ଶିକ୍ଷକ, ଅଧ୍ୟାପକ

### ■ ରାଜ୍ୟ ଶିକ୍ଷକ ପୁରସ୍କାର ଉତ୍ସବ ସ୍ଥଗିତ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚର ଆନ୍ଦୋଳନ ମଙ୍ଗଳବାର ୨୦ଦିନରେ ପହଞ୍ଚିଛି। ଯେହେତୁ ସରକାର ଦାବି ସମ୍ପର୍କରେ କୌଣସି ପଦକ୍ଷେପ ନେଲେ ନାହିଁ ତେଣୁ ମିଳିତମଞ୍ଚ ପକ୍ଷରୁ ବୁଧବାର ଗୁରୁଦିବସକୁ କଳାଦିବସ ଭାବେ ପାଳନ କରାଯିବ। ୬ ତାରିଖରୁ ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ(ବ୍ଲକଗ୍ରାଣ୍ଟ), ପ୍ରତ୍ୟାଶୀ ସ୍କୁଲ ଓ କଲେଜ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ମିଳିତମଞ୍ଚ ନିଷ୍ପତ୍ତି ନେଇଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁଦିବସ ଦିନ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ଶିକ୍ଷକ ପୁରସ୍କାର ଉତ୍ସବକୁ ସ୍ଥଗିତ କରାଯାଇଛି। ଏହି ଉତ୍ସବରେ ୨୦୧୭ ପାଇଁ ଶିକ୍ଷକଙ୍କୁ ରାଜ୍ୟ ପୁରସ୍କାର ଓ ଜିଲା ପୁରସ୍କାର ପ୍ରଦାନ କରିବାର ଥିଲା। ଏହି କାର୍ଯ୍ୟକ୍ରମ ଘୁଞ୍ଚାଯାଇଥିବା ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ନିର୍ଦ୍ଦେଶାଳୟକୁ ଚିଠି ଲେଖାଯାଇଛି। ମିଳିତମଞ୍ଚର ଆନ୍ଦୋଳନ ପାଇଁ ଏହି ଉତ୍ସବକୁ ଘୁଞ୍ଚାଇ ଦିଆଯାଇଥିବା କୁହାଯାଉଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବର୍ଷା ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୫ | ୨୫.୧ |
| ଚାନ୍ଦବାଲି | ୩୦.୯ | ୨୬.୦ |
| କଟକ | ୩୧.୨ | ୨୪.୫ |
| ପାରାଦ୍ୱୀପ | ୩୧.୦ | ୨୭.୦ |
| ଭୁବନେଶ୍ୱର | ୩୧.୨ | ୨୫.୬ |
| ଗୋପାଳପୁର | ୩୩.୫ | ୨୬.୯ |
| ପୁରୀ | ୩୩.୬ | ୨୬.୬ |
| ଅନୁଗୋଳ | ୩୨.୧ | ୨୩.୦ |
| ବାରିପଦା | ୩୧.୫ | ୨୬.୪ |
| ଝାରସୁଗୁଡ଼ା | ୩୨.୩ | ୨୪.୮ |
| କେନ୍ଦୁଝର | ୨୯.୩ | ୨୪.୦ |
| ସମ୍ବଲପୁର | ୩୨.୬ | ୨୨.୮ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୨.୩ | ୨୦.୮ |
| ତାଳଚେର | --- | ୨୫.୦ |
| ଭବାନୀପାଟଣା | ୩୧.୫ | ୨୪.୪ |
| ବଲାଙ୍ଗୀର | ୩୩.୫ | ୨୪.୮ |
| କୋରାପୁଟ | ୨୬.୦ | ୨୦.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୨.୦ | ୨୨.୦ |
| ମାଲକାନଗିରି | ୩୨.୦ | ୨୫.୬ |
| ସୋନପୁର | ୩୩.୦ | ୨୨.୬ |
| ଦାରିଙ୍ଗିବାଡ଼ି | ୨୭.୦ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ ଭଗବାନ ଖଟୁଆ**

ଅବସର ପ୍ରାପ୍ତ ରାଜସ୍ୱ ପରିଦର୍ଶକ, ରାଜନଗର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

ଆବିର୍ଭାବ- ୧୪.୦୬.୧୯୫୨

ତିରୋଧାନ-୨୦.୦୮.୨୦୧୪

ବାପା। ଆଜକୁ ୪ବର୍ଷ ପୂର୍ବେ ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଚାଲିଗଲେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଦୀଉଙ୍କ ନିକଟରେ ପ୍ରାର୍ଥନା କରୁଅଛୁ

ପତ୍ନୀ ଓ ଶୋକ ସନ୍ତପ୍ତ ପରିବାର ବର୍ଗ

ଧ-୮୧୯୪

### IN LOVING MEMORY



**Late Dr. Rabi Narayan Mishra**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣୀ, ନୈନଂ ଦହତି ପାବକା। ନ୍ଯାପୋ କ୍ଲେଦୟନ୍ତ ନ ଶୋଷୟତି ମାରୁତଃ॥

With profound sadness, we would like to inform you of the sudden demise of Dr. Rabi Narayan Mishra on the morning of August 25th, 2018 at Hyderabad. May his soul rest in peace. IN GRIEF: Smt. Kanak Lata Mishra (Wife), Dr. Meenakshi & Dr. Bharatendu (Daughter & Son in Law)Minerva & Srinivas (Daughter & Son in Law) Anand, Kanishk & Kanchan (Grand Children). D-58692

## କେନ୍ଦ୍ରକୁ ଗୋଗୋଇଙ୍କ ନାମ ସୁପାରିସ କଲେ ସିଜେଆଇ

ନୂଆଦିଲ୍ଲୀ,୪।୯(ପି.ଟି)–ଜଷ୍ଟିସ୍ ରଞ୍ଜନ ଗୋଗୋଇ ସୁପ୍ରିମକୋର୍ଟର ଆଗାମୀ ପ୍ରଧାନ ବିଚାରପତି ହେବେ। ଏନେଇ ମଙ୍ଗଳବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଦୀପକ ମିଶ୍ର କେନ୍ଦ୍ର ନିକଟରେ ସୁପାରିସ କରିଛନ୍ତି। ତାଙ୍କ ପରେ ବରିଷ୍ଠ ବିଚାରପତି ଭାବରେ ଗୋଗୋଇ ରହିଥିବା ନେଇ ମିଶ୍ର ଆଇନ ମନ୍ତ୍ରଣାଳୟକୁ ତାଙ୍କ ନାମ ସୁପାରିସ କରି ଏକ ପତ୍ର ପଠାଇଛନ୍ତି। ଆଇନ ମନ୍ତ୍ରଣାଳୟ ଏନେଇ ନିଷ୍ପତ୍ତି ନେଲେ ଜଷ୍ଟିସ୍ ମିଶ୍ର ଅବସର ଗ୍ରହଣ କରିବାର ଦିନକ ପରେ ଅର୍ଥାତ ଅକ୍ଟୋବର ୩ରେ ଗୋଗୋଇ ଶପଥ ନେବେ। ଗୋଗୋଇଙ୍କ କାର୍ଯ୍ୟକାଳ ୨୦୧୯ ନଭେମ୍ବର ୧୭ରେ ଶେଷ ହୋଇଯିବ। ନିକଟରେ ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ସିଜେଆଇଙ୍କୁ ତାଙ୍କର ଉତ୍ତରାଧିକାରୀ ଚୟନ କରିବାକୁ ପରାମର୍ଶଦେବା ପରେ ସେ ଗୋଗୋଇଙ୍କ ନାମ ଘୋଷଣା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ସକାଶେ ସମସ୍ୟାବହୁଳ ସାମାଜିକ ସ୍ଥିତି ଦେଖାଦେଇପାରେ। କିନ୍ତୁ ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ରୁହନ୍ତୁ, ନଚେତ୍ କ୍ଷତିରେ ପଡ଼ିପାରନ୍ତି। ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** ଦ୍ୱିଜା ନକ୍ଷତ୍ରର କାମଗୁଡ଼ିକ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗରୁ ସହଜରେ ସମ୍ପନ୍ନ ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି। ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ଆରଦ୍ରାନକ୍ଷତ୍ର ବିଭିନ୍ନ କାମରେ ବ୍ୟସ୍ତ ରହିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଚେଷ୍ଟା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ବିଭିନ୍ନ ପ୍ରକାରର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ପରିବାର ପାଇଁ ନିଜ ମନ ପସନ୍ଦର ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି।

**କର୍କଟ** ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପରୋକ୍ଷଭାବରେ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା କାରଣରୁ ଚିନ୍ତିତ ରହିପାରନ୍ତି। ଶିକ୍ଷା, ପରୀକ୍ଷା, ଲେଖା ପଢାରେ, ଆଲୋଚନାରେ ସଫଳତା ହାସଲ କରିବେ। ଯାତ୍ରା ଓ ମାଙ୍ଗଳିକ କାମରେ ସହଯୋଗ କରି ଖୁସି ରହିବେ।

**ସିଂହ** ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢି ଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପାରିବାରିକ ଜୀବନରେ ସ୍ନେହ, ଆଦରର ଅଭାବ ଅନୁଭବ କରିବେ। ଅବଶ୍ୟ ବନ୍ଧୁ ଓ ସହକର୍ମୀମାନଙ୍କ ସାହାଯ୍ୟ କର୍ମକ୍ଷେତ୍ରକୁ ବୁଦ୍ଧିମନ୍ତ କରିବ। ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା** ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବା ହେତୁ ମାନସିକ ସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ଉପର ଅଧିକାରୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଅନୁରାଧା ନକ୍ଷତ୍ରର ଭୁଲ୍ ବୁଝାମଣା ହେତୁ ପାରିବାରିକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ପରିଲକ୍ଷିତ ହେବ। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଆଜି ଉତ୍ତରାଷାଢା ନକ୍ଷତ୍ର ଦୀର୍ଘଦିନରୁ ଆପେକ୍ଷିତ ଆଶା କରୁଥିବା ଜିନିଷ ପାଇ ଖୁସୀ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ ଭୁଲ୍ ବୁଝାମଣା ବଶତଃ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ।

**ମକର** ଅନ୍ୟମାନଙ୍କୁ ମନେଇ ନିଜ କାମ ହାସଲ କରିବା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।

**କୁମ୍ଭ** ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘଦିନରୁ ପଡି ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ଶିଳ୍ପ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ।

**ମୀନ** ରେବତୀ ନକ୍ଷତ୍ର ଯେତେ ସୁବିଧାରେ ରହିବା ପାଇଁ ଚେଷ୍ଟା କଲେ ମଧ୍ୟ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ମତାନୈକ୍ୟ ଘଟିପାରେ।


ଆଜି ପବିତ୍ର ଗୁରୁଦିବସ, ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ, ଶ୍ରୀମନ୍ଦିରରେ ବଣଭୋଜି ବେଶ, କୋଳିକିଳା ଓ ବକାସୁର ବଧ ପ୍ରସ୍ତାବ, ବୁଧିବାମନ ଓଷା ଦ୍ୱିତୀୟ ପାଳି, ଭାଦ୍ରବ କୃଷ୍ଣ ଦଶମୀ ବୁଧବାର, ସେପ୍ଟେମ୍ବର ୫ ତାରିଖ, ରାଶି ନକ୍ଷତ୍ର–ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୬।୫୩ମି. ଗତେ ଘ.୮।୩୧ମି. ମଧ୍ୟେ, ଘ.୩।୦୭ମି. ଗତେ ଘ.୪।୪୬ମି. ମଧ୍ୟେ ଅମୃତବେଳା। ସକାଳ ଘ.୬।୫୨ମି. ମଧ୍ୟେ ଘ.୧୦।୧୦ମି. ଗତେ, ଘ.୧।୪୯ମି. ମଧ୍ୟେ ଘ.୪।୪୬ମି. ଗତେ ଘ.୬।୦୭ମି. ମଧ୍ୟେ ମାହେନ୍ଦ୍ରବେଳା।



ବିହାର ଅରରିଆର ଜଣେ ୧୬ ବର୍ଷ ବୟସ୍କା ନାବାଳିକା ବାହାରେ ସତ୍ୟ ପ୍ରକାଶ କରିବାରୁ ତାଙ୍କୁ କେତେଜଣ ଲୋକ ଜବରଦସ୍ତ ଲଣ୍ଡା କରିଛନ୍ତି। ୨ ବର୍ଷ ତଳେ ପଡ଼ିଶା ଘରର ଜଣେ ଯୁବତୀ ବିଷ ଖାଇ ଆତ୍ମହତ୍ୟା କରିଥିଲେ। ନାବାଳିକା ଜଣକ ଏହା ବାହାରେ ପ୍ରକାଶ କରିବାରୁ ସମ୍ପୃକ୍ତ ଯୁବତୀଙ୍କ ପରିବାର ବର୍ଗ ଏନେଇ ଅସନ୍ତୁଷ୍ଟ ହୋଇଥିଲେ। ପରେ ୬ ଜଣ ଲୋକ ନାବାଳିକାଙ୍କୁ ଏକ ଘରକୁ ଟେକି ନେଇ ମାଡ଼ ମାରିବା ସହିତ ଲଣ୍ଡା କରିଥିବା ଏଡିଜି ଏସ୍.କେ. ସିଙ୍ଘଲ ସୂଚନା ଦେଇଛନ୍ତି।






## ଶୁଭଙ୍କରଙ୍କୁ ଜାମିନ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ୧୨ବର୍ଷର ପୁଅକୁ ମାଡ ମାରିବା ଘଟଣାରେ ସୋମବାର ଗିରଫ ହୋଇଥିବା ଚିଟଫଣ୍ଡ ଅଭିଯୁକ୍ତ ଶୁଭଙ୍କର ନାୟକଙ୍କୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ସୋମବାର ଅପରାହ୍ନରେ ତାଙ୍କୁ କୋର୍ଟରୁ ଜାମିନ ମିଳିଥିଲା। ଅଭିଯୋଗକାରିଣୀ ମହିଳା କୋର୍ଟରେ ବୟାନ ରେକର୍ଡ ବେଳେ କହିଥିଲେ ଯେ, ସେ ଅଭିଯୋଗ କରିବାକୁ ଚାହୁଁ ନ ଥିଲେ। ଗଣମାଧ୍ୟମ ଚାପରେ ପୋଲିସ ବାଧ୍ୟହୋଇ ତାଙ୍କୁ ଅଭିଯୋଗ କରିବାକୁ କହିଥିଲା। ସେ ବାଧ୍ୟହୋଇ ଅଭିଯୋଗ କରିଥିଲେ ବୋଲି କହିଥିଲେ।






## ଅକ୍ଟୋବରରେ ସରକାର ବାଣ୍ଟିବେ ଏଲ୍ଇଡି ବଲ୍ବ

**ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ମାଗଣାରେ ପାଇବେ**

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଶକ୍ତି ସଂରକ୍ଷଣ ଦିଗରେ ରାଜ୍ୟ ସରକାର ଆମ ଘରେ ଏଲ୍ଇଡି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଛନ୍ତି। ଆସନ୍ତା ଅକ୍ଟୋବରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ସେପ୍ଟେମ୍ବର ଶେଷ ସୁଦ୍ଧା ସବୁ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସବୁ ଜିଲାପାଳ, ଜିଲାସ୍ତରୀୟ ଶକ୍ତି ବିଭାଗ ଅଧିକାରୀ ଏବଂ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସଚିବାଳୟରୁ ଭିଡିଓ କନଫରେନ୍ସିଂ ଜରିଆରେ ଜିଲାପାଳମାନଙ୍କ ସହ ଆଲୋଚନା ବେଳେ ପାଢ଼ୀ ଏହା କହିଛନ୍ତି। ଏହି ଭିଡିଓ କନ୍ଫରେନ୍ସିଂ ଆଲୋଚନାରେ ଶକ୍ତି ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ହେମନ୍ତ କୁମାର ଶର୍ମା କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପଦ୍ଧତି ବିଷୟରେ ସୂଚନା ଦେଇଛନ୍ତି। ଶର୍ମା କହିଛନ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଓପିଟିସିଏଲ୍ ମାଧ୍ୟମରେ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ପରିବାରଙ୍କୁ ମାଗଣାରେ ୪କୋଟି ବଲ୍ବ ଯୋଗାଇ ଦିଆଯିବ। ଏହି ବଲବ୍‌ଗୁଡିକର ୱାରେଣ୍ଟି ୩ବର୍ଷ ପର୍ଯ୍ୟନ୍ତ ରହିବ। ପିଡିଏସ୍ ରିଟେଲ୍ ଶପ୍‌ଗୁଡିକରେ ବଲବ୍‌ଗୁଡିକୁ ଯୋଗାଇ ଦିଆଯିବ। ଖାଦ୍ୟ ଯୋଗାଣ ଦିନ ଖାଉଟିମାନଙ୍କୁ ଖାଦ୍ୟ ଦ୍ରବ୍ୟ ସହ ଏହି ବଲ୍ବ ମିଳିବ। ପ୍ରତି ବଲ୍ବ ହିତାଧିକାରୀମାନଙ୍କୁ ଯୋଗାଇବା ବାବଦକୁ କଣ୍ଟ୍ରୋଲ ଡିଲରଙ୍କୁ ସେବା ଯୋଗାଣ ଦେୟ ସରକାରଙ୍କ ତରଫରୁ ମିଳିବ। ଗରିବ ଲୋକମାନଙ୍କ ଘରକୁ ବିଜୁଳି ଆଲୁଅ ଯୋଗାଇବା ପାଇଁ ଏହି କାର୍ଯ୍ୟକ୍ରମ ଶକ୍ତି ସଂରକ୍ଷଣର ଏକ ଅଭିନବ ପନ୍ଥା ବୋଲି ଉନ୍ନୟନ କମିଶନର ଆର୍.ବାଲକ୍ରିଷ୍ଣନ କହିଛନ୍ତି।

■ ପୋଲିସ-ଆଇନଜୀବୀ ବିବାଦ ମାମଲା

## କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ ଅଫିସ, ୪ ।୯– ପୋଲିସ ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀଙ୍କୁ ମାଡ଼ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ କ୍ଷତିପୂରଣ ନିବେଦନ କରି ହାଇକୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିଲା। କଟକ ବାର୍ ଆସୋସିଏଶନ ଓ ନ୍ୟାଶନାଲିଷ୍ଟ ଲୟର୍ସ ଫୋରମ୍ ପକ୍ଷରୁ ରୁଜୁ କରାଯାଇଥିବା ଏହି ଦୁଇ ମାମଲାର ଏକତ୍ର ଶୁଣାଣି ଆରମ୍ଭ ହୋଇଥିଲା। ଖଣ୍ଡପୀଠ ଏ ସମ୍ପର୍କରେ ଗୃହ ବିଭାଗ ସଚିବ, ପୋଲିସ କମିଶନରଙ୍କ ସହିତ କଟକ ଡିସିପି ଓ ଚାଉଳିଆଗଞ୍ଜ ଥାନା ଅଧିକାରୀ ପ୍ରମୁଖଙ୍କୁ ଜବାବ ଦାଖଲ ପାଇଁ ପୂର୍ବରୁ ନୋଟିସ ଜାରି କରିଥିଲେ। ମାତ୍ର ସୋମବାର ଏ ସମ୍ପର୍କରେ କୌଣସି ଜବାବ ନ ମିଳିବାରୁ ହାଇକୋର୍ଟ ଉକ୍ତ ମାମଲାରେ ତଦନ୍ତ କରୁଥିବା ପୋଲିସ ଅଧିକାରୀଙ୍କୁ କେସ୍ ଡାଏରୀ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ତଦନ୍ତ ଅଧିକାରୀ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ କେସ୍ ଡାଏରୀ ଦାଖଲ କରିବା ପରେ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସୋମବାର ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ସୂଚନା ଥାଉକି, ଅଗଷ୍ଟ ୨୮ରେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଭରବ୍ରିଜ ନିକଟ ହାଇକୋର୍ଟ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କ ବାଇକ୍ ଓ ଅନ୍ୟ ଏକ ବାଇକ ସହିତ ଧକ୍କା ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ତେବେ ଚାଉଳିଆଗଞ୍ଜ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଆଇନଜୀବୀ ପଟ୍ଟନାୟକଙ୍କ ସହିତ ଉଚ୍ଚବାଚ ହୋଇଥିଲା। ଏହି ଘଟଣାରେ ଆଇନଜୀବୀ ପଟ୍ଟନାୟକଙ୍କୁ ପୋଲିସ କର୍ମଚାରୀମାନେ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅଗଷ୍ଟ ୨୯ରୁ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି।

## ଓଡ଼ିଶାରେ ସ୍ଥାପନ ହେବ ବାଉଁଶ କାଠ ପ୍ରସ୍ତୁତି କାରଖାନା

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ଦ୍ୱାରା ପ୍ରଥମଥର ବାଉଁଶରୁ କାଠ ପ୍ରସ୍ତୁତ କରାଯିବା ପାଇଁ ନିଆଯାଇଥିବା ପଦକ୍ଷେପ ସଫଳ ହୋଇଛି। ଏଣୁ ରାଜ୍ୟରେ ବାଉଁଶରୁ କାଠ ପ୍ରସ୍ତୁତି କାରଖାନା ପ୍ରତିଷ୍ଠା କରାଯିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି।

ଓଡିଶା ଜଙ୍ଗଲରେ ଥିବା କଞ୍ଚା ଶାଳିଆ ବାଉଁଶରୁ କାଠ ପ୍ରସ୍ତୁତ କରିବା ଏକ ବାସ୍ତବ ପଦକ୍ଷେପ। ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ପକ୍ଷରୁ ଗତ ଜୁନରେ ରାଜ୍ୟରେ ଥିବା ଜଙ୍ଗଲର ବାଉଁଶରୁ ପରୀକ୍ଷାମୂଳକ ଭାବେ ବାଉଁଶ କାଠ ଉତ୍ପାଦନ କରିବାକୁ ତ୍ରିପୁରାର ରାଜଧାନୀ ଅଗରତାଲାସ୍ଥିତ ମୁଥା କାରଖାନାକୁ କଞ୍ଚାମାଲ ପଠାଇବାକୁ ପଦକ୍ଷେପ ନିଆଯାଇଥିଲା। ଏହି କାରଖାନା ଭାରତର ଉତ୍ତର ପୂର୍ବ ରାଜ୍ୟରେ ଥିବା ନରମମୂଳି ବାଉଁଶରୁ କାଠ, ଚଟାଣ ଟାଇଲ ଏବଂ କାଠଜାତୀୟ ଆସବାବପତ୍ର ବ୍ୟବସାୟିକ ଭିତ୍ତିରେ ଗତ ୨ବର୍ଷ ହେବ ଉତ୍ପାଦନ କରିଆସୁଛି। ଗତ ଜାନୁୟାରୀରେ ଓଡିଶା ବାଉଁଶ ଉନ୍ନୟନ କର୍ତ୍ତୃପକ୍ଷଙ୍କର ଏକ ୨୬ଜଣିଆ ପ୍ରତିନିଧି ଦଳ ଉକ୍ତ କାରଖାନା ପରିଦର୍ଶନରେ ଯାଇଥିଲେ। କାରଖାନା ଅଧ୍ୟକ୍ଷ ଅନୀଲ ମୁଥା ଏବଂ ଉପାଧ୍ୟକ୍ଷ ରୀନିବ ବୋଷଙ୍କ ସହିତ ଓଡିଶା ବାଉଁଶ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏସ୍.ପି. ମହାପାତ୍ର ବାଉଁଶ କାଠ ଉତ୍ପାଦନ ପାଇଁ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଓଡିଶାରୁ ଗୋଟିଏ ଟ୍ରକ ବାଉଁଶ ଲୋଡ୍ ହୋଇ ଅଗରତାଲାରେ ଥିବା କାରଖାନାକୁ ପଠାଯାଇଥିଲା। ପରୀକ୍ଷାମୂଳକ ଭାବେ ବିନା ମୂଲ୍ୟରେ ବାଉଁଶ କାଠ ପ୍ରସ୍ତୁତ ହୋଇଥିଲା। ସେଥିରୁ ରାଜ୍ୟ ସରକାର ୪୦ପ୍ରତିଶତ କାଠ ପାଇଥିବାବେଳେ ମୁଥା କାରଖାନା ୬୦ପ୍ରତିଶତ ପାଇଛି। ବୌଦ୍ଧ ବନଖଣ୍ଡର ହାତୀଧରା ଜଙ୍ଗଲରୁ ବାଉଁଶ କଟାଯାଇ ଯଥାଶୀଘ୍ର ଅଗରତାଲା କାରଖାନାକୁ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି। ଓଡିଶା ଜଙ୍ଗଲରେ ଥିବା ବାଉଁଶରୁ କାଠ ପ୍ରସ୍ତୁତି ପାଇଁ ରାଜ୍ୟରେ ଏକ କାରଖାନା ବସାଇବାକୁ ସ୍ଥିର ହୋଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ନିର୍ଦ୍ଦେଶକ୍ରମେ ମୁଥା କାରଖାନା ଅଧ୍ୟକ୍ଷ ଅନୀଲ ମୁଥାଙ୍କୁ ଓଡିଶା ନିମନ୍ତ୍ରଣ କରାଯିବ। ରାଜ୍ୟରେ ସେହିଭଳି ଏକ କାରଖାନା ବସାଇବା ପାଇଁ ତାଙ୍କ ସହିତ ଆଲୋଚନା କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେବାକୁ ସ୍ଥିର କରିଛନ୍ତି।





ମଙ୍ଗଳବାର ବିଧାନସଭାକୁ ବାଚସ୍ପତି ପ୍ରଦୀପ ଅମାତ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିରୋଧୀଦଳ ନେତା ନରସିଂହ ମିଶ୍ର ଯାଉଛନ୍ତି।









■ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

## ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କର

ଭୁବନେଶ୍ୱର, ୪।୯(ବ୍ୟୁରୋ)

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ଦରଖାସ୍ତ ଗ୍ରହଣ, କ୍ଷେତ୍ରସ୍ତରୀୟ ଯାଞ୍ଚ, ଡିଜିଟାଇଜେଶନ୍ ଆଦି ପ୍ରକ୍ରିୟାଗୁଡିକୁ ତ୍ୱରାନ୍ୱିତ କରାଯିବ। ଦୈନିକ ଭିତ୍ତିରେ ଅଗ୍ରଗତି ସମ୍ପର୍କିତ ତଥ୍ୟ ପୋର୍ଟାଲରେ ଅପ୍‌ଲୋଡ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଜିଲାପାଳ ଏବଂ ଜିଲା ଖାଦ୍ୟ ଯୋଗାଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସଚିବାଳୟରୁ ଭିଡିଓକନଫରେନ୍ସିଂ ଦ୍ୱାରା ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ସମୀକ୍ଷା କରିଥିଲେ। ସେପ୍ଟେମ୍ବର ୨ ସୁଦ୍ଧା ମିଳିଥିବା ଦରଖାସ୍ତଗୁଡିକର ନିୟମ ଅନୁଯାୟୀ ଯାଞ୍ଚ ପ୍ରକ୍ରିୟା ଶେଷକରି ରାଶନ କାର୍ଡ ପ୍ରସ୍ତୁତ କରିବାକୁ ପାଢ଼ୀ କହିଛନ୍ତି। ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣର ପ୍ରକ୍ରିୟା ଜାରି ରଖିବା ପାଇଁ କୁହାଯାଇଥିଲା। ଆସନ୍ତା ଅକ୍ଟୋବର ୨ ସୁଦ୍ଧା ଯେପରି ହିତାଧିକାରୀମାନଙ୍କୁ କାର୍ଡ ଯୋଗାଇ ଦିଆଯାଇ ପାରିବ ତାହା ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବିଭିନ୍ନ କାରଣରୁ ବାଦ୍ ପଡିଥିବା ଏବଂ ଗରିବ ପରିବାରକୁ ରାଜ୍ୟ ସରକାର ଉକ୍ତ ଯୋଜନାରେ ସାମିଲ କରିବାକୁ ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୫ଲକ୍ଷ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଖାଦ୍ୟ ସୁରକ୍ଷା ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଅଭିଯାନ ଭିତ୍ତିରେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜର କାର୍ଯ୍ୟ ସମ୍ପାଦିତ କରିବାକୁ ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍ ନିର୍ଦ୍ଦେଶ ଦେଇଛନ୍ତି।




ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି- ତେବେ ମୁଁ ଜାଣେ ନା- ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ- ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ଇ ଭଲ ଭାବେ ଜଣା। -ଶ୍ରୀଅରବିନ୍ଦ



# ବ୍ୟବସ୍ଥା ପାଇଁ ବୋଝ

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରୋକ୍ଷ କର ଭାବେ ୨୦୧୭ ଜୁଲାଇ ୧ରେ ଭାରତରେ ଲାଗୁ ହୋଇଛି। ଏହି ନୂଆ ଟିକସ ବ୍ୟବସ୍ଥା ଜଟିଳ ଥିବାରୁ ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ ତା'ର ବାଲାନ୍ସ ଶିଟ୍ ପରିଚାଳନା କରିବା ଲାଗି ବିଧିବଦ୍ଧ ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରଖୁ ନ ଥିଲା। ଏବେ ପରିସ୍ଥିତି ଏଭଳି ହୋଇଛି ଯେ, ଜିଏସ୍‌ଟି ପାଇଁ ବର୍ଷକୁ ଅନେକ ଥର ଟିକିନିଖି ହିସାବ ଦେବାକୁ ପଡୁଛି। ସେଥିପାଇଁ ବୃତ୍ତିଧାରୀ ଆକାଉଣ୍ଟାଣ୍ଟଙ୍କ ସାହାଯ୍ୟ ନେବା ଆବଶ୍ୟକ ପଡ଼ିଲାଣି। ଫଳରେ ଛୋଟିଆ ବ୍ୟବସାୟୀ କ୍ଷତିରେ ପଡୁଛନ୍ତି। ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ହେବାରୁ ତାହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିଛି। ହେଲେ ତାହାକୁ ବିରୋଧ କରାଯିବା ପରେ ସରକାର କେତେକ କ୍ଷେତ୍ରରେ କୋହଳ କରିଛନ୍ତି। ୨୦୧୮ ଜାନୁୟାରୀ ୧୮ରେ ୨୫ତମ ଜିଏସ୍‌ଟି କାଉନସିଲ୍ ବୈଠକରେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଅଧୀନରେ ସୂଚନା ପ୍ରଦାନ ସେବାକୁ ଜିଏସ୍‌ଟିମୁକ୍ତ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହା ସତ୍ତ୍ୱେ ସରକାରୀ ନିୟମକୁ ଅଣଦେଖା କରି ମଧ୍ୟପ୍ରଦେଶ ଗୃହ ଓ ଭିତ୍ତିଭୂମି ବିକାଶ ବୋର୍ଡ ଜଣେ ଆର୍‌ଟିଆଇ ଆବେଦନକାରୀଙ୍କ ଉପରେ ଶୁଳ୍କ ବସାଇଥିବା ବିଷୟ ପଦାକୁ ଆସିଛି। ଏହା ବିରୋଧରେ ଆବେଦନକାରୀ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ ବୋଲି କହିଛନ୍ତି।

ଗଣତନ୍ତ୍ରରେ ସୂଚନା ଜାଣିବାର ସ୍ୱାଧୀନତା ହେଉଛି ଜଣେ ନାଗରିକଙ୍କ ମୌଳିକ ଅଧିକାର। ସେଥିପାଇଁ ସୂଚନା ଅଧିକାର ଆଇନ, ୨୦୦୫ ପ୍ରଣୟନ କରାଯାଇଛି। ଏହା ସତ୍ତ୍ୱେ ଅନେକ କାର୍ଯ୍ୟାଳୟ ଲୋକଙ୍କୁ ଉପଯୁକ୍ତ ସୂଚନା ଦେବାରେ ଅନ୍ତରାୟ ସୃଷ୍ଟି କରୁଛନ୍ତି। ବିଶେଷକରି ଦୁର୍ନୀତି ସମ୍ପର୍କିତ ସୂଚନା ମଗାଯାଉଥିଲେ ଅଧିକାରୀମାନେ ତଥ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ମଧ୍ୟପ୍ରଦେଶ ଗୃହ ଓ ଭିତ୍ତିଭୂମି ବିକାଶ ବୋର୍ଡକୁ ଆର୍‌ଟିଆଇ ଅଧୀନରେ ରିୟଲ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ (ରେରା) କାର୍ଯ୍ୟାଳୟର ମରାମତି ଖର୍ଚ୍ଚ ସମ୍ପର୍କିତ ତଥ୍ୟ ମଗାଯାଇଥିଲା। ଉକ୍ତ ସୂଚନା ପାଇଁ ୪୩ ଟଙ୍କା ପଇଠ କରିବା ଲାଗି ସମ୍ପୃକ୍ତ ଆବେଦନକାରୀଙ୍କୁ କୁହାଯାଇଥିଲା। ଆବେଦନକାରୀ ହିସାବ କରି ଦେଖିବା ପରେ ତାଙ୍କ ଉପରେ ୯ ପ୍ରତିଶତ ଜିଏସ୍‌ଟି ବସିଥିବା ଜାଣିବାକୁ ପାଇଥିଲେ। ସୂଚନାକୁ ପଣ୍ୟ ସାମଗ୍ରୀ ବିବେଚନା କରାଯାଇ ଏହା ଉପରେ ଜିଏସ୍‌ଟି ବସାଯାଇପାରିବ ନାହିଁ। କେବଳ ମଗାଯାଇଥିବା ସୂଚନା ଦେବା ଲାଗି ଆନୁଷଙ୍ଗିକ ଖର୍ଚ୍ଚ ବାବଦକୁ ସାମାନ୍ୟ ଅର୍ଥ ଦେବାକୁ ପଡ଼ିଥାଏ ବୋଲି ବ୍ୟବସ୍ଥା ରହିଛି। ହେଲେ ସମ୍ପୃକ୍ତ ଗୃହ ନିର୍ମାଣ ଓ ଭିତ୍ତିଭୂମି ବିକାଶ ବୋର୍ଡ ଆବେଦନକାରୀଙ୍କ ଉପରେ ୭ ଟଙ୍କାର ଶୁଳ୍କ ଲଗାଇ ଜିଏସ୍‌ଟି ନିୟମାବଳୀର ଉଲ୍ଲଂଘନ କରିଛନ୍ତି ବୋଲି କୁହାଯାଇପାରେ। କେବଳ ମଧ୍ୟପ୍ରଦେଶ ନୁହେଁ, ଏ ଦେଶରେ ଅଧିକାଂଶ ଅଧିକାରୀ ବା କର୍ମଚାରୀ ସରକାରୀ ଆଇନ ଓ ନିୟମକୁ ଭଲ ଭାବେ ଜାଣିବାକୁ ଚେଷ୍ଟା କରୁନାହାନ୍ତି। ଅନେକେ ଚାକିରି ମନୋବୃତ୍ତି ନେଇ ଏକ ଗତାନୁଗତିକ ଧାରାରେ କାର୍ଯ୍ୟ କରୁଥିବାରୁ ସମୟ ବ୍ୟବଧାନରେ ହେଉଥିବା ପରିବର୍ତ୍ତନ ସହ ଖାପ ଖୁଆଇ ଆଗେଇପାରୁ ନାହାନ୍ତି। ଏଭଳି ଅଜଣା ରହୁଥିବା ସରକାରୀ ଅଧିକାରୀଙ୍କ ଯୋଗୁ ସାଧାରଣ ଲୋକେ ହଇରାଣରେ ପଡୁଛନ୍ତି। ସ୍ଥଳବିଶେଷରେ ଆଇନ ଉଲ୍ଲଂଘନ କରୁଥିବା କର୍ମଚାରୀଙ୍କ ବିରୋଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଗଲେ ମଧ୍ୟ ସୁଫଳ ମିଳୁନାହିଁ। ବିମୁଦ୍ରୀକରଣ ପରେ ଜିଏସ୍‌ଟି ପ୍ରଚଳନ ଭାରତୀୟ ଅର୍ଥନୀତିରେ ଅସ୍ୱାଭାବିକତା ସୃଷ୍ଟି କରିଛି। ଦେଶର ଅଧିକାଂଶ ଲୋକ ଜିଏସ୍‌ଟି ବିଷୟରେ ଜାଣି ନ ଥିବା ବେଳେ ସରକାରୀ କର୍ମଚାରୀ ଏ ନେଇ ଅଜ୍ଞ ରହିବା ବ୍ୟବସ୍ଥାରେ ଥିବା ଦୁର୍ବଳତାକୁ ସୂଚାଉଛି। ଦାୟିତ୍ୱ ବୁଝୁ ନ ଥିବା ଏଭଳି ଅଧିକାରୀ ଦେଶ ପାଇଁ ବୋଝ ବୋଲି ଗଣାଯାଇ ସେମାନଙ୍କ ବିରୋଧରେ ଉଚିତ ପଦକ୍ଷେପ ନିଆଗଲେ ବ୍ୟବସ୍ଥାରେ ଦେଖାଦେଉଥିବା ଭୁଲ୍‌ଭଟକା ରୋକାଯାଇପାରନ୍ତା।

# ଭାରତର ଅତୀତ ଶିକ୍ଷା

ଡ. ତ୍ରିନାଥ ପଟ୍ଟନାୟକ

ଭାରତରେ ବହୁ ପ୍ରାଚୀନ କାଳରୁ ବିଭିନ୍ନ ବିଦ୍ୟା, ଶାସ୍ତ୍ର ଓ ଶିକ୍ଷାକୁ ସମ୍ମାନ ଦିଆଯାଇ ଆସିଛି। ପୁରାଣ ଯୁଗରେ ରାଜାମହାରାଜାଙ୍କ ପୃଷ୍ଠପୋଷକତାରେ ଦେଶର ବିଭିନ୍ନ ସ୍ଥାନରେ ଗୁରୁକୁଳ ସ୍ଥାପନ କରାଯାଇଥିଲା। ଅନେକ ଗୁରୁକୁଳରେ ଏତେସଂଖ୍ୟାରେ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ ଓ ଏତେ ବିଷୟରେ ଶିକ୍ଷା ପ୍ରଦାନ କରାଯାଉଥିଲା ଯେ ସେଗୁଡିକ ସ୍ୱତଃ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଯାଇଥିଲା। ସେହି ସମୟରେ ବିଶେଷ ପ୍ରତିଷ୍ଠା ଲାଭ କରିଥିବା ବିଶ୍ୱବିଦ୍ୟାଳୟ ହେଉଛି- ତକ୍ଷଶିଳା, ନାଳନ୍ଦା, ବିକ୍ରମଶିଳା, ବଲ୍ଲଭି, ପୁଷ୍ପଗିରି, ଉଦନ୍ତିପୁରୀ, ସୋମପୁର, ରତ୍ନଗିରି ଓ ଜାଗଦଳ। ଏଗୁଡିକର ଏଭଳି ସୁନାମ ଥିଲା ଯେ ବିଦେଶରୁ ହଜାର ହଜାର ବିଦ୍ୟାର୍ଥୀ ଆକୃଷ୍ଟ ହୋଇ ଅଧ୍ୟୟନ କରିବା ନିମନ୍ତେ ଭାରତକୁ ଆସୁଥିଲେ।

ବାରମ୍ବାର ବିଦେଶୀମାନଙ୍କ ଆକ୍ରମଣ ଫଳରେ ଏହି ବିଶ୍ୱବିଦ୍ୟାଳୟଗୁଡିକ ଧ୍ୱଂସ ହୋଇଯାଇଥିଲା। ନାଳନ୍ଦା ଓ ବିକ୍ରମଶିଳା ବିଶ୍ୱବିଦ୍ୟାଳୟ ଦୁଇଟିକୁ ତୁର୍କୀ ସମ୍ରାଟ ବଖ୍‌ତିଆର ଖିଲିଜ (୧୧୯୩ ଖ୍ରୀ.ଅ.) ଧ୍ୱଂସ କରିଦେଇଥିଲେ। କୋଠାବାଡିଗୁଡିକୁ ନିଆଁ ଲଗାଇ ପୋଡି ଦେଇଥିଲେ। ନାଳନ୍ଦା ବିଶ୍ୱବିଦ୍ୟାଳୟର ପାଠାଗାର ପ୍ରାୟ ୩ ମାସ ଯାଏ ପ୍ରଜ୍ୱଳିତ ହୋଇଥିଲା। କେବଳ ସେତିକି ନୁହେଁ, ଅଧ୍ୟାପନା କରୁଥିବା ଶହ ଶହ ଶିକ୍ଷକଙ୍କର ମୁଣ୍ଡକାଟ କରାଯାଇଥିଲା। ଏଭଳି ଗୋଟି ଗୋଟି କରି ଭାରତୀୟ ଶିକ୍ଷାସଂସ୍କୃତିର ପ୍ରାଣକେନ୍ଦ୍ର ବିଶ୍ୱବିଦ୍ୟାଳୟଗୁଡିକୁ ଆକ୍ରମଣକାରୀ ବିଦେଶୀମାନେ ଧ୍ୱଂସ କରି ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ବିଲୋପ କରିଦେବା ପାଇଁ ଚେଷ୍ଟା କରିଥିଲେ।

ତା'ପରେ ଭାରତକୁ ଆସିଲେ ଚତୁର ଇଂରେଜ। ସେମାନେ ଶିକ୍ଷାସଂସ୍କୃତିକୁ ଭଲ ପାଉଥିଲେ ସୁଦ୍ଧା ଭାରତୀୟ ଶିକ୍ଷାସଂସ୍କୃତିକୁ ଭଲ ପାଉ ନ ଥିଲେ। ସେମାନେ ନିଜେ ଭାରତୀୟ ଶାସ୍ତ୍ରଗୁଡ଼ିକୁ ଅଧ୍ୟୟନ କରି ଜ୍ଞାନ ଅର୍ଜନ କରୁଥିଲେ କିନ୍ତୁ ଭରତୀୟମାନଙ୍କୁ ସେ ସୁଯୋଗ ଦେଉ ନ ଥିଲେ। କେବଳ ସେମାନଙ୍କର ଶିକ୍ଷାସଂସ୍କୃତିକୁ ଭାରତୀୟମାନଙ୍କ ଉପରେ ଥାପିଦେଇ ସେମାନଙ୍କୁ ଏକପ୍ରକାର କ୍ରୀତଦାସ କରି ରଖିବାକୁ ଚାହୁଁଥିଲେ। ଏବେ ଦେଶ ସ୍ୱାଧୀନ। ତଥାପି ଆମେ ଇଂରେଜମାନଙ୍କ ଦାସତ୍ୱ ଶିକୁଳିରୁ ମୁକ୍ତ ହୋଇ ପାରିନାହୁଁ। ଆମେ ଏବେ ବି ଭାବୁଛୁ, ସେମାନେ ଆମକୁ ଶିକ୍ଷାର ଆଲୋକ ପ୍ରଦାନକରି ଆଲୋକିତ କରିଛନ୍ତି, ଯାହା ସତ୍ୟ ନୁହେଁ। ବରଂ ସେମାନେ ଭାରତୀୟ ଶିକ୍ଷା ପ୍ରଣାଳୀକୁ ବିଗାଡି ଦେଇଯାଇଛନ୍ତି।

ଦେଶ ସ୍ୱାଧୀନ ହୋଇଗଲା। ୧୯୪୭ ମସିହା ଶେଷ ଆଡକୁ ଐତିହାସିକ ପ୍ରଫେସର ଧର୍ମପାଳ ଏକଦା ମହାତ୍ମା ଗାନ୍ଧୀଙ୍କୁ ସାକ୍ଷାତ୍ କରି କହିଲେ, ମୋର ଏବେ ଦେଶ ପାଇଁ କ'ଣ କର୍ତ୍ତବ୍ୟ ଅଛି କୁହନ୍ତୁ। ମହାତ୍ମା ଗାନ୍ଧୀ କହିଥିଲେ, ମୁଁ ୧୯୩୧ରେ ଗୋଲ ଟେବୁଲ ବୈଠକରେ ଯୋଗ ଦେବା ନିମନ୍ତେ ଲଣ୍ଡନ ଯାଇଥିଲି। ସେହି ସମୟରେ କେତେଜଣ ଇଂରେଜ ଅଧିକାରୀ ମୋତେ କହିଥିଲେ, ଯଦି ଇଂରେଜମାନେ ଭାରତ ଯାଇ ନ ଥାନ୍ତେ ତେବେ ଭାରତୀୟ ଶିକ୍ଷା ପ୍ରଣାଳୀରେ କଦାପି ସଂସ୍କାର ଆସି ନ ଥାନ୍ତା। ସେହିଭଳି ଆପଣମାନେ ଅଶିକ୍ଷାର ଅନ୍ଧକାର ମଧ୍ୟରେ ରହି ଯାଇଥାନ୍ତେ। ମୋତେ ଏକଥା ଉଚିତ ମନେ ହେଲାନାହିଁ। କିନ୍ତୁ ଏହାର ଜବାବ ଦେବା ପାଇଁ ମୋ ପାଖରେ ଜ୍ଞାନ, ତଥ୍ୟ କି ପ୍ରମାଣ ନ ଥିଲା। ମୋର ଆପଣଙ୍କ ଉପରେ ଭରସା ଅଛି, ଅନୁରୋଧ କରୁଛି- ଆପଣ ଭାରତୀୟ ଶିକ୍ଷା ବିଷୟରେ ଯେତେ ସମ୍ଭବ ତଥ୍ୟପ୍ରମାଣ ସଂଗ୍ରହ କରନ୍ତୁ। ସେହି ପ୍ରମାଣକୁ ଆଧାର କରି ଇଂରେଜମାନେ ଭାରତ ଆସିବା ପୂର୍ବରୁ ଭାରତୀୟ ଶିକ୍ଷା ପ୍ରଣାଳୀ କିପରି ଥିଲା ପ୍ରକାଶ କରନ୍ତୁ।

ଗାନ୍ଧିଜୀଙ୍କ ଅନୁରୋଧ ମତେ ପ୍ରଫେସର ଧର୍ମପାଳ ଲଣ୍ଡନ, ଫ୍ରାନ୍ସ ଏବଂ ଜର୍ମାନୀ ପ୍ରଭୃତି ଦେଶକୁ ଯାଇ ବର୍ଷ ବର୍ଷ ଧରି ଅଧ୍ୟୟନ ଓ ଅଧ୍ୟାପନ କଲେ। ଅନେକ ଦସ୍ତାବିଜ, ନଥିପତ୍ର ସଂଗ୍ରହ କଲେ। ସେ ସବୁର ବିଶ୍ଳେଷଣ ପରେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ, ଇଂରେଜମାନଙ୍କ ଆଗମନ ପୂର୍ବରୁ ଭାରତୀୟ ଶିକ୍ଷା ବ୍ୟବସ୍ଥା ବହୁତ ଭଲ ଥିଲା। ପ୍ରଫେସର ଧର୍ମପାଳ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ, ଭାରତୀୟ ଶିକ୍ଷା ବ୍ୟବସ୍ଥା ଉପରେ ଉଚ୍ଚତର ଗବେଷଣା ନିମନ୍ତେ ମ୍ୟାକେଲଙ୍କୁ ଇଂଲଣ୍ଡରୁ ଭାରତ ପଠାଯାଇଥିଲା। ସେ ୧୭୮୦ ପୃଷ୍ଠାର ଏକ ରିପୋର୍ଟ ପ୍ରଦାନ କରିଥିଲେ। ୧୮୩୫ ଫେବୃୟାରୀ ୨ ତାରିଖରେ ମ୍ୟାକେଲ ବ୍ରିଟିଶ୍ ପାର୍ଲାମେଣ୍ଟରେ ଭାରତୀୟ ଶିକ୍ଷା ପ୍ରଣାଳୀ ଉପରେ ଭାଷଣ ଦେଲେ। ମ୍ୟାକେଲ କହିଲେ- ମୁଁ ସମଗ୍ର ଭାରତବର୍ଷ ବୁଲିଛି ଓ ଦେଖିଛି। ବଡ଼ ବିଚିତ୍ର କଥା କେଉଁଠି ହେଲେ ଭିକାରିଟିଏ ଦେଖିବାକୁ ପାଇଲି ନାହିଁ। ସୁରତ ସହରରେ ଯେତିକି ସମ୍ପତ୍ତି ଲୋକମାନଙ୍କ ପାଖରେ ଅଛି, ୟୁରୋପର ସବୁ ସହରର ସମ୍ପତ୍ତି ମିଶିଲେ ସମାନ ହେବ ନାହିଁ। ଭାରତରେ ଯେତେ ଧନ-ବୈଭବ ଓ ସମ୍ପତ୍ତି ଅଛି ସେସବୁ ଭାରତବର୍ଷର ଉନ୍ନତ ଶିକ୍ଷା ବ୍ୟବସ୍ଥାରୁ ହିଁ ସମ୍ଭବ ହୋଇପାରିଛି। ଭାରତରେ ପ୍ରାୟ ଶତ ପ୍ରତିଶତ ସାକ୍ଷର ଅଛନ୍ତି। ଦକ୍ଷିଣ ଭାରତରେ ସାକ୍ଷର ସଂଖ୍ୟା ଅଧିକ। ପଶ୍ଚିମର ସାକ୍ଷର ସଂଖ୍ୟା ୯୮%। ଉତ୍ତର ଭାରତରେ ପ୍ରାୟ ୮୬%, ମଧ୍ୟଭାରତରେ ସାକ୍ଷର ସଂଖ୍ୟା ୮୭%। ମୁଁ ଦୃଢ଼ତାର ସହ କହିପାରେ ଯେ ସମ୍ପୂର୍ଣ୍ଣ ଭାରତ ପ୍ରାୟତଃ ସାକ୍ଷର ଅଟନ୍ତି। ଭାରତରେ ୭ ଲକ୍ଷ ୩୨ ହଜାର ରାଜସ୍ୱ ଗ୍ରାମ ଅଛି। ଏମିତି କୌଣସି ଗ୍ରାମ ନାହିଁ ଯେଉଁଠାରେ ବିଦ୍ୟାଳୟ ନାହିଁ। ଏଠାରେ ସ୍କୁଲଗୁଡିକୁ ଗୁରୁକୁଳ ବୋଲି କୁହାଯାଏ। ସମସ୍ତ ବର୍ଗର ଲୋକଙ୍କୁ ଶିକ୍ଷା ପ୍ରଦାନ କରିବାର ବ୍ୟବସ୍ଥା ଅଛି।

ଗୁରୁକୁଳଗୁଡ଼ିକରେ ୧୮ ଗୋଟି ବିଦ୍ୟା ଶିକ୍ଷା ଦିଆଯାଏ। ଯାହାକୁ ଅଷ୍ଟାଦଶ ବିଦ୍ୟା କୁହାଯାଏ। ସେଗୁଡିକ ହେଲା- ଗଣିତ, ଖଗୋଳ ଶାସ୍ତ୍ର, ଚିକିତ୍ସା ଶାସ୍ତ୍ର, ଧାତୁ ବିଜ୍ଞାନ, କାରିଗରି (ଇଞ୍ଜିନିୟରିଂ), ରସାୟନ ଶାସ୍ତ୍ର, ସଙ୍ଗୀତ ନୃତ୍ୟ, ସାହିତ୍ୟ, ଭାଷା ବିଜ୍ଞାନ, ବିଜ୍ଞାନ ସମ୍ବନ୍ଧୀୟ ଶାସ୍ତ୍ର, ଜ୍ୟୋତିଷ, ମୂର୍ତ୍ତି ନିର୍ମାଣ ଓ ବାସ୍ତୁଶାସ୍ତ୍ର ଇତ୍ୟାଦି। ଗୋଟିଏ ବିଷୟରେ ବିଦ୍ୟାର୍ଥୀ ସ୍ୱୟଂ ସମ୍ପୂର୍ଣ୍ଣ ହେବା ପରେ ଅନ୍ୟ ବିଷୟରେ ଅଧ୍ୟୟନ କରିବାର ସୁବିଧା ଅଛି। ଗୋଟିଏ ଗୋଟିଏ ଗୁରୁକୁଳରେ ୨୦୦ରୁ ୨୦,୦୦୦ ପର୍ଯ୍ୟନ୍ତ ବିଦ୍ୟାର୍ଥୀ ପଢ଼ନ୍ତି। ଗୁରୁକୁଳଗୁଡ଼ିକରେ ବିଦ୍ୟା ଓ ଶିକ୍ଷା ଉଭୟେ ପ୍ରଦାନ କରାଯାଏ। ନୈତିକତା, ଆଧ୍ୟାତ୍ମିକତା ଓ ନ୍ୟାୟ ଆଦି ଶିକ୍ଷାଦାନକୁ ବିଦ୍ୟା କୁହାଯାଏ। ଗଣିତ, ରସାୟନ ବିଦ୍ୟା, ବିଜ୍ଞାନ ଆଦିକୁ ଶିକ୍ଷା କୁହାଯାଏ। ୧୮୩୫ ମସିହାରେ ଭାରତବର୍ଷରେ ଉଚ୍ଚ ଶିକ୍ଷା ନିମନ୍ତେ ୧୫,୮୦୦ ବିଦ୍ୟାଳୟ ଥିଲା। ସେଗୁଡିକ ମହାବିଦ୍ୟାଳୟ ସ୍ତରୀୟ।

ତତ୍କାଳୀନ ବ୍ରିଟେନର ଶିକ୍ଷାମନ୍ତ୍ରୀ କହିଥିଲେ, ଭାରତରେ ବର୍ତ୍ତମାନ ଶତ ପ୍ରତିଶତ ସାକ୍ଷର ଅଛନ୍ତି, ମାତ୍ର ବ୍ରିଟେନରେ ଶତକଡା ୧୭ରୁ କମ୍ ସାକ୍ଷର ଅଛନ୍ତି। ଭାରତରେ ଯେତେବେଳେ ୭ ଲକ୍ଷ ୩୨ ହଜାରରୁ ଅଧିକ ସ୍କୁଲ ଥିଲା ବ୍ରିଟେନରେ ଥିଲା ମାତ୍ର ୭୪୦ ସ୍କୁଲ।

ଚିକିତ୍ସା ପଦ୍ଧତି ବିଷୟରେ ମ୍ୟାକେଲ ଆଉ ମଧ୍ୟ କହିଥିଲେ, କାଙ୍ଗଡା ବିଶ୍ୱବିଦ୍ୟାଳୟ (ହିମାଚଳପ୍ରଦେଶ) ସର୍ଜରୀ (ଶଲ୍ୟ) ଚିକିତ୍ସା ନିମନ୍ତେ ପ୍ରସିଦ୍ଧ ଥିଲା। ଏଠାରେ ରାଇନୋପ୍ଲାଷ୍ଟ ଚିକିତ୍ସା ମଧ୍ୟ ହେଉଥିଲା। ମୁଁ ନିଜେ ଦେଖିଛି। ଜଙ୍ଘରୁ ଚମଡା ବାହାର କରାଯାଇ ନାକରେ ଲଗାଯାଇ ନାକ ସଜଡା ଯାଇଥିଲା। ଏହି ଅପରେଶନ ୨୧ ଦିନରେ ପୂରାପୂରି ଠିକ୍ ହୋଇଯାଉଥିଲା। ଏମିତିଭାବେ ଗ୍ରହଣଖଣ୍ଡିଆ ନାକଟି ମିଶିଯାଉଥିଲା। ଏହି ପ୍ଲାଷ୍ଟିକ ସର୍ଜରୀକୁ କାୟ-ଶୃଙ୍ଗାର କୁହାଯାଏ।

ଆଉ ଏଠାରେ (ଇଂଲଣ୍ଡରେ) ଯେତେବେଳେ ମୋତେ ଜ୍ୱର ହେଲା ଡାକ୍ତରଙ୍କ ପାଖକୁ ଗଲି। ସେ ହିପ୍ପୋକ୍ରେଟିସ ମେଡିସିନ ସିଷ୍ଟମ ଅନୁସାରେ ମୋ ହାତର ଶିର କାଟିଦେଲେ। ସେଥିରୁ ରକ୍ତ ଝରିବାକୁ ଲାଗିଲା। ଡାକ୍ତର କହିଲେ, ଯେ ପର୍ଯ୍ୟନ୍ତ ତୁମ ହାତରୁ ଦୂଷିତ ରକ୍ତ ବାହାରି ନ ଯାଇଛି, ତୁମେ ଠିକ୍ ହେବ ନାହିଁ। କିନ୍ତୁ ଭାରତରେ କିଛି ଚେରମୂଳିରୁ ପ୍ରସ୍ତୁତ ଚୂର୍ଣ୍ଣ ଖୁଆଇ ଦିଆଗଲେ ଜ୍ୱର ଠିକ୍ ହୋଇଯାଉଛି। ମେଟାଲର୍ଜି ଶିକ୍ଷା ଗୁରୁକୁଳଗୁଡ଼ିକରେ ଦିଆଯାଉଥିଲା। କଳଙ୍କବିହୀନ ଲୁହା ମଧ୍ୟ ଭାରତରେ ପ୍ରସ୍ତୁତ ହେଉଛି। କଳଙ୍କହୀନ ଲୌହସ୍ତମ୍ଭମାନ ଠିଆ ହୋଇଛି।

ଉଇଲିୟମ ଏଡ୍‌ମନଙ୍କ ଦସ୍ତାବିଜ ଅନୁସାରେ ଆନ୍ଧ୍ରପ୍ରଦେଶର କାବେରୀ ନଦୀ ପାଖରେ, ବିଶାଖାପାଟଣାଠାରୁ କିଛି ଦୂରରେ ଏକ ଗୁରୁକୁଳ ଥିଲା, ଯେଉଁଠାରେ ସିଭିଲ ଇଞ୍ଜିନିୟରିଂ ପାଠ ପଢ଼ାଯାଉଥିଲା। ସେହି ଗୁରୁକୁଳର ଆଚାର୍ଯ୍ୟ ଓ ବିଦ୍ୟାର୍ଥୀମାନେ ଏକତ୍ର ହୋଇ ୧୨୩୮ ମସିହାରେ ପୃଥିବୀର ପ୍ରଥମ ନଦୀବନ୍ଧ ବାନ୍ଧିଥିଲେ। ୧୮୩୫ ମସିହା ବେଳକୁ ଭାରତବର୍ଷର ବିଭିନ୍ନ ସ୍ଥାନରେ ଏକ ଏକର ଜମିରେ ୫୭ କୁଇଣ୍ଟାଲ ଧାନ ଅମଳ ହେଉଥିଲା। ଏବେ କୌଣସି ବିଶ୍ୱବିଦ୍ୟାଳୟ ଏକ ଏକର ଜମିରେ ୩୦ କୁଇଣ୍ଟାଲରୁ ଅଧିକ ଧାନ ଫଳାଇ ପାରୁନାହାନ୍ତି। ମ୍ୟାକେଲ କହିଥିଲେ, ଭାରତକୁ ଯଦି ଗୋଲାମ ବନାଇବାକୁ ଚାହୁଁ, ତେବେ ସେମାନଙ୍କର ବଳିଷ୍ଠ ଶିକ୍ଷା ପ୍ରଣାଳୀକୁ ଭାଙ୍ଗିବାକୁ ପଡ଼ିବ। ବ୍ରିଟିଶ ସରକାର ଅଧିନିୟମ ବଳରେ ଭାରତୀୟ ଶିକ୍ଷା ପ୍ରଣାଳୀକୁ ତଥା ସଂସ୍କୃତ ଶିକ୍ଷା, ସ୍ଥାନୀୟ ଭାଷା ଦ୍ୱାରା ଦିଆଯାଉଥିବା ଶିକ୍ଷା ବ୍ୟବସ୍ଥାକୁ ବେଆଇନ ଘୋଷଣା କଲେ। ବିଭିନ୍ନ ଆଳ ଦେଖାଇ ଗୁରୁକୁଳଗୁଡିକୁ ବନ୍ଦ କରାଇଦେଲେ। ଇଂଲିଶ ଶିକ୍ଷା ପ୍ରଣାଳୀ ପ୍ରଚଳନ କରାଗଲା। ଇଂରେଜମାନଙ୍କ ଶିକ୍ଷା ପ୍ରଣାଳୀ ଦ୍ୱାରା ପ୍ରଭାବିତ ହୋଇ ବିକଶିତ ଭାରତବର୍ଷ ବିକାଶଶୀଳ ଦେଶଗୁଡ଼ିକ ଶ୍ରେଣୀରେ ଆସି ଠିଆ ହେଲା। ଏବେ ସମୟ ଆସିଛି ଆମେ ପ୍ରାଚୀନ ଭାରତୀୟ ଶିକ୍ଷାକୁ ପୁନଃ ଅଗ୍ରାଧିକାର ଦେଇପାରିଲେ ଦେଶର ମଙ୍ଗଳ ହେବ।

ମୋ-୯୯୩୭୮୪୦୩୮୭,
Email: pattnaik,trinath14@gmail.com

# ନବଘନିଆର ଘର ଚିନ୍ତା



ବିଜୟ ଦାସ

ନବଘନିଆର ଏଇ କେଇଦିନ ହେବ ଘର ଚିନ୍ତା ସାମାନ୍ୟ ବଢ଼ିଯାଇଛି। କାରଣ ଲଘୁଚାପଜନିତ ପ୍ରବଳ ବର୍ଷାରେ ତା'ର ଚାଳଘରେ ଆଣ୍ଠୁଏ ପାଣି ଦେଖି ସେ ଆଉ ସ୍ତ୍ରୀର କଟୁ ମନ୍ତବ୍ୟ ସହିପାରୁନାହିଁ। ଦୀର୍ଘ ସତର ଅଠର ବର୍ଷ ତଳେ ମହାବାତ୍ୟା ପରେ ନବଘନିଆ ତା' ବୁଢ଼ାବାପାଙ୍କ ନାଁରେ ଇନ୍ଦିରା ଆବାସ ବଖରାଏ ପାଇଥିଲା। ସେତେବେଳର ପଞ୍ଚାୟତ ସମ୍ପାଦକ ସିମେଣ୍ଟ, ରଡ ଓ ବାଲି ଗୋଡି ବେପାର କରୁଥିବା ନିଜ ପୁଅଠାରୁ ଏସବୁ କିଣିବା ପାଇଁ ଏକ ପ୍ରକାର ବାଧ୍ୟଥିଲେ। ସେ ଏମିତି ବିଲ୍ କଲେ ଯେ ଛାତ ଘରଟି ଛାତ ପଡନ ପର୍ଯ୍ୟନ୍ତ ନିର୍ମିତ ହୋଇ ଅଧାରେ ରହିଗଲା। କିନ୍ତୁ ସରକାରୀ କାଗଜପତ୍ରରେ ନବଘନିଆ ଶୁଣିଥିଲା ତା' ବାପାଙ୍କ ନାଁରେ ମିଳିଥିବା ଘର ପୂର୍ଣ୍ଣାଙ୍ଗ ହୋଇସାରିଛି।

ଇତିମଧ୍ୟରେ ବାପାଙ୍କର ଦେହାନ୍ତ ହୋଇ ସାରିଛି। ନବଘନିଆ ସେଇ ଇଟାକାନ୍ଥ ଉପରେ ବାଉଁଶ ପକାଇ ନଡାଛପର କରି ଦୁଃଖରେ ଚଳୁଥିଲା। ହେଲେ ଏବେ ସରକାରଙ୍କ ଉପରେ ତା'ର ବିଶ୍ୱାସ ଓ ଭରସା ବଢିଯାଇଛି। ଇନ୍ଦିରା ଆବାସ ପ୍ରଧାନମନ୍ତ୍ରୀ ଆବାସ ତଥା ବିଜୁ ପକ୍କାଘର ଭାବରେ ସାଧାରଣ ଲୋକଙ୍କ ପାଇଁ ଆବଣ୍ଟନ ହେଉଛି। ସେଦିନର ବାଇଶ ହଜାର ଟଙ୍କାର ଇନ୍ଦିରା ଆବାସ ଆଜି ଏକ ଲକ୍ଷ ଟଙ୍କାର ପ୍ରଧାନମନ୍ତ୍ରୀ ଆବାସ ତଥା ବିଜୁ ପକ୍କା ଘରରେ ପରିଣତ ହେଲାଣି। ଏଥିସହିତ ସ୍ୱଚ୍ଛ ପରିମଳ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ପାଇଖାନା ବ୍ୟବସ୍ଥା ସାଙ୍ଗକୁ ଚାରିମାସ ଭିତରେ ବିଜୁ ପକ୍କାଘର ବା ପ୍ରଧାନମନ୍ତ୍ରୀ ଆବାସ ପୂର୍ଣ୍ଣାଙ୍ଗ କରିପାରୁଥିବା ବ୍ୟକ୍ତିଙ୍କୁ ଅଧିକ କୋଡିଏ ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରୁଛନ୍ତି। ତେଣୁ ନବଘନିଆ ଟିକେ ଅଧିକ ଉତ୍ସାହିତ ହୋଇପଡିବା ସ୍ୱାଭାବିକ। କାରଣ ସେ ନେତାଙ୍କ ପାଖ ଲୋକ ହୋଇଥିବାରୁ ଏଇ କେଇବର୍ଷ ହେଲା ତା'ର ଭାଉ ଟିକେ ବଢିଯାଇଛି। ନିର୍ବାଚନ ପାଖେଇ ଆସିଲେ ନବଘନିଆ ନେତାଙ୍କ ସହିତ ଅନ୍ତରଙ୍ଗ ହୋଇଯାଏ। ଏଥର ନବଘନିଆ ଓ ତା' ଦଳ ଲୋକଙ୍କର ନିରବଚ୍ଛିନ୍ନ ଚେଷ୍ଟା ଫଳରେ ବିଧାୟକ ପୁଣିଥରେ ଜିତିଲେ। ସେଥିପାଇଁ ସେ ତା' ଦଳର ନେତାଙ୍କଠାରୁ କିଛି ବି ନିର୍ବାଚନୀ ଖର୍ଚ୍ଚ ନେଇ ନ ଥିଲା। କାରଣ ବିଶ୍ୱାସ ଥିଲା ତା' ଦଳ ଏଥର ଜିତିଲେ ସାହିବସ୍ତିରେ ଥିବା ଅଧୁରା କାମସବୁ ପୂର୍ଣ୍ଣାଙ୍ଗ ହେବ। ତା' ପାଇଁ ଘର ଖଣ୍ଡେ ମିଳିବା ଗୋଟେ ସାମାନ୍ୟ କଥା। ସିଏ ବି କେତେ ଲୋକଙ୍କ ପାଇଁ ବିଧାୟକଙ୍କ ପାଖରେ ହାତ ବାଡେଇ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଡିମାଣ୍ଡ କରିବ। ହେଲେ ବାସ୍ତବରେ ସେମିତି କିଛି ହେଲା ନାହିଁ। ନବଘନିଆ କିଛି କହିଲେ ବିଧାୟକ ପିଠି ଥାପୁଡେଇ ମୁରୁକି ହସିଦେଇ ଦଳ ପାଇଁ କାମ କରିବାକୁ ଉପଦେଶ ଦିଅନ୍ତି। ଦିନେ ନବଘନିଆ ନିଷ୍ପତ୍ତି ନେଲା ଆଜି ବିଧାୟକଙ୍କ ସହିତ କିଛି ଗୋଟେ ଫାଇନାଲ କରିବାକୁ ପଡିବ। ଆମେ ଦଳ ପାଇଁ ରାତିଦିନ ଖଟିବୁ ଅଥଚ ଅନ୍ୟମାନେ ସୁବିଧା ନେବେ? ଏଇକଥା ଭାବି ନବଘନିଆ ସେଦିନ ଘର ଖଣ୍ଡିଏ ପାଇବା ପାଇଁ ବିଧାୟକଙ୍କ ନିକଟରେ ଗୁହାରି କରିଥିଲା। ମାତ୍ର ବିଧାୟକ ପୂର୍ବପରି ମୁରୁକୁନ୍ଦିଆ ହସ ହସି ନବଘନିଆର ପିଠି ଥାପୁଡେଇ ପେଟକୁ ଚିମୁଟି ଦେଇଥିଲେ। ଦଳ ଭିତରେ ଥାଇ ନବଘନିଆ ଏଯାଏ ବହୁ ସୁବିଧା ସୁଯୋଗ ପାଉଥିବା ବିଧାୟକ ତାକୁ ସ୍ମରଣ କରାଇ ଦେଇଥିଲେ। ପାଞ୍ଚଟଙ୍କିଆ ଡାଲମାଭାତଠାରୁ ଆରମ୍ଭକରି ଖାଉଟି କାର୍ଡ ମାଧ୍ୟମରେ ସେ ଟଙ୍କିକିଆ ଚାଉଳ ବି ପାଉଛି। ଏସବୁ ତ ସରକାରୀ ଦଳ ହିଁ ତା' ପାଇଁ ବ୍ୟବସ୍ଥା କରିଛି ନା। ଏସବୁ କହିବା ସହିତ ଲିଷ୍ଟରେ ଥିବା ହିତାଧିକାରୀଙ୍କ କ୍ରମ ଅନୁସାରେ ସମୟ ଆସିଲେ ତାକୁ ଘର ପ୍ରଦାନ କରାଯିବ ବୋଲି ବିଧାୟକ ଆଶ୍ୱାସନା ଦେଇଥିଲେ। ଏହା ପରେ ବି ନବଘନିଆ ବୁଝିସାରିଥିଲା ଯେ, ବିଧାୟକ ଭଲଭାବରେ ଜାଣିଛନ୍ତି ସେ କେବେ ଦଳ ଛାଡିବ ନାହିଁ। ବରଂ ନବଘନିଆ ପାଇଁ ଉଦ୍ଦିଷ୍ଟ ଘର ଖଣ୍ଡିକ ବିରୋଧୀ ଦଳର କୌଣସି ବ୍ୟକ୍ତିଙ୍କୁ ପ୍ରଦାନ କରି ଦଳ ପାଇଁ କିଛି ଭୋଟ ହାତେଇବା ମତଲବରେ ସେ ଥିଲେ। ସେଦିନ ଭଗ୍ନମନରେ ନବଘନିଆ ଘରେ ପହଞ୍ଚିଥିଲା। ଲଘୁଚାପଜନିତ ବର୍ଷାରେ ଭାଙ୍ଗିଯାଇଥିବା ତା' ଚାଳଘର କାନ୍ଥକୁ ଲିପାପୋଛା କରୁଥିବା ସ୍ତ୍ରୀର ଶୁଖିଲା ମୁହଁକୁ ଦେଖି ନବଘନିଆ କଟକ, ଭୁବନେଶ୍ୱରର ବଡବଡିଆ ବାବୁମାନଙ୍କ ଘରେ ଲଘୁଚାପ ବର୍ଷା ଯୋଗୁ ପାଣି ପଶିଯାଉଥିବା କଥା କହି ଆଶ୍ୱାସନା ଦେଇଥିଲେ ବି ନିଜେ ସରକାରୀ ଘର ଖଣ୍ଡିଏ ନ ପାଇବାର ଦୁଃଖରୁ ନିଜକୁ ମୁକୁଳେଇ ପାରି ନ ଥିଲା।

ବରମୁଣ୍ଡଳି, ବାଲିକୁଦା, ମୋ-୯୧୭୮୦୫୯୫୮୦

## ଏଇ ଭାରତରେ

କେରଳ ବର୍ତ୍ତମାନ ଏକ ବନ୍ୟାବିପନ୍ନ ରାଜ୍ୟ ହୋଇଥିବା ବେଳେ ରାଜ୍ୟବାସୀଙ୍କୁ ସାନ୍ତ୍ୱନା ଦେବା ମୁଖ୍ୟ ପ୍ରସଙ୍ଗ ହୋଇଛି। ଏଥିପାଇଁ କିଏ କେତେ ସାହାଯ୍ୟ ସହଯୋଗ କରୁଛନ୍ତି। କିନ୍ତୁ ଜଣେ ନୃତ୍ୟଶିଳ୍ପୀ ତାଙ୍କର ନୃତ୍ୟ ମାଧ୍ୟମରେ କେରଳବାସୀଙ୍କୁ ପ୍ରବୋଧନା ଦେବାକୁ ଚାହାନ୍ତି। ସେମାନଙ୍କ ଭଙ୍ଗାମନକୁ ଯୋଡିବା ଲାଗି ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର (ଆଇଆଇସି)ର ପଦ୍ମଶ୍ରୀ ଭାରତୀ ଶିବାଜୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବ। ମୋହିନୀଆଟମ୍ ପାଇଁ ଉଦ୍ଦିଷ୍ଟ ଡ୍ୟାନ୍ସ ଏକାଡେମୀ ସେଣ୍ଟର୍ ଦ୍ୱାରା 'କେରଳ ସ୍ମୃତି' ନାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୭୦ବର୍ଷ ବୟସ୍କା ଭାରତୀଙ୍କ ଦ୍ୱାରା ମୋହିନୀଆଟମ୍ ପ୍ରତିଷ୍ଠା ହୋଇଥିଲା। ରାଜ୍ୟର ପାରମ୍ପରିକ ନୃତ୍ୟ ମୋହିନୀଆଟମ୍ କ୍ଷେତ୍ରରେ ଭାରତୀ ଜଣେ ନିପୁଣ ନୃତ୍ୟଶିଳ୍ପୀ ଭାବରେ ପରିଚିତ। ଭାରତୀ ତାଙ୍କର ଶିଷ୍ୟାମାନଙ୍କ ସହିତ ଏହି ନୃତ୍ୟ ପରିବେଷଣ କରିବେ। ଏମାନେ ସମସ୍ତେ ଜଣେ ଜଣେ ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ। ଏହି ଶାସ୍ତ୍ରୀୟ ନୃତ୍ୟ ହତାଶ କେରଳବାସୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଉଥିବାରୁ ସେମାନଙ୍କ ସୁଖସନ୍ତୋଷ ପାଇଁ ଏହା ଅଭିପ୍ରେତ। କେରଳବାସୀଙ୍କ ଦୁର୍ଦ୍ଦିନରେ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ ସେମାନଙ୍କୁ ସାହସ ଓ ଧୈର୍ଯ୍ୟ ଧରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଭାରତୀ ଏକ ବିବୃତିରେ ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ସେପ୍ଟେମ୍ବର ୧୯୯୩

- ରାଜୀବ ଗାନ୍ଧୀ ହତ୍ୟା ଷଡ଼ଯନ୍ତ୍ରର ତଦନ୍ତ କରୁଥିବା ଜୈନ କମିଶନଙ୍କ କାର୍ଯ୍ୟକାଳକୁ ଅଧିକ ୬ ମାସ ବଢ଼ାଇ ଦିଆଯାଇଛି।
- ଜାପାନର ଦକ୍ଷିଣାଞ୍ଚଳରେ ଭୟଙ୍କର ତୋଫାନ ହେବା ଫଳରେ ୪୫ ଜଣଙ୍କ ପ୍ରାଣହାନି ଘଟିଛି।

## ଚିରନ୍ତନୀ

ଦେଖ ଗୋଲାପ ଦେଖ ଲୋ ଯୂଇ
କବି-ଲଲାଟେ ଅଧର ଛୁଇଁ
ଜଳଇ ମହା ହୁତାଶ ତହିଁ
ଲାଗଇ ପଦେ ତପତ ଭୂଇଁ।
ଦେଖ ସାଗର ଦେଖ ଗୋ ନଦୀ
ପୂରୁବ ସ୍ନେହ ରହିଛି ଯଦି
ହତାଶ ଆଜି ତୃଷିତ କବି
ଭୁବନଗୋଟା ଶିରରେ ଲଦି।

(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 3 | | | 5 | | 7 | | |
| | | | | 1 | 2 | | | C | | | | B | | |
| A | 4 | E | 7 | 5 | | | 9 | | 3 | | | | 0 | |
| 7 | 2 | | A | | | B | E | | | | | | 4 | 6 |
| | | | B | 3 | 4 | 7 | | | | 0 | | | | 9 |
| | | | | | 0 | | | | | | 2 | 5 | | 4 |
| | | | | | E | 4 | | 6 | | | | | 2 | 7 |
| | 8 | B | 2 | | | | | | | | | 1 | 6 | D |
| | 5 | A | 8 | | 9 | | | | | E | B | | | |
| | | 7 | 1 | | | | | | 4 | | 8 | 9 | | B |
| | A | | E | | 1 | | | | | C | 6 | 8 | 5 | |
| | | 2 | | | A | | 5 | | | | | | 3 | |
| 8 | | 5 | | | | | | E | | D | | 6 | | |
| B | | | 5 | | | | 4 | 8 | | | 9 | | | 1 |
| | E | | | 7 | C | 3 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | C | 9 | 2 | 1 | 0 | A | B | 3 | 7 | 5 | 8 | 6 | 4 | E |
| E | 1 | 8 | A | D | B | 4 | 5 | 2 | 0 | C | 6 | 9 | 3 | 7 |
| 3 | B | 0 | 6 | 9 | 7 | 8 | E | D | 2 | 1 | 4 | A | C | 5 |
| 2 | A | 5 | 3 | 4 | C | 6 | 9 | 7 | D | E | B | 8 | 1 | 0 |
| 6 | 4 | 7 | 8 | E | 5 | 1 | C | 0 | 9 | 3 | A | D | 2 | B |
| 7 | 5 | 4 | B | 6 | 8 | 0 | 1 | C | E | A | 2 | 3 | 9 | D |
| C | D | E | 4 | 2 | 1 | 3 | 8 | 9 | 6 | 7 | 5 | B | 0 | A |
| A | 2 | 3 | D | C | 9 | E | 4 | 6 | 1 | B | 0 | 7 | 5 | 8 |
| 8 | 6 | 1 | 0 | 3 | A | B | 7 | 5 | C | 9 | D | 4 | E | 2 |
| 0 | 9 | B | 7 | 5 | E | D | 2 | A | 4 | 8 | 3 | C | 6 | 1 |
| 4 | 7 | A | E | 8 | 6 | 5 | 0 | 1 | 3 | D | C | 2 | B | 9 |
| 1 | 8 | D | 5 | 0 | 2 | C | 3 | B | A | 4 | 9 | E | 7 | 6 |
| B | 3 | C | 9 | 7 | D | 2 | 6 | E | 8 | 0 | 1 | 5 | A | 4 |
| 5 | E | 2 | 1 | A | 3 | 9 | D | 4 | B | 6 | 7 | 0 | 8 | C |
| 9 | 0 | 6 | C | B | 4 | 7 | A | 8 | 5 | 2 | E | 1 | D | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗୁରୁଦିବସର ଅନୁଚିନ୍ତା

ମହାଶୟ,

ଚାଟଶାଳୀର ଅବଧାନେ ହୁଅନ୍ତୁ ବା ନିମ୍ନ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବହୁ କଠିନ ପରିଶ୍ରମ କରି ଅ, ଆ, କ, ଖରୁ ଶିକ୍ଷା ଆରମ୍ଭ କରି ଆମକୁ ମଣିଷ ଭାବେ ଗଢ଼ିତୋଳିବାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଆଜି ଆମ୍ଭମାନଙ୍କ ଭିତରେ ତାଙ୍କରି ହାତଗଢ଼ା ମଣିଷଙ୍କ ମଧ୍ୟରେ ଅଛନ୍ତି ବିଧାୟକ, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, ଡାକ୍ତର, ଇଞ୍ଜିନିୟର, ବିଚାରକ, ଅଧ୍ୟାପକ ପ୍ରମୁଖ। କିନ୍ତୁ ଦୁଃଖର କଥା, ଆମେ ଆଜି ଆମର ପ୍ରଥମ ଗୁରୁଙ୍କୁ ପୂରାପୂରି ଭୁଲିଯାଇଛୁ। ଆମେ ଭୋଗବିଳାସରେ ବୁଡି ରହିଥିବା ବେଳେ ସେମାନେ ଦୁଃଖଦୈନ୍ୟ ମଧ୍ୟରେ କାଳାତିପାତ କରୁଛନ୍ତି। ଗୁରୁମାନେ ଦେବତାଙ୍କ ସହ ସମାନ। ଆମ ଉନ୍ନତିରେ ବେଶି ଗର୍ବିତ ହୁଅନ୍ତି ସେମାନେ। ଆଜି ଯଦି ଏହି ପବିତ୍ର ଗୁରୁଦିବସରେ ଆମେ ଆମ କାର୍ଯ୍ୟରୁ ସମୟ ବାହାର କରି ସେହି ମଣିଷଗଢ଼ା ଶିକ୍ଷକମାନଙ୍କ ପାଖରେ ଛିଡ଼ାହୁଅନ୍ତେ ଓ ତାଙ୍କ ଦୁଃଖ ଦୂର କରିବା ପାଇଁ ଚେଷ୍ଟା କରନ୍ତେ, ତାହାହେଲେ ତାଙ୍କ ଆଶୀର୍ବାଦର ହାତ ଆମର ମୁଣ୍ଡ ଉପରକୁ ଉଠିଆସନ୍ତା ଓ ଆମେ ଆମର କର୍ତ୍ତବ୍ୟ କରିଛେ ବୋଲି ନିଜକୁ ଧନ୍ୟ ମନେକରନ୍ତେ। ଏହି ପରିପ୍ରେକ୍ଷୀରେ ଧରିତ୍ରୀ (୨୫।୮)ରେ ପ୍ରକାଶିତ ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କ 'ଗଧରୁ ମଣିଷ' ଆଲେଖ୍ୟଟି ପ୍ରଣିଧାନଯୋଗ୍ୟ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ,
ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଶ୍ରୀମନ୍ଦିର ମଧ୍ୟକୁ ଅଣହିନ୍ଦୁଙ୍କ ପ୍ରବେଶ

ସୁପ୍ରିମକୋର୍ଟର ଏକ ପ୍ରସ୍ତାବ ଅନୁଯାୟୀ, ପୁରୀ ଶ୍ରୀମନ୍ଦିର ମଧ୍ୟକୁ ସବୁଧର୍ମର ଲୋକଙ୍କ ପ୍ରବେଶ ପ୍ରସଙ୍ଗକୁ ନେଇ ତର୍କବିତର୍କ ଚାଲିଛି। ଯଦି କୋର୍ଟଙ୍କ ଆଦେଶ ଅନୁଯାୟୀ ଏହା କାର୍ଯ୍ୟକାରୀ ହୁଏ, ତେବେ ରଥଯାତ୍ରା-ବାହୁଡାଯାତ୍ରା ପର୍ବର ଆଉ ଆବଶ୍ୟକତା ନାହିଁ। ସ୍ୱାଧୀନତା ପୂର୍ବରୁ ମୋଗଲମାନଙ୍କ ସମୟରେ ଯବନ ଶାସକ ସବୁ ମନ୍ଦିରକୁ ଧୂଳିସାତ୍ କରି ମୂଲ୍ୟବାନ୍ ମୂର୍ତ୍ତି ଓ ଧନରତ୍ନ, ଅଳଙ୍କାର ଲୁଟ୍ କରୁଥିଲେ। ଠାକୁରଙ୍କୁ ବିଧର୍ମୀଙ୍କ କବଳରୁ ରକ୍ଷା କରିବାକୁ ଯାଇ ବିଭିନ୍ନ ସ୍ଥାନରେ ଲୁଚାଇ ରଖୁଥିଲେ ଓ ମନ୍ଦିରର ସୁରକ୍ଷା ପାଇଁ ଜାଗା ଘର ଓ ମଠର ପ୍ରତିଷ୍ଠା ହୋଇଥିଲା। ଏବେ ମଧ୍ୟ ଆତଙ୍କବାଦୀଙ୍କ ଉତ୍ପାତ ଓ ଧମକ କମ୍ ନୁହେଁ। ତେଣୁ ସୁରକ୍ଷା ଓ ଶାସ୍ତ୍ରୀୟ ମତକୁ ଭିତ୍ତିକରି ଅଣହିନ୍ଦୁଙ୍କୁ ମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆ ନ ଯାଉ। ପୁରୀ ଶଙ୍କରାଚାର୍ଯ୍ୟ, ଗଜପତି ଓ ଓଡ଼ିଶାର ବିଦ୍ୱାନ୍ ନାଗରିକଙ୍କ ମତଗୁଡ଼ିକର ସମୀକ୍ଷା କରାଯାଉ।

ଡା. ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଛାତ୍ରୀଛାତ୍ର ପରିବହନରେ ଛୋଟଗାଡ଼ି ମନା

କେନ୍ଦ୍ରାପଡ଼ା ଅଫିସ, ୪।୯: ଛୋଟ ଗାଡିରେ ଛାତ୍ରୀଛାତ୍ରଙ୍କୁ ପରିବହନ କରା ଯାଇପାରିବ ନାହିଁ। ନିର୍ଦ୍ଧାରିତ ପରିବହନ ଗାଡିରେ ସିଟ ସଂଖ୍ୟାଠାରୁ ଅଧିକ ଛାତ୍ରୀଛାତ୍ରଙ୍କୁ ପରିବହନ ହେବ ନାହିଁ। ଏଥିସହିତ ବିଦ୍ୟାଳୟରେ ପରିବହନ ପାଇଁ ନିଯୁକ୍ତ ଗାଡିର ଫିଟନେସ, ଇନସ୍ୟୁରାନ୍ସ ଡ୍ରାଇଭିଂ ଲାଇସେନ୍ସକୁ କଡ଼ାକଡ଼ି କରାଯିବ। ଏଥିରେ କୌଣସି ବିଦ୍ୟାଳୟ କର୍ତ୍ତୃପକ୍ଷ ଖିଲାପ କରିବା ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ହେବ। ଏହିପରି ଚିଠି ମଙ୍ଗଳବାର ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟେକ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ନିକଟକୁ ପଠାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ଏ ନେଇ ଥିବା ସୁପ୍ରିମକୋର୍ଟଙ୍କ ଗାଇଡ୍ ଲାଇନକୁ କାର୍ଯ୍ୟକାରୀ କରିବା ପାଇଁ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ବୈଠକ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ପରିବହନ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି।

### ଗଣେଶ ପୂଜା ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡା ଅଫିସ୍, ୪।୯: କେନ୍ଦ୍ରାପଡ଼ା ସହରରେ ଗଣେଶ ପୂଜୋତ୍ସବ ଉପଲକ୍ଷେ ପ୍ରଶାସନ ଓ ମେଢ଼ ସମନ୍ୱୟ କମିଟି ପକ୍ଷରୁ ଟାଉନ ହଲ ପରିସରରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ନୀତି ଶେଖର, ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ଡିଏସ୍‌ପି ରଞ୍ଜନ କୁମାର ଦେ, ଟାଉନ ଓ ସଦର ଥାନା ଅଧିକାରୀ, ଭାବଗ୍ରାହୀ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ସହର ମଧ୍ୟରେ ରାସ୍ତା ମରାମତି, ଆଲୋକ ସଜ୍ଜା, ପାନୀୟ ଜଳ ଓ ଆଇନ ଶୃଙ୍ଖଳା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ପୂଜୋତ୍ସବ ଓ ଭସାଣି ଯାତ୍ରା ସମ୍ପର୍କରେ ନୀତି ନିର୍ଦ୍ଧାରଣ କରାଯାଇଥିଲା। ଆଲୋଚନା ଅନୁଯାୟୀ, ଆସନ୍ତା ୧୩ ତାରିଖ ଗଣେଶ ଚତୁର୍ଥୀଠାରୁ ଶ୍ରୀ ଗଣେଶ ମୃଣ୍ମୟ ମୂର୍ତ୍ତି ଆସ୍ଥାନରେ ଷୋଡ଼ଶ ଉପଚାରରେ ପୂଜା ପାଇବେ। ୧୭ ତାରିଖରେ ଆସ୍ଥାନ ବିସର୍ଜନ ହେବ। ୧୮ ତାରିଖ ପ୍ରାତଃରୁ ନଗର ପରିକ୍ରମା ସହ ସହରର ପୁରୁଣା ବସଷ୍ଟାଣ୍ଡଠାରେ ସମୂହ ଭୋଗ ଲାଗି ପରେ ବିସର୍ଜନ ଘାଟକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ବୈଠକରେ ଯୋଗ ଦେଇଥିବା ସମସ୍ତ ପୂଜା କମିଟି କର୍ମକର୍ତ୍ତା ନିଜ ଅଞ୍ଚଳରେ ରହିଥିବା ସମସ୍ୟା ସବୁ ଏଠାରେ ଉପସ୍ଥାପନ କରିଥିଲେ।

■ ଅଲଟ୍ରାସାଉଣ୍ଡ ରିପୋର୍ଟ ଭୁଲ୍

# ଡାକ୍ତରଙ୍କ ବିରୋଧରେ ସିଡିଏମ୍‌ଓଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ୍, ୪।୯

କେନ୍ଦ୍ରାପଡ଼ା ଜିଲାରେ ଚାଲିଥିବା ବେଆଇନ ପାଥୋଲୋଜି ସେଣ୍ଟର ପାଇଁ ବହୁ ଧନଜୀବନ ନଷ୍ଟ ହେଉଛି। ପାଥୋଲୋଜିରେ ଠିକ୍ ତନଖି କରାଯାଉ ନଥିବା ବେଳେ ଡାକ୍ତରମାନେ ମନଇଚ୍ଛା ରିପୋର୍ଟ ଦେଉଛନ୍ତି। ପୂର୍ବରୁ ଏଭଳି ଏକାଧିକ ଅଭିଯୋଗ ହୋଇଥିବା ବେଳେ ଗତ ରବିବାର ଆଉ ଏକ ଘଟଣା ନଜରକୁ ଆସିଛି। ସହରର ମେଡିକାଲ ଛକସ୍ଥିତ ଲାଇଫଲାଇନ ଡାଏଗ୍ନୋଷ୍ଟିକ ସେଣ୍ଟରରୁ ଅଲଟ୍ରାସାଉଣ୍ଡ ରିପୋର୍ଟ ଭୁଲ ମିଳିଥିବା ନେଇ ଜିଲାପାଳ ଓ ସିଡିଏମ୍‌ଓଙ୍କୁ ଜଣେ ରୋଗୀ ଅଭିଯୋଗ କରିଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ବ୍ଲକ ବାରୋ ପଞ୍ଚାୟତ ଘିଘିଡିଆ ଗ୍ରାମର ହେମନ୍ତ କୁମାର ଦାସ। ଅଭିଯୋଗ ଅନୁସାରେ, ୨୦୧୫ ଅକ୍ଟୋବର୨୯ ତାରିଖରେ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କ ସାନଭାଇଙ୍କୁ ଗୋଟିଏ କିଡ୍‌ନୀ ଦାନ କରିଛନ୍ତି। ଗତ ୩ ଦିନ ପୂର୍ବେ ତାଙ୍କ ଦେହ ଖରାପ ହେବାରୁ ସେ ଡାକ୍ତରଙ୍କ ପରାମର୍ଶକ୍ରମେ ଲାଇଫଲାଇନ ଡାଏଗ୍ନୋଷ୍ଟିକ ସେଣ୍ଟରରେ ଅଲଟ୍ରାସାଉଣ୍ଡ କରାଇଥିଲେ। ମାତ୍ର ଏହି ରିପୋର୍ଟରେ ତାଙ୍କର ୨ଟି ଯାକ କିଡ୍‌ନୀ ସୁସ୍ଥସବଳ ଥିବା ଜନୈକ ଡାକ୍ତର ଉଲ୍ଲେଖ କରିଛନ୍ତି। ଉକ୍ତ ରିପୋର୍ଟକୁ ଭୁଲ୍ ଦର୍ଶାଇ ହେମନ୍ତ ଜିଲାପାଳ ଓ ସିଡିପିଓଙ୍କୁ ଅଭିଯୋଗ କରିବା ସହ ଜିଲାର ସମସ୍ତ ପାଥୋଲ୍ୟାବ୍‌ର ତନଖି କରାଯିବା ଆବଶ୍ୟକ ବୋଲି କହିଛନ୍ତି।

ସୂଚନାଥାଉ କି, କିଛିବର୍ଷ ପୂର୍ବେ ରାଜନଗରସ୍ଥିତ ଏକ ଡାଏଗ୍ନୋଷ୍ଟିକ ସେଣ୍ଟରର ଡାକ୍ତର ଖାସମୁଣ୍ଡା ଗ୍ରାମର ବଳରାମ ପଣ୍ଡାଙ୍କୁ ଏଚ୍‌ଆଇଭି ଆକ୍ରାନ୍ତ ପ୍ରମାଣ ପତ୍ର ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଭୁଲ୍ ବୋଲି ପ୍ରମାଣିତ ହୋଇଥିଲା।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପକ୍ଷରୁ ଚାରାରୋପଣ

ଡେରାବିଶ, ୪।୯(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ଦୁମୁକା, ନରୁଆ, ଦିଆପଡ଼ା ଗ୍ରାମର ୧୪୧ ହେକ୍ଟର ଜମିରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ପକ୍ଷରୁ ମଙ୍ଗଳବାରଠାରୁ ଚାରାରୋପଣ ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ ଏହାର ଶୁଭାରମ୍ଭ କରିଛନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଏଥିପାଇଁ ୩ଲକ୍ଷ ୫୨ ହଜାର ୨୦୬ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ପ୍ରଥମ ଦିନରେ ୫୧୯ଟି ଆମ୍ରପଲ୍ଲୀ ଜାତୀୟ ଆମ୍ବଚାରା ରୋପଣ କରାଯାଇଛି। ଦୁମୁକାଠାରେ ୬୪ ହେକ୍ଟର ପତିତ ଜମିରେ ୨୬୪ଟି ଆମ୍ବ ଚାରା ରୋପଣ କରାଯାଇଛି। ସେହିପରି ଏହି ପଞ୍ଚାୟତ ଅଧୀନ ନରୁଆ ଗ୍ରାମରେ ୪୩ ହେକ୍ଟର ପତିତ ଜମିରେ ୧୪୧ ଓ ଦିଆପଡ଼ା ଗ୍ରାମରେ ୩୪ ହେକ୍ଟର ଜମିରେ ୧୧୪ ଆମ୍ବଚାରା ରୋପଣ କରାଯାଇଛି। ଏଥିରେ ଜିଲା ଉଦ୍ୟାନ କୃଷି ବିଭାଗର ସହଭାଗିତା ରହିଥିବା ଜଣାଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରଭାତୀ ରାଉତଙ୍କ ତତ୍ତ୍ୱାବଧାନରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ମଧୁସୂଦନ ଦଳାଇ, ସରୋଜକାନ୍ତ ସାହୁ, ବିଡିଓ ଗୋପବନ୍ଧୁ ଭୋସାଗର, ତହସିଲଦାର କାହ୍ନୁଚରଣ ଲେଙ୍କା, ବିଜୟ କୁମାର ସେଠୀ, ବ୍ଲକ ଉଦ୍ୟାନ ଅଧିକାରୀ ଜ୍ୟୋତିର୍ମୟୀ ସାହୁ, ବ୍ଲକ ଜୀବିକା ମିଶନ ସଂଯୋଜିକା ରତ୍ନମଞ୍ଜରୀ ବାରିକ, ଉଦ୍ୟାନବିତ୍ କେଦାରନାଥ ବାରିକ, ତ୍ରିଲୋଚନ ରାଉତ, ମନୋରଞ୍ଜନ ଉପାଧ୍ୟାୟ, ରାଜକିଶୋର ମଲ୍ଲ, ସମବାୟବିତ୍ ସରୋଜକାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।



ଦୁମୁକାଠାରେ ଜିଲାପାଳ ଦାଶରଥି ଶତପଥୀ ବୃକ୍ଷରୋପଣ କରୁଛନ୍ତି।

## ପୂର୍ବତନ ଏନ୍‌ସିସି କ୍ୟାଡେଟଙ୍କ ପକ୍ଷରୁ ବୃକ୍ଷରୋପଣ

କେନ୍ଦ୍ରାପଡା ଅଫିସ, ୪।୯

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଏନସିସି ଛାତ୍ରଙ୍କ ଦ୍ୱାରା ଗଠିତ ମାଇଁ ଏସିସି ପକ୍ଷରୁ ମହାବିଦ୍ୟାଳୟ ପରିସରରେ ରବିବାର ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିନ୍ଦୁମିତ୍ର ବଳ, ପ୍ରାଧାପକ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ତ୍ରିଲୋଚନ ପ୍ରଧାନ, ଗୌରପ୍ରସାଦ ଷଡ଼ଙ୍ଗୀ, ରଣଜିତ କୁମାର ଦାଶ, ଅଶୋକ କୁମାର ଦାସ, ସୀମା ମହାନ୍ତି ଓ ମନୋରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ଏନସିସିର ଆଭିମୁଖ୍ୟ ଓ ପରିବେଶ ସମ୍ପର୍କରେ ଅତିଥିମାନେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ପୂର୍ବତନ ଏନ୍‌ସିସି କ୍ୟାଡେଟ ଯୋଗ ଦେଇଥିଲେ।

## ଜଣେ ଡେଙ୍ଗୁରୋଗୀ ଚିହ୍ନଟ

ରାଜନଗର, ୪।୯(ଡି.ଏନ୍.ଏ.)

ରାଜନଗରରେ ମଙ୍ଗଳବାର ଜଣେ ଡେଙ୍ଗୁରୋଗୀଙ୍କୁ ଚିହ୍ନଟ କରାଯାଇଛି। ସେ ହେଲେ ରାଜନଗର ଗାଁର ଜତିକୃଷ୍ଣ ମିଶ୍ର। ସେ ପ୍ରାୟ ୫ ଦିନ ହେବ ଜ୍ୱରରେ ପୀଡିତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ମଙ୍ଗଳବାର ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେଠାରେ ରକ୍ତନମୁନା ପରୀକ୍ଷା ହେବା ପରେ ଡେଙ୍ଗୁ ହୋଇଥିବା ଜଣାପଡିଛି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ଜଣେ ରୋଗୀଙ୍କୁ ମଧ୍ୟ ଡେଙ୍ଗୁ ସନ୍ଦେହରେ ପରୀକ୍ଷା ପାଇଁ କଟକ ପଠାଯାଇଛି।

## ସାମାଜିକ କର୍ମୀଙ୍କ ବଦାନ୍ୟତା

ଡେରାବିଶ, ୪।୯ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅଧୀନ ନୂଆପଡ଼ା ଗ୍ରାମର ପ୍ରଦୀପ୍ତ ରାଉତ ପରିବାର ସହ ଏକ ଭଙ୍ଗାଘରେ ରହୁଥିବା ବେଳେ ଆବାସ ଯୋଜନାରେ ତାଙ୍କୁ ଘର ଖଣ୍ଡେ ମିଳିନାହିଁ। ତେବେ ସ୍ଥାନୀୟ ଏକ ଟେଣ୍ଟ ହାଉସ୍‌ରୁ ଏକ ପାଲ ଭଡା ସୂତ୍ରରେ ଆଣି ଭଙ୍ଗା କୁଡ଼ିଆ ଉପରେ ପକାଇଛନ୍ତି। ଦୁର୍ଦ୍ଦଶାରେ ଦିନ କାଟୁଥିବା ଏହି ପରିବାରକୁ ସାମାଜିକ କର୍ମୀ ଅଜୟ କୁମାର ରାଉତ ଇତିମଧ୍ୟରେ ଭେଟି ଏକ ପାଲ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସେହିପରି ଦୀର୍ଘଦିନ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ଥିବା ଦାନପୁର ପଞ୍ଚାୟତ ଗହଗା ନରସିଂହପୁର ଗ୍ରାମର ମାଧବଚନ୍ଦ୍ର ସ୍ୱାଇଁଙ୍କୁ ସାମାଜିକ କର୍ମୀ ରାଉତ ସହଯୋଗର ହାତ ବଢ଼ାଇଛନ୍ତି। ଏଥିସହ କିଡନୀ ରୋଗରେ ପୀଡ଼ିତ ହରିଅଙ୍କ ଗ୍ରାମର ତରଣୀସେନ ଦାସ (୪୬)ଙ୍କୁ ସାମାଜିକ କର୍ମୀ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଜାତୀୟ ନାଟ୍ୟ ବିଭୂଷଣ ସମ୍ମାନ ପାଇବେ ନଳିନୀ ନିହାର ନାୟକ

ଆଲି, ୪।୯ (ଡି.ଏନ୍.ଏ.)

ଜାତୀୟ ନାଟ୍ୟ ବିଭୂଷଣ ସମ୍ମାନରେ ସମ୍ମାନିତ ହେବେ ଆଲି ବ୍ଲକ ଅରେହିକଣା ପଞ୍ଚାୟତ ଗଭାଡିଆ ଗ୍ରାମର ନାଟ୍ୟକାର ନଳିନୀ ନିହାର ନାୟକ। କଟକସ୍ଥିତ ସାରଳା ଭବନ ପରିସରରେ ଉତ୍କଳ ଯୁବ ସାଂସ୍କୃତିକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିୟାଡ, ସର୍ବଭାରତୀୟ ନାଟକ, ନୃତ୍ୟ ଓ ସଂଗୀତ ତଥା ଅନ୍ତର୍ଜାତୀୟ ନାଟକ ମହୋତ୍ସବରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଜଣାପଡିଛି। ଅଞ୍ଜଳି ନାୟକ ଓ କ୍ୟାପଟେନ ବିଜୟ ନାୟକଙ୍କ ସୁପୁତ୍ର ନଳିନୀ ସ୍କୁଲରୁ ଏକକ ଅଭିନୟ ଆରମ୍ଭ କରି ଜଣେ ସର୍ବଶ୍ରେଷ୍ଠ ଯୁବ ନାଟ୍ୟକାରେ ପରିଣତ ହୋଇଥିଲେ। ନଳିନୀ ଇତିମଧ୍ୟରେ ୫୦ରୁ ଉର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କଳାସଂସ୍ଥା ପକ୍ଷରୁ ସମ୍ମାନିତ ହୋଇସାରିଛନ୍ତି। ସେ ଦେଶର ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ଭାବେ ଭାରତ ସରକାରଙ୍କ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ପକ୍ଷରୁ ଓସ୍ତାଦ ବିସମିଲା ଖାଁ ଯୁବ ପୁରସ୍କାର ନାଟ୍ୟ ନିର୍ଦ୍ଦେଶନା କ୍ଷେତ୍ରରେ କେନ୍ଦ୍ର ଯୁବ ନିର୍ଦ୍ଦେଶକ ପୁରସ୍କାର-୨୦୧୨ ସମ୍ମାନ ହାସଲ କରିଥିଲେ। ତେବେ ନାଟ୍ୟ ନିର୍ଦ୍ଦେଶନା କ୍ଷେତ୍ରରେ ଏହି ପୁରସ୍କାର ପାଇବାରେ ସେ ହେଉଛନ୍ତି ଓଡିଶାର ସର୍ବପ୍ରଥମ ଯୁବ ନାଟ୍ୟ ନିର୍ଦ୍ଦେଶକ। ସେ ଏବେ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ଅଧିକାରୀ ଭାବେ କାର୍ଯ୍ୟରତ।

ସୂଚନାଯୋଗ୍ୟ, ନଳିନୀ ପୂର୍ବରୁ ଚିନ୍ତାଚେତନା ରାଷ୍ଟ୍ରୀୟ ସମ୍ମାନ-୨୦୧୪, ଆମେ ସମ୍ମାନ-୨୦୧୫, ନାଟ୍ୟ ଗୌରବ ସମ୍ମାନ-୨୦୧୬, ବାଣିଚିତ୍ର ସିନେ ଆୱାର୍ଡ-୨୦୧୭ ଓ ମାଷ୍ଟର ଅଫ୍ ଓଡ଼ିଶା ସମ୍ମାନ-୨୦୧୭ ପାଇଛନ୍ତି। ନଳିନୀ ନିହାରଙ୍କ ଏହି ସଫଳତା ଆଲି ସମେତ ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବର ବିଷୟ ପାଲଟିଛି। ସେ ଅନେକ ଧାରାବାହିକ ଓ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି।



ନାଟ୍ୟକାର ନଳିନୀ ନିହାର ନାୟକ।

## ଗୋଚର ଜମିରେ ଗୃହ ନିର୍ମାଣକୁ ବିରୋଧ

କେନ୍ଦ୍ରାପଡା ଅଫିସ, ୪।୯

କେନ୍ଦ୍ରାପଡା ବ୍ଲକ କପାଳେଶ୍ୱର ଗ୍ରାମସ୍ଥିତ ଏକ ଗୋଚର ଜମିରେ ସରକାରୀ କ୍ୱାର୍ଟର ନିର୍ମାଣ କାର୍ଯ୍ୟ ଚାଲିଛି। ଏହାକୁ ବିରୋଧ କରିବା ସହ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଗ୍ରାମର ଶରତ ଚନ୍ଦ୍ର ବରାଳ କୁହନ୍ତି ଯେ, ଏହି ଜମିରେ ଗୋଚାରଣ ସହ ଗ୍ରାମର ବିଭିନ୍ନ ଉତ୍ସବ, ନିକଟସ୍ଥ ବିଦ୍ୟାଳୟର ଉତ୍ସବ ଆୟୋଜନ କରାଯାଉଥିବା ବେଳେ ଖେଳ ପଡିଆ ଭାବେ ବ୍ୟବହୃତ ହୋଇଆସୁଛି। ଏଥିସହିତ ଏହି ଜମିର ଉତ୍ତର ଦିଗରେ ଥିବା ଏକ ରାସ୍ତା ଦେଇ ଦୁଇଟି ଗ୍ରାମର ଲୋକମାନେ ନଦୀର ଗାଧୁଆ ତୁଠକୁ ଯାତାୟତ କରିଥାନ୍ତି। ଜନସାଧାରଣଙ୍କ ସମୂହ ସ୍ୱାର୍ଥରେ ଲାଗୁଥିବା ଏହି ସ୍ଥାନରେ ସରକାରୀ ଗୃହ ନିର୍ମାଣ ନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ହରିହର ନାୟକ, ରମେଶ ଚନ୍ଦ୍ର ଲେଙ୍କା, ସନ୍ତୋଷ ବେହେରା, ରାଜକିଶୋର ନାୟକ, ଅକ୍ଷୟ କୁମାର ସେନାପତି, ହିମାଂଶୁ ଭୂଷଣ ଦାସ, ନାରାୟଣ ସାହୁ, ପ୍ରଦୀପ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

# ବ୍ଲକରେ ଫାଟୁଆ ରୋଗ ନିୟନ୍ତ୍ରଣ ବାହାରେ

■ ମାସେ ପୂର୍ବରୁ ଦିଆଯାଇଥିଲା ପ୍ରତିଷେଧକ ଟିକା
■ ଦେଶୀ ଚିକିତ୍ସା ଉପରେ ନିର୍ଭର କରୁଛନ୍ତି ଲୋକେ
■ ବିଭାଗ ପକ୍ଷରୁ ନିଆଯାଉନାହିଁ ପଦକ୍ଷେପ

ପାଟକୁରା,୪।୯(ଡି.ଏନ୍.ଏ.)

ଗରଦପୁର ବ୍ଲକ ଅନ୍ତର୍ଗତ ବେଡାରି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ କିଛି ଦିନ ହେବ ଗୋରୁମାନଙ୍କୁ ଫାଟୁଆ ରୋଗ ବ୍ୟାପିବାରେ ଲାଗିଛି। ରୋଗରେ ଆକ୍ରାନ୍ତ ହୋଇ କେତେକ ଗର୍ଭବତୀ ଗୋରୁଙ୍କ ଗର୍ଭ ନଷ୍ଟ ହୋଇଥିବା ସୂଚନା ମିଳିଛି। ଏହି ରୋଗରେ ଆକ୍ରାନ୍ତ ହୋଇ ବେଡାରୀ ଗ୍ରାମର ଅର୍ଜୁନ ଦାସ ଓ ନୂଆପଡା ଗ୍ରାମର ଗୋକୁଳ ବେହେରାଙ୍କ ଗୋଟିଏ ଲେଖାଁଏ ଜର୍ସି ଗାଈର ମୃତ୍ୟୁ ଘଟିଛି। ମାତ୍ର ପ୍ରାଣୀଧନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଫଳପ୍ରଦ ହେଉନାହିଁ। ଦିଆଯାଇଥିବା ପ୍ରତିଷେଧକ ଟିକା କାମ ଦେଉନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଲୋକେ ଦେଶୀ ଚିକିତ୍ସା ପଦ୍ଧତି ଆପଣେଇବାକୁ ବାଧ୍ୟ ହେଉଛନ୍ତି। ସୂଚନା ଯୋଗ୍ୟ, ବ୍ଲକର ପରକଣା , ଶ୍ରୀଚନ୍ଦନପୁର, ଦଲୁଆଣି,ହରିଦାସପୁର ଆଦି ଗ୍ରାମରେ ଏହି ରୋଗ ବୃଦ୍ଧି ପାଇବାରେ ଲାଗିଛି। ରୋଗରେ ଆକ୍ରାନ୍ତ ଗୋରୁଙ୍କ ଚିକିତ୍ସା ନିମନ୍ତେ ଏକ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ରୋଗରେ ସଂକ୍ରମିତ ଗୋରୁମାନଙ୍କ ପାଟିରୁ ଲାଳ ବୋହିବା ସହ ଗୋଡ ଖୁରାରେ ଘା' ହୋଇଯାଉଛି । ଆକ୍ରାନ୍ତ ଗୋରୁଗମାନେ ଖାଇବା,ପିଇବା ଛାଡି ଦେଉଛନ୍ତି। କୌଣସି ଉପାୟ ନ ପାଇ କେତେଜଣ ଗୋରୁମାଲିକ ଗୋରୁଙ୍କ ଗୋଡରେ କିରୋସିନ ଲଗାଉଥିବା ବେଳେ , କେତେଜଣ କର୍ପୁର ସହ ନଡିଆ ତେଲ ମିଶାଇ ଲଗାଉଛନ୍ତି। ଆଉ କେତେଜଣ ଗୋରୁମାନଙ୍କୁ କାଦୁଅରେ ଚଳାଉଛନ୍ତି। ମାତ୍ର ଏଥିରେ କୌଣସି ସୁଫଳ ମିଳୁନାହିଁ। ବେଡାରୀ ଗ୍ରାମର ରମେଶ ସାହୁ,ମାନସ ସାହୁ,ଚନ୍ଦ୍ରମଣି ସାହୁ,ଶଙ୍କର ସ୍ୱାଇଁ,ମନୋରଞ୍ଜନ ସ୍ୱାଇଁ,ଅଟଳ ବାରିକ୍,ଉପେନ୍ଦ୍ର ଦାସ, ବିଷ୍ଣୁ ଚରଣ ବେହେରା,ଆଲୋକ ଚନ୍ଦ୍ର ବେହେରାଙ୍କ ଭଳି ବହୁ ଲୋକଙ୍କ ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ଗରଦପୁର ପ୍ରାଣୀଧନ ବିଭାଗ ପକ୍ଷରୁ ଏନେଇ କୌଣସି ତତ୍ପରତା ପ୍ରକାଶ ପାଉନି। ମାସକ ପୂର୍ବରୁ ଗରଦପୁର ପ୍ରାଣୀଧନ ବିଭାଗ ପକ୍ଷରୁ ଫାଟୁଆ ରୋଗରୁ ବର୍ତ୍ତିବା ପାଇଁ ଗୋରୁମାନଙ୍କୁ ପ୍ରତିଷେଧକ ଇଞ୍ଜେକଶନ୍ ଦିଆଯାଇଥିଲା। ଏହାସତ୍ତ୍ୱେ ଗୋରୁମାନେ ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଥିବାରୁ ଇଞ୍ଜେକଶନ୍‌ର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସମ୍ପର୍କରେ ଗରଦପୁର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସଞ୍ଜୟ କୁମାର ବେହେରା କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତୁରନ୍ତ ଫାଟୁଆ ରୋଗ ନିରାକରଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ଶ୍ରୀ ବଦ୍ରିନାରାୟଣ ପାତ୍ର
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ, ଓଡ଼ିଶା

**ବାର୍ତ୍ତା**

ପବିତ୍ର ଗୁରୁଦିବସ-୨୦୧୮ ପାଳନ ଅବସରରେ ରାଜ୍ୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଶିକ୍ଷକମାନେ ସମାଜର ମାର୍ଗଦର୍ଶକ। ଉତ୍ତମ ନୈତିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ କରି ସେମାନେ ସମର୍ପିତ ନାଗରିକ ସୃଷ୍ଟି କରିଥାନ୍ତି। ସରକାରଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀମାନେ ଶିକ୍ଷା ଅଧିକାର ଆଇନର ସଠିକ୍ ରୂପାୟନ ଓ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ କଲେ ରାଜ୍ୟର ଶୈକ୍ଷିକ ପରିମଣ୍ଡଳ ଅଧିକ ସମୃଦ୍ଧ ହୋଇପାରିବ।

ଆସନ୍ତୁ ଗୁରୁ-ଶିଷ୍ୟ ପରମ୍ପରାର ଏହି ମହାନ୍ ଦିବସ ପାଳନ ଅବସରରେ ଆମ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ସହିତ ଶିକ୍ଷାୟତନଗୁଡ଼ିକୁ ଜ୍ଞାନକେନ୍ଦ୍ର ଭାବେ ଗଢ଼ି ତୋଳିବାର ସଂକଳ୍ପ ନେବା।

(ବଦ୍ରିନାରାୟଣ ପାତ୍ର)
୦୪.୯.୧୮

## ଗୁରୁଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା



ଗୁରୁଦିବସ-୨୦୧୮ ଅବସରରେ ରାଜ୍ୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି।

ଶିକ୍ଷା ହିଁ ପ୍ରଗତିର ଚାବିକାଠି ଓ ପରିବର୍ତ୍ତନର ମାଧ୍ୟମ। ତେଣୁ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମରେ ମୁଁ ଆପଣମାନଙ୍କ ସମସ୍ତଙ୍କ ସହଯୋଗ କାମନା କରୁଛି।

( ନବୀନ ପଟ୍ଟନାୟକ )


## ପୂର୍ବ ତଟ ରେଳପଥ

### ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଇ-କ୍ରୟ ପ୍ରଣାଳୀ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCEECoR1819TP06-08 ତା.31.08.2018ରିଖ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ/ଇଂଜିନିୟରିଙ୍ଗ୍, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଦ୍ୱାରା ବିଭିନ୍ନ ପ୍ରକାରର ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ଟେଣ୍ଡର-ସାମଗ୍ରୀ ଏବଂ ସର୍ଭିସ୍ ପୋର୍ଟାଲ ଅଧୀନସ୍ଥ ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ମାଧ୍ୟମରେ ଇ-ବିଡ୍ ଆମନ୍ତ୍ରଣ କରାଯାଉଛି, ଯାହାର ବନ୍ଦ ହେବାର ନିର୍ଦ୍ଧାରିତ ତାରିଖ : ତା.26.09.2018 ରିଖ ଅଟେ। ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଉପରୋକ୍ତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ, ଯେଉଁଥିରେ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ସଂପୂର୍ଣ୍ଣ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ। ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ।

PR-338/J/18-19 | ଉପ ମୁଖ୍ୟ ଯନ୍ତ୍ରୀ/TP, ଭୁବନେଶ୍ୱର












## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୧୦

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି ।

ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ଆକାଉଣ୍ଟ ନଂ. | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ସ୍ୱାଇଁ, ପିତା : ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ଛକ, ଆର.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ - ୭୫୩୦୦୮ / ଆକାଉଣ୍ଟ ନଂ. ୩୦୦୧୭୨୯୯୩୩୮ | ଜାମିନ୍‌ଦାର : ଶ୍ରୀମତୀ ରୀତା ବିଶାଳ, ସ୍ୱାମୀ : ୧ ଗୌର କୃଷ୍ଣ ବିଶାଳ, ଶିବଶ୍ରୀ ହାଉସ୍, ମହାନ୍ତି ପଡା, କାଫଲା, ଚାନ୍ଦିନୀ ଚୌକ, କଟକ - ୭୫୩୦୦୨ / ସମ୍ପତ୍ତିର ମାଲିକ: ଶ୍ରୀ ଅରୁଣ କୁମାର ସ୍ୱାଇଁ | ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: କଟକ ଟାଉନ୍, ଦକ୍ଷିଣ ତୁଳସୀପୁର, ୟୁନିଟ୍ ନଂ.-୮, ତହସିଲ୍ : କଟକ ସଦର, ଥାନା : ବିଡାନାସୀ, ଜିଲ୍ଲା : କଟକ, ଖାତା ନଂ.: ୧୫, ପରିବର୍ତ୍ତିତ ମିୟୁଟେଟେଡ୍ ଖାତା ନଂ.: ୧୭/୮୦, ପ୍ଲଟ ନଂ.: ୩୫୭(ଅଂଶ), ପରିବର୍ତ୍ତିତ ମିୟୁଟେଟେଡ୍ ପ୍ଲଟ ନଂ.: ୩୫୭/୧୪୪୯, କ୍ଷେତ୍ର : ଏକର୦.୦୮୦ଡିସିମିଲି ମଧ୍ୟରୁ ଏକର ୦.୦୫୬ଡିସିମିଲି, କିସମ : ଘରବାଡି, ଚୌହଦୀ : ପୂର୍ବ : ୧୬ଫୁଟ ସମସ୍ତଙ୍କ ରାସ୍ତା, ପଶ୍ଚିମ : ପ୍ଲଟ ନଂ.: ୩୫୬, ଉତ୍ତର : ଏହି ପ୍ଲଟରୁ ବିକ୍ରି ହୋଇଥିବା ଶ୍ରୀ ଲେଙ୍କାଙ୍କ ଜମିର କିଛି ଅଂଶ, ଦକ୍ଷିଣ : ଏହି ପ୍ଲଟରୁ ବିକ୍ରି ହୋଇଥିବା ଶ୍ରୀମତୀ ଦାସଙ୍କ ଜମିର କିଛି ଅଂଶ | ୧୫.୦୨.୨୦୧୮ | ୦୧.୦୯.୨୦୧୮ | ୧୪.୦୨.୨୦୧୮ ସୁଦ୍ଧା ଟ.୧,୧୨,୭୯,୬୭୦/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ସ୍ଥାନ : କଟକ
ତାରିଖ : ୦୪.୦୯.୨୦୧୮

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



## UTKAL UNIVERSITY OF CULTURE

Sanskruti Vihar, Madanpur
Bhubaneswar-752054
Phone: (0674) 2972312, Fax: 2972310
Email; mailboxuuc@gmail.com, Website: uuc.ac.in

No. 2050/UUC Dt.01.09.2018

CAD-792

**WALK-IN-INTERVIEW FOR ENGAGEMENT OF RESEARCH ASSISTANTS FOR BHANJA CHAIR OF THE UNIVERSITY**

A walk-in-interview for engagement of Research Assistants for Bhanja Chair of the University will be held on 18.09.2018 at 11.00AM on the Old Campus of the University located at Sardar Patel Hall Complex, Unit-II, Bhubaneswar-751009. For details, please visit University website uuc.ac.in (Recruitment).

*By Order of Vice-Chancellor*
Sd./-
REGISTRAR

03005/11/0016/1819

## ସଂକ୍ଷେପରେ

### ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ତିର୍ତ୍ତୋଲ,୪।୯(ଡି.ଏନ.ଏ.): ସାମାଜିକ ସଂଗଠନ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ଓ ଗଡେଶ୍ୱର ଯୁବ ପରିଷଦର ମିଳିତ ଆନୁକୂଲ୍ୟରେ ଇଡ୍ରିସିଂ ପଞ୍ଚାୟତ ଖିନ୍ଦୋଳ ଗ୍ରାମରେ ପରିବେଶ ସୁରକ୍ଷା ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗଡେଶ୍ୱର ଯୁବ ପରିଷଦ ସଭାପତି ସଂଗ୍ରାମ କେଶରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗ୍ରାମ ପୋଖରୀ ପାର୍ଶ୍ୱରେ ୧୫୦ରୁ ଅଧିକ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଏଥିରେ ପରିଷଦର ସଭ୍ୟ ସୌମ୍ୟକାନ୍ତ ସାହୁ, ବଳରାମ ଦାସ, ଅଭିଷେକ ପଣ୍ଡା, ରବୀନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁ, ବିଭୁପ୍ରସାଦ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସଙ୍କ ତତ୍ତ୍ୱାବଧାନରେ ଅନ୍ୟ ସହଯୋଗୀମାନେ ଜଗନ୍ନାଥପୁର ପଞ୍ଚାୟତ ଖିଡଗପୁରସ୍ଥିତ ଲକ୍ଷ୍ମୀନୃସିଂହ ମଠକୁ ଯାଇ ବିଭିନ୍ନ ପ୍ରକାର ଫୁଲ ଚାରା ମଠର ଭଗବାନ ମଲିକ ଓ ଶ୍ରୀବସ୍ତ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ। ଏଥିସହିତ ପଲିଥିନ ପରିତ୍ୟାଗ କରି ସୂତା ବ୍ୟାଗ ବ୍ୟବହାର କରିବାକୁ ସଚେତନତା ସୃଷ୍ଟି କରାଯାଇଥିଲା।

### ନଳିନୀ ଦେବୀ ବିଦ୍ୟାପୀଠରେ ସ୍ୱଚ୍ଛ ଭାରତ ଅଭିଯାନ

ବାଲିଆ,୪।୯: ବିରିଡି ବ୍ଲକ ଅନ୍ତର୍ଗତ ନଳିନୀ ଦେବୀ ବିଦ୍ୟାପୀଠ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମେ ଛାତ୍ରୀଛାତ୍ର ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସଭାରେ ନିଜେ ସ୍ୱଚ୍ଛ ରହିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ନେଇଥିଲେ। ପରେ ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ବେହେରା, ସହକାରୀ ଶିକ୍ଷକ ହାରୁନ ରସିଦ୍, ଅଜୟଲକ୍ଷ୍ମୀ ଆଚାର୍ଯ୍ୟ, ସକିଲା ଖାତୁନ, ସୁଦାମ ନାୟକ, ଭାରତୀ ମହାନ୍ତି, ଗୋଲେଖ ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ଦାସଙ୍କ ନେତୃତ୍ୱରେ ଗାଁ ପରିକ୍ରମା କରି ପ୍ଲା କାର୍ଡ ଓ ସ୍ଲୋଗାନ ମାଧମରେ ଲୋକଙ୍କୁ ସଚେତନ କରାଇଥିଲେ।

# ବର୍ଷାରେ ବାଲିକୁଦା-ଅଢ଼ଙ୍ଗା ରାସ୍ତା ବେହାଲ

ବାଲିକୁଦା,୪।୯(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ବହୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏବେ ବର୍ଷା ହେବା ଫଳରେ ଅବସ୍ଥା ଆହୁରି ଜଟିଳ ହୋଇପଡିଛି ଓ ଯାତାୟାତରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ଦିନକୁ ଦିନ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି, ଯାହାର ଉଦାହରଣ ହେଉଛି ବାଲିକୁଦା ମୁଖ୍ୟ ବଜାରଠାରୁ ଅଢଙ୍ଗା ଦେଇ ଯାଇଥିବା ରାସ୍ତା। ଏହି ରାସ୍ତା ୨ ବର୍ଷ ହେବ ଶୋଚନୀୟ ହୋଇପଡିଛି। ବାଲିକୁଦା ମୁଖ୍ୟ ବଜାର ହାଟଗଡାଠାରୁ ୨କି.ମି ମଙ୍ଗରାଜପୁର, ଜଗନ୍ନାଥପୁର ପର୍ଯ୍ୟନ୍ତ ଉକ୍ତ ରାସ୍ତାରୁ ଗତ ୨ ବର୍ଷ ହେଲା ପିଚୁ ଓ ମେଟାଲ ଉଠି ଖାଲଖମା ସୃଷ୍ଟି ହୋଇଛି। ୨ ବର୍ଷ ତଳେ ଉକ୍ତ ରାସ୍ତା କାମ ପାଇଁ ୫୯ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ରାସ୍ତା କଡରେ କିଛି ମେଟାଲ ପକାଇ ଛୁ ମାରିଲେ। ଏଥିପାଇଁ ବିଭାଗ ପକ୍ଷରୁ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଏବେ ଉକ୍ତ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ପାଣି ଜମୁଛି। ଏହି ରାସ୍ତା ଦେଇ ଦୈନିକ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକେ ମାଛଗାଁ, ଅଢଙ୍ଗା, କାଳିଓ, ଆମ୍ବଶାଳ, ଖାଲଗାଁ, ତରାସାହି, ତିରୁଣା, କୋରୁଅ, ଡାବର ଆଦି ସ୍ଥାନକୁ ଯାତାୟାତ କରୁଛନ୍ତି। ନାଉଗାଁ ବ୍ଲକର ଲୋକମାନେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ହେଡ୍‌କ୍ୱାର୍ଟର, ବିଦ୍ୟୁତ୍ କାର୍ଯ୍ୟାଳୟ, ଛାତ୍ରୀଛାତ୍ରମାନେ ସ୍କୁଲ୍ ଓ କଲେଜକୁ ଯାତାୟାତ କରିଥାନ୍ତି। ଏଥିପାଇଁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଲୋକପ୍ରତିନିଧିମାନେ ବାଲିକୁଦା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଓ ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ୧୫ ଦିନ ତଳେ ଏଥିପାଇଁ ପଞ୍ଚାୟତ ସମିତି ବୈଠକ ପରେ ବାଲିକୁଦା ସରପଞ୍ଚଙ୍କ ପ୍ରତିନିଧି ରାଜ କିଶୋର ସାହୁ ସହକାରୀ ଯନ୍ତ୍ରୀଙ୍କୁ ଅଟକାଇ ହାଙ୍ଗାମା କରିଥିଲେ। ସେ ସମୟରେ ଯନ୍ତ୍ରୀ ନିର୍ବାହୀ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ତାହା ସମ୍ଭବ ହୋଇପାରିଲା ନାହିଁ। ଏବେ ବର୍ଷା ଯୋଗୁ ରାସ୍ତା ଅବସ୍ଥା ବେହାଲ ହୋଇଯାଇଛି। ଏ ସମ୍ପର୍କରେ ଏମପିଙ୍କ ପ୍ରତିନିଧି କମଳାକାନ୍ତ ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଜଣାଇଛନ୍ତି।



ବାଲିକୁଦା ମଙ୍ଗରାଜପୁର ରାସ୍ତା।

■ପଞ୍ଚାୟତ ସମିତିରେ ହଙ୍ଗାମା, ତଥାପି ଅଧିକାରୀ ନୀରବ

■ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଏମ୍‌ପିଙ୍କ ପ୍ରତିନିଧି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘା ଯାଏ ଦାଗ ଥାଏ**
**ଲୋକ ଯାଏ କଥା ଥାଏ ।**

ଘା'ର କ୍ଷତ ସମୟକ୍ରମେ ଶୁଖିଗଲେ ମଧ୍ୟ ତା'ର ଦାଗ ଶରୀରରେ ରହିଯିବା ଭଳି ଲାଞ୍ଛନା ବା ଅପମାନର ସ୍ମୃତି ମନରୁ ସହଜରେ ଲିଭିପାରି ନ ଥାଏ। ସେହିପରି ମଣିଷ ମରି ହଜି ଗଲେ ମଧ୍ୟ ତା'ର ସୁଗୁଣ ତଥା ସୁକର୍ମ ସଂସାରରେ ତାକୁ ଚିରଜୀବିତ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନାହିଁ ଖଡ଼ା, ବାହାରେ ଆଖଡ଼ା ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହେବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିକି ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅଯଥା ବାହାଦୁରି ଦେଖେଇ ହେଉଥିବା ଜଣାଯାଇଥାଏ। ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ଏପରି ଆଡମ୍ବର ଶୋଭାପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ



ଶିବିରରେ ଯୋଗଦେଇଥିବା ଭିନ୍ନକ୍ଷମ ଓ ସେମାନଙ୍କ ଅଭିଭାବକ।

ତିର୍ତ୍ତୋଲ,୪।୯(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ଏମପି ଡା.କୁଳମଣି ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ୨୫୩ ଜଣ ଭିନ୍ନକ୍ଷମ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୪୪ ଜଣ ଚକ୍ଷୁ, ୧୨୫ଜଣ ଅର୍ଥୋପେଡିକ, ୬ଜଣ ଥାଲାସେମିଆ, ୪୧ଜଣ ମାନସିକ ଅନଗ୍ରସର, ୩୭ଜଣ ଇଏନଟି ପାଇଁ ପରୀକ୍ଷା କରାଇଥିଲେ। ଜିଲା ଡିଏସଏସଓ ଅବଦୁଲ ୱାହବ ଖାଁ, ଏସଏସପିଡିର ଡିଏସଏସଓ ସନ୍ୟାସୀ ବେହେରା, ଡିପିଓ ସ୍ମିତା ମହାପାତ୍ର, ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉମାକାନ୍ତ ସାହୁ, ଅମିତାଭ ସାସମଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରଞ୍ଜନ କୁମାର ପରିଡା, ଏବିଡିଓ ଭଞ୍ଜ କିଶୋର ନାୟକ, ଏସଇଓ ବିଜୟ ପାତ୍ର, ଏପିଓ ସୌମ୍ୟକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳି ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ବ୍ଲକ ଯୁବ ବିଜେଡି ସଭାପତି ଶେଖ ମାଜୁଦ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏହାର ସୁବିଧା ହାସଲ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ।

### ସତ୍ୟସାଇ ସେବା ସଂଗଠନର ରକ୍ତଦାନ ଶିବିର

ତିର୍ତ୍ତୋଲ, ୪।୯(ଡି.ଏନ.ଏ.)

ତିର୍ତ୍ତୋଲ ସତ୍ୟସାଇ ମନ୍ଦିର ପରିସରରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କଟକ ରେଡକ୍ରସ ଏବଂ ସତ୍ୟସାଇ ସେବା ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୫୦ ଜଣ ରକ୍ତଦାନ କରିଥିଲେ। ଅଦ୍ୟାବଧି ୨୦ଥର ରକ୍ତଦାନ କରିଥିବା ଯୋଗଗୁରୁ ସ୍ମୃତିରଞ୍ଜନ ରାୟ ଓ ୭ଥର ରକ୍ତଦାନ କରିଥିବା ଚିତ୍ରଶିଳ୍ପୀ ମନୋଜ ସାହୁ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଡା. କନକଲତା ଦେଇଙ୍କ ତତ୍ତ୍ୱାବଧାନରେ ରଞ୍ଜନ ଦାସ, ପ୍ରକାଶ ଜେନା, ଅବିନାଶ ଦାଶ, ପ୍ରଶାନ୍ତ ବାରିକ, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ସଙ୍ଗଠନ ଜିଲା ସଭାପତି ବିପିନ ବିହାରୀ ପାଣିଗ୍ରାହୀଙ୍କ ସମେତ ନିତ୍ୟାନନ୍ଦ ଜେନା, କାହ୍ନୁ ଚରଣ ସାହୁ, ଗଗନ ବିହାରୀ ଦାସ, ଅଧ୍ୟାପକ ସଦାଶିବ ସାହୁ, ସନ୍ତୋଷ ମହାପାତ୍ର ପରିଚାଳନା କରିଥିଲେ।

# ଯାଦବ ସଂଘ ପକ୍ଷରୁ ନନ୍ଦ ଉତ୍ସବ ପାଳିତ

କୁଜଙ୍ଗ,୪।୯(ସ୍ୱ.ପ୍ର)

କୁଜଙ୍ଗ ରାଧାମାଧବ ଯାଦବ ସଂଘ ପକ୍ଷରୁ ମଙ୍ଗଳବାର ତ୍ରୟୋଦଶତମ ବାର୍ଷିକ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ସଙ୍ଘର ସଭାପତି ରାଜେନ୍ଦ୍ର ନାରାୟଣ ରାଜଗୁରୁଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଦବ ସମ୍ପ୍ରଦାୟର ବିଶିଷ୍ଟ ନେତା ତଥା ସ୍ଥାନୀୟ ଓକିଲ ସଙ୍ଘ ସଭାପତି ଏଏନଡି ଯାଦବ ମୁଖ୍ୟ ଅତିଥି ଏବଂ ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଞ୍ଚଳରେ ଯାଦବ ସମ୍ପ୍ରଦାୟର ପାରମ୍ପରିକ ନନ୍ଦ ଉତ୍ସବ ପାଳନକୁ ପ୍ରଶଂସା କରିଥିଲେ। ଏଥିସହ ସଂଘ ପାଇଁ ବଜାରରେ ଏକ ଗୃହ ପ୍ରଦାନ କରିବାକୁ ପ୍ରଶାସନକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଯାଦବ ନେତାମାନେ ରାଜ୍ୟ ସରକାର ଗୋ ସମ୍ପଦ ବୃଦ୍ଧି ପାଇଁ ଆହ୍ୱାନ ଦେଇଥିଲେ। ସଙ୍ଘର ଉପସଭାପତି ଉମେଶ ସେନାପତି, ସମ୍ପାଦକ ଟିକନ ଗୁରୁ, କୋଷାଧ୍ୟକ୍ଷ ବିମଳ ନାୟକ, ରମେଶ ସେନାପତି, ଅମର ମହାପାତ୍ର,ଆଲୋକ ଗୁରୁ, ଅଜୟ ନାୟକ, ମହନୀ ଦାସ, ଅଭି ଦାସ, ସନ୍ତୋଷ ଦାସ, ରାଜୀବ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମେଲୋଡ଼ି ପରିବେଷଣ କରାଯାଇଥିଲା। ଯାଦବ ସମ୍ପ୍ରଦାୟ ପକ୍ଷରୁ ଶତାଧିକ ଲୋକ ଏକ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ନନ୍ଦ, ଯଶୋଦା, ଶ୍ରୀକୃଷ୍ଣ, ରାଧିକା ଆଦି ପାରମ୍ପରିକ ବେଶରେ କଳାକାରମାନେ ଜଗନ୍ନାଥପୁର,କୋଠି ଆସାହି,ବଳରାମପୁର, ସମେତ କୁଜଙ୍ଗ ବଜାର ପରିକ୍ରମା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା କାଠି ଲଉଡ଼ି ଦଳ ପକ୍ଷରୁ ଲଉଡ଼ି ପରିବେଷଣ କରାଯାଇଥିଲା।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar 8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
GNM ANM OT. Tech DMLT ICU X-RAY
ଯୋଗ୍ୟତା ୧୦ମ, +୨ ପାସ୍ ବା ତଦୂର୍ଦ୍ଧ
HOSTEL HOSPITAL PRATICAL PLACEMENT FACILITY AVAILABLE
KIMS, KHANDAGIRI, BBSR
7894487511

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GRAMIN FINANCE 1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର
Only Bank Fees
ଋଣ ପାସ୍ ହେଲା ପରେ
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts:
18001007280

9911436726, 9540938429



କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 40,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ।
CALL NOW: 08570958738 08570958378

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ 9874247647
Plot No: 86, Sarkar Street, Kolkata

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

SMS JOB Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



୨୦୧୯ ସାଧାରଣ ନିର୍ବାଚନ 'ମଣ୍ଡଳ, ଆମ୍ବେଦକର, ଗାନ୍ଧୀ' ବନାମ 'ଗୋଡ୍‌ସେ, ଗୋଲୱାଲକର'ରେ ପରିଣତ ହେବା।

-ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା

## ସଂକ୍ଷେପରେ

### ମିଗ୍-୨୭ ଦୁର୍ଘଟଣାଗ୍ରସ୍ତ

**ଜୟପୁର ୪।୯(ପି.ଟି.):** ରାଜସ୍ଥାନର ଯୋଧପୁରରେ ମଙ୍ଗଳବାର ଭାରତୀୟ ବାୟୁସେନା (ଆଇଏଏଫ୍)ର ଲଢୁଆ ଯୁଦ୍ଧବିମାନ ମିଗ୍-୨୭ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ପାଇଲଟ ଜଣକ ଅଳ୍ପକେ ରକ୍ଷା ପାଇଛନ୍ତି। ରୁଷିଆ ନିର୍ମିତ ଗୋଟିଏ ସିଟ୍ ବିଶିଷ୍ଟ ମିଗ୍-୨୭କୁ ନେଇ ସକାଳେ ଉକ୍ତ ପାଇଲଟ ଯୋଧପୁର ବାୟୁସେନା ଘାଟିରୁ ରୁଟିନ୍ ଉଡ଼ାଣ ଅଭ୍ୟାସ ଆରମ୍ଭ କରିଥିଲେ। କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଏହା ବନାଦ ଅଞ୍ଚଳସ୍ଥିତ ଦେବଳିଆ ଗାଁର ଏକ କ୍ଷେତରେ ଖସିପଡ଼ିଥିଲା।

### ନାବାଳକଙ୍କୁ ପିଟି ହତ୍ୟା

**ନୂଆଦିଲ୍ଲୀ,୪।୯(ପି.ଟି.):** ଦିଲ୍ଲୀର ମୁକୁନ୍ଦପୁରରେ ଜଣେ ୧୬ ବର୍ଷୀୟ ବାଳକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଭୋର ସମୟରେ ଉକ୍ତ ନାବାଳକ ଅନ୍ୟ ଜଣଙ୍କ ଘରକୁ ପଶିଯାଇଥିଲେ। ସେ ଚୋରି କରିବା ପାଇଁ ସେଠାକୁ ଯାଇଥିବା ସନ୍ଦେହ କରି ଘର ମାଲିକ ଓ ସ୍ଥାନୀୟ ଲୋକେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଏନେଇ ଅଭିଯୁକ୍ତ ନନ୍ଦକିଶୋର, ରାଜକିଶୋର, ତ୍ରିବେଣୀ ଦେଶରାଜ, ସନ୍ତଲାଲ ଓ ସୋହନଲାଲଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

### ୟୁପିରେ ବର୍ଷା ବିଭ୍ରାଟ: ମୃତ୍ୟୁସଂଖ୍ୟା ୪୪

**ଲକ୍ଷ୍ନୌ, ୪।୯(ପି.ଟି.):** ଉତ୍ତରପ୍ରଦେଶ (ୟୁପି)ର ବିଭିନ୍ନ ଅଞ୍ଚଳରେ ବର୍ଷା ବିଭ୍ରାଟ ଲାଗିରହିଛି। ଅନେକ ଜାଗାରେ ଲୋକେ ଜଳବନ୍ଦୀ ହୋଇରହିଛନ୍ତି। ବର୍ଷାଜନିତ ବିଭିନ୍ନ ଦୁର୍ଘଟଣା ଘଟି ଆଉ ୧୮ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୩୬ ଜଣ ମଧ୍ୟ ଆହତ ହୋଇଛନ୍ତି। ଗତ ଶନିବାରରୁ ସୋମବାର ରାତି ପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୪୪ ଛୁଇଁଥିବା ଥିବା ମଙ୍ଗଳବାର ଅଧିକାରୀମାନେ ସୂଚନା ଦେଇଛନ୍ତି।

## ■ ଭାଜପା ବିରୋଧୀ ସ୍ଲୋଗାନ ଦେଲେ ଏମିତି...

# ଆତଙ୍କବାଦୀ କହି ବନ୍ଧାଇଦେଲେ

**ଚେନ୍ନାଇ/ଟୁଟିକୋରିନ୍,୪।୯**



ଲୋଇସ୍ ସୋଫିଆଙ୍କୁ ଗିରଫ କରି ଥାନାକୁ ନେଉଛି ପୋଲିସ। (ଇନ୍‌ସେଟ୍‌ରେ ଲୋଇସ୍ ସୋଫିଆ)।

■ କାନାଡାରୁ ବିମାନରେ ଫେରୁଥିଲେ ଲୋଇସ୍ ସୋଫିଆ

■ ଭାଜପା ଅଧ୍ୟକ୍ଷାଙ୍କ ଏତଲା ପରେ ବିମାନବନ୍ଦରରେ ଗିରଫ କରିଥିଲା ପୋଲିସ

■ ଜାମିନରେ ମୁକୁଳିଲେ ଗବେଷଣା ଛାତ୍ରୀ

ନିର୍ବାଚନ ପାଖେଇ ଆସିଲେ ରାଜନୀତି ଅଧିକ ସରଗରମ ହୁଏ। ସବୁ ଦଳ ବିଶେଷକରି ଶାସକ ଓ ବିରୋଧୀ ପରସ୍ପର ବିପକ୍ଷରେ ସ୍ଲୋଗାନବାଜି କରି ଦୋଷ ଲଦାଲଦି ହୁଅନ୍ତି। ଏହା ଏକ ସାଧାରଣ କଥା, ଯେଉଁଥିପାଇଁ କାହାକୁ କୋର୍ଟ କଚେରିକୁ ଧାଇଁବାକୁ ବା ଆଇନର କାଠଗଡ଼ାରେ ଛିଡ଼ା ହେବାକୁ ପଡ଼ି ନ ଥାଏ। ହେଲେ ବିଦେଶରୁ ଭାରତ ଫେରୁଥିବା ଜଣେ ଗବେଷଣା ଛାତ୍ରୀଙ୍କ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆଇନକୁ ଭିନ୍ନ ବାଟରେ ମୋଡାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏପରି କି ଭାଜପା ବିରୋଧରେ ସ୍ଲୋଗାନ ଦେଇଥିବାରୁ ତାଙ୍କ ମୁହଁରେ ଆତଙ୍କବାଦର କଳଙ୍କ ବୋଳାଯାଇଛି। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ତାମିଲନାଡୁର ଲୋଇସ୍ ସୋଫିଆ। ବୟସ ୨୮ ବର୍ଷ। କାନାଡାସ୍ଥିତ ମଣ୍ଟ୍ରିଲ୍ ୟୁନିଭର୍ସିଟିର ସେ ଜଣେ ଗବେଷଣା ଛାତ୍ରୀ। ସୋଫିଆ ସୋମବାର କାନାଡାରୁ ଚେନ୍ନାଇ ଦେଇ ଏକ ଇଣ୍ଡିଗୋ ବିମାନରେ ଟୁଟିକୋରିନ୍‌କୁ ଫେରୁଥିବାବେଳେ ଭାଜପା ବିରୋଧୀ ସ୍ଲୋଗାନ ଦେଇଥିଲେ। 'ଫାସିବାଦୀ ଭାଜପା ସରକାର ଡାଉନ୍ ଡାଉନ୍' ବୋଲି ସେ ନାରା ଦେଇଥିଲେ। ଉକ୍ତ ବିମାନରେ ତାମିଲନାଡୁ ଭାଜପା ଅଧ୍ୟକ୍ଷା ତାମିଲିସାଇ ସୌନ୍ଦରରାଜନ୍ ମଧ୍ୟ ଆସୁଥିଲେ। ଲୋଇସ୍‌ଙ୍କ ସ୍ଲୋଗାନ ତାଙ୍କୁ ଅସହ୍ୟ ହୋଇଥିଲା। ତାମିଲିସାଇ ଏଥିରେ ଉତ୍ତ୍ୟକ୍ତ ହୋଇ ଦୃଢ଼ ପ୍ରତିବାଦ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବିମାନଟି ଟୁଟିକୋରିନ୍‌ରେ ଅବତରଣ କରିବା ମାତ୍ରେ ସେ ଲୋଇସ୍‌ଙ୍କ ବିରୋଧରେ ବିମାନବନ୍ଦର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଲୋଇସ୍ ଜଣେ ସାଧାରଣ ଯାତ୍ରୀ ନୁହନ୍ତି। ତାଙ୍କ ପଛରେ କୌଣସି କଠୋରପନ୍ଥୀ ସଙ୍ଗଠନର ସମର୍ଥନ ରହିଥିବା ତାମିଲିସାଇ ଦର୍ଶାଇଥିଲେ। ଅଭିଯୋଗ ପରେ ବିମାନବନ୍ଦର ପୋଲିସ ଲୋଇସ୍‌ଙ୍କୁ ଗିରଫ କରି ୧୫ ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇଦେଇଥିଲା। ଲୋଇସ୍ ଅସୁସ୍ଥତା ଅନୁଭବ କରିବା ପରେ ଥୁତୁକୁଡି ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲରେ ବିଳମ୍ବିତ ରାତିରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଲୋଇସ୍‌ଙ୍କୁ ଏକ କୋର୍ଟରୁ ଜାମିନ ମିଳିଛି। ହେଲେ ତାଙ୍କ ବିରୋଧରେ ଦାଏର ମାମଲା ପ୍ରତ୍ୟାହାର ହୋଇନାହିଁ। ଲୋଇସ୍‌ଙ୍କ ବାପା ଏ.ଏ. ସାମୀ ପୁଡୁକ୍କୋଟ୍ଟାଇ(ଅବସରପ୍ରାପ୍ତ ଡାକ୍ତର) ଭାଜପା ନେତ୍ରୀ ତାମିଲିସାଇଙ୍କ ବିରୋଧରେ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଡକ୍ଟର ସାମୀ କହିଛନ୍ତି, ସେ ଓ ତାଙ୍କ ସ୍ତ୍ରୀ ମାଧୁରୀ ଝିଅଙ୍କୁ ନେବା ପାଇଁ ଚେନ୍ନାଇ ବିମାନବନ୍ଦରକୁ ଯାଇଥିଲେ। ସେଠାରୁ ଟୁଟିକୋରିନ ବିମାନବନ୍ଦରରେ ପହଞ୍ଚିବା ପରେ ତାମିଲିସାଇ ଓ ଅନ୍ୟ ୧୦ ଜଣ ଲୋକ ସେମାନଙ୍କୁ ଘେରିଯାଇଥିଲେ। ତାମିଲିସାଇ ତାଙ୍କ ଝିଅଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସେହିପରି ତାମିଲିସାଇ ବିନା ଅନୁମତିରେ ତାଙ୍କ ପରିବାରର ଫଟୋ ଉଠାଇଥିଲେ ହେଁ ତାଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଛାତ୍ରୀଙ୍କ ବାପା କହିଛନ୍ତି। ଏହି ଘଟଣାକୁ ନେଇ ରାଜନୀତି ସରଗରମ ହୋଇଛି। ଲୋଇସ୍‌ଙ୍କ ସପକ୍ଷରେ ସୋସିଆଲ ମିଡିଆରେ ଅନେକ ଲୋକ ଆଗେଇଆସି ତାଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି। ଛାତ୍ରୀ ଜଣକ ଗୋଟିଏ ସ୍ଲୋଗାନ ଦେଇ ଭବିଷ୍ୟତର ନେତା ପାଲଟିଯାଇଛନ୍ତି ବୋଲି ଟୁଇଟର୍‌ରେ କେହି କେହି ଉଲ୍ଲେଖ କରିଛନ୍ତି।



" ଲୋଇସ୍ ସୋଫିଆ ଭାଜପାକୁ ଫାସିବାଦୀ କହିଥିଲେ। ତେଣୁ ଜଣେ ଆତଙ୍କବାଦୀଙ୍କୁ ଅଣଦେଖା କରିବା ଅନୁଚିତ ମନେକରି ତାଙ୍କ ବିରୋଧରେ ଏତଲା ଦେଇଛି।

**- ତାମିଲିସାଇ ସୌନ୍ଦରରାଜନ୍, ତାମିଲନାଡୁ ଭାଜପା ଅଧ୍ୟକ୍ଷା**



" ଛାତ୍ରୀଙ୍କ ସ୍ଲୋଗାନକୁ ନେଇ ତାଙ୍କୁ ଗିରଫ କରିବା ଭାଜପାର ଫାସିବାଦକୁ ଦର୍ଶାଉଛି। ଦେଶରେ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଜାରି ହୋଇଛି।

**- ମନୀଷ୍ ତିୱାରୀ, ବରିଷ୍ଠ କଂଗ୍ରେସ ନେତା**



" ଫାସିବାଦୀ ଭାଜପା ଶାସନର ପତନ ହେଉ ବୋଲି ମୁଁ ମଧ୍ୟ କହୁଛି। କେନ୍ଦ୍ର ସରକାର ଏମିତି କେତେଜଣଙ୍କୁ ଗିରଫ କରି ଜେଲକୁ ପଠାଇବେ?

**- ଏମ୍.କେ. ଷ୍ଟାଲିନ୍, ଡିଏମ୍‌କେ ଅଧ୍ୟକ୍ଷ**



" ଯଦି ସ୍ଲୋଗାନ ଦେବା ଅପରାଧ ତେବେ ସବୁ ରାଜନେତା ଅପରାଧୀ। ପ୍ରଥମେ ନେତାମାନଙ୍କୁ ଜେଲରେ ପୂରାଯାଉ।

**-କମଲ ହାସନ୍, ଅଭିନେତା ତଥା ଏମ୍‌ଏନ୍‌ଏମ୍ ମହାସଚିବ**

## ■ ହାଇଦ୍ରାବାଦ ବିସ୍ଫୋରଣ

# ୨ ଆଇଏମ୍ ଆତଙ୍କବାଦୀ ଦୋଷୀ

**ହାଇଦ୍ରାବାଦ,୪।୯(ପି.ଟି.)**

୪୪ ଜଣଙ୍କ ଜୀବନ ନେଇଥିବା ହାଇଦ୍ରାବାଦ ବିସ୍ଫୋରଣ ମାମଲାରେ ହାଇଦ୍ରାବାଦର ଏକ କୋର୍ଟ ଇଣ୍ଡିଆନ୍ ମୁଜାହିଦ୍ଦିନ(ଆଇଏମ୍)ର ୨ ଆତଙ୍କବାଦୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ଅନ୍ୟ ୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨ ଦୋଷୀଙ୍କ ବିରୋଧରେ ସୋମବାର ଦଣ୍ଡବିଧାନ କରାଯିବ।

୨୦୦୭ ଅଗଷ୍ଟ ୨୫ରେ ଦୁଇଟି ସ୍ଥାନରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ଲୁମ୍ବିନୀ ପାର୍କରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୧ ଆହତ ହୋଇଥିଲେ। ସେହିପରି କୋଟି ଅଞ୍ଚଳର ଗୋକୁଲ ଚାଟ୍ ଇଟେରୀରେ ଘଟିଥିବା ବିସ୍ଫୋରଣରେ ୩୨ ଜଣଙ୍କ ଜୀବନ ଯାଇଥିବାବେଳେ ୪୭ ଆହତ ହୋଇଥିଲେ। ଏହି ବିସ୍ଫୋରଣରେ ମହାରାଷ୍ଟ୍ରର ୪ ଯୁବକଙ୍କ ହାତ ଥିବା ଜଣାପଡ଼ିଥିଲା। ୨୦୦୯ ଜାନୁୟାରୀରେ ଆନ୍ଧ୍ରପ୍ରଦେଶ ପୋଲିସ (ଆଇଏମ୍)ର ଅନିକ୍ ଶାଫିକ୍ ସୟଦ୍ ଏବଂ ମହମ୍ମଦ ଆକ୍‌ବର ଇସ୍‌ମାଇଲ୍ ଚୌଧରୀଙ୍କୁ ଗିରଫ କରିଥିଲା। ସେହିବର୍ଷ ମାର୍ଚ୍ଚରେ ଅନ୍ୟ ୨ ଅଭିଯୁକ୍ତ ଫାରୁକ୍ ଶର୍ଫୁଦ୍ଦିନ ତରକାଶ ଏବଂ ସାଦିକ୍ ଇସ୍‌ରାର ଅହମ୍ମଦ ଶେଖ୍ ଗିରଫ ହୋଇଥିଲେ। ବିସ୍ଫୋରଣର ୧୧ ବର୍ଷ ପରେ ଦ୍ୱିତୀୟ ଅତିରିକ୍ତ ମେଟ୍ରୋପଲିଟାନ୍ କୋର୍ଟରେ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଟି. ଶ୍ରୀନିବାସ୍ ମଙ୍ଗଳବାର ଅନିକ୍ ଓ ଆକ୍‌ବରଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ପ୍ରମାଣ ଅଭାବରୁ ଫାରୁକ୍ ଏବଂ ସାଦିକ୍‌ଙ୍କୁ ଦୋଷମୁକ୍ତ ଘୋଷଣା କରିଛନ୍ତି। ୨ ଦୋଷୀ ଏବଂ ସେମାନଙ୍କୁ ସହଯୋଗ କରିଥିବା ୫ମ ଅଭିଯୁକ୍ତ ତାରିକ୍ ଅଞ୍ଜୁମ୍‌ଙ୍କ ଦଣ୍ଡବିଧାନ ଆସନ୍ତା ସୋମବାର କରାଯିବ। ଦୋଷୀଙ୍କ ବିରୋଧରେ ମୃତ୍ୟୁ ଦଣ୍ଡାଦେଶ ଦେବା ପାଇଁ ଅଭିଯୋଜନକାରୀ ପକ୍ଷ ଅଦାଲତଙ୍କୁ ଅନୁରୋଧ କରିବ ବୋଲି କହିଛି। କୋର୍ଟଙ୍କ ରାୟକୁ ଭାଜପା ସ୍ୱାଗତ କରିଛି।

# ଜଲାଲୁଦ୍ଦିନ୍ ହକ୍କାନୀଙ୍କ ମୃତ୍ୟୁ

**ଇସ୍‌ଲାମାବାଦ, ୪।୯(ପି.ଟି.)**



ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଙ୍ଗଠନ ହକ୍କାନୀ ନେଟ୍‌ୱର୍କର ପ୍ରତିଷ୍ଠାତା ଜଲାଲୁଦ୍ଦିନ୍ ହକ୍କାନୀଙ୍କ ମୃତ୍ୟୁ ହୋଇଛି। ଆଫଗାନ ତାଲିବାନ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ୮୦ ବର୍ଷ ଟପିଥିବା ଜଲାଲୁଦ୍ଦିନ୍‌ଙ୍କ ପ୍ରକୃତରେ କେବେ ଏବଂ କିଭଳି ମୃତ୍ୟୁ ଘଟିଛି, ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ମଧ୍ୟ ଅନେକ ଥର ତାଙ୍କ ମୃତ୍ୟୁ ଖବର ପ୍ରସାର ହୋଇଛି। କିନ୍ତୁ ହକ୍କାନୀ ନେଟ୍‌ୱର୍କ ପକ୍ଷରୁ କଦାପି ଏନେଇ ଘୋଷଣା ହୋଇନାହିଁ। ଆଫଗାନିସ୍ତାନ ଓ ଆମେରିକା ନେତୃତ୍ୱାଧୀନ ନାଟୋ ବାହିନୀକୁ ବାରମ୍ବାର ଚ୍ୟାଲେଞ୍ଜ ଦେଇଆସୁଛି ହକ୍କାନୀ ନେଟ୍‌ୱର୍କ। ଏହା ଆଫଗାନିସ୍ତାନରେ ଅନେକ ଆକ୍ରମଣ ଘଟିଛି। ୨୦୦୮ରେ କାବୁଲସ୍ଥିତ ଭାରତୀୟ ଦୂତାବାସରେ ଏହା ବଡ଼ ଧରଣର ବିସ୍ଫୋରଣ ଘଟାଇଥିଲା, ଯେଉଁଥିରେ ୫୮ ଜଣ ନିହତ ହୋଇଥିଲେ। ଜଲାଲୁଦ୍ଦିନ୍ ଆକ୍ରମଣ ସହ ଅନେକ ନୃଶଂସ କାଣ୍ଡ ଘଟାଇଛନ୍ତି। ୯/୧୧ ଆକ୍ରମଣ ପରେ ସେ ସଙ୍ଗଠନର ନେତୃତ୍ୱ ଦାୟିତ୍ୱ ପୁଅ ସିରାଜୁଦ୍ଦିନ୍ ହକ୍କାନୀଙ୍କୁ ନ୍ୟସ୍ତ କରିଛନ୍ତି।

## ଫୁର୍‌ସତ

# ମହାକାଶ ଯିବ 'ଲଭ୍ ସାଟେଲାଇଟ୍'

**ଟୋକିଓ:** ଏକ ଜାପାନୀ ଫାର୍ମ ଏବଂ ସୁକୁବା ୟୁନିଭର୍ସିଟିର ମିଳିତ ଉଦ୍ୟମରେ ଗୋଟିଏ ଲଭ୍ ସାଟେଲାଇଟ୍ ଲଞ୍ଚ୍ ହେବାକୁ ଯାଉଛି। ନବ ଦମ୍ପତିଙ୍କ ଲଭ୍ ମେସେଜ୍ (ପ୍ରେମସୂଚକ ବାର୍ତ୍ତା) ବହନ କରୁଥିବା ଟିଟାନିୟମ ପ୍ଲେଟ୍‌ଗୁଡିକୁ ବହନ କରି ଉକ୍ତ ସାଟେଲାଇଟ୍ ମହାକାଶକୁ ଯିବ। ୨୦୧୯ ଶେଷ ସୁଦ୍ଧା ଏହା ଲଞ୍ଚ୍ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଲଭ୍ ମେସେଜ ବହନ କରୁଥିବା ଉକ୍ତ ସାଟେଲାଇଟ୍ ନଷ୍ଟହେବା ପୂର୍ବରୁ ପୃଥିବୀ ଚାରିପଟେ ପାଖାପାଖି ୨ବର୍ଷ ପରିକ୍ରମା କରିବ। ଏହି କ୍ୟୁବ୍-ସାଟ୍ ସାଟେଲାଇଟ୍ ପ୍ରାୟ ୬୦୦ଟି ଟିଟାନିୟମ ପ୍ଲେଟ୍ ବହନ କରି ଗୋଟିଏ ରକେଟ୍ ସହାୟତାରେ ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍) ଯିବ। ଆଇଏସ୍‌ଏସ୍‌ରେ ଥିବା ମହାକାଶଚାରୀମାନେ ଅତି କ୍ଷୁଦ୍ର ସାଟେଲାଇଟ୍‌ର ଫଟୋ ଉଠାଇ ପୃଥିବୀକୁ ପଠାଇବେ। ଏହାଦ୍ୱାରା ଦମ୍ପତି ସେମାନଙ୍କ ଲଭ୍ ମେସେଜ୍ ମହାକାଶକୁ ଯାଇଥିବାର ପ୍ରମାଣ ପାଇପାରିବେ।



ଷ୍ଟାର୍ଟ-ଅପ୍ କମ୍ପାନୀ ସ୍ୱତନ୍ତ୍ର ଭାବେ ସୁକୁବା ହୋଟେଲରେ ବିବାହ କରିଥିବା ଦମ୍ପତିଙ୍କ ପାଇଁ ଏହି ସେବା ଯୋଗାଇଦେବ। ଏଥିପାଇଁ ପ୍ରତ୍ୟେକ ଦମ୍ପତିଙ୍କୁ ୨୭୦ ଡଲାର ବ୍ୟୟ କରିବାକୁ ପଡିବ। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି କମ୍ପାନୀ ଏହାର ଅଫର ସମୟସୀମା ବୃଦ୍ଧି କରିବା ସହିତ ଅନ୍‌ଲାଇନ୍ ଅର୍ଡର ସୁବିଧା ଯୋଗାଇଦେବ। ଏଥିପାଇଁ ଜାପାନ, ଆମେରିକା ଏବଂ ତାଇୱାନ୍‌ର ଦମ୍ପତିମାନେ କମ୍ପାନୀ ସହ ଯୋଗାଯୋଗ ରକ୍ଷା କରିଛନ୍ତି।

# ସୌର ଇନ୍ଧନ ପାଇଁ ନୂଆ ମଡେଲ

**ଲଣ୍ଡନ:** ବ୍ରିଟିଶ୍ ବୈଜ୍ଞାନିକମାନେ ସୂର୍ଯ୍ୟାଲୋକ ବ୍ୟବହାର କରି ଜଳକୁ ଉଦ୍‌ଯାନ ଓ ଅମ୍ଳଜାନରେ ପରିଣତ କରିବାକୁ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ସୂର୍ଯ୍ୟଠାରୁ ଅଧିକ ଶକ୍ତି ଆହରଣ କରାଯାଇପାରିବ। କେମ୍ବ୍ରିଜ୍ ୟୁନିଭର୍ସିଟିର କେତେକ ଗବେଷକଙ୍କୁ ନେଇ ଗଠିତ ଟିମ୍ ସୌର ଶକ୍ତି ଆହରଣ ଏବଂ ସଞ୍ଚୟ ପାଇଁ ଏଭଳି ପଦ୍ଧତି ପ୍ରୟୋଗ କରିଛନ୍ତି। ବୈଜ୍ଞାନିକଙ୍କ ଏହି ଗବେଷଣା ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏକ ବିପ୍ଳବ ଆଣିବ। ପ୍ରାକୃତିକ ଆଲୋକ ସଂଶ୍ଳେଷଣ ପଦ୍ଧତି ଦ୍ୱାରା ସବୁଜ ଉଦ୍ଭିଦ ଖାଦ୍ୟ ପ୍ରସ୍ତୁତ କରେ। ଏହି ପଦ୍ଧତିରେ କମ୍ ସୌରଶକ୍ତି ବିନିଯୋଗ ହୁଏ। କିନ୍ତୁ ବୈଜ୍ଞାନିକଙ୍କ ନୂତନ ପଦ୍ଧତି ଦ୍ୱାରା ଅଧିକ ସୌରଶକ୍ତି ଅବଶୋଷଣ କରାଯିବା ସହିତ ସଂରକ୍ଷିତ କରାଯାଇ ପାରିବ। ଏହି ନୂତନ ମଡେଲ ବିଷୟରେ ଜର୍ନାଲ୍ ନେଚର ଏନର୍ଜିରେ ପ୍ରକାଶ ପାଇଛି।

## [ଇତିହାସର ଆଇନାରେ]

### ସେପ୍ଟେମ୍ବର ୫ର ପ୍ରମୁଖ ଘଟଣା

୧୯୮୬ ସେପ୍ଟେମ୍ବର ୫ରେ ମୁମ୍ବାଇରୁ ଫ୍ରାଙ୍କଫର୍ଟ ଉଡାଣ ଆରମ୍ଭ କରିଥିବା ପାନ୍ ଆମ୍-୭୩ ବିମାନ ଆତଙ୍କବାଦୀଙ୍କ ଦ୍ୱାରା ଅପହରଣ କରାଯାଇଥିଲା। ବିମାନ ମଧ୍ୟରେ ୩୬୦ ଜଣ ଯାତ୍ରୀ ରହିଥିବାବେଳେ ୪ ଜଣ ପାଲେଷ୍ଟାନୀୟ ଆତଙ୍କବାଦୀ ଏହାକୁ ଅପହରଣ କରିଥିଲେ। ବିମାନର ହେଡ୍ ଆଟେଣ୍ଡାଣ୍ଟ ନୀରଜା ଭାନୋଟ ଯାତ୍ରୀଙ୍କୁ ରକ୍ଷା କରିବାକୁ ଯାଇ ନିଜର ଜୀବନ ଦେଇଥିଲେ। ସେଥିପାଇଁ ତାଙ୍କୁ ଅଶୋକଚକ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

୧୯୯୦ ସେପ୍ଟେମ୍ବର ୫ରେ ଶ୍ରୀଲଙ୍କା ଗୃହଯୁଦ୍ଧରେ ସୈନିକମାନେ ୧୫୮ ନାଗରିକଙ୍କୁ ହତ୍ୟା କରିଥିଲେ। ୧୯୮୩ରୁ ସେଠାରେ ସରକାରଙ୍କ ବିରୋଧରେ ଲିବରେଶନ୍ ଟାଇଗର ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ସ୍ୱତନ୍ତ୍ର ତାମିଲ ରାଜ୍ୟ ଗଠନ କରିବାକୁ ୨୬ ବର୍ଷ ଧରି ଲଢେଇ ଜାରି ରଖିଥିଲା। ଶେଷରେ ୨୦୦୯ରେ ଶ୍ରୀଲଙ୍କାର ସେନା ଏଲ୍‌ଟିଟିଇକୁ ପରାସ୍ତ କରିଥିଲା।

# ଅମିତାଭଙ୍କ ସହ କାମ କରିବାକୁ ଜୟାପ୍ରଦା ଆଗ୍ରହୀ

**ମୁମ୍ବାଇ:** ସୋମବାର ଅମିତାଭ୍ ବଚ୍ଚନଙ୍କ 'କୌନ ବନେଗା କରୋଡପତି'ର ନୂଆ ସିଜିନ୍ ଏବଂ ଅଭିନେତ୍ରୀ ଜୟାପ୍ରଦାଙ୍କ ଟିଭି ଶୋ 'ପରଫେକ୍ଟ ପତି' ର ପ୍ରିମିୟର ଆରମ୍ଭ ହୋଇଛି। ତେବେ ଦୁଇ ପ୍ରମୁଖ କଳାକାରଙ୍କ ଟିଭି ଶୋ' ସଂଯୋଗବଶତଃ ଗୋଟିଏ ଦିନରେ ଆରମ୍ଭ ହୋଇଥିବାରୁ ଦର୍ଶକ ଏହି ଦୁଇଜଣଙ୍କୁ ଗୋଟିଏ ଫିଲ୍ମରେ ଆଉଥରେ ଦେଖିବା ପାଇଁ ଆଗଭର ହୋଇଛନ୍ତି। ଉପଯୁକ୍ତ ରୋଲ୍ ଏବଂ ସୁଯୋଗ ମିଳିଲେ ମେଗାଷ୍ଟାର୍ ଅମିତାଭ୍ ବଚ୍ଚନ୍‌ଙ୍କ ସହ କାର୍ଯ୍ୟ କରିବାକୁ ଖୁସି ହେବେ ବୋଲି ଜୟାପ୍ରଦା ପ୍ରକାଶ କରିଛନ୍ତି। ଜୟା ଏକ ବିବୃତିରେ କହନ୍ତି, ଆମ ଶୋ' ଗୋଟିଏ ଦିନରେ ଆରମ୍ଭ ହେବା ସୌଭାଗ୍ୟବଶତଃ ଏକ ସଂଯୋଗ। ଅମିତାଭ୍‌ଜୀ ଏବଂ ମୋର ଫିଲ୍ମ କ୍ୟାରିୟର୍‌ର ଦୀର୍ଘ ଇତିହାସ ରହିଛି। ଭବିଷ୍ୟତରେ କେବେ ସୁଯୋଗ ମିଳିଲେ ପୁଣିଥରେ ତାଙ୍କ ସହିତ କାମ କରିବାରେ ଖୁସି ଅନୁଭବ କରିବି। କିନ୍ତୁ ମୋତେ କି ପ୍ରକାର ଭୂମିକା ଦିଆଯାଉଛି ତାହା ଉପରେ ଏହା ସମ୍ପୂର୍ଣ୍ଣ ନିର୍ଭର କରୁଛି। ସୂଚନାଯୋଗ୍ୟ ଯେ, 'ଗଙ୍ଗା ଯମୁନା ସରସ୍ୱତୀ', 'ଆଖ୍‌ରୀ ରାସ୍ତା', 'ଇନ୍ଦ୍ରଜିତ୍', 'କୋରମ୍' ଏବଂ 'ଆଜ୍ କା ଅର୍ଜୁନ' ଭଳି ଫିଲ୍ମରେ ବିଗ୍ ବି' ଙ୍କ ସହିତ ଜୟାପ୍ରଦା ଅଭିନୟ କରିଛନ୍ତି। ଜୟା ଅଭିନୀତ 'ପରଫେକ୍ଟ ପତି' ଆଣ୍ଡ୍ ଟିଭିରେ ପ୍ରଦର୍ଶିତ ହୋଇଥିବା ବେଳେ ଅମିତାଭ୍‌ଙ୍କ ଶୋ ସୋନି ଏଣ୍ଟରଟେନ୍‌ମେଣ୍ଟ ଟିଭିରେ ପ୍ରଦର୍ଶିତ ହୋଇଛି।





DSPL-147

ଓଡ଼ିଶା ଆମ ଗୌରବ

ଓଡ଼ିଶା ସରକାର

ଆମ ଭାଷା ପାଇଁ ଖୁସି ଖବର।
ଏଣିକି ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରରେ ଓଡ଼ିଆ ଭାଷା ଅଧ୍ୟୟନ କଲେ ଛାତ୍ରଛାତ୍ରୀଙ୍କୁ ମିଳିବ

ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି



- ଆମ ରାଜ୍ୟର ଯେ କୌଣସି ଡ଼ିଗ୍ରୀ / ସ୍ୱୟଂଶାସିତ ମହାବିଦ୍ୟାଳୟ / ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସମ୍ମାନ ରଖି ସ୍ନାତକ ପାଠ୍ୟକ୍ରମ ଏବଂ ଓଡ଼ିଆ ବିଷୟ ରଖି ସ୍ନାତକୋତ୍ତର ପାଠ୍ୟକ୍ରମ ଅଧ୍ୟୟନ କଲେ ଛାତ୍ରଛାତ୍ରୀମାନଙ୍କୁ ଏକକାଳୀନ ୨୦ ହଜାର ଟଙ୍କାର ଛାତ୍ରବୃତ୍ତି ମିଳିବ।
- ଛାତ୍ରଛାତ୍ରୀମାନେ ଏଣିକି ନିଜ ଶିକ୍ଷାରେ ଓଡ଼ିଆ ଭାଷାକୁ ଆଗ୍ରହର ସହିତ ଗ୍ରହଣ କରିବେ। ଓଡ଼ିଆରେ ଦକ୍ଷତା ହାସଲ କରିବେ। ଆମ ଭାଷା ପାଇଁ ସମୃଦ୍ଧି ଆଣିଦେବେ।

ଅଧିକ ତଥ୍ୟ ପାଇଁ ଆମ ୱେବ୍ ସାଇଟ୍ dheodisha.gov.in ଦେଖନ୍ତୁ।

ଉଚ୍ଚ ଶିକ୍ଷା ବିଭାଗ

11001/13/0031/1819

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ପଟ୍ଟାମୁଣ୍ଡାଇ, ୪।୯ (ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ପୌରପରିଷଦ ୮ନଂ. ୱାର୍ଡ ବାଲିପଡ଼ା ଗ୍ରାମର ବୈକୁଣ୍ଠ ସାହୁ(୩୪) ଗତ ରବିବାର ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଗ୍ରାମର କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ବୈକୁଣ୍ଠ ପୂର୍ବରୁ ୪ଥର ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିଲେ। ତେବେ ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ଝାଡାବାନ୍ତିରେ ଛାତ୍ର ମୃତ

ରାଜନଗର, ୪।୯(ଡି.ଏନ୍.ଏ.): ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଅନ୍ତର୍ଗତ ଗଜରାଜପୁର ଗ୍ରାମର ଜଣେ କଲେଜ ଛାତ୍ରଙ୍କ ମଙ୍ଗଳବାର ଝାଡାବାନ୍ତିରେ ମୃତ୍ୟୁ ଘଟିଛି। ସେ ହେଲେ ଧରଣୀଧର ମଲ୍ଲିକଙ୍କ ପୁଅ ରାଜେନ୍ଦ୍ର ମଲ୍ଲିକ(୨୦)। ସେ ରାଜନଗରସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ର ଥିଲେ।

# ଜମିରୁ ନିଷ୍କାସିତ ହେଉନାହିଁ ବର୍ଷା, ବନ୍ୟା ଜଳ

## ତହସିଲଦାରଙ୍କ ନିକଟରେ ଚାଷୀଙ୍କ ଅଭିଯୋଗ

ମହାକାଳପଡା, ୪।୯ (ଡିଏନଏ)

ଲଘୁଚାପ ଜନିତ ବର୍ଷା ପ୍ରଭାବରେ ମହାନଦୀ, ଲୁଣା ନଦୀରେ ବନ୍ୟାଜଳ ବୃଦ୍ଧିପାଇବାରେ ଲାଗିଛି। ଫଳରେ ମହାକାଳପଡା ବ୍ଲକର କରଞ୍ଜି ଓ ବଡକୂଳ ପଞ୍ଚାୟତର ବହୁ ଏକର ଚାଷ ଜମିରୁ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ଜମି ରହିଛି। ଏହା ପ୍ରଭାବରେ ବହୁ ଏକର ଧାନ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ବଡକୂଳ ପଞ୍ଚାୟତ ଅନ୍ତର୍ଗତ ବେନୁପାଳ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ଚାଷୀମିଳିତ ହୋଇ ମଙ୍ଗଳବାର ମହାକାଳପଡା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଭୌଗୋଳିକ ଦୃଷ୍ଟିକୋଣରୁ ଏହି ୨ ପଞ୍ଚାୟତର ଦଶଟି ଗ୍ରାମକୁ (ଦଶମଉଜି) କୁହାଯାଏ। ଦଶମୌଜିର ଚତୁଃପାର୍ଶ୍ୱ ନଦୀନାଳ ଘେରା ଅଞ୍ଚଳ ହୋଇଥିବାରୁ ବର୍ଷାଦିନେ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। କରଞ୍ଜି ଗ୍ରାମ ନିକଟରେ ପ୍ରବାହିତ ଲୁଣାନଦୀ ଘେରୀବନ୍ଧରେ ଜଳସେଚନ ବିଭାଗର ଏକ ସ୍ଲୁଇସଗେଟ୍ ନିର୍ମାଣ କରାଯାଇଛି। ମାତ୍ର ଅନେକ ସମୟରେ ଗେଟ୍‌ଟି ବନ୍ଦ ହୋଇଥିବାରୁ ଜମିରୁ ବର୍ଷା ଜଳ ନିଷ୍କାସିତ ହୋଇପାରୁନାହିଁ। ବର୍ଷାପାଣି ଜମି ରହିବା ଯୋଗୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଏକର ଜମିରେ ଧାନ ପସଲ ନଷ୍ଟ ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ସ୍ଲୁଇସ ଗେଟ୍ ଖୋଲିବାପାଇଁ ଚାଷୀ ଦାବି କରିଛନ୍ତି। ଏନେଇ ବଡକୂଳ ପଞ୍ଚାୟତ ସରପଞ୍ଚ ଅକ୍ଷୟ କୁମାର ଲେଙ୍କାଙ୍କ ନେତୃତ୍ୱରେ ଚାଷୀମାନେ ତହସିଲଦାର କାର୍ଯ୍ୟାଳୟରେ ପହଞ୍ଚି ମହାକାଳପଡା ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ବେହେରାଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ଏନେଇ ପଦକ୍ଷେପ ନିଆଯିବ ବୋଲି ବେହେରା ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗ ପତ୍ର ପ୍ରଦାନ ସମୟରେ ସୁବାସ ରାଉତ, ସନ୍ତୋଷ ସ୍ୱାଇଁ, ବିଶ୍ୱନାଥ ବାରିକ, କ୍ଷୀରୋଦ ସାମଲ, ଅକ୍ଷୟ ମଳିକ ଓ ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।



ଚାଷ ଜମିରେ ବର୍ଷା ପାଣି ଜମିରହିଛି।

■ ଆଜି ସୁନାମି ମକ୍‌ଡ୍ରିଲ

# କାର୍ଯ୍ୟକ୍ଷମ ହେଉନାହିଁ ସୁନାମି ଟାୱାର

ମହାକାଳପଡ଼ା,୪।୯(ଡି.ଏନ୍.ଏ.)

ମହାକାଳପଡା ବ୍ଲକର ୧୮ ଗ୍ରାମକୁ ସୁନାମିପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ମକ୍‌ଡ୍ରିଲ ମାଧ୍ୟମରେ ସଚେତନତା କାର୍ଯ୍ୟ କରିବା ଲାଗି ସ୍ଥିର କରାଯାଇଛି। ମାତ୍ର ଏଥିପାଇଁ ତିଆରି ହୋଇଥିବା ଟାୱାର କେବେ କାର୍ଯ୍ୟକ୍ଷମ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୁନାମିକୁ ଦୃଷ୍ଟିରେ ରଖି ୧୮ ଚିହ୍ନଟ ଗ୍ରାମ ମଧ୍ୟରୁ ୧୦ଟି ସ୍ଥାନରେ ଟାୱାର ନିର୍ମାଣ କରାଯାଇଛି। ସେଗୁଡିକ ମଧ୍ୟରୁ ତନ୍ତିଆପାଳ, ଶାସନ, ରଟପଙ୍କ, ନରସିଂହପୁର, କଣ୍ଡରାପାଟିଆ, ବଟୀଘର, ପିତାପାଟ ଓ ମହାକାଳପଡାରେ ଗୋଟିଏ ଲେଖାଏଁ ଟାୱାର ନିର୍ମାଣ ହୋଇଥିବା ବେଳେ ଜମ୍ବୁଠାରେ ୨ଟି ନିର୍ମାଣ କରାଯାଇଛି। ଏସବୁର ନିର୍ମାଣ କାର୍ଯ୍ୟ ଜାନୁୟାରୀରୁ ଶେଷ ହୋଇଥିବା ବେଳେ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ। ସମୁଦ୍ରରେ ସୁନାମୀ ଆସିଲେ ପ୍ରାୟ ୪୫ ମିନିଟ ପୂର୍ବରୁ ଏହି ଟାୱାର ମାଧ୍ୟମରେ ସୂଚନା ଦିଆଯାଇପାରିବ। ଏନେଇ ଏହି ଟାୱାରଗୁଡିକର ଯଥେଷ୍ଟ ଆବଶ୍ୟକତା ଥିବାବେଳେ ଏଗୁଡିକ କାର୍ଯ୍ୟକ୍ଷମ ହେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୁନାମୀ ସତର୍କତା ନିମନ୍ତେ ମକ୍‌ଡ୍ରିଲ ଉପରେ ଅଞ୍ଚଳର ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଟାୱାରଗୁଡିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ପଦକ୍ଷେପ ନିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି। ଏସମ୍ପର୍କରେ ବ୍ଲକ ଏସ୍‌ସିଓ ସଂଗ୍ରାମ କେଶରୀ ବେହୁରା କୁହନ୍ତି, ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମିଳିବାପରେ ଏସବୁ ଟାୱାରକୁ ଲୋକାର୍ପିତ କରାଯାଇ କାର୍ଯ୍ୟକ୍ଷମ କରାଯିବ।



ସୁନାମି ଟାୱାର।

# ଚାଷୀଙ୍କ ତହସିଲ କାର୍ଯ୍ୟାଳୟ ଘେରାଉ ଚେତାବନୀ

ରାଜନଗର, ୪।୯(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମା କମ୍ପାନୀର ପାତରଅନ୍ତରକୁ ନେଇ ରାଜନଗର ବ୍ଲକରେ ଚାଷୀମାନେ ଏକ ଜୁଟ୍ ହୋଇଛନ୍ତି। ଏନେଇ ୭ ଦିନ ମଧ୍ୟରେ କ୍ଷତିପୂରଣ ଦିଆ ନ ଗଲେ ରାଜନଗର ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ସାହିର ପଞ୍ଚାୟତର ଚାଷୀମାନେ ଚେତାବନୀ ଦେଇଛନ୍ତି। ବୀମା କ୍ଷତିପୂରଣ ମିଳି ନ ଥିବାରୁ ରାଜନଗର ବାତ୍ୟାଆଶ୍ରୟସ୍ଥଳୀରେ ଭିତରଗଡ ପଞ୍ଚାୟତର ଚାଷୀମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳନ୍ଦୀଚରଣ ରାଉତରାୟ ସଭାପତିତ୍ୱ କରିଥିଲେ। ଚଳିତମାସ ୧୫ ତାରିଖ ସୁଦ୍ଧା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କ୍ଷତିପୂରଣ ନମିଳିଲେ ୧୬ ତାରିଖରେ ଚାନ୍ଦିବାଉଁଶମୂଳ ଓ ନୋଧାବସନ୍ତ ପ୍ରାଥମିକ କୃଷି ସେବା ସମବାୟସମିତି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଏନେଇ ଜିଲାପାଳଙ୍କୁ ଲିଖିତଭାବେ ଅବଗତ କରାଯାଇଛି। ବୈଠକରେ ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିର ସଭାପତି ରମାକାନ୍ତ ଜେନା, ଗଗନ ବଳ, ନନ୍ଦକିଶୋର ବଳ, ସୁକୁମାର ମଣ୍ଡଳ, ଗୋଲେଖ ଚଣ୍ଡ ଓ ପରମାନନ୍ଦ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଡାଙ୍ଗମାଳ ପ୍ରାଥମିକ କୃଷି ସେବା ସମବାୟ ସମିତିର ଚାଷୀ ପ୍ରତିନିଧିମାନେ ଜିଲାପାଳଙ୍କୁ ଭେଟିଛନ୍ତି। ଡାଙ୍ଗମାଳ ସେବା ସମବାୟ ସମିତିର ସଭାପତି ରଘୁନାଥ ପ୍ରଧାନ, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ନାଥ ସ୍ୱାଇଁ, ସମିତିର ନିର୍ଦ୍ଦେଶକ ନୀଳମଣି ପ୍ରଧାନ ଓ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ ପ୍ରମୁଖ କେନ୍ଦ୍ରାପଡା ଜିଲାପାଳଙ୍କୁ ଭେଟି ଫସଲ ବୀମା ଯୋଜନାରେ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

# ଥାନାରେ ପ୍ରେମୀଯୁଗଳଙ୍କୁ ବାହାଘର କରାଇଲା ପୋଲିସ

ରାଜନଗର, ୪।୯(ଡି.ଏନ୍.ଏ.)

ରାଜନଗର ନଗର ଥାନାରେ ମଙ୍ଗଳବାର ପୋଲିସ ଉପସ୍ଥିତିରେ ପ୍ରେମୀ ଯୁଗଳଙ୍କ ବାହାଘର ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ରାଜନଗର ଥାନା ଈଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଅଜଗରପାଟିଆ ଗାଁର ସତ୍ୟକାମ ମଣ୍ଡଳଙ୍କ ପୁଅ ସୁଦୀପ ମଣ୍ଡଳ ଉକ୍ତ ପଞ୍ଚାୟତର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ସୁଦୀପ ବଙ୍ଗୀୟ ପରିବାରର ହୋଇଥିବା ବେଳେ ଯୁବତୀ ଜଣକ ଓଡିଆ ଘରର ଥିଲେ। ଏଥିଯୋଗୁ ଯୁବତୀ ପରିବାର ଲୋକେ ଏହି ବାହାଘରରେ ରାଜି ନଥିଲେ। ଅଗଷ୍ଟ ୩୦ରେ ଯୁବତୀ ଜଣକ ଗୁପ୍ତି ବ୍ୟାଙ୍କୁ ଟଙ୍କା ଉଠାଇବାକୁ ଯାଇ ସୁଦୀପଙ୍କ ସହ ଫେରାର ହୋଇଯାଇଥିଲେ। ଉଭୟ ମଙ୍ଗଳବାର ରାଜନଗର ଥାନାରେ ପହଞ୍ଚି ସାବାଳକ ହୋଇଥିବାର ପ୍ରମାଣ ଦେବାସହ ପରସ୍ପରକୁ ବିବାହ କରିବାକୁ ଚାହାନ୍ତି ବୋଲି କହିଥିଲେ। ଖବରପାଇ ଉଭୟ ପକ୍ଷର ପରିବାର ଲୋକେ ଥାନାକୁ ଆସିଥିଲେ। ସୁଦୀପଙ୍କ ପରିବାର ଲୋକେ ବାହାଘର ପ୍ରସ୍ତାବରେ ରାଜି ଥିବା ବେଳେ ଯୁବତୀଙ୍କ ପରିବାର ଲୋକେ ଏଥିରେ ରାଜି ହୋଇ ନ ଥିଲେ। ମାତ୍ର ଯୁବତୀ ଜଣକ ସାବାଳିକା ହୋଇଥିବାରୁ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଥାନା ପରିସରରେ ଥିବା ମା' କନକଦୁର୍ଗାଙ୍କ ମନ୍ଦିରରେ ପ୍ରେମୀଯୁଗଳଙ୍କ ବାହାଘର ହୋଇଥିଲା।

# ଡ୍ରୋନ୍ କ୍ୟାମେରା ବିବାଦ: ବିଧାୟକଙ୍କ ନାଁରେ ଅଭିଯୋଗ

ରାଜନଗର, ୪।୯(ଡି.ଏନ୍.ଏ.)

ରାଜନଗର ଥାନା ଅନ୍ତର୍ଗତ କଏଥା ଗ୍ରାମର ଏକ ଭୋଜିରେ ଡ୍ରୋନ କ୍ୟାମେରାରେ ଫଟୋ ଉଠାକୁ ନେଇ ଉପୁଜିଥିବା ବିବାଦ ଥମିବାର ନାମ ନେଉନାହିଁ। ପୂର୍ବରୁ ଏହି ଘଟଣାରେ ରାଜନଗର ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଭୋଜିର ଆୟୋଜକ ସର୍ବେଶ୍ୱର ସାମଲ ଅନ୍ୟ ଏକ ଅଭିଯୋଗ ଆଣିଛନ୍ତି। ସେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ଓ ୩୧ ନଂ ଜୋନର କଂଗ୍ରେସ ସଭାପତି ଦେବେନ୍ଦ୍ର ଜେନାଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଦିନ ସମୟରେ ଦେବନ୍ଦ୍ରେ ଓ ତାଙ୍କ ସମର୍ଥକ ସାମଲଙ୍କ ଘରେ ପହଞ୍ଚି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ରାଜନଗର ବିଧାୟକ ଅଂଶୁମାନ ଥିବା ପର୍ଯ୍ୟନ୍ତ ଆମର କେହି କିଛି କ୍ଷତି କରିପାରିବେ ନାହିଁ ବୋଲି କହି ଧମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଜାରିରହିଛି। ଏସମ୍ପର୍କରେ ରାଜନଗର ବିଧାୟକ ଅଂଶୁମାନ କହିଛନ୍ତି, ଜଣେ ରାଜନେତା ନିଜ କ୍ରୋଧକୁ ସମ୍ଭାଳି ନପାରି ସାଧାରଣ ଜନତାଙ୍କୁ ମାଡ ମାରିଛନ୍ତି। ପରେ ଅପନିନ୍ଦାରୁ ରକ୍ଷା ପାଇବା ପାଇଁ ମୋ ବିରୋଧରେ ଷଡଯନ୍ତ୍ର କରାଯାଉଛି ବୋଲି ସେ କହିଛନ୍ତି। ସେହିପରି ଦେବେନ୍ଦ୍ର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ସେ ବ୍ୟକ୍ତିଗତ କାମରେ ଭୁବନେଶ୍ୱର ଆସିଛନ୍ତି ବୋଲି କହିବା ସହ ଏହା ଏକ ଭିତ୍ତିହୀନ ଅଭିଯୋଗ ବୋଲି ପ୍ରକାଶ କରିଛନ୍ତି।

# ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର

ମାର୍ଶାଘାଇ,୪।୯(ଡିଏନଏ)

୫ ନଂ (କ) ଜାତୀୟ ରାଜପଥର ମାର୍ଶାଘାଇ କ୍ରସିଙ୍ଗ ନିକଟ ଏକ ପାନ ଦୋକାନ ପାଖରୁ ମଙ୍ଗଳବାର ସକାଳେ ଭଗବାନ ଦାସ (୫୫)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଭଗବାନଙ୍କ ଘର ପଟ୍ଟାମୁଣ୍ଡାଇ ଥାନା ସାନଜରିଆ ଗ୍ରାମରେ ବୋଲି ଜଣାପଡିଛି। ଭଗବାନ ପ୍ରାୟ ଏକମାସ ହେବ ମାର୍ଶାଘାଇ କ୍ରସିଙ୍ଗ ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲରେ କାମ କରୁଥିଲେ। ସକାଳୁ ପାନ ଦୋକାନରୁ ପାନ ନେବା ପରେ ହଠାତ୍ ଅସୁସ୍ଥ ଅନୁଭବ କରି ପଡି ଯାଇଥିଲେ। ଖବର ପାଇ ୧୦୮ ଆମ୍ବୁଲାନ କର୍ମଚାରୀମାନେ ତାଙ୍କୁ ମାର୍ଶାଘାଇ ମେଡିକାଲ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ମାର୍ଶାଘାଇ ଥାନାଧିକାରୀ କାଳନ୍ଦୀ ବେହେରା ମେଡିକାଲରେ ପହଞ୍ଚି ତଦନ୍ତ କରିଥିଲେ । ସୂଚନାଯୋଗ୍ୟ ଯେ, ସୋସିଆଲ ମିଡିଆରେ ମୃତକଙ୍କ ଫଟୋ ପ୍ରସାରିତ ହେବାରୁ ତାଙ୍କ ପରିଚୟ ଖୁବ୍ ଶୀଘ୍ର ମିଳି ଯାଇଥିଲା। ସାନଜରିଆର ସାମାଜିକ କର୍ମୀ ନିରାକାର ନାୟକ, ଶୁଭେନ୍ଦୁ ସମୀର ବାରିକ, ଲକ୍ଷ୍ମୀଧର ବେହେରା ଏବଂ ମୃତ ଭଗବାନଙ୍କ ପୁଅ ବଳରାମ ଦାସ (ପାଙ୍ଗୁଆ) ମାର୍ଶାଘାଇ ମେଡିକାଲରେ ପହଞ୍ଚି ପୋଲିସ ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ମେଡିକାଲକୁ ନେଇଥିଲେ। ମାର୍ଶାଘାଇ ଥାନାରେ୨୨/୧୮ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ମୃତକ ଜଣେ ଗରିବ ଶ୍ରେଣୀର ହୋଇଥିବା ଜାଣିବା ପରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଶବ ବ୍ୟବଚ୍ଛେଦ କରିବା ତଥା ଘରେ ପହଞ୍ଚିବା ପାଇଁ ଗାଡି ଖର୍ଚ୍ଚ ବାବଦକୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ।

# ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା କମିଟିର ବାର୍ଷିକ ବୈଠକ

ମାର୍ଶାଘାଇ,୪।୯ (ଡିଏନଏ)

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡା କମିଟିର ବାର୍ଷିକ ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କ୍ରୀଡା କମିଟିର ସଭାପତି ତଥା ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ମାଗୁଣି ଚରଣ ମହାନ୍ତି ସଭାପତିତ୍ୱ କରିଥିଲେ। ସଂପାଦକ ତଥା କରିଲୋପାଟଣା ଜୟରାମ ହାଇସ୍କୁଲର କ୍ରୀଡା ଶିକ୍ଷକ ଆଲୋକ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ଆୟବ୍ୟୟ ଏବଂ ଚଳିତବର୍ଷର କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ଦଳାଇ, ଶିଳିପୁର ହାଇସ୍କୁଲର ନାରାୟଣ ଚନ୍ଦ୍ର ମନ୍ତ୍ରୀ,ଦୁମୁକା ହାଇସ୍କୁଲର କ୍ରୀଡା ଶିକ୍ଷକ ନୃସିଂହ ଚରଣ ବେଉରା,ଶାସନିପଡା ହାଇସ୍କୁଲର କ୍ରୀଡା ଶିକ୍ଷକ ପ୍ରଶାନ୍ତ ବେହେରାଙ୍କ ସମେତ ମାର୍ଶାଘାଇ ବ୍ଲକର ୩୮ ଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ କ୍ରୀଡା ଶିକ୍ଷକମାନେ ଯୋଗ ଦେଇଥିଲେ।

# ଜୀବନବୀମା ନିଗମର ୬୨ତମ ପ୍ରତିଷ୍ଠା ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୪।୯(ସ୍ୱ.ପ୍ର.)

ଭାରତୀୟ ଜୀବନବୀମା ନିଗମର ୬୨ତମ ପ୍ରତିଷ୍ଠା ଦିବସ ପଟ୍ଟାମୁଣ୍ଡାଇ ଶାଖା କାର୍ଯ୍ୟାଳୟ ପରିସରରେ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶାଖା ପକ୍ଷରୁ ଏକସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ଶାଖା ପରିଚାଳକ ପ୍ରାଣକୃଷ୍ଣ ଦାସ ମହାପାତ୍ର ପୌରୋହିତ୍ୟ କରିଥିଲେ। ନିଗମର ପୂର୍ବତନ କର୍ମଚାରୀ ଧରଣୀଧର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନବୀମା ନିଗମର ୬୨ବର୍ଷର ସଫଳତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ହରେକୃଷ୍ଣ ଦଳେଇ, ସହକାରୀ ଶାଖା ପ୍ରବନ୍ଧକ ସଞ୍ଜୀବ କୁମାର ସ୍ୱାଇଁ ଜୀବନବୀମା ନିଗମର ଦେଶ ବିକାଶରେ ଉଲ୍ଲେଖନୀୟ ଭୂମିକା ଥିବା କହିଥିଲେ। ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ସାହୁ, ସୁଜିତ ସିଂ, କର୍ମଚାରୀ ସଙ୍ଗଠନ ପକ୍ଷରୁ ସୁରେଶ କୁମାର ନାୟକ, ଗୋବର୍ଦ୍ଧନ ଶରଣ ପ୍ରମୁଖ ବକ୍ତବ୍ୟ ରଖି ନିଗମର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟତମ ସହକାରୀ ଶାଖା ପ୍ରବନ୍ଧକ ନଗେଶ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସହକାରୀ ପ୍ରଶାସନିକ ଅଧିକାରୀ ଅଜିତ ମିଶ୍ର ଧନ୍ୟବାଦ ଦେଇଥିଲେ।

ଅପରପକ୍ଷେ ୪ ଦଫା ଦାବିରେ ଜୀବନବୀମା ନିଗମର ଅଭିକର୍ତ୍ତାମାନେ ପ୍ରତିଷ୍ଠା ଦିବସ ପାଳନ ଉତ୍ସବକୁ ବର୍ଜନ କରି ଆନ୍ଦୋଳନ ଚଳାଇଥିଲେ। ବୀମାଧାରୀଙ୍କ ବୋନସ ବୃଦ୍ଧି ,ଆଇଡିବିଆଇ ବ୍ୟାଙ୍କରେ ଅର୍ଥଲଗାଣ ବନ୍ଦ କରିବା, ପ୍ରିମିୟମ ଉପରୁ ଜିଏସ୍‌ଟି ଉଚ୍ଛେଦ କରିବା, ୧୯୫୬ ମସିହାରୁ ପରିବର୍ତ୍ତନ ହୋଇ ନ ଥିବା ଅଭିକର୍ତ୍ତାମାନଙ୍କର କମିଶନ ବୃଦ୍ଧି କରିବା ଆଦି ଦାବି ପୂରଣ ପାଇଁ ନିଗମର ସମସ୍ତ ଏଜେଣ୍ଟ ଧାରଣା ଦେଇଥିଲେ। ଅଭିକର୍ତ୍ତା ସଙ୍ଗଠନ ସଭାପତି ବିପିନ ବିହାରୀ ପରିଡା, ସମ୍ପାଦକ ପ୍ରଭଞ୍ଜନ ଦାସ, ହୃଷୀକେଶ ପରିଡା, ଅଜୟ କୁମାର ପ୍ରଧାନଙ୍କ ସମେତ ଶତାଧିକ ଅଭିକର୍ତ୍ତା ଦାବି ପୂରଣ ପାଇଁ ସ୍ଲୋଗାନ ଦେଇ ଧାରଣାରେ ବସିଥିଲେ।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

WANTED
MARKETING EXECUTIVE - 3 Nos.
Graduate with 1 Year. Exp. in IT Field with very Good Communication Skills.
CONTACT
SONATECH INFOSOLUTIONS PVT. LTD.
H.B. Colony, C.S. Pur, Bhubaneswar
7381951030 / 7381231122
E-mail: accounts@sonatechindia.in

URGENT REQUIRED
Banking, Back Office, HR/ Admin, Sales / Marketing
Qual: 10+2 / Graduation, MBA
Male / Female
8594906311, 9777466896

ଆବଶ୍ୟକ
ବିଭିନ୍ନ ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଅଭିନୟ କରିବା ପାଇଁ ଅଭିନେତା, ଅଭିନେତ୍ରୀ ଆବଶ୍ୟକ।
ଯୋଗାଯୋଗ: 7991067010

AEEXA
MARKETING EXECUTIVE (M/F): 15 Nos.
OFFICIAL JOB (M/F): 10 Nos.
Contact:
7978931819, 7008479200
Mail Id: hr.amrit@aeexa.com

SALES EXECUTIVE REQUIRED
For AES INDUSTRIAL Pvt. Ltd. BBSR
Preferably B.Sc., Diploma, ITI having work experience in Industrial Sales & Field Marketing, for BBSR & Angul.
Send Resume to
info@aesindustrial.in
Contact M:
9438112545/9437679795

WANTED AUTOCAD STAFF
For Architectural/ Structural Consultancy Office.
Diploma Civil/Draftsman Civil/ Architecture Diploma Holders can apply.
9777247762

COOK, HELPER, WAITER Post Vacant at Hotel CHANCELLER.
CONTACT
8895444888
7077707278

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ବ୍ଲକ/ଜିଲ୍ଲାସ୍ତରୀୟ ନିଯୁକ୍ତି
ନିଜ ନିଜ ଅଞ୍ଚଳରେ Official Jobରେ କାମ କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary upto 22,000/-. Age (18-34) years, ରହିବାର ସୁବିଧା ଅଛି।
Contact: 9668051710

REQUIRED
MARKETING MANAGER: 2
MARKETING EXECUTIVE: 2
Two Wheeler must.
Fixed Salary + TA + DA + Fuel Allowance Daily.
Contact: 9040076999
jena2421@gmail.com

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319469228

DIRECT JOINING
CALL CENTER
DATA ENTRY
TELE CALLER
DELIVERY EXE
BACK OFFICE
AUTOCAD
Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9937529015, 9853844830

REQUIRED
ACCOUNTANT for BBSR Branch
Min. 2 Yrs Exp. in Tally
WEST COAST DIESEL LLP.
HIG-II/34, BDA Colony, Kapilaprasad, BBSR-751002
Contact: 9337003316
Email: odisha@wcdllp.com

APPOINTMENT
'Z' FINANCE Requires
1. COMPUTER ASSISTANTS-2 Nos.
2. MARKETING MANAGER- 15 Nos.
3. PEON- 2 Nos.
4. FINANCE MANAGER- 5 Nos.
Plot No: N-1/39, IRC Village.
Ph. No: 8480697808, 9078445982
Dt. Timing: 11 A.M.- 2 P.M.

ଡ୍ରାଇଭର ଆବଶ୍ୟକ
ଘରୋଇ ଗାଡି ଚଳାଇବା ପାଇଁ ଏବଂ ଢେଙ୍କାନାଳ, ଅନୁଗୁଳ, ଗଞ୍ଜାମ ଜିଲ୍ଲାର ଲୋକ ହୋଇଥିବା ରହିବା ବ୍ୟବସ୍ଥା ଅଛି।
7750899392

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରରେ Car ଏବଂ 407 ଗାଡ଼ି ଚଳାଇବା ପାଇଁ 4 ଜଣ ଡ୍ରାଇଭର ଆବଶ୍ୟକ।
Mobile: 7381203300

ଧରିତ୍ରୀ DHARITRI is looking for
LAYOUT DESIGNERS
• Minimum 3 years+ experience in news dailies.
• Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 10 days to:
recruitment@dharitri.com
Pay & perks will be the best in the industry for deserving candidates.

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
(Part Time / Full Time)
Contact: 9938676412

REQUIREMENT
A smart Sales Girl (Fluent in English, Hindi & Odia, minimum qualification +2 with Computer knowledge) for a Boutique. Handsome Salary.
Contact- N2/180, IRC Village, Nayapalli, Bhubaneswar.
Mobile: 9438185270

REQUIRED
Experienced Beautician for Ladies Beauty SPA & Staff for Garment Showroom (Ladies & Gents), Chandrasekharpur, Bhubaneswar.
Ph: 9861610222, 7008679211

A leading mattress & foam manufacturing company requires for Odisha
Marketing Executive
6 Posts
Salary (10 - 20K)
Contact:
8269927225, 7747016509

WANTED
For a Hotel division handling Hotels & Luxury Apartments
• Stewards
• Electrician
• Housekeeping Boys
Candidates with Hotel experience will be an added advantage.
Ph: 080 - 41487000/9000
99457 11116 / 98446 60100

WANTED PROJECT MANAGER
APPAREL TRAINING CENTRE
We are a leading garment manufacturer & exporters in Tamilnadu. We need an experienced candidate for multiple location in Orissa (Bhubaneswar, Rayagada /Gajapati, Ganjam, Kandhamal(Phulbani), Malkangiri, Mayurbhanj, Balangir, Sundergarh) to handle training centre with capacity of 70-100 Sewing machines & good knowledge on implementing Government schemes like DDU-GKY,PMKVY, ISDS.
The candidate should be responsible for sourcing, train the candidates, documentation & Liaison with local government bodies.
Salary will not be a constraint for the right candidate.
Interested candidates can share their resume to
hrudt@victus.in& viji.victus@gmail.com

Brunel ମାଗଣା ନିଯୁକ୍ତି
ତୁନ୍ଦଲା (ଉତ୍ତରପ୍ରଦେଶ)ରେ ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍ ରେଲୱେ ପ୍ରୋଜେକ୍ଟ ପାଇଁ ଆମେ କର୍ମଚାରୀ ଆବଶ୍ୟକ କରୁଛୁ
ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍‌ରେ ଅଭିଜ୍ଞତା ବାଧ୍ୟତାମୂଳକ
▸ଫିଟର୍ ▸ଆସିଷ୍ଟାଣ୍ଟ ଫିଟର୍
▸ଆରଆରଭି ଅପରେଟର୍ସ ▸ଲୋକୋ ଅପରେଟର୍ସ
ଉପରୋକ୍ତ ସମସ୍ତ ବର୍ଗ ପାଇଁ ସର୍ବନିମ୍ନ 5 ବର୍ଷର ଅଭିଜ୍ଞତା ଆବଶ୍ୟକ
ଆଗ୍ରହୀ ପ୍ରାର୍ଥୀମାନେ 7021507193 / 7400402754 ରେ କଲ୍ କରିବା ଏବଂ ସାକ୍ଷାତ୍‌କାର ସ୍ଥାନକୁ ମୂଳ ଆଧାର କାର୍ଡ, ପ୍ୟାନ୍ କାର୍ଡ ଏବଂ ବ୍ୟାଙ୍କ ପାସ୍ ବୁକ୍ ସାଙ୍ଗରେ ଆଣିବା ଆବଶ୍ୟକ

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ପଶ୍ଚିମ ଜାପାନରେ ଟାଇଫୁନ୍ ଜେବି ତାଣ୍ଡବ ରଚିଛି। ମଙ୍ଗଳବାର ଏହା ଜାପାନ ଉପକୂଳ ଛୁଇଁଥିବାବେଳେ ଏହାର ପ୍ରଭାବରେ ଘଣ୍ଟାପ୍ରତି ୨୧୬ କିମି ବେଗରେ ପବନ ବହୁଛି। ଏହାର ପ୍ରଭାବରେ ଭୂସ୍ଖଳନ ହୋଇଥିବା କୁହାଯାଉଛି। ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ପ୍ରଭାବିତ ଅଞ୍ଚଳ ଖାଲି କରି ସୁରକ୍ଷିତ ସ୍ଥାନକୁ ଚାଲି ଯିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଅପରେଶନ ପରୀ-୨ର ତୃତୀୟ ଦିନ
## ୩୭୭ ଶିଶୁ ଉଦ୍ଧାର, ୨୯ଜଣ ଅପହୃତ

**କଟକ ଅଫିସ, ୪।୯:** କ୍ରାଇମବ୍ରାଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଅପରେଶନ ପରୀ-୨ର ମଙ୍ଗଳବାର ତୃତୀୟ ଦିନରେ ୩୭୭ଜଣ ନିଖୋଜ ପିଲାଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୩୨୫ ନାବାଳକ ଏବଂ ୫୨ଜଣ ନାବାଳିକା ଅଛନ୍ତି। ବ୍ରହ୍ମପୁର ପୋଲିସ ଜିଲାରୁ ସର୍ବାଧିକ ୫୨ଜଣ ପିଲା ରହିଥିବାବେଳେ ଗଞ୍ଜାମ ଜିଲାରୁ ୫୧, ବୌଦ୍ଧ ଜିଲାରୁ ୪୨, ରାୟଗଡାରୁ ୨୦, ଗଜପତି ଜିଲାରୁ ୧୯ ଓ ଭଦ୍ରକ ଜିଲାରୁ ୧୬ ଜଣଙ୍କୁ ଉଦ୍ଧାର କରାଯାଇଛି। ତେବେ ଏମାନଙ୍କ ମଧ୍ୟରୁ ୨୯ଜଣଙ୍କୁ ଅପହରଣ କରି ନିଆଯିବା ପରେ ବିଭିନ୍ନ କାର୍ଯ୍ୟରେ ଲଗାଯାଇଥିଲା। ଉଦ୍ଧାର ଶିଶୁଙ୍କୁ ବିଭିନ୍ନ ଶିଶୁ ସୁରକ୍ଷା ସମିତିରେ ଛଡାଯାଇଥିବାବେଳେ ଏ ସମ୍ପର୍କରେ ସେମାନଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରଥମ ଦିନରେ ୩୫ ଏବଂ ଦ୍ୱିତୀୟ ଦିନରେ ୧୯୧ ପିଲାଙ୍କୁ ଉଦ୍ଧାର କରାଯାଇଥିଲା।

## କୋଟିପତି ଇଞ୍ଜିନିୟରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**କଟକ ଅଫିସ, ୪।୯:** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ସହକାରୀ ଯନ୍ତ୍ରୀ ବାସୁଦେବ ମହାରଣାଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୬୨ ଲକ୍ଷ ୧୫ହଜାର ୬୬୨ ଟଙ୍କା। ଯନ୍ତ୍ରୀ ମହାରଣାଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଥୁଳ ଅଭିଯୋଗ ହୋଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି ତଲାସି ୱାରେଣ୍ଟ ବଳରେ କୋରାପୁଟ ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ମଙ୍ଗଳବାର ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲେ। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ମହାରଣାଙ୍କ ଭବାନୀପାଟଣା ସହରର ଇରିଗେଶନ କଲୋନୀସ୍ଥିତ ଆବାସିକ ଘର, କେସିଙ୍ଗା ବ୍ଲକରେ ଥିବା ଅଫିସ ଚାମ୍ବର, ମ.ରାମଚନ୍ଦ୍ରପୁର ବ୍ଲକର ପାଇକପଡ଼ା ଗାଁରେ ଥିବା ଘର, କଲେଜ ରୋଡ୍‌ରେ ଥିବା ତିନି ମହଲା କୋଠା, ଦୁଇଟି ଡୁପ୍ଲେକ୍ସ ଓ ଜୁନାଗଡ଼ଠାରେ ଥିବା ସମ୍ପର୍କୀୟଙ୍କ ଘର ରହିଛି। ତିନି ମହଲା କୋଠାର ମୂଲ୍ୟକୁ ୭୧ ଲକ୍ଷ ୨୩ହଜାର ୮୩୯ ଟଙ୍କାରେ ହିସାବ କରାଯାଇଥିବାବେଳେ ମ.ରାମଚନ୍ଦ୍ରପୁରଠାରେ ଥିବା ଦୁଇଟି ଦୁଇ ମହଲା କୋଠାକୁ ୨୬ ଲକ୍ଷ ୭୨ହଜାର ୨୨୧ ଟଙ୍କାରେ ଭିଜିଲାନ୍ସ ହିସାବ କରିଛି। ସେହିପରି ପାଇକପଡ଼ା ଗାଁରେ ଥିବା କୋଠାକୁ ୧୭ ଲକ୍ଷ ୪ହଜାର ଟଙ୍କାରେ ହିସାବ କରାଯାଇଥିବା ବେଳେ ମ. ରାମଚନ୍ଦ୍ରପୁର ନିକଟରେ ତାଙ୍କର ୭ଟି ପ୍ଲଟ ଠାବ ହୋଇଛି।

# ତୈଳ ଦର ବୃଦ୍ଧି, ୩ ଦିନ ଆନ୍ଦୋଳନ କରିବ ବିଜେଡି

ଭୁବନେଶ୍ୱର,୪।୯(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

- ୭ରୁ ୯ ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା
- ପ୍ରତିବାଦ ବୌଦ୍ଧିକ ଦେବାଳିଆର ଉଦାହରଣ: ଭାଜପା
- ଶିଳ୍ପପତିଙ୍କ ସରକାର ନୈତିକ ଦାୟିତ୍ୱ ନେଉନାହାନ୍ତି: କଂଗ୍ରେସ

ପେଟ୍ରୋଲ ଓ ଡିଜେଲ ଦର ଲଗାତର ବୃଦ୍ଧି ପ୍ରତିବାଦରେ ରାସ୍ତାକୁ ଓହ୍ଲାଇବ ବିଜେଡି। ଆସନ୍ତା ୭ରୁ ୯ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଦଳ ପକ୍ଷରୁ ଆନ୍ଦୋଳନ ଓ ପ୍ରତିବାଦ ସଭା କରାଯିବ। ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଦଳର ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭାକୁ ବ୍ୟାପକ କରାଯିବ ବୋଲି କୁହାଯାଇଛି। ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ସରକାରଙ୍କ ଅପାରଗନୀତି ହିଁ ଦରବୃଦ୍ଧିର ମୁଖ୍ୟ କାରଣ ବୋଲି ବିଜେଡି ଅଭିଯୋଗ କରିଛି।

ସଞ୍ଜୟ ଦାସବର୍ମା କହିଛନ୍ତି, ୨୦୧୪ରେ ଦୁର୍ନୀତିଗ୍ରସ୍ତ ଉପା ସରକାର ପରେ କ୍ଷମତାକୁ ଆସିଥିବା ଏନ୍‌ଡିଏ ସରକାରକୁ ନେଇ ସାଧାରଣ ଜନତା ଉତ୍ସାହିତ ଥିଲେ। ହେଲେ ଯଥା ପୂର୍ବଂ ତଥା ପର ନ୍ୟାୟରେ ସାଧାରଣ ଜନତା ଆହୁରି ଶୋଷଣର ଶିକାର ହେଲେ। ଦେଶର ହାତଗଣତି କେତେଜଣ ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି। ଅଶୋଧିତ ତୈଳ ଦର ଆନ୍ତର୍ଜାତିକ ବଜାରରେ କମିଥିବା ବେଳେ ଏହାର ଫାଇଦା ସାଧାରଣ ଖାଉଟି ପାଉ ନାହାନ୍ତି। ପେଟ୍ରୋଲିୟମ୍ ମନ୍ତ୍ରୀ ପ୍ରଧାନ ଓଡ଼ିଶାର ହୋଇଥିବାରୁ ରାଜ୍ୟ ଜାତୀୟସ୍ତରରେ ଅଧିକ ଲଜ୍ଜିତ ହେଉଥିବା ସଞ୍ଜୟ କହିଛନ୍ତି। କିଛିଦିନ ପୂର୍ବେ ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ଆମେରିକାକୁ ଦୋଷ ଲଦିବା ଦୁର୍ଭାଗ୍ୟଜନକ। ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଏସ୍‌ଟି କାଉନସିଲ୍ ପ୍ରସ୍ତାବ ଗୃହୀତ କରୁ ବୋଲି ସଞ୍ଜୟ କହିଛନ୍ତି। ସେହିପରି ନୟାଗଡ ବିଧାୟକ ଅରୁଣ ସାହୁ କହିଛନ୍ତି, ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ଯୋଗୁ ଛାତ୍ର, ଯୁବକ, କ୍ଷୁଦ୍ର ବ୍ୟବସାୟୀମାନେ ସର୍ବାଧିକ କ୍ଷତିଗ୍ରସ୍ତ। ଏହାର ସମାଧାନର ରାସ୍ତା ବାହାର ନ କରି ବିଭାଗୀୟ କେନ୍ଦ୍ରମନ୍ତ୍ରୀ ହାତ ଟେକି ଦେବା ଦୁର୍ଭାଗ୍ୟଜନକ।

ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ମଲ୍ଲିକଭାଜପାକୁଏକଜନବିରୋଧୀସରକାର କହି ତାଚ୍ଛଲ୍ୟ କରିଛନ୍ତି। ସେ କହିଛନ୍ତି, ଖାଲି ପେଟ୍ରୋଲ, ଡିଜେଲ ନୁହେଁ ରନ୍ଧନ ଗ୍ୟାସ ଦରବୃଦ୍ଧି ଗୃହିଣୀଙ୍କୁ ଅଧିକ କ୍ଷତିଗ୍ରସ୍ତ କରିଛି। କେନ୍ଦ୍ର ସରକାରଙ୍କ ଶିଳ୍ପପତି ପ୍ରେମ ଗରିବ ଚୁଲି ମୁଣ୍ଡକୁ ମାଡ ବୋଲି ପ୍ରମିଳା କହିଛନ୍ତି।

ମିଳିଥିବା ସୂଚନାନୁଯାୟୀ ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଶାନ୍ତିପୂର୍ଣ୍ଣ ଭାବରେ ତିନିଦିନିଆ ପ୍ରତିବାଦ ସଭା କରାଯିବ। ବିଜେଡିର ଏହି ଆନ୍ଦୋଳନ ନୀତିକୁ ବୌଦ୍ଧିକ ଦେବାଳିଆ ବୋଲି ଅଭିହିତ କରିଛି ଭାଜପା। ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ରାଜ୍ୟ ସରକାର ଟ୍ୟାକ୍ସ ୨୧.୨ ପ୍ରତିଶତରୁ ୨୬ପ୍ରତିଶତକୁ ବଢାଇଛନ୍ତି କି ନାହିଁ। ଚତୁର୍ଦ୍ଦଶ ଅର୍ଥ କମିଶନର ସୁପାରିସ ପରେ ମୋଟ ଟିକସ ଆଦାୟର ୪୨ ପ୍ରତିଶତ ରାଜ୍ୟକୁ ଯାଉଛି ନା ନାହିଁ। ରାଜ୍ୟ ସରକାର ପେଟ୍ରୋଲ ଲିଟର ପିଛା ୧୫.୪୫ ଟଙ୍କା ଓ ଡିଜେଲ ଲିଟର ପିଛା ୧୫.୩୩ ଟଙ୍କା ନେଉଛି ନା ନାହିଁ ସ୍ପଷ୍ଟ କରିବା ପାଇଁ ଗୋଲକ କହିଛନ୍ତି। ରାଜ୍ୟ ସରକାର ନିଜେ ଟିକସ ହ୍ରାସ କରି ଦରବୃଦ୍ଧି ନିୟନ୍ତ୍ରଣ କରିପାରିବେ, ତାହା ନ କରି ରାଜନୀତି କରିବା ଦୁର୍ଭାଗ୍ୟଜନକ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

ସେହିପରି କଂଗ୍ରେସ ନେତା ତଥା ଏଆଇସିସି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି ଯେ, ଦୁଃଖର ବିଷୟ ଦରବୃଦ୍ଧିରୁ କିଏ କେତେ ଭାଗ ପାଇଲା ସେ କଥା କେନ୍ଦ୍ର ଓ ରାଜ୍ୟ ସରକାର ଯୁକ୍ତି କରୁଛନ୍ତି। ଦରବୃଦ୍ଧି ପାଇଁ ନୈତିକ ଦାୟିତ୍ୱ ନେବାକୁ ମଧ୍ୟ ପ୍ରସ୍ତୁତ ନୁହନ୍ତି। ଶିଳ୍ପପତିଙ୍କୁ ଲାଭାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ବଦ୍ଧପରିକର। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ର ସହ ସ୍ୱର ମିଳାଉଥିବା ବିଜେଡିର ପ୍ରତିବାଦ ଡାକରା ଏକ ଫାର୍ସ ଛଡା କିଛି ନୁହେଁ।

# କ୍ଷମତାର ଅପବ୍ୟବହାର କରୁଛି ବିଜେଡି: ଭାଜପା

### ସବୁ କଥାରେ ଅଭିଯୋଗ କରିବା ଭାଜପାର ନିତିଦିନିଆ କଥା: ବିଜେଡି



ଭାଜପା ବିଧାୟକମାନେ ଏଜିଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ବିଜେଡି ଶାସନ କ୍ଷମତାର ଅପବ୍ୟବହାର କରୁଛି। ଦଳୀୟ ସ୍ୱାର୍ଥ ପାଇଁ ରାଜ୍ୟବାସୀଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ଖର୍ଚ୍ଚ କରୁଛନ୍ତି। ଦଳୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମ୍ବିଧାନର ଆଇନକୁ ନିଜ ଇଚ୍ଛାରେ ପରିବର୍ତ୍ତନ କରି ଆମ ଗାଁ, ଆମ ବିକାଶ ଓ ବିଜୁ ଯୁବ ବାହିନୀ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ବିପୁଳ ରାଜସ୍ୱ ଖର୍ଚ୍ଚ କରି ଚାଲିଛି। ଏହାସହ ପଞ୍ଚାୟତ କ୍ଷମତାକୁ ଛଡାଇ ନେଇ ଶାସକ ଦଳ ସଚିବାଳୟରୁ ଅସାମ୍ବିଧାନିକ ଭାବେ ନିଜର ଏବଂ ଦଳୀୟ ଇଚ୍ଛା ଅନୁସାରେ ବିଭିନ୍ନ ଯୋଜନାର ପ୍ରଣୟନ କରୁଛନ୍ତି। ଏ ସମସ୍ତ ଅସାମ୍ବିଧାନିକ କାର୍ଯ୍ୟକଳାପରୁ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଥିବା ଭାଜପା ଅଭିଯୋଗ କରିଛି। ରାଜ୍ୟ ସରକାରଙ୍କ ଏସବୁ କାର୍ଯ୍ୟକଳାପକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ ଦଳର ବିଧାୟକମାନେ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଭେଟି ରାଜ୍ୟ ସରକାର କରିଥିବା ଆର୍ଥିକ ଅନିୟମିତତା ବିରୋଧରେ ତଦନ୍ତ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରାଜ୍ୟ ରାଜସ୍ୱରେ ଆୟୋଜିତ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମକୁ ଶାସକ ବିଜେଡି ଦଳୀୟ କାର୍ଯ୍ୟକ୍ରମ ଭାବେ ଆୟୋଜନ କରିବା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଜିଲାସ୍ତରର ସଂଯୋଜକ ଭାବେ ନିଯୁକ୍ତି ଦେଇଛନ୍ତି। ଯାହାଦ୍ୱାରା ସମ୍ବିଧାନର ଖୋଲା ଉଲ୍ଲଘଂନ ହେଉଛି। ସଚିବାଳୟରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁଭଳି ଭାବେ ଅର୍ଥ ପ୍ରଦାନ କରୁଛନ୍ତି ତାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ଆବଣ୍ଟନ କରାଯାଉଥିବା ଅର୍ଥର ଖର୍ଚ୍ଚ ପାଇଁ କୌଣସି ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ନାହିଁ। ସେହିପରି ବିଜୁ ଯୁବ ବାହିନୀ ବିଜେଡିର ଏକ ମୋର୍ଚ୍ଚା ଭାବେ କାର୍ଯ୍ୟ କରୁଛି। ରାଜ୍ୟବାସୀଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ମୁଖ୍ୟମନ୍ତ୍ରୀ ଦଳୀୟ ପ୍ରଚାର ପାଇଁ ବିଜ୍ଞାପନ, ବିଭିନ୍ନ ସଭା ଏବଂ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ଆମୋଦ ପ୍ରମୋଦ ପାଇଁ ଖର୍ଚ୍ଚ କରୁଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ଅର୍ଥନୈତିକ କାର୍ଯ୍ୟକଳାପ ବିରୋଧରେ ଏକ ସ୍ୱତନ୍ତ୍ର ଅଡିଟ୍ କରିବା ପାଇଁ ଭାଜପା ବିଧାୟକ ଦଳ ଦାବି କରିଛି। ଏହା ଉପରେ ଖୁବ୍‌ଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆକାଉଣ୍ଟାଣ୍ଟ ଜେନେରାଲ ନିର୍ଭର ପ୍ରତିଶ୍ରୁତି ଦେଇଥିବା କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି, ଭାରତବର୍ଷର ସମ୍ବିଧାନରେ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କ ଏକ ସୀମିତ ଦାୟିତ୍ୱ ରହିଛି। ଆର୍ଥିକ ସୁପରିଚାଳନା ସମ୍ପର୍କରେ ତର୍ଜମା କରିବା ଏଜିଙ୍କ କାର୍ଯ୍ୟ। ସରକାର ପରିଚାଳନା କରିବା ପାଇଁ ରାଜ୍ୟବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୋଟ ଦେଇଛନ୍ତି। ଆମ ଗାଁ, ଆମ ବିକାଶ ଏବଂ ବିଜୁ ଯୁବ ବାହିନୀ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ। ବିଜେଡି ୪ର୍ଥ ଥର ପାଇଁ ସରକାର ଗଢ଼ିବା ପରେ ଭାଜପା ପ୍ରତ୍ୟେକ କଥାରେ ଅଭିଯୋଗ ଆଣିବା ସେମାନଙ୍କ ଚିରାଚରିତ ଅଭ୍ୟାସରେ ପରିଣତ ହୋଇଛି ବୋଲି ସମୀର କହିଛନ୍ତି।

# ସ୍ୱାସ୍ଥ୍ୟସେବାକୁ ନେଇ ରାଜନୀତି ନ ହେଉ: ଶ୍ରୀକାନ୍ତ

ଭୁବନେଶ୍ୱର,୪।୯(ବ୍ୟୁରୋ)



ଶ୍ରୀକାନ୍ତ ଜେନା

ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ହେଲେ ସ୍ୱାସ୍ଥ୍ୟସେବାକୁ ନେଇ ଯେଉଁ ଭଳି ଭାବେ ରାଜନୀତି କରାଯାଉଛି ତାହା ନିନ୍ଦନୀୟ। କୌଣସି ମେଡିକାଲ କଲେଜ ଏବଂ ହସ୍ପିଟାଲ ସ୍ଥାପନ ପାଇଁ ଶ୍ରେୟ ନେବାକୁ ହେଉଥିବା ରାଜନୀତି ବନ୍ଦ ହେଉ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଙ୍ଗଳବାର କହିଛନ୍ତି।

ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ ଜେନା କହିଛନ୍ତି, ଉପା ସରକାର ଥିବା ସମୟରେ ଏକ କ୍ୟାମ୍ପସରେ ମେଡିକାଲ କଲେଜ ଏବଂ ହସ୍ପିଟାଲର ନିୟମ ରହିଥିଲା। ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଗୁଲାମ୍‌ନବୀ ଆଜାଦ୍ ଏମ୍‌ସିଆଇ ନିୟମରେ କୋହଳ କରିଥିଲେ। ଯାହା ଫଳରେ ମେଡିକାଲ ଠାରୁ ଦୂରରେ ମଧ୍ୟ କଲେଜ ପ୍ରତିଷ୍ଠା କରାଯାଇ ପାରିବ। ଏହି ନିଷ୍ପତ୍ତି ପରେ ସାରା ଦେଶରେ ୫୮ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା। ତନ୍ମଧ୍ୟରେ ବାଲେଶ୍ୱର, ବାରିପଦା ଓ ବଲାଙ୍ଗୀରକୁ ପ୍ରାଥମିକ ଭାବେ ମନୋନୀତ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୁରୀ ଏବଂ କୋରାପୁଟକୁ ମଧ୍ୟ ଯୋଡାଯାଇଥିଲା। କେନ୍ଦ୍ର ସରକାର ୪ ବର୍ଷର, ରାଜ୍ୟ ସରକାର ୧୮ ବର୍ଷ ଶାସକ। ନିର୍ବାଚନ ପାଖେଇ ଆସୁଥିବାରୁ ଏଭଳି ପ୍ରତିଯୋଗିତା ଚାଲିଛି। ସରକାରୀ ଅର୍ଥରେ ବିଭିନ୍ନ ଗଣମାଧ୍ୟମକୁ ଦିଆଯାଉଥିବା ବିଜ୍ଞାପନରେ ଠିକ୍ ତଥ୍ୟ ରହୁ। କରଦାତାଙ୍କ ଅର୍ଥ କିଭଳି ଖର୍ଚ୍ଚ କରାଯାଉଛି, ତାହା ଜାଣିବା ପ୍ରତ୍ୟେକ ନାଗରିକର ସାମ୍ବିଧାନିକ ଅଧିକାର ବୋଲି ଶ୍ରୀକାନ୍ତ କହିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ଏବଂ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିବା ପ୍ରକଳ୍ପର ଶ୍ରେୟ ଅନେକାଂଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଗୁଲାମ୍‌ନବୀ ଆଜାଦଙ୍କୁ ଯିବାକଥା। ୨୦୧୪ରେ ଏନ୍‌ଡିଏ କ୍ଷମତାସୀନ ହେବା ପରେ ଡା. ହର୍ଷବର୍ଦ୍ଧନଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଦାୟିତ୍ୱ ମିଳିଲା, ସେ ମଧ୍ୟ ସକାରାତ୍ମକ ଭାବେ ପ୍ରକଳ୍ପକୁ ଆଗେଇ ନେଉଥିଲେ। ଘଟଣାକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜେ.ପି ନଡ୍ଡାଙ୍କୁ ମିଳିଲା, ସେ କିନ୍ତୁ ନିଜ ଦାୟିତ୍ୱ ଠିକ୍ ଭାବେ ଅନୁପାଳନ କଲେ ନାହିଁ ବୋଲି ଶ୍ରୀକାନ୍ତ ଅଭିଯୋଗ କରିଛନ୍ତି।

ସେହିପରି ଭୁବନେଶ୍ୱର ଅନ୍ଧାରୁଆ ଠାରେ ୨୦୧୪ରେ ତତ୍କାଳୀନ ଶ୍ରମମନ୍ତ୍ରୀ ଓସ୍କାର ଫର୍ନାଡିଜ୍ ଇଏସ୍‌ଆଇସି ହସ୍ପିଟାଲ ଏବଂ ମେଡିକାଲ କଲେଜ ପାଇଁ ଶୁଭ ଦେଇଥିଲେ। ଏଥିପାଇଁ ରାଜ୍ୟ ସରକାର ୨୫ ଏକର ଜମି ଦେବା ପରେ ବି ଇଞ୍ଚେ କାମ ହୋଇନାହିଁ। ଏହା କ'ଣ ମୋଦି ସରକାରଙ୍କ 'ବିକାଶ'। ସେହିପରି ଏନ୍‌ଟିପିସି ଦ୍ୱାରା ସୁନ୍ଦରଗଡ, ଏମ୍‌ସିଏଲ୍ ଦ୍ୱାରା ତାଳଚେରରେ ପ୍ରସ୍ତାବିତ ଡାକ୍ତରଖାନା କୁଆଡେ ଗଲା ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି।

ଅପରପକ୍ଷରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ବୀମା କମ୍ପାନୀକୁ ଲାଭ ପହଞ୍ଚାଇବ। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଉଚ୍ଚଶିକ୍ଷା ନୀତି ଯୋଗୁ ରାଜ୍ୟରେ ବହୁ ସଂଖ୍ୟକ ଡାକ୍ତର ସୃଷ୍ଟି ହୋଇ ପାରୁ ନାହାନ୍ତି। ରାଜଧାନୀରେ ଡେଙ୍ଗୁ ବ୍ୟାପୁଛି, ସେ ସମୟରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡିକର କେଉଁ ଅବସ୍ଥା ତାହା ସହଜରେ ଅନୁମେୟ ବୋଲି ଶ୍ରୀକାନ୍ତ କହିଛନ୍ତି। ଅନ୍ୟତମ କଂଗ୍ରେସ ନେତା ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ମଧ୍ୟ ଗଣମାଧ୍ୟମକୁ ଉପା ସରକାର ଅବଦାନ ସମ୍ପର୍କରେ ଖବରଦାତା ସମ୍ମିଳନୀ କରି ଅବଗତ କରାଇଥିଲେ।

## ୟେଦୁଲ୍ଲାଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୪।୯(ବ୍ୟୁରୋ)

ସୁନ୍ଦରଗଡ଼ ଜିଲା ବଣାଇ ଉପଜିଲାପାଳ ଡ. ୟେଦୁଲ୍ଲା ବିଜୟଙ୍କୁ ମଙ୍ଗଳବାର ଅତିରିକ୍ତ ଦାୟିତ୍ୱ ମିଳିଛି। ସାଧାରଣ ପ୍ରଶାସନ(ଜିଏ) ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୟେଦୁଲ୍ଲା ବଣାଇ ଆଇଟିଡିଏର ପି.ଏ ଭାବେ କାର୍ଯ୍ୟ କରିବେ।

## ରିମାଣ୍ଡରେ ଓପେପା ଅଧିକାରୀ, ତହସିଲଦାର ସ୍ୱାମୀ

କଟକ ଅଫିସ, ୪।୯

ଓଡ଼ିଶା ପ୍ରାଇମେରୀ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓପେପା)ର ଅର୍ଥ ପରାମର୍ଶଦାତା ନଳିନୀ କୁମାରୀ ପୃଷ୍ଟି ଓ ତାଙ୍କ ତହସିଲଦାର ସ୍ୱାମୀ ବିଜୟ କେତନ ସାହୁଙ୍କୁ ମଙ୍ଗଳବାର ଭିଜିଲାନ୍ସ ତିନିଦିନିଆ ରିମାଣ୍ଡରେ ଆଣିଛି। ଏହି ତିନିଦିନ ମଧ୍ୟରେ ଭିଜିଲାନ୍ସ ସେମାନଙ୍କ ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ଅଧିକ ଖୋଳତାଡ଼ କରିବ। କିଭଳି ଏତେ ପରିମାଣର ସମ୍ପତ୍ତି ଥୁଳ କରିଥିଲେ, ସେ ନେଇ ଭିଜିଲାନ୍ସ ସେମାନଙ୍କୁ ପଚରାଉଚରା କରିବ ବୋଲି ଭିଜିଲାନ୍ସ ସେଲ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଥୁଳ ଅଭିଯୋଗରେ ଭିଜିଲାନ୍ସ ଅଗଷ୍ଟ ୩୦ରେ ସେମାନଙ୍କୁ ଗିରଫ କରିଥିଲା। ଏ ନେଇଭିଜିଲାନ୍ସସେଲ୍‌ଥାନାରେ୭/୧୮ରେଏକମାମଲାରୁଜୁକରାଯାଇଥିଲା।

ସୂଚନାଥାଉ କି, ଅଗଷ୍ଟ ୨୯ରେ ଭିଜିଲାନ୍ସ ସେଲ୍ ପକ୍ଷରୁ ପୃଷ୍ଟି ଏବଂ ସାହୁଙ୍କର ବିଭିନ୍ନ ସ୍ଥାନରେ ଥିବା ଘର, ଅଫିସ ସମେତ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇଥିଲା। ଯାଞ୍ଚରୁ ମୋଟ ୬ କୋଟି ୮୭ ଲକ୍ଷ ୧୮ ହଜାର ୯୩୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ତେବେ ଠାବ ସମ୍ପତ୍ତି ମଧ୍ୟରୁ ୫ କୋଟି ୫ ଲକ୍ଷ ଆୟ ବହିର୍ଭୂତ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

# ଓଭରସିୟରଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

କଟକ ଅଫିସ, ୪।୯

### କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

କଳାହାଣ୍ଡି ଜିଲା ନର୍ଲା ଓ ମ.ରାମଚନ୍ଦ୍ରପୁର ବ୍ଲକର ମୃତ୍ତିକା ସଂରକ୍ଷଣ ବିଭାଗର ଓଭରସିୟର ପୀତବାସ ମହାକୁଡ଼ଙ୍କ ଘର ଓ ଅଫିସ୍ ସମେତ ୫ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଥୁଳ ଅଭିଯୋଗ ଥିଲା। ତେବେ ଯାଞ୍ଚରୁ ମୋଟ ୧ କୋଟି ୩୮ ଲକ୍ଷ ୨୭ହଜାର ୩୩୮ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରେ ମ.ରାମଚନ୍ଦ୍ରପୁର ନିକଟରେ ଥିବା ଗୋଟିଏ ତିନି ମହଲା କୋଠା ରହିଛି। ଉକ୍ତ କୋଠାର ମୂଲ୍ୟ ୨୨ ଲକ୍ଷ ୮ହଜାର ୩୭୪ ଟଙ୍କା ହେବ ବୋଲି ଭିଜିଲାନ୍ସ ହିସାବ କରିଛି। ନର୍ଲା ଶ୍ରୀପଲ୍ଲୀ ଗ୍ରାମରେ ଥିବା ଗୋଟିଏ ଡୁପ୍ଲେକ୍ସର ମୂଲ୍ୟ ୨୪ ଲକ୍ଷ ୪୭ହଜାର ୧୫ ଟଙ୍କାରେ ଆକଳନ କରାଯାଇଥିବାବେଳେ ମ.ରାମଚନ୍ଦ୍ରପୁର ନିକଟରେ ୧୨ ଲକ୍ଷ ୬୯ହଜାର ୪୫୦ ଟଙ୍କାର ଏକ କୋଠା ଓ ଶ୍ରୀପଲ୍ଲୀ ନିକଟରେ ଠାବ ଅନ୍ୟ ଏକ କୋଠାର ମୂଲ୍ୟ ୮ ଲକ୍ଷ ୫୧ହଜାର ୮୪୧ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ସେହିପରି ନର୍ଲାର ଶ୍ରୀପଲ୍ଲୀ ନିକଟରେ ତାଙ୍କର ଫ୍ଲାଏ ଆସ୍ ଫ୍ୟାକ୍ଟ୍ରିକୁ ଭିଜିଲାନ୍ସ ଠାବ କରିଛି। ଉକ୍ତ ଫ୍ୟାକ୍ଟ୍ରି ଘରର ମୂଲ୍ୟ ୭ ଲକ୍ଷ ୬୧ହଜାର ୪୭୩ ଟଙ୍କାରେ ଆକଳନ କରାଯାଇଛି। ମ.ରାମଚନ୍ଦ୍ରପୁର ଓ ଶ୍ରୀପଲ୍ଲୀ ନିକଟରେ ୩ଟି ପ୍ଲଟର ମୂଲ୍ୟ ୧ ଲକ୍ଷ ୨୩ହଜାର ୨୦୦ ଟଙ୍କା, ଫ୍ଲାଏ ଆସ୍ ଫ୍ୟାକ୍ଟ୍ରିରେ ଲାଗିଥିବା ଯନ୍ତ୍ରାଂଶର ମୂଲ୍ୟକୁ ୨୬ ଲକ୍ଷ ଟଙ୍କାରେ ଭିଜିଲାନ୍ସ ହିସାବ କରିଥିବାବେଳେ ଗୋଟିଏ ୧୬ ଲକ୍ଷ ଟଙ୍କା ମୂଲ୍ୟର ଟ୍ରକକୁ ଠାବ କରିଛି। ଏଥିସହ ମହାକୁଡ଼ଙ୍କର ୫ ଲକ୍ଷ ୪୦ହଜାର ଟଙ୍କା ମୂଲ୍ୟର ଗୋଟିଏ କାର୍, ୬ ଲକ୍ଷ ୮୫ହଜାର ଟଙ୍କା ମୂଲ୍ୟର ଗୋଟିଏ ଟ୍ରାକ୍ଟର ଥିବାବେଳେ ତାଙ୍କ ଘରୁ ୨ ଲକ୍ଷ ୬୮ହଜାର ୪୫୦ ଟଙ୍କା ମୂଲ୍ୟର ଗହଣା, ୩ ଲକ୍ଷ ୮୩ହଜାର ଟଙ୍କା ମୂଲ୍ୟର ଆସବାବପତ୍ର, ନଗଦ ୧୫ହଜାର ୯୭୫ ଟଙ୍କା, ବ୍ୟାଙ୍କ ଓ ବୀମା ଜମା ବାବଦରେ ୭୩ହଜାର ୫୬୦ ଟଙ୍କା ରହିଥିବା ଭିଜିଲାନ୍ସ ସୂଚନା ଦେଇଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
E.H.T (C) DIVISION, JHARSUGUDA
At- Budhipadar, Po: H.Katapali, Dist.- Jharsuguda- 768202
E-mail: ehtc.div.jsg@optcl.co.in
Tender No.02/2018-19 Dt.: 04.09.2018

**TENDER NOTICE**

Sealed tenders are invited from Registered Travel Agencies / Vehicle Owners having valid GST / registration for hiring of 1 no. of Diesel Run Commercial Light vehicle (Bolero non AC) for use of SDO, EHT (C) S/D Rourkela. Cost of tender paper Rs. 2000/- + 12% GST along with EMD of Rs. 5,000.00. Sale of tender documents starts from **05.09.2018** to **15.09.2018** in working days only. Last date of submission of tender is **17.09.2018** upto **12.00 Noon.** Date of opening of tender **17.09.2018** at **03.00 PM.** For details please visit our website **www.optcl.co.in.** (Bidders are requested to visit above site regularly for any changes, since it will not be published in newspaper again).

Sd./- Dy. General Manager (Elect.)

OFFICE OF THE
MUNICIPAL COUNCIL, ANGUL
No. 4890 Dt.03.09.2018

**e-Procurement**

**Tender reference No.EO/AGLM-(SAN)-02/2018-19**
**Bid Identification No. 2018_ORULB_49163**

Bid documents consisting of work, estimated cost, cost of tender paper, E.M.D, Time of completion, Registered contractor of state Govt. Registered contractor of Angul Municipality contractor / Registered Firms / Service Provider / NGOs those are experience in similar nature of work at least for one year having manually / mechanically and the set of terms and condition of contract and other necessary documents can be seen in Govt. website i.e. **www.tendersorissa.gov.in**.

| | |
|---|---|
| Name of the work | : Sanitation work of Angul Municipality |
| No. of works | : 3 Nos. |
| Estimated cost | : **Rs. 30.16 lakhs to 32.05 lakhs** |
| Date & time of availability of bid documents in the portal | : From 11.00 AM of Dt.04.09.2018 to 15.09.2018 upto 05.00 PM |
| Last date of receive of bid through online | : On or before 15.09.2018 upto 05.00 PM |
| Bid receive online shall be opened on | : At 11.00 AM on 18.09.2018 |

Sd./- Executive Officer
Angul Municipality

ODISHA POLICE DISTRICT HEAD QUARTERS, MAYURBHANJ, BARIPADA
No. 3631/E Dt.03.09.18

No. 205-D: The Written test for Civil Constables of this district has been fixed to be held on **09.09.18** from **04.30 PM** to **05.15 PM** at North Odisha University, Takatpur, Baripada. Altogether 450 numbers of candidates both men & women in all categories have been selected to appear the written examination at the venue & time as mentioned above. The above candidates will report at RO, Baripada on **08.09.18** at **08.00 AM** along with identity card, +2 Mark sheet, a stamp size photograph, Black / Blue point pen, Hard clip board & all original certificates regarding briefing for written examination / verification of certificates.

**Sd./- Superintendent of Police, Mayurbhanj**
12029/11/0038/1819

OFFICE OF THE
COLLECTOR & DM, NABARANGPUR
**(ST & SC DEV. SECTION)**

**CORRIGENDUM**

No. 1456/2018 Date: 04.09.2018

In partial modification to this office advertisement No. 859/SSD-Esst. 2018, dated 10.05.2018 the eligibility conditions as laid down at 1, 2 and 3 of N.B. clause at the bottom of the above said advertisement at page number-3 shall be substituted by:

**"For the posts of BA. BEd. / BSC. BEd. / Sanskrit Teacher / Hindi Teacher / PET, the suitable candidates from Nabarangpur district will be given first preference. In selecting the suitable candidates for appointment, the guidelines as communicated vide the Notification No. 1169/93, dated 13.12.1993 of Tribal Welfare Department, Govt. of Odisha and the Resolution No. 18618/SME of school & Mass Education Department, dated 17.09.2016 shall be followed."**

By order of Collector
**Sd./- District Welfare Officer, Nabarangpur**

**TENDER CALL NOTICE**

No.77-MM: Sealed tenders are invited for auction sale of the following confiscated vehicle seized in commission of Forest offence case of Satkosia Wildlife Division as is where is basis to be opened on 10.09.2018 at 04.00 PM in presence of the tenderers / their representatives in the office of the undersigned. The details of vehicle with its location and term and condition for auction through tender will be made available in the office of the Divisional Forest Officer, Satkosia Wildlife Division, Angul and the same can be obtained by the intending tenderer on payment of Rs. 100/- (Rupees one hundred) only on any working days in between 10.00 AM to 05.00 PM.

| Sl. No. | Type of vehicle | Regd. No. |
|---|---|---|
| 1 | TATA ACE | OR-02-BR-8880 |

**Sd./- Divisional Forest Officer, Satkosia Wildlife Division, Angul**
08022/11/0003/1819

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୫ ସେପ୍ଟେମ୍ବର, ୨୦୧୮



## କୃତ୍ରିମ ମାଛଖାଦ୍ୟ ପାଇଁ



ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସି.ଏ.ଏନ୍. ୧୦ କି.ଗ୍ରା. ଏବଂ ଏସ୍.ଏସ୍.ପି. ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ ।

-ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଲୋଗ୍ରାମ୍ ହିସାବରେ ମାଛମାନଙ୍କୁ ଦିଅନ୍ତୁ ।

-କୃତ୍ରିମ ଖାଦ୍ୟ ତିଆରି ଲାଗି ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ । ୧୦୦ କିଲୋଗ୍ରାମ୍ କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଲୋଗ୍ରାମ୍ ବାଦାମ/ଶୋରିଷ/ରାଶି/ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କିଲୋଗ୍ରାମ୍ ଶୁଖୁଆଗୁଣ୍ଡ, ୨୮ କିଲୋଗ୍ରାମ୍ କାଣ୍ଡିଆକୁଣ୍ଡା, ୧୦ କିଲୋଗ୍ରାମ୍ ଅଟା ଓ ୨ କିଲୋଗ୍ରାମ୍ ମିନେରାଲ୍ ମିକ୍ସଚର ଆବଶ୍ୟକ । ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦିଅନ୍ତୁ ।

## ତୈଳବୀଜ ଫସଲ

ଉପକୂଳବର୍ତ୍ତୀ ଜିଲାରେ ତୋରିଆ ଜାତୀୟ ସୋରିଷ ଚାଷ ଲାଗି ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ ।

- ଅଣ ଜଳସେଚିତ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ୩୦ କି.ଗ୍ରା. ଯବକ୍ଷାରଜାନ ୧୫ କି.ଗ୍ରା., ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।



## ଅମୃତଭଣ୍ଡାରେ ରୋଗ ଦମନ

**ଅମୃତଭଣ୍ଡା:** ଅମୃତଭଣ୍ଡା ଗଛର ମୂଳଶଢ଼ାରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ।

-ରୋଗଣା ଗଛକୁ ବାହାର କରିଦିଅନ୍ତୁ ।

- ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛମୂଳରେ ମାଟି ଭିଜା କରନ୍ତୁ ।

**ଲେମ୍ବୁ:** ବର୍ଷାଦିନେ ଲେମ୍ବୁରେ ସୋଲା ବେମାରି (ସ୍କାବ୍) ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଏହି ରୋଗରେ ପତ୍ର ଛୋଟଛୋଟ ଫୋଟକା ଓ ଲୋଚାକୋଚା ହୁଏ, ଫଳରେ ବାଦାମୀ ରଙ୍ଗ ହୁଏ ।

ଏହାର ପ୍ରତିକାର ପାଇଁ – ଆକ୍ରାନ୍ତ ହୋଇଥିବା ଡାଳପତ୍ର ଓ ଫଳକୁ ଗଛରୁ କାଟି ଦିଅନ୍ତୁ ।

-ନୂଆ ପତ୍ର ବାହାରିବା ପରେ ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

-ଏକଭାଗ ବୋର୍ଡୋକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ବ୍ୟବହାର କରାଯାଇ ପାରିବ ।



# ଏ ମାସର କୃଷି ସୂଚନା



**ଧାନ :** ଢିପଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ ।

– ବିଳମ୍ବରେ ରୁଆ ଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ତଳି ୧୭ ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ ।

– ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ ।

– ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୨ ରୁ ୫ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟା କରନ୍ତୁ ।

– ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ସକାଶେ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ଲାଗି ଟ୍ରାୟାଜୋଫସ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲୁ.ପି. ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୨ ମି.ଲି.)କୁ ଗୋଳାଇ ସିଞ୍ଚନ କରନ୍ତୁ ।

– ଜଳସେଚନ ସୁବିଧାଥିବା ଜମିରେ ନଳିତା କଟାହେବା ପରେ ସଅଳ କିସମ ଧାନ ଯଥା – ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩ ଧାନ ରୁଅନ୍ତୁ ।

**ମକା :** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ । କାରଣ କିଆରିରେ ଠିଆପାଣି ଜମି ରହିଲେ କାଣ୍ଡଶଢ଼ା ରୋଗ ଦେଖାଯାଏ । ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ମାଣ୍ଡିଆ :** ମାଣ୍ଡିଆ କିଆରିରେ ଠିଆ ପାଣି ରଖନ୍ତୁ ନାହିଁ । ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ଡାଲି ଜାତୀୟ ଫସଲ :** ଢିପଜମିରେ ମୁଗ, ବିରି, କୋଳଥ ଆଦି ଡାଲି ଜାତୀୟ ଫସଲ ଚାଷ କରନ୍ତୁ ।

**ମୁଗ :** ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍. ୧୧-୫ (କାମଦେବ), ସୁଜାତା, ଧଉଳି, ଆଇ.ପି.ଏମ୍.-୨-୩ ଓ ଆଇ.ପି.ଏମ୍.-୨-୧୪ ।

**ବିରି :** ଟି-୯, ପନ୍ତ ୟୁ-୩୦, ପନ୍ତ ୟୁ-୩୫, ପ୍ରସାଦ, ଶେଖର-୨, ସାରଳା, ଉଜ୍ଜ୍ୱଳା ।

**କୋଳଥ :** ଉର୍ମୀ, ଡି.ଏ.ଏସ୍. ୧-୨-୨, ଡି.ଏ.ଏସ୍. ୧-୨, ସି.ଇ.-୧, ପାୟେର-୨ । – ମୁଗ, ବିରି ହେକ୍ଟର ପ୍ରତି ୨୦ ରୁ ୨୫ କିଲୋଗ୍ରାମ୍ ଓ କୋଳଥ ୩୦ କିଲୋଗ୍ରାମ୍ ଆବଶ୍ୟକ ହୋଇଥାଏ । ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍‌ରେ ଗୋଳାଇ ବିଶୋଧନ କରନ୍ତୁ । ବୁଣିବା ପୂର୍ବରୁ ନିର୍ଦ୍ଦିଷ୍ଟ ଜୀବାଣୁ କଲଚର କିଲୋଗ୍ରାମ୍ ପ୍ରତି ୨୦ ଗ୍ରାମ୍ ହିସାବରେ ବିହନକୁ ଉପଚାର କରି ଛାଇରେ ଶୁଖାଇ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ ।

– ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ମୁଗ, ବିରି ବା ହରଡ଼ ଫସଲରେ ଦେଖାଦେଲେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ୩ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ ।

*–କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

## ସେବତୀ ଫୁଲ

ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ ।

-ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର୍ ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଙ୍ଗ ଷ୍ଟାର୍, ସୁପର ଜ୍ୟାଣ୍ଟ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।



## ଶୀତଦିନିଆ ପନିପରିବା

ଶୀତଦିନିଆ ପନିପରିବା ଚାଷ କରିବା ପାଇଁ ଚାରା ପକାଇବା ଆରମ୍ଭ କରନ୍ତୁ । (ଏକ ଏକର ଜମିରେ ପରିବା ଚାଷ କରିବା ଲାଗି ୫୦ ବର୍ଗମିଟର ଜାଗାରେ ୧ ମିଟର ଓସାର ଓ ୩ ମିଟର ଲମ୍ବର ମାଟି ପତନଠାରୁ ୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ସବୁ ୫୦ ସେ.ମି. ବ୍ୟବଧାନରେ ନାଳି ରଖି ପ୍ରସ୍ତୁତ କରନ୍ତୁ) ।

■ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନରେ ୧ ଗ୍ରାମ୍ ଭିଟାଭାକ୍ସ ପାୱାର୍ କିମ୍ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରନ୍ତୁ ।

■ତଳିଘରାରେ ମଧ୍ୟ କ୍ୟାପ୍‌ଟାନ୍ (୦.୨%) ସିଞ୍ଚନ କରନ୍ତୁ । ତଳିଘରାରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ।

■ସଅଳ ଶୀତଦିନିଆ ଉନ୍ନତ ପନିପରିବାର କିସମ ଗୁଡ଼ିକ ହେଲା *ମୂଳା* : ପୁଷା ଚେତକି, ପୁଷା ରଶ୍ମୀ, ପୁଷା ହିମାନୀ । ***ଫୁଲକୋବି*** : ପୁଷା ଦୀପାଳି, ପୁଷା କୁଆଁରୀ, ପୁଷା କାଟକୀ, ଇର୍ଲି ସିନ୍ଥେଟିକ୍ । ***ବନ୍ଧାକୋବି*** : ପ୍ରାଇଡ୍ ଅଫ୍ ଇଣ୍ଡିଆ, ଗୋଲ୍‌ଡେନ୍ ଏକର, ଗ୍ରୀନ୍ ବଲ୍, ପ୍ରିୟା । ***ଗୁଆଁର*** : ପୁଷା ସଦାବାହାର, ପୁଷା ନୌବାହାର । ***ଟମାଟୋ*** : ଉତ୍କଳ ଦିପ୍ତୀ, ଉତ୍କଳ କୁମାରୀ, ଉତ୍କଳ ଶ୍ରାବଣୀ । ***ବିନ୍*** : ଆର୍କାକୋମଲ, ଆର୍କାସୁବିଧା ।

■ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ ।

■ବାଇଗଣରେ କାଙ୍କଡ଼ିଆ ପୋକର ଦମନ ପାଇଁ ୧ ଲିଟର ପାଣିରେ ଟ୍ରାଇଆଜୋଫସ୍ ୫୦ ଇ.ସି. ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ । ଏକର ପିଛା ୨୦୦ ଲିଟର ଦ୍ରବଣ ସିଞ୍ଚନ କରିବା ଆବଶ୍ୟକ ।

■କାଣ୍ଡ ଓ ଫଳପଚା ରୋଗ ଲାଗିଥିଲେ ଏହାର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ବା କପର ହାଇଡ୍ରୋକ୍ସାଇଡ୍ କିମ୍ବା ବୋର୍ଡୋକ୍ସ ମିକ୍ସଚର (୫:୫:୫୦) ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

■କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ପାଇଁ ୧ ମି.ଲି. ମାଲାଥିଅନ୍ ସହିତ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷ ଥୋପ କରି ବ୍ୟବହାର କରନ୍ତୁ ।



## ପରିବର୍ତ୍ତିତ ଜଳବାୟୁ ଓ କୃଷି



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

କୃଷିକ୍ଷେତ୍ର ସମ୍ମୁଖୀନ ହେଉଥିବା ପ୍ରମୁଖ ସମସ୍ୟାଗୁଡ଼ିକ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଅନ୍ୟତମ । ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ କୃଷିକ୍ଷେତ୍ରରେ ପ୍ରତ୍ୟକ୍ଷଭାବେ ଅନୁଭୂତ ହେଉଛି । ପରିବର୍ତ୍ତିତ ଜଳବାୟୁ ପ୍ରଭାବରେ ଉତ୍ତାପ ବୃଦ୍ଧି, ବୃଷ୍ଟିପାତରେ ଅନିୟମିତତା ଏବଂ ପାଣିପାଗରେ ଅନିଶ୍ଚିତତା ଲକ୍ଷ୍ୟ କରାଯାଉଛି । ସାରା ବିଶ୍ୱରେ କୃଷିକ୍ଷେତ୍ରର ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦେଖିବାକୁ ମିଳୁଛି । ପୃଥିବୀର କୋଣ ଅନୁକୋଣରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧିପାଉଛି ଏବଂ ପାଣିପାଗରେ ଏକ ବଡ଼ଧରଣର ପରିବର୍ତ୍ତନ ପରିଲକ୍ଷିତ ହେଉଛି । କୃଷି ଉପରେ ନିର୍ଭର କରୁଥିବା ବିଶ୍ୱର ବିକାଶଶୀଳ ରାଷ୍ଟ୍ରଗୁଡ଼ିକର କୃଷିକ୍ଷେତ୍ର ପରିବର୍ତ୍ତିତ ଜଳବାୟୁରେ ପ୍ରଭାବିତ ହେଉଛି । ଭାରତରେ ବିଗତ ବର୍ଷରେ ବୃଷ୍ଟିପାତର ଅନିୟମିତତା ଖାଦ୍ୟଶସ୍ୟ ଉତ୍ପାଦନରେ ବାଧକ ସାଜିଛି । ଭାରତର ବୃହତ୍ ଆକାର କୃଷି ଜଳବାୟୁ ଅଞ୍ଚଳର ବିଭିନ୍ନତା, କ୍ଷୁଦ୍ର କୃଷିକ୍ଷେତ୍ର ଏବଂ ଅନୁକୂଳ ମୌସୁମୀ ଉପରେ ନିର୍ଭରତା ଯୋଗୁ ଜଳବାୟୁ ପରିବର୍ତ୍ତନ କୃଷିକ୍ଷେତ୍ର ପାଇଁ ଏକ ବୃହତ୍ ସମସ୍ୟା ହୋଇ ଉଭାହୋଇଛି । ଅନୁସନ୍ଧାନରୁ ଜଣାଯାଏ ଯେ ଜଳବାୟୁ ପରିବର୍ତ୍ତନରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଗ୍ରୀନ୍ ହାଉସ୍ ଗ୍ୟାସ୍ କୃଷିକ୍ଷେତ୍ରରୁ ନିର୍ଗତ ହେଉଛି । ଗ୍ରୀନ୍‌ହାଉସ୍ ଗ୍ୟାସ୍‌ର ଏହି ନିର୍ଗମନ ଧାନଚାଷ, କୃଷିକ୍ଷେତ୍ରର ପଚାଶଢ଼ା ବସ୍ତୁ, ମୃତ୍ତିକା, ଖତସାର ପରିଚାଳନା ଏବଂ ଫସଲର ଅବଶେଷକୁ କିଆରିରେ ପୋଡ଼ିବା ଦ୍ୱାରା ହେଉଛି । ଫଳତଃ କୃଷିକ୍ଷେତ୍ର ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ପ୍ରାଣୀସମ୍ପଦ ଓ ମତ୍ସ୍ୟ ଉତ୍ପାଦନ ମଧ୍ୟ ପ୍ରଭାବିତ ହେଉଛି । ଗ୍ରୀନ୍‌ହାଉସ୍ ଗ୍ୟାସ୍ ଦ୍ୱାରା ଜଳବାୟୁ ଶତକଡ଼ା ୧୭ ଭାଗ ପ୍ରଭାବତ ହେଉଛି ଏବଂ ମୃତ୍ତିକା ଉପଯୋଗ ହେବାଦ୍ୱାରା ଶତକଡ଼ା ୭ରୁ ୧୪ ଭାଗ ଜଳବାୟୁ ପରିବର୍ତ୍ତିତ ହେଉଛି ।

ପରିବର୍ତ୍ତିତ ଜଳବାୟୁ ଖାଦ୍ୟାଭାବ କରିବା ସଙ୍ଗେ ସଙ୍ଗେ ଜଳାଭାବ, ପ୍ରଦୂଷଣ, ମୃତ୍ତିକା ଅବକ୍ଷୟ ଇତ୍ୟାଦି କରୁଛି । ଫସଲ ଓ ପଶୁସମ୍ପଦର ବିକାଶ ଉପରେ ବାଧା ସୃଷ୍ଟି କରୁଛି । ତାପମାତ୍ରାରେ ପରିବର୍ତ୍ତନ, ଫସଲରେ ଜଳର ଆବଶ୍ୟକତା, ପରିମାଣ ଓ ଉପଲବ୍ଧତାକୁ ନିୟନ୍ତ୍ରଣ କରୁଛି । ଗ୍ରୀନ୍‌ହାଉସ୍ ଗ୍ୟାସ୍‌ର ନିର୍ଗମନ ଜଳବାୟୁ ପରିବର୍ତ୍ତନକୁ ପ୍ରୋତ୍ସାହିତ କରୁଛି । ମୃତ୍ତିକାରୁ ନାଇଟ୍ରସ୍ ଅକ୍ସାଇଡ୍‌ର ନିର୍ଗମନ, ସାର ପ୍ରୟୋଗ, ପଶୁଚାରଣ, ପଶୁସମ୍ପଦ ଦ୍ୱାରା ମିଥେନ ଗ୍ୟାସ୍‌ର ଉତ୍ପାଦନ ଆଗାମୀ ଦିନରେ ଅଙ୍ଗାରକାମ୍ଳର ଉତ୍ସ ହୋଇ ପୃଥିବୀକୁ ଯେ ନିଶ୍ଚୟ ଉତ୍ତପ୍ତ କରିବ ଏଥିପାଇଁ ସନ୍ଦେହର ଅବକାଶ ନାହିଁ । ତାପମାତ୍ରା ବୃଦ୍ଧି ହେବା ଫଳରେ ରୋଗ ଜୀବାଣୁ ଓ ଫସଲ ଅନିଷ୍ଟକାରୀ କୀଟପତଙ୍ଗଙ୍କର ବଂଶ ବୃଦ୍ଧି ଘଟୁଛି ଏବଂ ଜୀବାଣୁଙ୍କର ଜୀବନଚକ୍ରର କ୍ରମବିକାଶ ହେଉଛି ।



(କ୍ରମଶଃ...)

*–କାନନବିହାର, ଭୁବନେଶ୍ୱର, ମୋ: ୭୮୯୪୩୩୫୩୭୧*

ପ୍ରଥମ ପୃଷ୍ଠାରୁ...

### ବ୍ରିଜ୍ ଭୁଶୁଡ଼ି ...

ସେହିପରି ୨୫ ଆହତଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବ୍ରିଜ୍ ଭୁଶୁଡ଼ିବାବେଳେ ତା' ଉପର ଦେଇଯାଉଥିବା କେତେକ କାର ଏବଂ ଏକ ମିନିବସ୍‌ରେ ଅନେକ ଲୋକ ଫସିରହିଥିଲେ । ସେମାନଙ୍କୁ ଉଦ୍ଧାର କରାଯାଇଛି । ଭଗ୍ନାବଶେଷ ସଫା କରିବା ଲାଗି ବିପର୍ଯ୍ୟୟ ପରିଚାଳନା ଟିମ୍ ମୁତୟନ ହୋଇଛନ୍ତି ବୋଲି ଏନ୍‌ଡିଆର୍‌ଏଫ୍ ଡିଜି ସଞ୍ଜୟ କୁମାର କହିଛନ୍ତି । ଉକ୍ତ ଅଞ୍ଚଳରେ ସର୍କୁଲାର ରେଲୱେ ସେବା ଏବଂ ଲୋକାଲ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । ବ୍ରିଜ୍ ଭୁଶୁଡ଼ିପଡ଼ିବା ପରେ ସମ୍ପୃକ୍ତ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ବଢ଼ିଯାଇଛି । ଦକ୍ଷିଣ-ପଶ୍ଚିମ କୋଲ୍‌କାତା ଏବଂ ଏହା ସଂଲଗ୍ନ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ରାଜପଥରେ ପରିବହନ ବ୍ୟବସ୍ଥା ପ୍ରଭାବିତ ହୋଇଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବ୍ରିଜ୍ ଭୁଶୁଡ଼ିବା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଆହତଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପ୍ରାଥମିକ କାର୍ଯ୍ୟ ବୋଲି ସେ କହିଛନ୍ତି । ବର୍ତ୍ତମାନ ଦାର୍ଜିଲିଂରେ ଅଛନ୍ତି ମମତା । ମଙ୍ଗଳବାର ସନ୍ଧ୍ୟାରୁ ଦାର୍ଜିଲିଂରୁ କୋଲ୍‌କାତାକୁ ବିମାନ ସେବା ବନ୍ଦ ହୋଇଛି । ତେଣୁ ଫେରିପାରିବେ ନାହିଁ ବୋଲି ମମତା କହିବା ପରେ ରାଜନୀତି ଜୋର୍ ଧରିଛି । ତାଙ୍କୁ ବିରୋଧୀ ଭାଜପା ତୀବ୍ର ସମାଲୋଚନା କରିଛି । ମାଜେରହାଟ୍ ବ୍ରିଜ ଭୁଶୁଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ଦୁର୍ଘଟଣାରେ ମୃତାହତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ସେ ସମବେଦନା ଜଣାଇଛନ୍ତି । ସେହିପରି ଏହା ଅତି ଦୁଃଖଦାୟକ ଘଟଣା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କହିଛନ୍ତି । ମମତାଙ୍କ ସହ ସେ କଥା ହୋଇ ଘଟଣା ସମ୍ପର୍କରେ ପଚାରିବୁଝିଛନ୍ତି । ପ୍ରକାଶ ଯେ, ୨୦୧୬ ମାର୍ଚ୍ଚ ୩୧ରେ କୋଲ୍‌କାତାର ପୋସ୍ତା ଅଞ୍ଚଳରେ ନିର୍ମାଣାଧୀନ ବିବେକାନନ୍ଦ ଫ୍ଲାଏଓଭର ଭୁଶୁଡ଼ିପଡ଼ିଥିଲା । ଏଥିରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା ।

### ବାଜପେୟୀଙ୍କୁ ବିଧାନସଭାରେ ...

ଶୋକ କରାଯିବା ସହ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା । ଫଳରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ଉପସ୍ଥାପନ ହେବାକୁ ଥିବା ଅତିରିକ୍ତ ବଜେଟକୁ ସ୍ଥଗିତ ରଖାଯାଇଥିଲା । ବୁଧବାର ଅତିରିକ୍ତ ବଜେଟ ଉପସ୍ଥାପନ ହେବ ବୋଲି ବାଚସ୍ପତି ଅମାତ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଗୃହରେ ଶୋକ ପ୍ରସ୍ତାବ ଆଗତ କରି ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ରାଜନୈତିକ ଜୀବନ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦେଇଥିଲେ । ତାଙ୍କୁ ଜଣେ ବିଚକ୍ଷଣ ରାଜନେତା କହିବା ସହ ଓଡିଶା ପ୍ରତି ତାଙ୍କର ଥିବା ଅବଦାନକୁ ସ୍ମରଣ କରିଥିଲେ । ତାଙ୍କ ବିୟୋଗ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ । ଏଥିସହିତ ସ୍ୱର୍ଗତ ଅନ୍ୟ ନେତା ଓ ପୋଲିସ କନଷ୍ଟେବଲଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର ସମର୍ଥନ କରିବା ସହ ବାଜପେୟୀଙ୍କ ରାଜଧର୍ମ ପାଳନ ଉକ୍ତିକୁ ଉଲ୍ଲେଖ କରିଥିଲେ । ଏଥିସହିତ ଅନ୍ୟ ଦିଂବଗତଙ୍କ ସ୍ମୃତି ଚାରଣ କରିବା ସହ ଦଳ ତରଫରୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହିତ ବାଜପେୟୀଙ୍କ ଗୁଣଗାନ କରିଥିଲେ । ସେହିପରି ଦିବଂଗତ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେଇଥିଲେ । ଶେଷରେ ବାଚସ୍ପତି ଅମାତ୍ ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ୨୯ ମିନିଟ କାଳ ବିଧାନସଭାରେ ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ସ୍ୱର୍ଗତ ନେତା ଓ ପୋଲିସ କର୍ମଚାରୀଙ୍କ ସମ୍ମାନାର୍ଥେ ବାଚସ୍ପତି ଗୃହକୁ ୧୧ଟା ୨୯ ମିନିଟରେ ବୁଧବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

### ଏକ୍ସାଇଜ ଡ୍ୟୁଟି ହ୍ରାସ ...

ଅଗଷ୍ଟ ୧୬ରୁ ପେଟ୍ରୋଲ ଲିଟର ପିଛା ୨.୧୭ ଟଙ୍କା ଏବଂ ଡିଜେଲ ୨.୬୨ ଟଙ୍କା ବଢ଼ିସାରିଛି । ତୈଳ ଦରବୃଦ୍ଧି ନେଇ ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ କହିଥିଲେ ଯେ, ପେଟ୍ରୋଲ ଓ ଡିଜେଲ ଉପରେ ଟିକସ ହ୍ରାସ କରାଗଲେ ଏହାର ଦର ଆପଣାଛାଏ କମିଯିବ । ଅନ୍ୟପକ୍ଷରେ ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲ ଉପରୁ ଉତ୍ପାଦ ଶୁଳ୍କ ବା ଏକ୍ସାଇଜ ଡ୍ୟୁଟି ହ୍ରାସ କରାଯିବାର ସମ୍ଭାବନା ନାହିଁ । କାରଣ କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି । ସରକାର ପରୋକ୍ଷରେ ବିତ୍ତୀୟ ପରିଚାଳନା ଉପରେ ଜୋର୍ ଦେଉଛନ୍ତି । କାରଣ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଆମଦାନୀ ବାବଦରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି । ଉତ୍ପାଦ ଶୁଳ୍କ ହ୍ରାସ କରି ସରକାର ନିଜର ଆୟ କମାଇବାକୁ ଚାହାନ୍ତି ନାହିଁ । ନିର୍ବାଚନୀ ବର୍ଷରେ ସରକାର ନିର୍ମାଣ କ୍ଷେତ୍ରରେ ଅଧିକ ବ୍ୟୟ କରିବାର ଲକ୍ଷ୍ୟ ରଖିଥିବାରୁ ତେଲ ଉପରୁ ଏକ୍ସାଇଜ ଡ୍ୟୁଟି ହ୍ରାସର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି ।

### ଏନ୍‌ଜିଟିରେ ଶୁଣାଣି...

ବେଆଇନ ଭାବେ ପ୍ରଚୁର ପରିମାଣରେ ବାଲି ଉତ୍ତୋଳନ କରୁଛନ୍ତି । ଏହା ବିରୋଧରେ ସାମାଜିକ କର୍ମୀ ସୁଦର୍ଶନ ଦାସ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ । ମାମଲାର ଶୁଣାଣି ସମୟରେ ଆବେଦନକାରୀ ଦାସଙ୍କ ପକ୍ଷରୁ ନିଯୁକ୍ତ ଓକିଲ ରିତିକ୍ ଦତ୍ତ ଯୁକ୍ତି ବାଢ଼ିଥିଲେ ଯେ, ଅଦ୍ୟାବଧି ସୁବର୍ଣ୍ଣରେଖାରେ ୩୨ଟି ବାଲି ଖାଦାନ ଜଳେଶ୍ୱରର ମାଙ୍କଡ଼ିଆ ନିକଟରେ ଚାଲୁଛି, ଯାହାକୁ ପଶ୍ଚିମବଙ୍ଗର ପଶ୍ଚିମ ମେଦିନପୁର ଜିଲାପାଳ ଅନୁମତି ଦେଇଛନ୍ତି । ଏଥିଯୋଗୁ ନଦୀର ପରିବେଶ ଓ ଜଳେଶ୍ୱରର ଅନେକ ଗାଁ ପ୍ରତି ବିପଦ ସୃଷ୍ଟି ହେଉଛି । ବେଆଇନ ବୋଲି ଦର୍ଶାଇ ଏହାକୁ ବନ୍ଦ କରାଯାଉ ବୋଲି ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠଙ୍କ ନିକଟରେ ଦୃଢ଼ ଯୁକ୍ତି ବାଢିଥିଲେ । ସେହିପରି ଏହି ବାଲି ଖାଦାନଗୁଡ଼ିକରେ ବ୍ୟବହୃତ ଯନ୍ତ୍ରପାତି ଏବଂ ଗାଡ଼ିମୋଟରଗୁଡ଼ିକୁ ଜବତ କରିବା ପାଇଁ ପୂର୍ବରୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାକୁ ପଶ୍ଚିମବଙ୍ଗ ସରକାର ଅନୁପାଳନ କରିନାହାନ୍ତି । ତେଣୁ ପଶ୍ଚିମବଙ୍ଗ ସରକାରଙ୍କୁ ଏ ଦିଗରେ ଉପଯୁକ୍ତ ନିର୍ଦ୍ଦେଶ ଦିଆଯାଉ । ଏଥିସହ ବାଲି ଉତ୍ତୋଳନ ଯୋଗୁ ଓଡ଼ିଶାର ଗାଁଗୁଡ଼ିକରେ ହୋଇଥିବା କ୍ଷୟକ୍ଷତି ଏବଂ ନଦୀର କ୍ଷୟକ୍ଷତିକୁ ଆକଳନ କରି ଉପଯୁକ୍ତ କ୍ଷତିପୂରଣ ପାଇଁ ମଧ୍ୟ ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ପକ୍ଷରୁ ମଧ୍ୟ ତାଙ୍କ ଓକିଲ ଯୁକ୍ତି ଉପସ୍ଥାପନ କରିଥିଲେ । ଦୁଇ ପକ୍ଷର ଯୁକ୍ତି ଆଧାରରେ ଖଣ୍ଡପୀଠ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି ।

### ଛତିଶଗଡ଼ ପୋଲିସ ...

ପରେ ଘଟଣା ପଦାକୁ ଆସିଥିଲା । ଛତିଶଗଡ଼ ବିଳାସପୁର ପୋଲିସ ସୂଚନା ପାଇବା ପରେ ଏସ୍‌ପି ଆରିଫ ଶେଖ୍ ପୁଷ୍ପେନ୍ଦ୍ରଙ୍କୁ ପଚରାଉଚରା କରିଛନ୍ତି । ପୁଷ୍ପେନ୍ଦ୍ର ଜାଞ୍ଜଗିରି-ଚମ୍ପା ଜିଲାର ବାସିନ୍ଦା । ଡକାୟତି ଓ ହତ୍ୟା ମାମଲାରେ ୨୦୦୯ରୁ ସେ ଆଜୀବନ କଏଦୀ ଭାବେ ବିଳାସପୁର ଜେଲରେ ରହିଛନ୍ତି ।

ଅନ୍ୟପଟେ ନବୀନଙ୍କୁ ହତ୍ୟା ଧମକ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରୁ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ତେବେ ଜେଲରୁ କିପରି ଜଣେ କଏଦୀ ଚିଠି ଲେଖି ପଠାଇଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା ପଛରେ ଅନ୍ୟ କାହାର ହାତ ରହିଛି କି ବୋଲି ଏଡିଜି ଉପାଧ୍ୟାୟଙ୍କୁ ପଚାରିବାରେ ସେ କହିଲେ, କୋର୍ଟର ନିର୍ଦ୍ଦିଷ୍ଟ ତାରିଖରେ ଅଭିଯୁକ୍ତମାନେ କୋର୍ଟ ଯାଆନ୍ତି । ଜେଲରେ ସେମାନେ ପରିବାର ଲୋକ ଏବଂ ସମ୍ପର୍କୀୟମାନଙ୍କୁ ଭେଟିଥାନ୍ତି । ଏହାର ସୁଯୋଗ ନେଇ ସେ ଚିଠି ପଠାଇଛନ୍ତି ବୋଲି ଛତିଶଗଡ ପୋଲିସଠାରୁ ସୂଚନା ମିଳିଛି ।

### ପାକିସ୍ତାନର ନୂଆ ...

ବିଦାୟୀ ରାଷ୍ଟ୍ରପତି ମାମ୍‌ନୁନ୍ ହୁସେନ୍‌ଙ୍କ ପାଞ୍ଚବର୍ଷ କାର୍ଯ୍ୟକାଳ ସେପ୍ଟେମ୍ବର ୮ରେ ଶେଷ ହେଉଛି । ଏହା ପରଦିନ ଅର୍ଥାତ୍ ୯ ତାରିଖରେ ନୂଆ ରାଷ୍ଟ୍ରପତି ଭାବେ ଶପଥଗ୍ରହଣ କରିବେ ଅଲଭି । ତାଙ୍କୁ ଏତେବଡ଼ ଦାୟିତ୍ୱ ଗ୍ରହଣ ଲାଗି ଚୟନ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ଇମ୍ରାନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ସଂକ୍ଷେପରେ

### ପ୍ରତ୍ୟର୍ପଣ ମାମଲା
## ଚଳିତ ସପ୍ତାହରେ ହେବ ଚୋକ୍ସୀଙ୍କ ବିଚାର

**ନୂଆଦିଲ୍ଲୀ, ୪-୯:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ୧୪,୦୦୦ କୋଟି ଟଙ୍କାର ଋଣ ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମେହୁଲ ଚୋକସୀ ବର୍ତ୍ତମାନ ଆଣ୍ଟିଗୁଆରେ ରହୁଛନ୍ତି। ତାଙ୍କ ଉପରେ ଆଣ୍ଟିଗୁଆ ଏବଂ ବରବୁଡାର ପୋଲିସ କଡା ନଜର ରଖିଛି। ପ୍ରତ୍ୟର୍ପଣ ନେଇ ଭାରତ ସରକାର ସେଠାକାର କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିବା ବେଳେ ଏହି ଆଧାରରେ ଆଣ୍ଟିଗୁଆ କର୍ତ୍ତୃପକ୍ଷ ଚଳିତ ସପ୍ତାହରେ ଭାରତର ନିବେଦନ ଉପରେ ବିଚାର ଆରମ୍ଭ କରିବ ବୋଲି ଜଣାଯାଇଛି। ଚୋକ୍‌ସୀଙ୍କ ଉପରେ ନଜର ରଖାଯାଇଥିବା ସେଠାକାର କର୍ତ୍ତୃପକ୍ଷ ଭାରତକୁ ସୂଚନା ଦେଇଥିଲେ। ନିକଟରେ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ ଜେଷ୍ଟନ ବ୍ରାଉନିଂଙ୍କୁ ସାକ୍ଷାତ କରିବା ସହ ପ୍ରତ୍ୟର୍ପଣ ନେଇ ଦସ୍ତାବିଜ ପ୍ରଦାନ କରିଥିଲେ। ଜୁଲାଇରେ ଭାରତ ଚୋକ୍‌ସୀଙ୍କ ପ୍ରତ୍ୟର୍ପଣ ନେଇ ଆଣ୍ଟିଗୁଆକୁ ନିବେଦନ କରିଥିଲା। ଚୋକସୀ ଆଣ୍ଟିଗୁଆରୁ ଯେପରି ଖସି ନ ଯାଇ ପାରନ୍ତି ସେ ଉପରେ ନଜର ରଖିବାକୁ ସରକାର ଆଣ୍ଟିଗୁଆକୁ ନିବେଦନରେ କହିଥିଲେ।

## ଭାରତୀୟ କମ୍ପାନୀଗୁଡିକର ବିଦେଶୀ ନିବେଶ ହ୍ରାସ

**ନୂଆଦିଲ୍ଲୀ, ୪-୯:** ଭାରତୀୟ କମ୍ପାନୀଗୁଡିକ ପକ୍ଷରୁ ହେଉଥିବା ବିଦେଶୀ ନିବେଶ ଜୁଲାଇ ମାସରେ ହ୍ରାସ ପାଇଛି। ଏଥିରେ ୩୬%ରୁ ଉର୍ଦ୍ଧ୍ୱ ହ୍ରାସ ଘଟି ୧.୩୯ ବିଲିୟନ ଡଲାର ରହିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସୂଚନା ଦେଇଛି। ଗତବର୍ଷ ସମାନ ସମୟରେ ଭାରତୀୟ କମ୍ପାନୀଗୁଡିକ ବିଦେଶରେ ୨.୧୭ ବିଲିୟନ ଡଲାର ନିବେଶ କରିଥିଲେ। ଏହା ଜୁନ୍ ୨୦୧୮ରେ ୨.୦୭ ବିଲିୟନ ଡଲାର ରହିଛି।

## ୟୁପିଆଇ ନେଣଦେଣ ରେକର୍ଡ ଛୁଇଁଲା

**ନୂଆଦିଲ୍ଲୀ, ୪-୯:** ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)ର ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) ମାସିକ ଟ୍ରାଞ୍ଜାକଶନ ୩୦ କୋଟି ଟପିଛି। ୟୁପିଆଇ ଆରମ୍ଭ କରିଥିବା ବ୍ୟାଙ୍କ ଟୁ ବ୍ୟାଙ୍କ ଆକାଉଣ୍ଟ ସେଟେଲମେଣ୍ଟ ବ୍ୟବସ୍ଥା ଯୋଗୁ ଏଭଳି ସଫଳତା ମିଳିଥିବା ଏହା ସୂଚନା ଦେଇଛି। ଏନ୍‌ପିସିଆଇ ସୂଚନା ମୁତାବକ ୟୁପିଆଇ ପ୍ଲାଟଫର୍ମରେ ଅଗଷ୍ଟରେ ୩୧.୨ କୋଟି ଟ୍ରାଞ୍ଜାକଶନ ହୋଇଥିବା ବେଳେ ଜୁଲାଇରେ ୨୩.୫୬ କୋଟି ଟ୍ରାଞ୍ଜାକଶନ ହୋଇଥିଲା। ଅଗଷ୍ଟରର ଟ୍ରାଞ୍ଜାକଶନ ଜୁଲାଇ ତୁଳନାରେ ୩୨% ଅଧିକ ବୋଲି ଜଣାଯାଇଛି।

## ନିର୍ମାଣ ହେବ ୧୦୦ ବିମାନ ବନ୍ଦର

**ନୂଆଦିଲ୍ଲୀ, ୪-୯:** ସରକାର ଆଗାମୀ ଦିନରେ ଘରୋଇ ବଜାରରେ ୧୦୦ ବିମାନ ବନ୍ଦର ନିର୍ମାଣ ନେଇ ଯୋଜନା ରଖିଛନ୍ତି। ୬୦ ବିଲିୟନ ଡଲାର(୪.୨ ଲକ୍ଷ କୋଟି) ନିବେଶରେ ଏହି ବିମାନ ବନ୍ଦରଗୁଡିକ ନିର୍ମାଣ ହେବ ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ପ୍ରଭୁ ସୂଚନା ଦେଇଛନ୍ତି। ଘରୋଇ ବଜାରରେ ବିମାନ ଚଳାଚଳ କ୍ଷେତ୍ର ଦ୍ରୁତ ଅଭିବୃଦ୍ଧି ସାଧନ କରୁଥିବା ବେଳେ ଗତ ୫୦ ମାସ ମଧ୍ୟରେ ଏଥିରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହୋଇଛି। ଏହି ବିମାନ ବନ୍ଦରଗୁଡିକ ଆଗାମୀ ୧୦ରୁ ୧୫ ବର୍ଷ ମଧ୍ୟରେ ନିର୍ମାଣ କରାଯିବ। ଆଗାମି ୧୦ ବର୍ଷରେ ଘରୋଇ ବଜାରର ବିମାନ ଶିଳ୍ପ ଜର୍ମାନି, ଜାପାନ, ସ୍ପେନ ଏବଂ ବ୍ରିଟେନ ଶିଳ୍ପକୁ ପଛରେ ପକାଇ ଦେବ ବୋଲି ବିମାନ କମ୍ପାନୀଗୁଡିକର ଅନ୍ତରାଷ୍ଟ୍ରିୟ ସଙ୍ଗଠନ ଆଇଏଟିଏ ସୂଚନା ଦେଇଛି।

### ୮ ଲକ୍ଷ କୋଟି ବଜାର ପୁଞ୍ଜି
## ଟିସିଏସ୍ ଦ୍ୱିତୀୟ ଭାରତୀୟ କମ୍ପାନୀ

**ବେଙ୍ଗାଲୁରୁ, ୪-୯:** ଷ୍ଟକ୍ ବଜାରରେ ଶେୟାର ମୂଲ୍ୟ ବୃଦ୍ଧି କାରଣରୁ ମଙ୍ଗଳବାର ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍(ଟିସିଏସ୍)ର ବଜାର ପୁଞ୍ଜି ୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହି ଲକ୍ଷ୍ୟ ହାସଲ କରିବାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ପରେ ଟିସିଏସ୍ ଦ୍ୱିତୀୟ ଭାରତୀୟ କମ୍ପାନୀ। ମଙ୍ଗଳବାର ବିଏସ୍‌ଇରେ ଟିସିଏସ୍ ଶେୟାର ୨ ପ୍ରତିଶତ ବୃଦ୍ଧି ପାଇ ୨୦୯୭ ଟଙ୍କାରେ ପହଞ୍ଚିବା ପରେ ଏହାର ବଜାର ପୁଞ୍ଜି ୮,୦୧,୫୫୦.୫୦କୋଟି ଟଙ୍କାରେ ପହଞ୍ଚିଛି। ଗତ ୨୩ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ବଜାର ପୁଞ୍ଜି ୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା।

---

ଇନଫୋସିସ୍ ନିଜର ବ୍ୟବସାୟ ଓ ଆକାଉଣ୍ଟ ପରିଚାଳନା ଲାଗି ବାହାରୁ ପ୍ରଫେଶନାଲଙ୍କୁ ନିଯୁକ୍ତ କରିବ।
– ସଲିଲ ପାରେଖ, ସିଇଓ, ଇନଫୋସିସ୍ ଟେକ୍ନୋଲୋଜି



ଭାରତରେ ଏକ ଏୟାରଲାଇନ କମ୍ପାନୀ ଖୋଲିବାକୁ କାତାର ଏୟାରୱେଜ ଇଚ୍ଛୁକ। ତେବେ ନିୟମକୁ ନେଇ କମ୍ପାନୀ ଦ୍ୱନ୍ଦ୍ୱରେ ରହିଛି।
– ଆକବର ଅଲ୍ ବକର, ସିଇଓ, କାତାର ଏୟାରୱେଜ



# ବିମାନ ଶିଳ୍ପର କ୍ଷତି ୧.୯ ବିଲିୟନ ଡଲାର ଛୁଇଁବ

**ନୂଆଦିଲ୍ଲୀ/ମୁମ୍ବାଇ,୪-୯**

- ପ୍ୟାକେଜ ଦେବାକୁ ସରକାରଙ୍କ ଯୋଜନା
- ପୂର୍ବରୁ ଅନୁମାନ ଥିଲା କ୍ଷତିର ପରିମାଣ ୪୩୦ରୁ ୪୬୦ ମିଲିୟନ ଡଲାର ହେବ
- ସମ୍ପୂର୍ଣ୍ଣ ସେବା ଯୋଗାଣକାରୀ ଏୟାରଲାଇନ କମ୍ପାନୀଙ୍କ କ୍ଷତି ୧.୭୫ରୁ ୨ ବିଲିୟନ ଡଲାର ଛୁଇଁବ
- ପାସେଞ୍ଜର ଅଭିବୃଦ୍ଧି ଘରୋଇ କ୍ଷେତ୍ରରେ ୧୮ରୁ୨୦ ପ୍ରତିଶତ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ୧୦ରୁ ୧୨ ପ୍ରତିଶତ ରହିବ



ଖର୍ଚ୍ଚ ବଢ଼ିବା ସାଙ୍ଗକୁ ଆୟ କମୁଥିବାରୁ ଚଳିତବର୍ଷ ଦେଶର ବିମାନ ଶିଳ୍ପ ପ୍ରାୟ ୧.୯ ବିଲିୟନ ଡଲାର କ୍ଷତି ସହିବ ବୋଲି ଆକଳନ କରାଯାଇଛି। ସିଡନୀସ୍ଥିତ ସେଣ୍ଟର ଫର୍ ଏସିଆ ପାସିଫିକ୍ ଆଭିଏଶନ(କାପା) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରି କୁହାଯାଇଛି ଯେ, ଏୟାର ଇଣ୍ଡିଆ ଓ ଜେଟ୍ ଏୟାରୱେଜ ଶିଳ୍ପ ଜଗତର କ୍ଷତିକୁ ଅଧିକ ବଢ଼ାଇଛନ୍ତି।

କାପାର ରିପୋର୍ଟରେ କୁହାଯାଇଛି ଯେ, ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆ, ଜେଟ୍ ଏୟାରୱେଜ ଓ ଭିଷ୍ଟାରା ସମ୍ପୂର୍ଣ୍ଣ ସେବା ଯୋଗାଣକାରୀ ବିମାନ କମ୍ପାନୀ ଭାବେ ଆୟ ଅପେକ୍ଷା ଅଧିକ ବ୍ୟୟ କରୁଛନ୍ତି। ଫଳରେ କେବଳ ସେମାନଙ୍କ ମୋଟ୍ କ୍ଷତିର ପରିମାଣ ୧.୭୫ରୁ ୨ ବିଲିୟନ ଡଲାର ହେବ ବୋଲି ଅନୁମାନ କରାଯାଉଛି। ଏଥିରେ କୁହାଯାଇଛି ଯେ, ମାର୍ଚ୍ଚ ୩୧ ସୁଦ୍ଧା ବର୍ଷକର କ୍ଷତିର ପରିମାଣ ୪୩୦ ମିଲିୟନ ଡଲାରରୁ ୪୬୦ ମିଲିୟନ ଡଲାର ଭିତରେ ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା। କିନ୍ତୁ ଟଙ୍କାର ମୂଲ୍ୟ ହ୍ରାସ ଓ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି କ୍ଷତିର ପରିମାଣକୁ ବଢ଼ାଇଛି। ଫଳରେ ଏହି କ୍ଷତିର ପରିମାଣ ଏବେ ବଢ଼ି ବଢ଼ି ୧.୬୫ରୁ ୧.୯ ବିଲିୟନ ଡଲାର ଛୁଇଁବ ବୋଲି ଅନୁମାନ କରାଯାଇଛି। ବିମାନ ଚଳାଚଳକୁ ଜାରି ରଖିବା ପାଇଁ ଜୁନ ତ୍ରୈମାସିକ ସୁଦ୍ଧା ବିମାନ କମ୍ପାନୀଙ୍କୁ ପ୍ରାୟ ୩ ବିଲିୟନ ଡଲାର ଅର୍ଥ ଯୋଗାଡ଼ କରିବାକୁ ପଡ଼ିବ। ଉଡ଼ାଣ ସଂଖ୍ୟା ପ୍ରଭାବିତ ହୋଇ ନଥିଲେ ହେଁ ଗତ ଜାନୁୟାରୀରୁ ବିମାନ କମ୍ପାନୀଙ୍କ ଆର୍ଥିକ ସ୍ଥିତି ବିଗିଡ଼ିବା ଆରମ୍ଭ ହୋଇଛି। ଏହାକୁ ଦେଖି କାପା ଇଣ୍ଡିଆ ସେତେବେଳେ କ୍ଷତିର ପରିମାଣ ୪୩୦ରୁ ୪୬୦ ମିଲିୟନ ଡଲାର ହେବ ବୋଲି ପୂର୍ବାନୁମାନ କରିଥିଲା। ସେତେବେଳେ ଡଲାର ବଦଳରେ ଟଙ୍କାର ବିନିମୟ ମୂଲ୍ୟ ୬୫ ହିସାବ କରାଯାଇଥିଲା। ଏବେ ପରିସ୍ଥିତି ଆହୁରି ସଙ୍ଗିନ ହୋଇଛି। ଟଙ୍କାର ବିନିମୟ ମୂଲ୍ୟ ଏବେ ୭୦ ସ୍ତର ପାର୍ କରିଗଲାଣି। ଏହାକୁ ହିସାବକୁ ନେଲେ କ୍ଷତିର ପରିମାଣ ବହୁଗୁଣିତ ହେବାକୁ ଯାଉଛି। ଇଣ୍ଡିଗୋ, ଗୋଏୟାର ଓ ସ୍ପାଇସଜେଟ୍ ଭଳି ବଜେଟ କ୍ୟାରିୟର ମାନେ ଲାଭ ନ କଲେ ମଧ୍ୟ କ୍ଷତି ସହିବେ ନାହିଁ। ଦେଶର ବିମାନ ଶିଳ୍ପ ନିମ୍ନଗତି ଆଡକୁ ଯିବାର ସମ୍ଭାବନା ନଥିଲେ ହେଁ ଏହା ଏବେ ଆର୍ଥିକ ଝଟକା ସହି ଚାଲିଛି। ଟିକେଟ ମୂଲ୍ୟ କମ୍ ରହୁଥିବାରୁ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ଯାତ୍ରା ବୃଦ୍ଧି ପାଇଚାଲିଛି। ଚଳିତ ବର୍ଷ ଘରୋଇ କ୍ଷେତ୍ରରେ ୧୮-୨୦ ପ୍ରତିଶତ ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ୧୦-୧୨ ପ୍ରତିଶତ ଉଡ଼ାଣ ଅଭିବୃଦ୍ଧି ଦେଖିବାକୁ ମିଳିବ ବୋଲି ଆଶାକରାଯାଉଛି। ଗତ ୪୮ ମାସ ହେଲା ଦେଶର ପାସେଞ୍ଜର ଟ୍ରାଫିକ ଅଭିବୃଦ୍ଧି ଦ୍ୱିଅଙ୍କରେ ରହିଛି। ଜୁଲାଇରେ ଏହା ୨୦.୮୨ ପ୍ରତିଶତ ଥିଲା। ଇଣ୍ଟରନ୍ୟାଶନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏଶନ(ଆଇଏଟିଏ) ପକ୍ଷରୁ କୁହାଯାଇଛି ଯେ, ଭାରତୀୟ ବିମାନ ଶିଳ୍ପକୁ ଏବେ ଦୋହରା ଝଟକା ସହିବାକୁ ପଡୁଛି। ଇନ୍ଧନ ପିଛା ସେମାନଙ୍କ ଖର୍ଚ୍ଚ ବଢ଼ିଚାଲିଛି। ଫଳରେ ସେମାନଙ୍କ ଅପରେଟିଂ ଖର୍ଚ୍ଚ ବୃଦ୍ଧି ପାଇ ୩୪ ପ୍ରତିଶତରେ ପହଞ୍ଚିଗଲାଣି, ଯାହାକି ଅନ୍ତର୍ଜାତୀୟ ସ୍ତରରେ ୨୪ ପ୍ରତିଶତ ରହିଛି। କେନ୍ଦ୍ର ସରକାରଙ୍କ ନୀତି ଏଥିପାଇଁ ଦାୟୀ ବୋଲି ଏହାର ମୁଖ୍ୟ ଆଲେକଜାଣ୍ଡର ଡି ଜୁନିକା କହିଛନ୍ତି। ଦେଶର ବିମାନ କମ୍ପାନୀଗୁଡିକର କ୍ଷତି ବଢ଼ି ବଢ଼ି ଚାଲିଥିବା ବେଳେ ସେମାନଙ୍କୁ ଏଥିରୁ ମୁକୁଳାଇବା ଲାଗି ସରକାର ଅଣ୍ଟା ଭିଡିଛନ୍ତି। ଏଥିପାଇଁ ସରକାର ଏକ ପ୍ୟାକେଜ ଉପରେ ବିଚାର କରୁଛନ୍ତି ବୋଲି ବେସାମରିକ ବିମାନ ଚଳାଚଳ ସଚିବ ଆର୍.ଏନ୍.ଚୌବେ କହିଛନ୍ତି। ବିମାନ କମ୍ପାନୀଙ୍କ ଖର୍ଚ୍ଚ କମାଇବା ଏହି ପ୍ୟାକେଜର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

## ଆଦିତ୍ୟ ମୋଟର୍ସ ଶୋ'ରୁମ୍‌ରେ ମହିନ୍ଦ୍ରା ମାରାଜୋ ମଡେଲ୍ ଉନ୍ମୋଚିତ



**ଭୁବନେଶ୍ୱର, ୪-୯**

ଦେଶର ପ୍ରମୁଖ ସ୍ପୋର୍ଟସ୍ ୟୁଟିଲିଟି ଭେଇକିଲ(ଏସ୍‌ୟୁଭି) ମାନୁଫ୍ୟାକଚରର ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଏହାର ବହୁ ପ୍ରତୀକ୍ଷିତ ମଡେଲ୍ ମାରାଜୋକୁ ସୋମବାର ଦେଶବ୍ୟାପୀ ବଜାର ପ୍ରବେଶ କରାଇଛି। ଏହି ଧାରାରେ କଟକ ଫୁଲନଖରାସ୍ଥିତ କମ୍ପାନୀର ପ୍ରାଧିକୃତ ଡିଲର୍ଶପଏଣ୍ଟ ଆଦିତ୍ୟ ମୋଟର୍ସଠାରେ ମଙ୍ଗଳବାର ଏହାକୁ ଉନ୍ମୋଚନ କରାଯାଇଛି। କମ୍ପାନୀର ଏରିଆ ସେଲ୍‌ସ ମ୍ୟାନେଜର ସୌରଭ ତ୍ରିପାଠୀ, ଆଦିତ୍ୟ ମୋଟର୍ସର ଏମ୍‌ଡି ଆଦିତ୍ୟ ପାତ୍ର, ଜେନେରାଲ ମ୍ୟାନେଜର ମନୋଜ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ଏହାକୁ ଉନ୍ମୋଚନ କରିଛନ୍ତି।

କମ୍ପାନୀର ସୂଚନା ଅନୁସାରେ ଏହି ଯାନର ପ୍ରାରମ୍ଭିକ ବଜାର ମୂଲ୍ୟ ୯.୯୯ ଲକ୍ଷ ଟଙ୍କା ରହିଛି। ଏମ୍୨, ଏମ୍୪,ଏମ୍୬, ଏମ୍୮ ଭଳି ୪ଟି ଭାରିଆଣ୍ଟରେ ୬ଟି କଲରରେ ଏହା ଆସିଛି। ଏହି ନୂତନ ଯାନର ବଜାର ପ୍ରବେଶ ଅବସରରେ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା କହିଛନ୍ତି, ମହିନ୍ଦ୍ରା ଅଟୋମୋଟିଭ୍ ନର୍ଥ ଆମେରିକା ଏବଂ ମହିନ୍ଦ୍ରା ରିସର୍ଚ୍ଚ ଭ୍ୟାଲିର ମିଳିତ ଉଦ୍ୟମରେ ପ୍ରଥମଥର ପାଇଁ ଏହି ଯାନକୁ ବିକଶିତ କରାଯାଇଛି। ସାର୍କ ବା ମଗର ମାଛକୁ ଦୃଷ୍ଟିରେ ରଖି ଏହି ଯାନକୁ ଡିଜାଇନ୍ କରାଯାଇଛି। ଏଥିରେ ଅତି ଆରାମ୍‌ଦାୟକ ଅନୁଭୂତି ସହିତ ୮ଜଣ ଯାତ୍ରା କରିପାରିବେ। ସୁରକ୍ଷା ବୈଶିଷ୍ଟ୍ୟକୁ ଦୃଷ୍ଟିରେ ରଖି ଏଥିରେ ଡୁଆଲ୍ ଫ୍ରଣ୍ଟ ଏୟାର ବ୍ୟାଗ, ସମସ୍ତ ଚକାରେ ଡିସ୍କ ବ୍ରେକ୍, ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ(ଏବିଏସ୍) ଆଦି ବ୍ୟବସ୍ଥା ରହିଛି।

## ନାଲ୍‌କୋର ପଞ୍ଚପଟମାଳି ଖଣି ପୁରସ୍କୃତ



**ଭୁବନେଶ୍ୱର,୪-୯**

ଖଣି ଖନନ, ପରିବେଶ ସୁରକ୍ଷା ଏବଂ ଖଣିଜ ପଦାର୍ଥ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ)କୁ ୫ଟି ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଅନ୍ତର୍ଗତ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ ପକ୍ଷରୁ ଏଠାରେ ଆୟୋଜିତ ୨୦ତମ ମାଇନ୍ସ ଏନ୍‌ଭାରନ୍‌ମେଣ୍ଟ ଆଣ୍ଡ୍ ମିନେରାଲ୍ କଞ୍ଜରଭେଶନ(ଏମ୍‌ଇଏମ୍‌ସି) ସପ୍ତାହ ପାଳନ ଅବସରରେ ନାଲ୍‌କୋର ପଞ୍ଚପଟମାଳି ବକ୍ସାଇଟ୍ ଖଣିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହାଛଡ଼ା ଅନ୍ୟ ପୁରସ୍କାର ମଧ୍ୟରେ ବୃକ୍ଷରୋପଣ, ଥଇଥାନ, ନିରନ୍ତର ବିକାଶ ଏବଂ ସାମଗ୍ରିକ ପ୍ରଦର୍ଶନ ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ନାଲ୍‌କୋର ଅଧ୍ୟକ୍ଷ ତପନ କୁମାର ଚାନ୍ଦ କର୍ମଚାରୀଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ନାଲ୍‌କୋ ପକ୍ଷରୁ ଏହାର ମହାପ୍ରବନ୍ଧକ(ଖଣି) ଏସ୍. ଚୌଧୁରୀ ଏବଂ ସହାୟକ ମହାପ୍ରବନ୍ଧକ(ପରିବେଶ) ସଞ୍ଜୟ କୁମାର ପଟ୍ଟନାୟକ ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ ନିରଞ୍ଜନ ସିଂଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି।

## ନଡ଼ିଆ ତେଲ: ଭାରତ ଆଗେ କିଣୁଥିଲା, ଏବେ ବିକୁଛି

**ନୂଆଦିଲ୍ଲୀ,୪-୯**

ଏକଦା ବିଦେଶରୁ ନଡ଼ିଆ ତେଲ କିଣୁଥିବା ଭାରତ ଏବେ ବିକୁଛି। ବିଗତ ୪ ବର୍ଷ ହେଲା ଭାରତରୁ ନଡ଼ିଆ ପ୍ରସ୍ତୁତ ସାମଗ୍ରୀ ରପ୍ତାନି ଦ୍ୱିଗୁଣିତ ହୋଇଛି। କୃଷି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୧୪ରୁ ୨୦୧୮ ମଧ୍ୟରେ ୬,୪୪୮ କୋଟି ଟଙ୍କାର ନଡ଼ିଆ ପ୍ରସ୍ତୁତ ସାମଗ୍ରୀ ରପ୍ତାନି ହୋଇଛି। ୨୦୦୪ରୁ ୨୦୧୪ ମଧ୍ୟରେ ଏହା ୩୯୭୫ କୋଟି ଟଙ୍କା ଥିଲା। ଅନ୍ୟପକ୍ଷରେ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଅନ୍ତର୍ଜାତୀୟ ବଜାରରେ ନଡ଼ିଆରୁ ଉତ୍ପାଦିତ ସାମଗ୍ରୀ ମୂଲ୍ୟ ନେଇ ପ୍ରତିଯୋଗିତା ହେଉଥିବାରୁ ଏହାର ରପ୍ତାନି ଅନେକାଂଶରେ ବୃଦ୍ଧି ପାଇବ। କାରଣ ୨୦୧୫-୨୦ ବୈଦେଶିକ ବାଣିଜ୍ୟ ନୀତିରେ ରପ୍ତାନିକାରୀଙ୍କୁ ପ୍ରୋତ୍ସାହନ ବାବଦରେ ୫% ଛାଡ଼ କରାଯାଉଛି। ଗତ ବର୍ଷ ପର୍ଯ୍ୟନ୍ତ ମାଲେସିଆ, ଇଣ୍ଡୋନେସିଆ ଏବଂ ଶ୍ରୀଲଙ୍କାରୁ ଭାରତ ନଡ଼ିଆ ତେଲ ଆମଦାନୀ କରୁଥିଲା। ଏବେ ପଟ ପରିବର୍ତ୍ତନ ହୋଇଛି। ଚଳିତ ବର୍ଷ ଠାରୁ ଭାରତ ସେହିସବୁ ଦେଶକୁ ଏହା ରପ୍ତାନି କରୁଛି। କେବଳ ସେତିକି ନୁହେଁ ଆମେରିକା ଓ ୟୁରୋପକୁ ମଧ୍ୟ ଭାରତ ନଡ଼ିଆ ତେଲ ବିକୁଛି। କୃଷି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଦେଶରେ ହେକ୍ଟର ପିଛା ୧୧,୬୧୬ ନଡ଼ିଆ ଉତ୍ପାଦିତ ହେଉଛି। ବର୍ଷକରେ ଏହାର ପରିମାଣ ୨୪୩୭.୮୦ କୋଟି ଟଙ୍କା।

## ଆହୁରି ହ୍ରାସ ପାଇବ ଟଙ୍କା: ଏସ୍‌ବିଆଇ

**ନୂଆଦିଲ୍ଲୀ,୪-୯(ପି.ଟି)**

ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଆହୁରି ହ୍ରାସ ପାଇବ। ଫଳସ୍ୱରୂପ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ମୁଦ୍ରାନୀତିରେ ସୁଧ ହାର ବଢ଼ାଇବାକୁ ବାଧ୍ୟ ହେବ ବୋଲି 'ଇକୋରାପ୍' ଶୀର୍ଷକରେ ପ୍ରକାଶିତ ରିପୋର୍ଟରେ ଏସ୍‌ବିଆଇ କହିଛି। ଏଥିରେ କୁହାଯାଇଛି ଯେ, ବର୍ତ୍ତମାନ ଆର୍‌ବିଆଇ ବିଦେଶୀ ମୁଦ୍ରା ବଜାରରେ ହସ୍ତକ୍ଷେପ କରିବ ନାହିଁ। ସୁଧ ବଢ଼ିବା ପରଠାରୁ ଅଦ୍ୟାବଧି ଟଙ୍କାର ମୂଲ୍ୟ ୬.୨ ପ୍ରତିଶତ ହ୍ରାସ ପାଇଛି। ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି ରିଜର୍ଭ ବ୍ୟାଙ୍କ ତୁରନ୍ତ ଷ୍ଟାଣ୍ଡିଂ ଡିପୋଜିଟ ଫ୍ୟାସିଲିଟି ବ୍ୟବସ୍ଥା ଲାଗୁ କରୁ ବୋଲି ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ବଜାରରେ ଉପଲବ୍ଧ ଅଧିକ ଅର୍ଥକୁ ଆର୍‌ବିଆଇ ଉଠାଇବା ସହଜ ହୋଇଯିବ। ଅନ୍ୟପକ୍ଷରେ ମଙ୍ଗଳବାର ଟଙ୍କାର ମୂଲ୍ୟ ୩୭ ପଇସା ହ୍ରାସ ପାଇଛି। ଫଳରେ ଏହା ୭୧.୫୮ରେ ପହଞ୍ଚିଛି। ସୋମବାର ଏହା ୭୧.୨୧ ଥିଲା। ମଙ୍ଗଳବାର ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଟଙ୍କା ୭୧.୨୪ରେ କାରବାର ଆରମ୍ଭ କରିଥିଲା। ତେବେ ଏହା ୭୧.୫୮ର ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। ଆମଦାନିକାରୀ ମାନଙ୍କ ମଧ୍ୟରେ ଡଲାର ଚାହିଦା ବଢ଼ିଛି। ବିଦେଶୀ ପୁଞ୍ଜିନିବେଶକମାନେ ଷ୍ଟକ୍ ମାର୍କେଟରୁ ନିବେଶ ଫେରାଇ ନେଉଥିବାରୁ ଡଲାର ଚାହିଦା ବଢ଼ିବାରେ ଲାଗିଥିବା ଫରେକ୍ସ ଡିଲରମାନେ କହିଛନ୍ତି। ଏହାବ୍ୟତୀତ ଅଶୋଧିତ ତୈଳ ଦର ବୃଦ୍ଧି ଟଙ୍କାର ମୂଲ୍ୟ ଉପରେ କ୍ରମାଗତ ଚାପ ବଢ଼ାଇ ଚାଲିଛି। ଅନ୍ୟପକ୍ଷରେ ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଟଙ୍କା ଆପେ ଆପେ ସ୍ଥିର ହୋଇଯିବ।


## MCL ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ :www.mahanadicoal.in

### ଇ-ଟେଣ୍ଡର ନୋଟିସ୍

ମହାନଦୀ କୋଲ୍‌ଫିଲ୍‌ଡସ ଲିମିଟେଡ୍‌ର ନିମ୍ନଲିଖିତ ଇ-ଟେଣ୍ଡରଗୁଡିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରଦର୍ଶିତ କରାଯାଇଛି ଏବଂ ଏହା ମଧ୍ୟ କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in)ରେ ଦିଆଯାଇଛି । ଅଧିକ ବିବରଣୀ ପାଇଁ ଦୟାକରି ଏହି ୱେବ୍‌ସାଇଟ୍‌କୁ ପରିଦର୍ଶନ କରନ୍ତୁ ।

| କ୍ର. ନଂ. | ଟେଣ୍ଡର ଆଇଡି | କାର୍ଯ୍ୟ / ସେବାର ନାମ | ଟେଣ୍ଡର ମୂଲ୍ୟ (₹)ରେ |
|---|---|---|---|
| 1 | 2018_MCL_112477_1 | SUPPLY OF INDUSTRIAL GASES. | 146300.00 |
| 2 | 2018_MCL_112515_1 | Supply of Electrical Spares | 541055.00 |
| 3 | 2018_MCL_112544_1 | Hiring of 1 Camper (4 plus 1 seater), Pick-up or equivalent for 12 hrs per day duty at KOCP for two years at Basundhara Area (682 days)(A). | 650628.00 |
| 4 | 2018_MCL_112389_1 | Construction of community hall at Samanta Sahi, Ghantapada under Jagannath Area | 799149.00 |
| 5 | 2018_MCL_112538_1 | PROCUREMENT OF CENTRE JOINT AND INTER COOLER FOR TATA 1200 HYD EXCAVATOR | 1368084.00 |
| 6 | 2018_MCL_112624_1 | Procurement of Survey materials for Orient area. | 216014.00 |
| 7 | 2018_MCL_112645_1 | Construction of Boundary Wall at Badimal UP School, Badimal Gram Panchayat, Lakhanpur Block of Jharsuguda District under CSR head of IB Valley Area for the year 2018-19 | 1180029.00 |
| 8 | 2018_MCL_112649_1 | Renovation of Conference Hall and Project Officer Chamber of Project Office of Samaleshwari OCP, IB Valley Area | 600611.00 |
| 9 | 2018_MCL_108523_1 | Retreading of 20.5 R 25 size OTR Tubeless tyres of CAT 14M Motor Grader of Samaleswari OCP, IB Valley Area | 140000.00 |
| 10 | 2018_MCL_111360_1 | Procurement of Trailing Cable for HEMM | 2251440.00 |
| 11 | 2018_MCL_112374_1 | Procurement of 02 Nos Front End Wheel Loader of bucket capacity not less than 2.5 Cum along with Spares and Consumables for First Year Warranty Period and for 08 Years Guarantee Period Beyond Warranty Period | 23400000.00 |
| 12 | 2018_MCL_112672_1 | PROCUREMENT OF MAIN RELIEF VALVE FOR TATA 1200 HYD EXCAVATOR | 158462.00 |
| 13 | 2018_MCL_112686_1 | PROCUREMENT OF SEAL KIT AND HOSE ASSLY FOR TATA 1200 HYD EXCAVATOR | 1346118.00 |
| 14 | 2018_MCL_112673_1 | Supply of Spares for LT Starter. | 427346.00 |
| 15 | 2018_MCL_112687_1 | Replacement of CGS sheet of conveyer line and bunker by precoated sheet of CKT no. 3 to 7 and CHP workshop and other development works at CHP of Lingaraj OCP, Lingaraj Area. | 3797678.00 |
| 16 | 2018_MCL_112690_1 | Providing drainage system for effluent from IWSS to sedimentation pond near EnM workshop, LOCP for IWSS, Lingaraj Area.Re-tender1 | 1659937.00 |
| 17 | 2018_MCL_112724_1 | Annual Maintenance Contract for day to day electrical work of residential quarters, non residential buildings and other electrical installations in Lingaraj Township Colony under Lingaraj Area for a period of one year | 2380426.00 |
| 18 | 2018_MCL_112184_1 | Procurement of Oxygen Booster Pump | 6631110.00 |
| 19 | 2018_MCL_112730_1 | Design, Supply and Commissioning of 100mtrs throw capacity trolley mounted Fog Cannon to be used at Railways Sidings for suppression of coal dust along with 5 year Comprehensive Annual Maintenance Contract(CAMC) after warranty period. Qty 4 nos | 8000000.00 |
| 20 | 2018_MCL_112754_1 | AMC for regular repair and maintenance of switch yard lighting, power supply and street lighting work in colony, general electrical maintenance work of sub-station at 132KV CSS Jorabaga, Lakhanpur Area,MCL | 334966.00 |
| 21 | 2018_MCL_112030_1 | Supply of Fuse wires for Auto Bomb Calorimeter in Coal Analysis laboratory | 56320.00 |
| 22 | 2018_MCL_112743_1 | Supply of Bolts and Washers for TATA Hitachi Hyd Excavator EX-1200 (Exclusively for OEM) | 1164209.00 |
| 23 | 2018_MCL_112725_1 | Hiring of One (01) No. Bolero / Sumo or equivalent covered vehicle 8 plus 1 seater with AC fitted (Diesel) for Police Department, Talcher, daily 24 hours operation for a period of one year with monthly km limit within 4262.50 km | 703824.00 |
| 24 | 2018_MCL_112736_1 | Construction of cabin, concrete ramp and WBM approach road for one number in-motion road weigh bridge at Lakhanpur OCP of Lakhanpur Area. | 2973414.00 |
| 25 | 2018_MCL_112755_1 | Restoration of balance/damaged pipe support RCC pillars for proposed sprinkler system at Railway siding number seven stock yard at Belpahar OCM of Lakhanpur Area. | 363523.00 |
| 26 | 2018_MCL_112800_1 | Construction of Temporary Sand Bandha on the bed of IB River near Deogoan (near Rajpur Village) under IB Valley Area under CSR head for the year 2018-19 | 729079.00 |
| 27 | 2018_MCL_112830_1 | Cleaning of Ground Water Tank (near CHP), MDTP Sedimentation Tank and repairing of inlet drain of MDTP (Backside of Canteen) at LOCP of IB Valley Area | 624227.00 |
| 28 | 2018_MCL_112032_1 | Supply of Picks holders required for LnT Feeder Breaker | 83400.00 |
| 29 | 2018_MCL_112652_1 | Supply of Welding Electrodes | 42525.00 |
| 30 | 2018_MCL_112870_1 | Supply of Isofluren Vaporizer. | 91840.00 |
| 31 | 2018_MCL_112945_1 | Supply of Travel Device for Tata Hitachi Hyd Excavator (Exclusively For OEM) | 2495700.00 |
| 32 | 2018_MCL_112976_1 | PROCUREMENT OF DIFFERENT RATING OF STATOR COILS FOR AC AND HT MOTORS AT CWS_X TALCHER. | 1129117.00 |
| 33 | 2018_MCL_112904_1 | Laying of 02 nos. of new pipeline range from mid-entry to discharge point of Lajkura OCP, IB Valley Area. | 658718.00 |
| 34 | 2018_MCL_112761_1 | Supply of Equipments for coal sampling laboratory | 699528.00 |
| 35 | 2018_MCL_112765_1 | Supply of Carbon Brushes use in PnH Shovels | 184293.00 |
| 36 | 2018_MCL_112844_1 | Annual Maintenance Contract for electrical job of Office complex at Jagruti Vihar and Anand Vihar including DG operation | 4325516.00 |
| 37 | 2018_MCL_112937_1 | Laying of 4 inch and 6 inch dia M.S. pipeline over Metallic Post and providing and fitting of sprinklers for dust suppression at siding (Y- Curve siding ) of Lakhanpur OCP, Lakhanpur Area, MCL | 1477066.00 |
| 38 | 2018_MCL_112948_1 | Loading, Unloading, Handling, Laying and Jumpering on overhead lines of PVC power cables, flexible cables from Unit Store, Workshop and field to work place for day to day switch shifting work in mines at Lakhanpur OCP, Lakhanpur Area, MCL | 975984.00 |
| 39 | 2018_MCL_112973_1 | Procurement of Spares for RANA make Drill Machine for Nandira Colliery MCL Talcher Area | 168952.00 |
| 40 | 2018_MCL_112905_1 | Construction of Kalyan Mandap at Laikara village under CSR Scheme of Basundhara Area | 676116.00 |
| 41 | 2018_MCL_112992_1 | Construction of Community hall near Solar Power Plant at Anand Vihar, MCL HQ. | 1694506.00 |
| 42 | 2018_MCL_112994_1 | Supply of Spares for I R Feeder Breaker. | 2250785.00 |
| 43 | 2018_MCL_113002_1 | Construction of Kirtan Mandap(Community centre) at Jhariapali village under CSR Scheme of Basundhara Area | 844499.00 |
| 44 | 2018_MCL_112894_1 | Supply of Bactericidal (Hospital disinfectant) for NSCH,Talcher. | 34208.00 |
| 45 | 2018_MCL_112929_1 | Cleaning of water tank of CGMs Colony, Power Colony, Jagannath House, CMDs Residence, GM Bunglow, DAV School, Balanda Stadium, Kalyan Mandap, 132 KV Sub-station, 33KV Sub-station twice in a year under Jagannath Area for a period of one Year. | 251772.00 |
| 46 | 2018_MCL_113057_1 | Supply of Hand operated Grease pumps and accessories for Field equipments working at Lingaraj OCP | 83983.00 |
| 47 | 2018_MCL_110984_1 | Running and maintenance of Training Hostel, Belpahar Training Institute, Lakhanpur Area, MCL | 15218048.00 |
| 48 | 2018_MCL_112942_1 | Hiring of One (01) No. of ECCO Ambulance (Petrol) or equivalent with minimum basic life support equipment, A/C fitted, etc for a period of One year (i.e. 341 Days) with deployment of 24Hrs/Day, 150Km/Day engagement at Talcher Area. | 344069.00 |
| 49 | 2018_MCL_113064_1 | Supply, Installation, commissioning with operation and maintenance of Instant Shower Sytem at 05 and 06 no. weigh bridge at Lingaraj OCP, Lingaraj Area with Operation and Comprehensive maintenance of the system for a period of Two years | 1946798.00 |
| 50 | 2018_MCL_112817_1 | Installation and commissioning of fixed sprinklers for Dust suppression at Sardega siding at Basundhara area | 6660791.00 |
| 51 | 2018_MCL_113016_1 | Transportation of Mining Timber from Depots of WBFDC, West Bengal | 325989.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍-୦୬୬୩-୨୫୪୨୬୯୫ / ୨୫୪୨୨୬୪), ଇ-ମେଲ୍- hlp-eproc.mcl@coalindia.in R-4839

ଆମର ଆପ୍ସ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରୀ ନମ୍ବର ୧୮୦୦ ୨୦୦ ୩୦୦୪ ରେ ଏକ ମିସ୍‌ଡ କଲ୍ କରନ୍ତୁ ।



“ ରୋଜର ଫେଡେରର ସ୍ୱାଭାବିକ ଖେଳ ପ୍ରଦର୍ଶନ କରିପାରି ନ ଥିଲେ, ଯାହାଫଳରେ ତାଙ୍କୁ ମୋଠାରୁ ପରାଜିତ ହୋଇ ଏଥର ୟୁଏସ୍ ଓପନରୁ ବିଦାୟ ନେବାକୁ ପଡ଼ିଛି।

–ଜନ୍ ମିଲ୍ମ୍ୟାନ, ଅଷ୍ଟ୍ରେଲୀୟ ଟେନିସ ଖେଳାଳି



“ ଆମେରିକା ଅଧିନାୟକ ଜିମ୍ ଫ୍ୟୁରିକ୍ ଯଦି ମୋତେ ରାଇଡର କପ୍‌ରେ ଖେଳିବା ସୁଯୋଗ ଦିଅନ୍ତି, ତେବେ ତାହା ମୋ ପାଇଁ ସ୍ୱତନ୍ତ୍ର ଅନୁଭୂତି ଆଣିଦେବ ।

–ଫିଲ୍ ମିକେଲସନ, ଗଲ୍ଫ ଖେଳାଳି

## ସଂକ୍ଷେପରେ

### ସେମିଫାଇନାଲରେ ମଦର ପବ୍ଲିକ୍ ସ୍କୁଲ୍

**ଭୁବନେଶ୍ୱର, ୪।୯ (ସ୍ପୋର୍ଟ୍ସ ବ୍ୟୁରୋ):** ୟୁନିଟ- ୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଭୁବନେଶ୍ୱର ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ତଥା ୟୁନିଲାଇଟ କପ୍‌ରେ ମଦର ପବ୍ଲିକ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ୟୁନିଟ୍-୧ର ମଦର ପବ୍ଲିକ ସ୍କୁଲ ୧-୦ ଗୋଲରେ ୟୁନିଟ ୬ ହାଇସ୍କୁଲକୁ ପରାସ୍ତ କରି ସେମିକୁ ଉଠିଛି। ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ମଦର ପବ୍ଲିକ୍‌ର ଫରୱାର୍ଡ ନୀରଜ ସାହୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଗୋଲ ପରିଶୋଧ ପାଇଁ ୟୁନିଟ- ୬ ହାଇସ୍କୁଲ ବାରମ୍ବାର ପ୍ରୟାସ କରିଥିଲେ ମଧ ସଫଳ ହୋଇପାରି ନ ଥିଲା। ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପଦ୍ମନାଭ ବେହେରା ଯୋଗ ଦେଇ ମଦର ପବ୍ଲିକ୍‌ର ସାର୍ଥକ ଷଡ଼ଙ୍ଗୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅକ୍ଷୟ କୁମାର ଦାସ, ନବରଞ୍ଜନ ପଟ୍ଟନାୟକ, ଅମିୟକାନ୍ତ ମିଶ୍ର ଓ ଦେବେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ପରିଚାଳନା କରିଥିଲେ ରାଜେନ୍ଦ୍ର ବାରିକ, ପ୍ରକାଶ ଦାସ, ଅମିତ ନାୟକ,ସରୋଜ ମହାରଣା, ପାକା ପଣ୍ଡା ଓ ମହେଶ୍ୱର ସିଂ। ବୁଧବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ପୋଖରୀପୁଟ ଡିଏଭି ଓ ୟୁନିଟ୍-୧ ସରକାରୀ ହାଇସ୍କୁଲ ପରସ୍ପରକୁ ଭେଟିବେ। ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ତଥା ବରିଷ୍ଠ ପ୍ରଶିକ୍ଷକ ସୁକାନ୍ତ ଦତ୍ତଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧନା ଦିଆଯିବ।

### ହରିଶଙ୍କ ହ୍ୟାଟ୍ରିକ: ଟାଉନ କ୍ଲବ ବିଜୟୀ

**କଟକ ଅଫିସ,୪।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ମଙ୍ଗଳବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିବା ବେଳେ ଏଥିରେ ଟାଉନ୍ କ୍ଲବ ୫-୨ ଗୋଲରେ ୱାଇଭିସିଜିକୁ ପରାସ୍ତ କରିଛି। ଟାଉନ କ୍ଲବ ପକ୍ଷରୁ ହରିଶ ଚନ୍ଦ୍ର ମୁର୍ମୁ ହ୍ୟାଟ୍ରିକ ଗୋଲ ଦେଇଥିଲେ। ୨ୟ, ୫ମ ଓ ୫୩ତମ ମିନିଟରେ ସେ ଏହି ୩ଟି ଗୋଲ ଦେଇଥିଲେ। ଫଗୁ ହେମ୍ବ୍ରମ ୨୩ତମ ଓ ୪୬ତମ ମିନିଟରେ ଅନ୍ୟ ୨ଟି ଗୋଲ ଦେଇଛନ୍ତି। ୱାଇଭିସିଜି ପକ୍ଷରୁ ଦେବାନନ୍ଦ ସ୍ୱାଇଁ ୫୪ତମ ଓ ୫୭ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଖେଳାଯିବାକୁ ଥିବା ଅନ୍ୟଏକ ମ୍ୟାଚ୍‌ରେ କ୍ଲବ ଏନ୍ କ୍ଲବ ଅନୁପସ୍ଥିତ ରହିବାରୁ ଓଡ଼ିଶା ସରକାରୀ ପ୍ରେସକୁ ବିଜୟୀ ଘୋଷଣା କରାଯାଇଥିଲା।

### ଛତିଶଗଡ଼କୁ ହରାଇଲା ଓଡ଼ିଶା

**କଟକ ଅଫିସ,୪।୯:** ବିହାରରେ ଚାଲିଥିବା ସବ୍‌ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡର ମଙ୍ଗଳବାର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୬-୦ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ୨-୦ରେ ଅଗ୍ରଣୀ ରହିଥିବା ଓଡ଼ିଶା ଦ୍ୱିତୀୟାର୍ଦ୍ଧରେ ୪ଟି ଗୋଲ ଦେଇ ମ୍ୟାଚ୍‌କୁ ସହଜରେ ଜିତିଥିଲା। ପ୍ରଥମାର୍ଦ୍ଧର ୭ମ ମିନିଟରେ ବିନୋଦ ମାଝି, ୨୪ତମ ମିନିଟରେ ଅରବିନ ଲାକ୍ରା ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୮୨ତମ ମିନିଟରେ ଅରବିନ ବ୍ୟକ୍ତିଗତ ୨ୟ ଗୋଲ ଦେଇଥିବା ବେଳେ ୬୫ତମ ମିନିଟରେ ଅଜୟ ଟପ୍ପୋ ଓ ୬୬ ତମ, ୯୦ତମ ମିନିଟରେ ଅନିଲ ଟପ୍ପୋ ୨ଟି ଗୋଲ ସ୍କୋର କରିଛନ୍ତି ।

### ଏଏଫ୍‌ସି ବି ଲାଇସେନ୍ସ କୋଚିଂ କୋର୍ସ ଶେଷ

**କଟକ ଅଫିସ,୪।୯:** ଗତ ଅଗଷ୍ଟ ୨୦ ତାରିଖରୁ କଟକରେ ଚାଲିଥିବା ଏଏଫ୍‌ସି ବି ଲାଇସେନ୍ସ କୋଚିଂ କୋର୍ସ ସୋମବାର ଶେଷ ହୋଇଯାଇଛି । ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ୍(ଏଆଇଏଫ୍‌ଏଫ୍)ର କୋଚିଂ ନିର୍ଦ୍ଦେଶକ ସାଭିଓ ମେଡେରା ଏହି କାର୍ଯ୍ୟକ୍ରମର ପ୍ରଶିକ୍ଷକ ଥିଲେ । କାର୍ଯ୍ୟକ୍ରମରେ ମୋଟ୍ ୧୯ଜଣ ସାମିଲ ହୋଇଥିବା ବେଳେ ପ୍ରସିଦ୍ଧ ଫୁଟବଲ ଖେଳାଳି ବେରେଟୋ ଓ ମହେଶ ଗାୱାଲିଙ୍କ ରହିଥିଲେ ।

# ଶାରାପୋଭା, ଫେଡେରରଙ୍କ ବିଦାୟ

**ନ୍ୟୁୟର୍କ, ୪।୯(ଏଏଫ୍‌ପି)**

ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ପ୍ରତିଯୋଗିତାର ଅଷ୍ଟମ ଦିବସରେ ଦୁଇଟି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ସୋମବାର ରାତିରେ ଖେଳାଯାଇଥିବା ୪ର୍ଥ ରାଉଣ୍ଡ ମୁକାବିଲାରେ ଦୁଇ ମହାନ ଟେନିସ ଖେଳାଳି ରୋଜର ଫେଡେରର ଓ ମାରିଆ ଶାରାପୋଭା ପରାଜୟବରଣ କରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଏଠାରେ ଲଗାତର ୫ଥର ଟାଇଟଲ ଜିତିଥିବା ଫେଡେରର ୧୦ ବର୍ଷ ବ୍ୟବଧାନ ପରେ ପୁଣିଥରେ ଚାମ୍ପିୟନ ମୁକୁଟ ପିନ୍ଧିବାର ସ୍ୱପ୍ନ ଦେଖିଥିଲେ ମଧ ତାଙ୍କୁ ଶେଷରେ ନିରାଶ ହେବାକୁ ପଡ଼ିଛି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬ର ଏକ ମୁକାବିଲାରେ ଫେଡେରର ୬-୩, ୫-୭, ୬-୭ (୭/୯), ୬-୭ (୩/୭) ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ମିଲ୍ମ୍ୟାନଙ୍କଠାରୁ ପରାସ୍ତ ହୋଇଛନ୍ତି।

**ୟୁଏସ୍ ଓପନ୍ ଟେନିସ୍**

୨୦ଥର ଗ୍ରାଣ୍ଡସ୍ଲାମ ବିଜେତା ଫେଡେରର ୟୁଏସ୍ ଓପନ୍‌ରେ ମୋଟ୍ ୪୧ଟି ମ୍ୟାଚ୍ ଖେଳିବା ପରେ ପ୍ରଥମଥର ଲାଗି ବିଶ୍ୱ ମାନ୍ୟତାର ଟପ୍-୫୦ ବାହାରେ ରହିଥିବା ଜଣେ ଖେଳାଳିଙ୍କଠାରୁ ପରାଜୟର ସାମ୍ନା କରିଛନ୍ତି। ଏହି ମ୍ୟାଚ୍ ଜିତିଥିଲେ କ୍ୱାର୍ଟର ଫାଇନାଲରେ ଫେଡେରର ଓ ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ବହୁପ୍ରତୀକ୍ଷିତ ମ୍ୟାଚ୍ ଦର୍ଶକେ ଦେଖିବାକୁ ପାଇଥାନ୍ତେ। ବିଶ୍ୱ ମାନ୍ୟତାର ୫୫ତମ ସ୍ଥାନରେ ରହିଥିବା ମିଲ୍ମ୍ୟାନ କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍‌ଙ୍କୁ ଭେଟିବା ନିଶ୍ଚିତ ହୋଇଛି। ଅପରପକ୍ଷରେ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ୨୦୦୬ ଚାମ୍ପିୟନ ଶାରାପୋଭା ୪-୬, ୩-୬ ସିଧାସଳଖ ସେଟ୍‌ରେ ସ୍ପେନର କାର୍ଲା ସୁଆରେଜଙ୍କଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ନିଜର ଜନ୍ମଦିନରେ ୫ଥର ମେଜର ଟାଇଟଲ ବିଜୟିନୀ ଶାରାପୋଭାଙ୍କୁ ପରାସ୍ତ କରିଥିବାରୁ ସୁଆରେଜଙ୍କ ଖୁସି ଦ୍ୱିଗୁଣିତ ହୋଇଛି।





ପରାଜୟ ପରେ ମାରିଆ ଶାରାପୋଭା ଓ ରୋଜର ଫେଡେରର।

### କ୍ୱାର୍ଟରରେ ଜୋକୋଭିଚ୍

ସର୍ବିୟା ଟେନିସ ତାରକା ନୋଭାକ ଜୋକୋଭିଚ୍ ୟୁଏସ୍ ଓପନ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬'ର ଏକ ମ୍ୟାଚ୍‌ରେ ଜୋକୋଭିଚ୍ ୬-୩, ୬-୪, ୬-୩ ସିଧାସଳଖ ସେଟ୍‌ରେ ପର୍ତ୍ତୁଗାଲର ଜୋଓ ସୋଉସାଙ୍କୁ ପରାସ୍ତ କରିଛନ୍ତି। ଏଠାରେ ଦୁଇଥର ଟାଇଟଲ ଜିତିଥିବା ୩୧ ବର୍ଷୀୟ ଜୋକୋଭିଚ୍ କ୍ୱାର୍ଟରଫାଇନାଲରେ ଅଷ୍ଟ୍ରେଲିଆର ଜନ୍ ମିଲମ୍ୟାନଙ୍କୁ ଭେଟିବେ। ମିଲ୍ମ୍ୟାନ ଅନ୍ୟ ଏକ ମ୍ୟାଚ୍‌ରେ ୨୦ଥର ଗ୍ରାଣ୍ଡସ୍ଲାମ ବିଜେତା ରୋଜର ଫେଡେରରଙ୍କୁ ପରାସ୍ତ କରି ଅନ୍ତିମ-୮ରେ ପ୍ରବେଶ କରିଛନ୍ତି।

# ଭାରତ-ଶ୍ରୀଲଙ୍କା ମ୍ୟାଚ୍ ଆଜି

**ସାଫ୍ କପ୍ ଫୁଟବଲ**

**ଢାକା, ୪।୯ (ପି.ଟି.):** ସ୍ଥାନୀୟ ବଙ୍ଗବନ୍ଧୁ ନ୍ୟାଶନାଲ ଷ୍ଟାଡିୟମରେ ବୁଧବାରଠାରୁ ସାଉଥ ଏସିଆନ ଫୁଟବଲ ଫେଡେରେଶନ (ସାଫ୍) ଆରମ୍ଭ ହେବ। ଉଦ୍‌ଘାଟନୀ ମ୍ୟାଚରେ ଗତଥରର ଚାମ୍ପିୟନ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ। ହଟ୍ ଫେଭରାଇଟ ବିବେଚିତ ହେଉଥିବା ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

ଭାରତୀୟ ଦଳରେ ୨୩ ବର୍ଷରୁ କମ୍ ଫୁଟବଲର ସାମିଲ ହୋଇଛନ୍ତି। ଏକ ମାସରୁ ଊର୍ଦ୍ଧ୍ୱ ହେବ ଭାରତୀୟ ଦଳ ତା'ର ପ୍ରସ୍ତୁତି ଆରମ୍ଭ କରିଛି। ଫିଫା ର୍ୟାଙ୍କିଙ୍ଗ୍‌ରେ ଭାରତ ଏବେ ୯୬ତମ ସ୍ଥାନରେ ରହିଛି। ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁଥିବା ସବୁ ପଡୋଶୀ ଦେଶ ବିପକ୍ଷରେ ଭାରତ ୨୨ଟି ମ୍ୟାଚ ଖେଳିଥିବା ବେଳେ ୧୫ଥର ବିଜୟ ହାସଲ କରିଛି। ତେବେ ଶ୍ରୀଲଙ୍କା ଭାରତକୁ ୧୯୯୫ ସାଫ୍ ଚାମ୍ପିୟନଶିପ୍‌ର ଫାଇନାଲରେ ହରାଇ ତା'ର ସ୍ମରଣୀୟ ବିଜୟ ହାସଲ କରିଥିଲା। ସେତେବେଳେ ଏହି ଟୁର୍ନାମେଣ୍ଟ ସାଉଥ ଏସିଆନ ଗୋଲ୍ଡ ରୂପେ ଜଣାଥିଲା।

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଆମେ ଜୋର୍‌ଦାର ଅଭ୍ୟାସ କରିଛୁ। ଆମ ଫୁଟବଲରମାନେ ସେଠାରେ ଭଲ ଅଭ୍ୟାସ କରିଛନ୍ତି ଓ ଦଳର ମୋଟାମୋଟି ପ୍ରସ୍ତୁତି ବେଶ୍ ଉଚ୍ଚକୋଟୀର ରହିଛି ବୋଲି ଭାରତୀୟ ମୁଖ୍ୟ କୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନ କହିଛନ୍ତି।

# ଜାନୁୟାରୀରେ ଆନ୍ତଃ ସ୍କୁଲ ସିନିୟର ଫୁଟବଲ

**କଟକ ଅଫିସ,୪।୯**

ରୋଭର୍ସ ଆଥ୍‌ଲେଟିକ କ୍ଲବର ୮୯ତମ ଓ ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ ଆସୋସିଏଶନର ୨୭ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ଓଡ଼ିଶା ତୀରନ୍ଦାଜୀ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡ. ନିର୍ମଳକାନ୍ତି ସେନ ଅଧ୍ୟକ୍ଷତା କରିଥିଲେ। ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ଆନ୍ତଃ ସ୍କୁଲ ଜୁନିୟର, ସିନିୟର ଫୁଟବଲ ଟୁର୍ନାମେଣ୍ଟ ହେବା ସହ ମାର୍ଚ୍ଚରେ ମାରାଥନ ଓ ୱାକାଥନ ହେବା ନେଇ ନିଷ୍ପତ୍ତି ହୋଇଥିଲା। ରୋଭର୍ସ କ୍ଲବର ବୈଠକରେ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସୁବୁଦ୍ଧି ଅଧ୍ୟକ୍ଷତା କରିଥିବା ବେଳେ ଡିସେମ୍ବର ମାସ ଶେଷ ସପ୍ତାହରେ ଆନ୍ତଃ ସ୍କୁଲ ଜୁନିୟର ଆଥ୍‌ଲେଟିକ ମିଟ ହେବା ନେଇ ନିଷ୍ପତ୍ତି ହୋଇଛି। ଉଭୟ ସଙ୍ଗଠନର ସାଧାରଣ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ବିବରଣୀ ପାଠ କରିଥିଲେ। ଆସନ୍ତା ବର୍ଷ ନିମନ୍ତେ ଉଭୟ ସଙ୍ଗଠନର ବଜେଟ ମଧ ପ୍ରସ୍ତୁତ କରାଯାଇଥିଲା। ଗତ ଆନ୍ତଃ ସ୍କୁଲ ଜୁନିୟର ଫୁଟବଲ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଶିଶୁ ଭାରତୀ ସ୍କୁଲର ଛାତ୍ର ବିଷ୍ଣୁ ବେହେରାଙ୍କୁ ୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ରବି ପଟ୍ଟନାୟକ, ଶ୍ରୀଧର ଦାସ, ବିନୋଦ ମୂଳିଆ, ଯତୀନ ଦତ୍ତ, ସମୀର ପରିଜା, ଶରତ ସାହୁ, ସୁଘୋଷ ଦାସ, ମହମ୍ମଦ ଦାନିସ ନଦିମ ପ୍ରମୁଖ ଉପସ୍ଥିତ ଥିଲେ ।

# ଏସିଆଡ୍ ପଦକ ବିଜେତାଙ୍କୁ ପୁରସ୍କୃତ କଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ, ୪।୯ (ପି.ଟି.)**

କେନ୍ଦ୍ର ସରକାର ମଙ୍ଗଳବାର ୧୮ତମ ଏସିଆନ ଗେମ୍ସର ପଦକ ବିଜେତାମାନଙ୍କୁ ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରିଛନ୍ତି। ଇଣ୍ଡୋନେସିଆରେ ଅନୁଷ୍ଠିତ ଏହି ମେଗା ଇଭେଣ୍ଟରେ ଦେଶ ଏହାର ସର୍ବ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଭାରତ ୧୫ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୦ ବ୍ରୋଞ୍ଜ ସହ ମୋଟ ୬୯ ପଦକ ଜିତିପାରିଛି। ଏଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସ୍ୱର୍ଣ୍ଣ ବିଜେତାଙ୍କୁ ୪୦ ଲକ୍ଷ ଟଙ୍କା ରୌପ୍ୟ ବିଜୟୀଙ୍କୁ ୨୦ ଲକ୍ଷ ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଏବଂ କ୍ରୀଡ଼ା ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଉପସ୍ଥିତ ଥିଲେ। ଏମାନଙ୍କ ବ୍ୟତୀତ ଅନ୍ୟ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ ଓ ମହେଶ ଶର୍ମା, କ୍ରୀଡ଼ା ସଚିବ ରାହୁଲ ଭଟ୍ଟନାଗର, ଆଇଓଏ ସଭାପତି ନରିନ୍ଦର ବାତ୍ରା ଏବଂ ସାଇ ମହାନିର୍ଦ୍ଦେଶକ ନିଲମ କାପୁର ପ୍ରମୁଖ ଉପସ୍ଥିତ ଥିଲେ। ରାଜନାଥ ସମସ୍ତ ପଦକ ବିଜେତାଙ୍କୁ ବଧାଇ ଜଣାଇଥିଲେ। ଭାରତ ନିକଟ ଭବିଷ୍ୟତରେ ବିଶ୍ୱର ଅନ୍ୟତମ କ୍ରୀଡ଼ା ସୁପରପାୱାରେ ପରିଣତ ହେବା ଆଉ ବେଶି ଦିନ ନୁହେଁ ବୋଲି ସେ କହିଥିଲେ। ଭାରତରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ କ୍ରୀଡ଼ାମନ୍ତ୍ରୀ ରାଠୋରଙ୍କ ପ୍ରତିଶ୍ରୁତିବଦ୍ଧତା ଓ ଉତ୍ସର୍ଗୀକୃତ ମନୋଭାବକୁ ରାଜନାଥ ମଧ ଉଚ୍ଚ ପ୍ରଶଂସା କରିଥିଲେ।


**idco | ODISHA NEW OPPORTUNITIES**

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-3608/17-18/3992 Dtd: 31.08.2018

**TENDER CALL NOTICE**

| | | |
|---|---|---|
| Name of the Work | : | Construction of 11KV O.H. line towards power supply arrangement to M/S Kalinga Bio Ferti-Chem Pvt. Ltd. & other entrepreneurs at I.E. Kholadwar |
| Estimated Cost of the Work | : | Rs. 9,96,482.00 |
| Period of Completion | : | 30 (Thirty) days |
| EMD Amount | : | Rs.10,000.00 |
| Cost of Bid Document | : | Rs. 4,000.00 + 720.00 (GST @ 18%) |
| Date of Availability of Tender | : | 06.09.2018 to 10.09.2018 up to11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 17.09.2018 |
| Date of Opening of Tender | : | At 16.00 Hrs. on 17.09.2018 |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. S.C. Sahoo, Manager (Electrical) at Tel. No. (0674) 2541766 during office hours.

Sd/-
**D.H. (Electrical), IDCO, Bhubaneswar**



## ସୂଚନା

**No.78-MM:-** ଏତଦ୍ୱାରା ଶ୍ରୀ ସିପୁ ପ୍ରଧାନ, ପି-ଅଶୋକ ପ୍ରଧାନ, ସା-ଶିମିଳିହାଣ୍ଡା, ପୋ-କଲ୍ୟାଣପଦା, ଥା-ଚୌଦ୍ୱାର, ଜି-କଟକଙ୍କୁ ଅବଗତ କରାଇ ଦିଆଯାଉଅଛି କି ଆପଣଙ୍କ ମାଲିକାନାରେ ଥିବା ଟାଟା-୪୦୭ (ପଞ୍ଜୀକୃତ ସଂ.ଓଆର୍ ୦୫ ଏମ୍ ୩୪୭୭)ରେ ପ୍ରାୟ ୧୦ କୁଇଣ୍ଟାଲ ଜାଳକାଠ ବେନିୟମ ଭାବେ ଚାଲାଣ ହେଉଥିବା ବେଳେ ତା.୨୪।୦୭।୨୦୧୧ରିଖ ପୂର୍ବାହ୍ନ ଘ.୧୧.୦୦ମି. ସମୟରେ ତ୍ରିଶୂଳିଆ-ବାଙ୍କୀ ପିଡବ୍ଲ୍ୟୁଡି ରାସ୍ତାର ପଦ୍ମନଗର ନିକଟରେ ବନ କର୍ମଚାରୀମାନଙ୍କ ଦ୍ୱାରା ଜବତ ହୋଇଥିଲା। ଜବତ ବେଳେ ସେଥିରେ ଥିବା ଚାଳକ ଦୌଡ଼ି ପଳାଇଥିଲେ। ଏହି ମାମଲାକୁ ଓଡ଼ିଶା ଜଙ୍ଗଲ ଆଇନ, ୧୯୭୨ର ୫୬ ଧାରା ଅନୁଯାୟୀ ବିଚାର ନିମନ୍ତେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଛି। ଆପଣଙ୍କ ଉପରୋକ୍ତ ଟାଟା-୪୦୭ ସହିତ ଜବତ ହୋଇଥିବା ଦ୍ରବ୍ୟକୁ ଉପରୋକ୍ତ ଆଇନ ଅନୁସାରେ ବାଜ୍ୟାପ୍ତି କରାଯାଇ କାହିଁକି ସରକାରଙ୍କୁ ଦିଆନଯିବ ଏହାର ଉପଯୁକ୍ତ କାରଣ ଲିଖିତଭାବେ ଦର୍ଶାନ୍ତୁ। ବାଜ୍ୟାପ୍ତି ବିରୋଧରେ ଆପଣଙ୍କ କାରଣ ଦର୍ଶାଅ ବକ୍ତବ୍ୟ ତା.୧୫।୦୯।୨୦୧୮ ସୁଦ୍ଧା ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପ୍ରାପ୍ତି ନ ହେଲେ ଏ ସମ୍ପର୍କରେ ଆପଣଙ୍କର କିଛି ବକ୍ତବ୍ୟ ନାହିଁ ବୋଲି ଧରିନିଆଯିବ ଏବଂ ଆଇନ ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./-
**ପ୍ରାଧିକୃତ ଅଧିକାରୀ-ତଥା-**
**ସହକାରୀ ବନସଂରକ୍ଷକ**
**ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ, ଭୁବନେଶ୍ୱର**

08096/11/0004/1819



**ODISHA MINERAL EXPLORATION CORPORATION LTD**
(100% SUBSIDIARY UNIT OF ODISHA MINING CORPORATION LTD.)
OMC House, Bhubaneswar, Khordha - 751001
Tel: 2377400/2377401, www.omcltd.in, CIN : U13209OR2016SGC025960

OMC | ODISHA NEW OPPORTUNITIES

**No.04/OMECL** **Date:04.09.2018**

**ADVERTISEMENT FOR ENGAGEMENT OF ADVISOR, OMECL**

The Odisha Mineral Exploration Corporation Ltd., a 100% Subsidiary Unit of Odisha Mining Corporation Ltd. intends to engage one full time Advisor for OMECL with monthly consolidated remuneration. The period of service, terms & conditions, remuneration etc. are negotiable.

Interested eligible candidates may visit the OMC website **www.omcltd.in** for details of eligibility criteria, terms & conditions and application format and submit application in prescribed form dully filled in & accompanied with copies of self-attested certificates / testimonials in hard copy on or before **15.09.2018** by **Registered Post / Speed Post** positively to **General Manager(P&A)**, The Odisha Mining Corporation Ltd., Post Box No.34, OMC House, Bhubaneswar-751001.

The Management reserves the right to cancel, amend or alter the above advertisement without assigning any reason thereof.

Sd/-
**General Manager (P&A)**
The Odisha Mining Corporation Ltd., Post Box No-34, OMC House, BBSR-751001



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, KEONJHAR**

No. 2468 / MIDKJR Dt. 30.08.2018

**NOTICE INVITING TENDER e-Procurement**

**Bid ID No. 03 EEMID (KJR/ 2018-19) Dt. 30.08.2018**

**No. 472-A:-** The Executive Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | | |
|---|---|---|
| Name of work | : | Civil Construction works |
| No. of Works | : | 54 (Fifty Four) Nos. |
| Estimated Cost | : | Varies from approximately Rs. 7.01 Lakhs to 47.30 Lakhs |
| Tender Paper Cost | : | Mentioned in Column No. 6 of Tender call notice |
| Period of completion | : | 06 calendar months |
| Availability of Bid Documents | : | From 07.09.2018 to 24.09.2018 during office hours in Website (www.tenderorissa.gov.in) |
| Period of receipt of Bid through online | : | From 07.09.2018 to 24.09.2018 through online. |
| Date of Opening of Bid Documents | : | At 11.00AM on 25.09.2018 in the office chamber of the Executive Engineer, M.I. Division, Keonjhar |
| Date of lottery to be conducted among the valid bidders | : | At 11.00AM on 06.10.2018 in the office chamber of the Executive Engineer, M.I. Division, Keonjhar |
| Digital Signature Certificate of Bidder | : | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT | : | Executive Engineer, M.I. Division, Keonjhar Near Parkline Keonjhar, At/Po-Keonjhar, Dist- Keonjhar, Pin-758001. E-Mail ID-eemikjr@yahoo.co.in |

Further Details can be seen from the website : www.tendersorissa.gov.in

***Sd./- (Er. Sudhakar Behera)***
32123/11/0007/1819 ***Executive Engineer, M.I. Division, Keonjhar***



**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION**
**PARIMAL BHAWAN, UNIT-V, BHUBANESWAR-751001, ODISHA**
Tel: 0674-2395734, Fax: 0674-2394946, Email: cerwssodisha@gmail.com

**NOTICE INVITING BID**

**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**

No. 7447 Date: 25.08.2018

**REQUEST FOR PROPOSAL (RFP)**

**No. 670-O:-** The Engineer-in-Chief, RWSS (Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis, & has decided to carry out the bid process for selection of the eligible contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of work | Bid Identification No. | Indicative Project cost (Rs. in Crore) | Period for completion & O&M period | Availability of Bid document for online bidding | |
|---|---|---|---|---|---|---|
| Pkg-V | Execution of Rural Piped Water Supply Project pertaining to the mining affected villages in Champua, Jhumpura, Keonjhar and Bansapal block of Keonjhar district including 5 years O&M on EPC contract under the package | EIC, RWSS-20/18-19 | 899.09 | 24 (Twenty four months) & 60 (Sixty months) | 17.00 hrs of 07.09.2018 | 17.00 hrs of 12.10.2018 |

Name & address of officer inviting Bid : Engineer-in-Chief, RWSS Jal "O" Parimal Bhawan, Unit-V, Bhubaneswar, Ph: 0674-2395734 / 0674-2531533, Email: cerwssodisha@gmail.com

Further details can be seen from the e-Procurement portal http://tendersorissa.gov.in

25040/11/0018/1819 ***Sd./- Engineer-in-Chief, RWSS***



**OFFICE OF THE EXECUTIVE ENGINEER,**
**BHANJANAGAR IRRIGATION DIVISION, BHANJANAGAR**
Phone/Fax: 06821-241004, e-mail:bnjirrigation2010@gmail.com

**AUCTION SALE NOTICE No-01/2018-19**


**No. 474-A:-** Sealed Bids in plain paper are invited for sale of Unserviceable Scrap Materials by the under signed, which will be received in the Office of the Executive Engineer, Bhanjanagar Irrigation Division, Bhanjanagar till dt.20.09.2018 upto 1.30 PM and will be opened, on the same day at 5.00 PM in the presence of the Bidders or their authorized representatives if any.

1. Intending Bidder may inspect & verify the materials lying at different stores during office hours of any working day before the date of submission of the Bid. No claim in this regards will not be entertain.
2. Intending Bidders are requested to furnish EMD for each lot, as specified in column-4 of Annexure, in shape of NSC/Postal Time Deposit/Bank Draft of any Nationalized Bank, duly pledged in favour of Executive Engineer, Bhanjanagar Irrigation Division, Bhanjanagar along with the Bid for each work in separately accordingly to lot, without which the Bid will be rejected. Attested copy of the GSTIN Certificate & PAN card are required to furnish with the Bid, falling which, the Bid will be liable for rejection. The Bidder may offer his price against the each lot in separate sealed cover. The EMD will be refunded to unsuccessful bidders after the finalization of Auction.
3. The highest Bidder whose Bid is accepted shall deposit the offered amount immediately after confirmation of sale is made in his favour. In case, if the Bidder fails to deposit the amount within 07(seven) days, his EMD shall be forfeited.
4. The successful Bidder shall also remove the Unserviceable Scrap Materials from the sectional store within 07(seven) days from the date of deposit of the accepted quoted amount along with GST, failing which ground rent@1% of the bid amount per day shall be charged till the removal of Unserviceable Scrap Materials.
5. The documents will be received in Postal or Sealed Tender box of this Office.
6. The undersigned will not be held responsible for the postal delay, if any, in the delivery of the documents or non-receipt of the same in time.
7. The GST will be charged as applicable on quoted price.
8. The Authority reserves all the rights to reject any or all the Bids, without assigning any reason thereof.
9. Any dispute arising out of the sale shall remain under the jurisdiction of the Orissa High Court.

**ANNEXURE**

| Sl. No. | Description of Item | Upset Price Rs. | EMD (Rs.) |
|---|---|---|---|
| 1 | 2 | 3 | 4 |
| 1 | Lot No.01-Un-serviceable materials. | 576.00 | 100.00 |
| 2 | Lot No.02-Un-serviceable materials. | 880.00 | 100.00 |
| 3 | Lot No.05-Un-serviceable materials. | 3304.00 | 500.00 |
| 4 | Lot No.06-Un-serviceable materials. | 880.00 | 100.00 |
| 5 | Lot No.10-Un-serviceable materials. | 768.00 | 100.00 |
| 6 | Lot No.11-Un-serviceable materials. | 1056.00 | 200.00 |
| 7 | Lot No.12-Un-serviceable materials. | 9943.00 | 1000.00 |
| 8 | Lot No.13-Un-serviceable materials. | 9143.00 | 1000.00 |
| 9 | Lot No.14-Un-serviceable materials. | 9801.00 | 1000.00 |
| 10 | Lot No.15-Un-serviceable materials. | 5536.00 | 1000.00 |
| 11 | Lot No.16-Un-serviceable materials. | 6123.00 | 1000.00 |
| 12 | Lot No.17-Un-serviceable materials. | 4656.00 | 500.00 |
| 13 | Lot No.18-Un-serviceable materials. | 6662.00 | 1000.00 |
| 14 | Lot No.03-Un-serviceable materials. | 22392.00 | 1120.00 |
| 15 | Lot No.07-Un-serviceable materials. | 26608.00 | 1350.00 |
| 16 | Lot No.08-Un-serviceable materials. | 39040.00 | 2000.00 |
| 17 | Lot No.19-Un-serviceable materials. | 15149.00 | 1000.00 |

32010/11/0012/1819 ***Sd./- Executive Engineer, Bhanjanagar Irrigation Division***




"ବିଶ୍ୱର ନମ୍ବର ୱାନ ଟେଷ୍ଟ ଟିମ୍ ଭାରତ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ସିରିଜ ବିଜୟ ଆଶେସରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ସହିତ ସମାନ।
–ଟ୍ରେଭର ବେଲିସ, ଇଂଲଣ୍ଡ କ୍ରିକେଟ କୋଚ୍

"ଓଏନ୍‌ଜିସି ମୋ ସହିତ ଚୁକ୍ତି ମିଆଦ ସମ୍ପ୍ରସାରଣ କରି ନ ଥିବାରୁ ମୋତେ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍‌ରେ ସାମିଲ କରାଯାଉ ।
–ମନଜିତ୍ ସିଂ, ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା



## ସଂକ୍ଷେପରେ

### ମୁମ୍ବାଇ ଆସିବେ ଟାଇସନ



**ମୁମ୍ବାଇ, ୪।୯ (ପି.ଟି.):** ଆମେରିକାର ପୂର୍ବତନ ବିବାଦୀୟ ହେଭିୱେଟ୍ ବକ୍ସର ମାଇକ୍ ଟାଇସନ ପ୍ରଥମ ଥର ଭାରତ ଗସ୍ତରେ ଆସିବେ। ଚଳିତମାସ ୨୯ରେ ଏଠାରେ ହେବାକୁଥିବା କୁମିତେ-୧ ଲିଗ୍‌ର ପ୍ରଥମ ଦିବସ ଫାଇଟରେ ସେ ଯୋଗଦେବେ। ଟାଇସନ ମିକ୍ସଡ ଟିମ୍ ମାର୍ଶାଲ ଆର୍ଟ୍ସ ଲିଗ୍‌ର ମେଣ୍ଟର ଭାବେ ପ୍ରଥମ ଥର ଭାରତ ଗସ୍ତରେ ଆସୁଛନ୍ତି ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି। କୁମିତେ-୧ ଲିଗ୍ ପ୍ରତି ଅଲ୍ ଇଣ୍ଡିଆ ମିକ୍ସଡ ମାର୍ଶାଲ ଆର୍ଟ୍ସ ଫେଡେରେଶନ ଏବଂ ୱାର୍ଲ୍ଡ ୱାର୍ଲ୍ଡ କିକ୍ ବକ୍ସିଂ ଫେଡେରେଶନର ସମର୍ଥନ ରହିଛି। ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣରେ ବିଭିନ୍ନ ଦେଶର ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତିଟି ଦଳରେ ୨ ମହିଳା ସମେତ ୯ଜଣ ଫାଇଟର ରହିବେ ବୋଲି ଲିଗ୍‌ର ପ୍ରତିଷ୍ଠାତା ମହମଦାଲି ବୁଦ୍ଧୱାନି ପ୍ରକାଶ କରିଛନ୍ତି।

### ଅରୁଣାଚଳ ଦଳର ଅତିଥି ଖେଳାଳିଙ୍କ ତାଲିକା ବଦଳିଲା

**ନୂଆଦିଲ୍ଲୀ, ୪।୯ (ପି.ଟି.):** ଦେଶର ସର୍ବବୃହତ୍ ଘରୋଇ ଟୁର୍ନାମେଣ୍ଟ ରଣଜୀ ଟ୍ରଫିରେ ପଦାର୍ପଣ କରିବାକୁ ଯାଉଥିବା ଅରୁଣାଚଳ ପ୍ରଦେଶ ତା'ର ଅତିଥି ଖେଳାଳିଙ୍କ ତାଲିକାରେ ପରିବର୍ତ୍ତନ କରିଛି। ଅଭିଜ୍ଞ ଘରୋଇ କ୍ରିକେଟଙ୍କୁ ନ ନେଇ ବେଶି ଜଣା ନ ଥିବା ଦିଲ୍ଲୀ ବ୍ୟାଟ୍ସମ୍ୟାନ କ୍ଷିତିଜ ଶର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ଫଳରେ ଦଳର ଅତିଥି ଖେଳାଳି ତାଲିକାରେ କ୍ଷିତିଜଙ୍କୁ ସାମିଲ କରାଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୩ଜଣ ପ୍ରକୃତ ଖେଳାଳିଙ୍କ ମଧ୍ୟରୁ ଜଣକୁ ବାଦ୍ ଦେଇ ଅରୁଣାଚଳ କ୍ରିକେଟ ଆସୋସିଏଶନ (ଏସିଏ) କ୍ଷିତିଜ୍ ଶର୍ମାଙ୍କୁ ଦଳରେ ସାମିଲ କରିଛି। ପୂର୍ବରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସ କ୍ଷିତିଜଙ୍କୁ ୨୦ ଲକ୍ଷ ଟଙ୍କା ବିନିମୟରେ କ୍ରୟ କରିଥିଲା। ବିଜୟ ହଜାରେ ଟ୍ରଫିରେ ସାଂଘାତିକ ଭାବେ ବିଫଳ ହୋଇଥିଲେ ମଧ୍ୟ କ୍ଷିତିଜଙ୍କୁ ଚେନ୍ନାଇ ଦଳରେ ସାମିଲ କରିଥିଲା। ତେବେ ସେ ଚେନ୍ନାଇ ପାଇଁ କୌଣସି ମ୍ୟାଚ ଖେଳି ନ ଥିଲେ। ସେ ଦୁଇଟି ଲିଷ୍ଟ ଏ ମ୍ୟାଚ ଖେଳି ମାତ୍ର ୬ ରନ କରିଥିଲେ। ସେହିପରି ୧୧ଟି ଟି୨୦ ମ୍ୟାଚ ଖେଳି କ୍ଷିତିଜ୍ ୧୩.୮୭ ରନ ହାରରେ ୧୦୦ରୁ କମ୍ ଷ୍ଟ୍ରାଇକ୍ ରେଟ୍‌ରେ ୧୧୧ ରନ ସଂଗ୍ରହ କରିଛନ୍ତି। ପ୍ରଥମେ ଏସିଏ ସମର୍ଥ ସେଠ, ଅପ୍ରମେୟ ବିନୟ ଜୈସ୍ୱାଲ ଓ ଉତ୍ସବ ପଙ୍କଜଙ୍କ ନାମ ଆଗାମୀ ରଣଜୀ ସେସନ ପାଇଁ ଦଳରେ ସାମିଲ କରିଥିଲା।

# ରାଜକୋଟରେ ପ୍ରଥମ ଟେଷ୍ଟ

ନୂଆଦିଲ୍ଲୀ, ୪।୯(ପି.ଟି.)

ଘରୋଇ ଦଳ ବିପକ୍ଷରେ ଏକ ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ଚଳିତ ମାସ ଅନ୍ତିମ ଭାଗରେ ଭାରତ ଗସ୍ତରେ ଆସିବ। ଏହି ଗସ୍ତରେ ୱେଷ୍ଟଇଣ୍ଡିଜ ଦଳ ୨ଟି ଟେଷ୍ଟ, ୫ଟି ଏକଦିବସୀୟ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏସିଆ କପ୍ ଶେଷ ହେବାର ଗୋଟିଏ ସପ୍ତାହରୁ କମ୍ ସମୟ ମଧ୍ୟରେ ଏହି ଦ୍ୱିପାକ୍ଷିକ ସିରିଜ ଆରମ୍ଭ ହେବ। ଏଥିଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ (ଡବ୍ଲୁଆଇସିବି) ପକ୍ଷରୁ ମିଳିତ ଭାବେ ମଙ୍ଗଳବାର ମ୍ୟାଚ୍ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ସିରିଜ ଅକ୍ଟୋବର ୪ରୁ ନଭେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ ବୋଲି ବିସିସିଆଇ ସମ୍ପାଦକ ଅମିତାଭ ଚୌଧାରୀ ମଙ୍ଗଳବାର ଏକ ପ୍ରେସ ରିଲିଜ ଜରିଆରେ କହିଛନ୍ତି। ଭାରତୀୟ ଦଳ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଛି। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ସେପ୍ଟେମ୍ବର ୭ରୁ ଆରମ୍ଭ ହେବ। ଏହାପରେ ସେପ୍ଟେମ୍ବର ୧୫ରୁ ୨୮ ତାରିଖ ପର୍ଯ୍ୟନ୍ତ ୟୁଏଇରେ ଏସିଆ କପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାରତ ସମେତ ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ଯୋଗ୍ୟତା ଅର୍ଜନକାରୀ ଦଳ ଅଂଶଗ୍ରହଣ କରୁଛନ୍ତି।

**ଭାରତ ବନାମ ୱେଷ୍ଟଇଣ୍ଡିଜ୍**

- ପ୍ରଥମ ଟେଷ୍ଟ- ଅକ୍ଟୋବର ୪ରୁ ୮, ରାଜକୋଟ
- ଦ୍ୱିତୀୟ ଟେଷ୍ଟ- ଅକ୍ଟୋବର ୧୨ରୁ ୧୬, ହାଇଦ୍ରାବାଦ
- ପ୍ରଥମ ଦିନିକିଆ- ଅକ୍ଟୋବର ୨୧, ଗୁଆହାଟୀ
- ଦ୍ୱିତୀୟ ଦିନିକିଆ- ଅକ୍ଟୋବର ୨୪, ଇନ୍ଦୋର
- ୩ୟ ଦିନିକିଆ- ଅକ୍ଟୋବର ୨୭, ପୁଣେ
- ୪ର୍ଥ ଦିନିକିଆ- ଅକ୍ଟୋବର ୨୯, ମୁମ୍ବାଇ
- ୫ମ ଦିନିକିଆ- ନଭେମ୍ବର ୧, ଥିରୁଭାନନ୍ତପୁରମ
- ପ୍ରଥମ ଟି୨୦- ନଭେମ୍ବର ୪, କୋଲକାତା
- ୨ୟ ଟି୨୦- ନଭେମ୍ବର ୬, ଲକ୍ଷ୍ନୌ
- ୩ୟ ଟି୨୦- ନଭେମ୍ବର ୧୧, ଚେନ୍ନାଇ।

# ଆନ୍ତଃ ମହାବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

**ଭୁବନେଶ୍ୱର, ୪।୯ (କ୍ରୀଡ଼ା ପ୍ରତିନିଧି):** ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ବାଣୀବିହାରଠାରେ ଆନ୍ତଃ ମହାବିଦ୍ୟାଳୟ ମହିଳା ଓ ପୁରୁଷ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମହିଳା ଫାଇନାଲରେ ବିଜେବି ମହାବିଦ୍ୟାଳୟ ୨-୦ ସେଟ୍‌ରେ ରିଜିଓନାଲ କଲେଜ ଅଫ ଏଜୁକେଶନକୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ପୁରୁଷ ବିଭାଗ ଫାଇନାଲରେ କଳିଙ୍ଗ ଷ୍ଟାଡିୟମସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ୩-୧ ସେଟ୍‌ରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୧୨ଟି ମହିଳା ଓ ୩୧ଟି ପୁରୁଷ ଦଳ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ପରିଷଦର ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟ, ପ୍ରମୋଦ କୁମାର ନାୟକ, ପ୍ରତିଯୋଗିତାର ସଂଯୋଜକ ଦକ୍ଷ ବ୍ରହ୍ମା ରାଉତରାୟ, ଡ. ବେଣୁଧର ଦାସ, ଚତୁର୍ଭୁଜ ଜେନା, ବିଶ୍ୱବିଦ୍ୟାଳୟ ଦଳର ଚୟନକର୍ତ୍ତା ରବିନାରାୟଣ ପ୍ରଧାନ, ମନୋଜ କୁମାର ସାହୁପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ଦେବାଶିଷ ମିଶ୍ର, ଆଶିଷ କୁମାର ସେଠୀ, ସୁନୀଲ ବେହେରା ଓ ବିଶ୍ୱରଞ୍ଜନ ଦାସ ପରିଚାଳନା କରିଥିଲେ।



ଦୁଇ ଚାମ୍ପିୟନ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଟାର୍ଗେଟ ୨୬୨: ଭାରତ 'ଏ' ୬୩/୨

ବେଙ୍ଗାଲୁରୁ, ୪।୯ (ପି.ଟି.)

ଭାରତ ଏ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ଏ ମଧ୍ୟରେ ଚାଲିଥିବା ୪ ଦିନିଆ ପ୍ରଥମ ଅନ ଅଫିସିଆଲ ଟେଷ୍ଟ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ପ୍ରଥମ ଇନିଂସରେ ୩୧ ରନ ପଛରେ ପଡିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୨୯୨ ରନ କରି ଆଲଆଉଟ ହୋଇଛି। ଫଳରେ ଭାରତ ସମ୍ମୁଖରେ ୨୬୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୨୦ ଓଭରରେ ୨ ଉଇକେଟ ହରାଇ ୬୩ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ ଆଉ ଗୋଟିଏ ଦିନ ବାକିଥିବା ବେଳେ ଭାରତ ୮ ଉଇକେଟ ହାତରେ ରଖି ଆଉ ୧୯୯ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ମୟଙ୍କ ଅଗ୍ରୱାଲ ୨୫ ଓ ଅଙ୍କିତ୍ ବାୱନେ ୬ ରନ କରି ଅପରାଜିତ ରହିଛନ୍ତି। ଓପନର ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲିବା ପୂର୍ବରୁ ପ୍ରଥମେ କ୍ରିସ୍ ଟ୍ରିମେନ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଅଧିନାୟକ ଶ୍ରେୟାସ ଆୟର ୨୮ ରନ କରିଥିବା ବେଳେ ଜନ ହଲାଣ୍ଡଙ୍କ ବଲ୍‌ରେ କୁର୍ତ୍ତିସ ପାଟରସନଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୪୨/୧ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ତୃତୀୟ ଦିନ ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଉସ୍‌ମାନ ଖ୍ୱାଜା ୧୬ରୁ ଖେଳ ଆରମ୍ଭ କରି ୪୦ ରନ କରି ଆଉଟ ହୋଇଥିଲେ। ସେହିପରି ଟ୍ରେଭିସ୍ ହେଡ ୧୩ରୁ ଖେଳ ଆରମ୍ଭ କରି ୮୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍ନସ ଲାବୁସଚାଗ୍‌ନେ ୩୭, ମାଇକେଲ ନେସେର ୨୫, ଟ୍ରିମେନ ୨୫ ରନ କରି ଆଉଟ ହୋଇଥିବାବେଳେ ଅନ୍ୟମାନେ ଭଲ ପ୍ରଦର୍ଶନ କରିପାରି ନ ଥିଲେ।

# ଓମ୍ ପ୍ରକାଶଙ୍କୁ ସ୍ୱର୍ଣ୍ଣ: ମନୁ, ସିଦ୍ଧୁ ନିରାଶ

**ଚାଙ୍ଗୱନ (ଦକ୍ଷିଣ କୋରିଆ), ୪।୯(ପି.ଟି.):** ଭାରତୀୟ ଶୁଟର ଓମ୍‌ପ୍ରକାଶ ମିଥରୱାଲ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ପ୍ରତିଯୋଗିତାର ୫୦ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଏହି ଇଭେଣ୍ଟରେ ୨୩ ବର୍ଷୀୟ ଯୁବ ଭାରତୀୟ ଶୁଟର ଓମ୍‌ପ୍ରକାଶ ୫୬୪ ସ୍କୋର କରି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଏଥିପୂର୍ବରୁ ଓମ୍‌ପ୍ରକାଶ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୧୦ ମିଟର ଏୟାର ପିସ୍ତଲ ଓ ୫୦ ମିଟର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ଅନ୍ୟତମ ତାରକା ଭାରତୀୟ ଶୁଟର ତଥା ୨୦୧୪ ସଂସ୍କରଣ ରୌପ୍ୟ ପଦକ ବିଜେତା ଜିତୁ ରାଇ କିନ୍ତୁ ନିରାଶ କରିଛନ୍ତି। ଜିତୁ ୫୫୨ ସ୍କୋର କରି ସପ୍ତଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଓମ୍‌ପ୍ରକାଶ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ମଧ୍ୟ ୨୦୨୦ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିପାରିନାହାନ୍ତି। ଅଲିମ୍ପିକ୍ସରେ ଏହି ବର୍ଗଟି ସ୍ଥାନ ପାଇ ନ ଥିବାରୁ ଓମ୍‌ପ୍ରକାଶଙ୍କୁ ନିରାଶ ହେବାକୁ ପଡ଼ିଛି। ପୁରୁଷ ୫୦ ମିଟର ପିସ୍ତଲ ଟିମ୍ ଇଭେଣ୍ଟରେ ମିଥରୱାଲ, ରାଇ ଓ ମନଜିତ୍ ମୋଟ୍ ୫୩୨ ସ୍କୋର କରି ୫ମ ସ୍ଥାନରେ ରହିଥିଲେ। ଅପରପକ୍ଷରେ ମହିଳା ୧୦ ମିଟର ଏୟାର ପିସ୍ତଲରେ ଦୁଇ ଭାରତୀୟ ତାରକା ମନୁ ଭାକର ଓ ହୀନା ସିଦ୍ଧୁ ପୋଡ଼ିୟମ ଫିନିଶ୍ କରିବାରେ ବିଫଳ ହୋଇଛନ୍ତି। ସେହିଭଳି ମହିଳା ଟିମ୍ ଇଭେଣ୍ଟରେ ମନୁ, ସିଦ୍ଧୁ ଓ ଶ୍ୱେତା ସିଂ ମୋଟ୍ ୧୭୧୩ ସ୍କୋର ସହ ୪ର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ସୋମବାର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଅଞ୍ଜୁମ ମୌଦଗିଲ ଓ ଅପୂର୍ବୀ ଚାଣ୍ଡେଲା ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ହାସଲ କରି ପ୍ରଥମ ଭାରତୀୟ ଶୁଟିଂ ଯୋଡ଼ି ଭାବେ ୨୦୨୦ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଥିଲେ।

DADLS-91

## ଗୁରୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା



ଗୁରୁ ଦିବସ-୨୦୧୮ ଅବସରରେ ରାଜ୍ୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି ।

ଶିକ୍ଷା ହିଁ ପ୍ରଗତିର ଚାବିକାଠି ଓ ପରିବର୍ତ୍ତନର ମାଧ୍ୟମ । ତେଣୁ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମରେ ମୁଁ ଆପଣମାନଙ୍କ ସମସ୍ତଙ୍କ ସହଯୋଗ କାମନା କରୁଛି ।

(ନବୀନ ପଟ୍ଟନାୟକ)

15001/13/0190/1819



## ବାର୍ତ୍ତା

ପବିତ୍ର ଗୁରୁଦିବସ-୨୦୧୮ ପାଳନ ଅବସରରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଶିକ୍ଷା ହିଁ ପ୍ରଗତିର ମାପକାଠି । ଶିକ୍ଷା ମାଧ୍ୟମରେ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିପାରିବ । ତେଣୁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ଶିକ୍ଷାକୁ ବିକାଶ ସହିତ ଯୋଡ଼ିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆସନ୍ତୁ, ଆଜିର ଏହି ମହାନ ଦିବସରେ ଆମେ ସମସ୍ତେ ମିଳିମିଶି ଓଡ଼ିଶାକୁ ଶିକ୍ଷାକ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ।

(ଅନନ୍ତ ଦାସ)
ଉଚ୍ଚ ଶିକ୍ଷା, ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ)

DADLS-91
15001/13/0190/1819



## ବାର୍ତ୍ତା

ପବିତ୍ର ଗୁରୁଦିବସ-୨୦୧୮ ପାଳନ ଅବସରରେ ରାଜ୍ୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଶିକ୍ଷକମାନେ ସମାଜର ମାର୍ଗଦର୍ଶକ । ଉତ୍ତମ ନୈତିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ କରି ସେମାନେ ସମର୍ପିତ ନାଗରିକ ସୃଷ୍ଟି କରିଥାନ୍ତି । ସରକାରଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀମାନେ ଶିକ୍ଷା ଅଧିକାର ଆଇନର ସଠିକ୍ ରୂପାୟନ ଓ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ କଲେ ରାଜ୍ୟର ଶୈକ୍ଷିକ ପରିମଣ୍ଡଳ ଅଧିକ ସମୃଦ୍ଧ ହୋଇପାରିବ ।

ଆସନ୍ତୁ ଗୁରୁ-ଶିଷ୍ୟ ପରମ୍ପରାର ଏହି ମହାନ ଦିବସ ପାଳନ ଅବସରରେ ଆମ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ସହିତ ଶିକ୍ଷାୟତନଗୁଡ଼ିକୁ ଜ୍ଞାନକେନ୍ଦ୍ର ଭାବେ ଗଢ଼ିତୋଳିବାର ସଂକଳ୍ପ ନେବା ।

(ବଦ୍ରିନାରାୟଣ ପାତ୍ର)
ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ

DADLS-91
15001/13/0190/1819

# ଭାରତୀ, ପ୍ରଭାତ-ଅନିଲ ଚାମ୍ପିୟନ

ଭୁବନେଶ୍ୱର, ୪।୯ (କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ମହାଲେଖାକାର (ଏଜି) ରିକ୍ରିଏଶନ କ୍ଲବ ଆନୁକୂଲ୍ୟରେ ଆନ୍ତଃ ବିଭାଗୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ସ୍ଥାନୀୟ ୟୁନିଟ-୧ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ ମହିଳା ଓ ୭୨ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମହିଳା ସିଙ୍ଗଲ୍ସରେ ଭାରତୀ ମହାପାତ୍ର ଚାମ୍ପିୟନ ହୋଇଥିବାବେଳେ ସସ୍ମିତା ସୋରେନ ରନର୍ସଅପ୍ ଓ ଏନ.ରାଜେଶ୍ୱରୀ ୩ୟ ସ୍ଥାନ ହାସଲ କରିଥିଲେ। ପୁରୁଷ ଡବଲ୍ସ ଫାଇନାଲରେ ପ୍ରକାଶ ପଟ୍ଟନାୟକ ଓ ପରେଶ ମହାନ୍ତିଙ୍କୁ ହରାଇ ପ୍ରଭାତ ପ୍ରଧାନ ଓ ଅନିଲ ଦାସ ଯୋଡ଼ି ଚାମ୍ପିୟନ ହୋଇଥିଲେ। ମହାଲେଖାକାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ମହାଲେଖାକାର ଯଶୋଧାରା ରାଏ ଚୌଧୁରୀ ଓ ମହାଲେଖାକାର ବିଭୁଦତ୍ତ ବସନ୍ତିଆ ଉପସ୍ଥିତ ଥିଲେ। ଶେଷରେ ପ୍ରଣବ ପଟ୍ଟନାୟକଙ୍କ ଟିମ୍ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।





ଅତିଥି ପ୍ରଣବ କୁମାର ପଟ୍ଟନାୟକଙ୍କ ସହ ପୁରୁଷ ଡବଲ୍ସ ଚାମ୍ପିୟନ ଅନିଲ-ପ୍ରଭାତ ଓ ମହିଳା ସିଙ୍ଗଲ୍ସ ବିଜୟିନୀ ଭାରତୀ ମହାପାତ୍ର।

### ଓସିଏରେ ବୟସ ଜାଲିଆତି ଅଭିଯୋଗ

# ବିସିସିଆଇ, ସିଓଏକୁ ଚିଠି

କଟକ ଅଫିସ, ୪।୯

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ରେ ୧୯ବର୍ଷରୁ କମ୍ ଓ ୨୩ବର୍ଷରୁ କମ୍ ବର୍ଗର ଖେଳାଳି ଚୟନ ପ୍ରକ୍ରିୟାରେ ପୁଣି ଥରେ ବୟସ ଜାଲିଆତିକୁ ସମର୍ଥନ ଦିଆଯାଇଛି ବୋଲି ଅଭିଯୋଗ କରିଛି ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ । ରାଜ୍ୟ ବାହାରୁ ଓ ଅଧିକ ବୟସ ବର୍ଗର ଖେଳାଳିଙ୍କୁ ଚୟନ ଶିବିରରେ ସାମିଲ କରାଯାଇଛି ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଓ କମିଟି ଅଫ ଆଡମିନିଷ୍ଟ୍ରେଶନ(ସିଓଏ)କୁ ଚିଠି ଲେଖାଯାଇଛି । ଗତ ମେ ୧୮ରେ ବିସିସିଆଇର ସାଧାରଣ ପରିଷଦ ବୈଠକରେ ବୟସ ଜାଲିଆତି କରୁଥିବା ଖେଳାଳିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଛି । ଓସିଏ ଏହି ନିଷ୍ପତ୍ତିକୁ ଜାଣି ମଧ୍ୟ ବୟସ ଜାଲିଆତିକୁ ପ୍ରୋତ୍ସାହିତ କରୁଛି । ବିଭିନ୍ନ ବୟସ ବର୍ଗର ଶିବିରରେ ରହିଥିବା ୧୨୧ଜଣ ଖେଳାଳି ଏଯାବତ୍ ବୟସ ପ୍ରମାଣପତ୍ର ଦାଖଲ କରି ନ ଥିବା ବେଳେ ଏ ନେଇ କୌଣସି ପଦକ୍ଷେପ ନିଆଯାଉନି ବୋଲି ସଙ୍ଗଠନର ଆବାହକ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଅଭିଯୋଗରେ ଦର୍ଶାଇଛନ୍ତି । ସୂଚନାଥାଉ କି, ବୟସ ଜାଲିଆତି କରାଯାଇଥିବା ନେଇ ସଙ୍ଗଠନ ପକ୍ଷରୁ ଗତବର୍ଷ ସେପ୍ଟେମ୍ବର ୧୮ ତାରିଖରେ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗରେ ୧୭ଜଣ ଖେଳାଳିଙ୍କ ନାମ ଉଲ୍ଲେଖ ରହିଥିଲା । ଏ ନେଇ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ହାଇକୋର୍ଟରେ ଦାଏର ହୋଇଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୫/୨୦୧୮ Bhubaneswar, Wednesday, September 5/ 2018

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ଗିରଫ

ଏରସମା,୪।୯(ସ୍ୱ.ପ୍ର.): ଏରସମା ଥାନା ଅଞ୍ଚଳର ଏକ ନାବାଳିକା ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ସେ ହେଲେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁର ସୁଜିତ ନାୟକ(୨୩)। ୨୦୧୭ ଡିସେମ୍ବର ୭ରେ ନାବାଳିକା ଜଣଙ୍କ ଘରେ ଏକଟୁଆ ଥିବାର ସୁଯୋଗ ନେଇ ସୁଜିତ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ତେବେ ନାବାଳିକାଙ୍କ ପାଟି ଶୁଣି ଗ୍ରାମବାସୀ ଚାଲି ଆସିବାରୁ ସୁଜିତ ଫେରାର ହୋଇଯାଇଥିଲେ। ଏନେଇ ଏରସମା ଥାନାରେ ମାମଲା ନଂ. ୧୫୪/୧୭ ରୁଜୁ ହୋଇଥିଲା। ମଙ୍ଗଳବାର ପୋଲିସ ସୁଜିତଙ୍କୁ ତାଙ୍କ ଘରୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ପ୍ରଶାନ୍ତ କୁମାର ମାଝି କହିଛନ୍ତି।

### ଚୋରି ଅଭିଯୋଗରେ ୩ ଗିରଫ

ଏରସମା,୪।୯(ସ୍ୱ.ପ୍ର.): ଏରସମା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ନିମୋଳ ଗ୍ରାମରୁ ଚୋରି ଅଭିଯୋଗରେ ୩ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ନିମୋଳ ଗ୍ରାମର ଜ୍ୟୋତିରଞ୍ଜନ ଗଛାୟତ, ବିପ୍ଳବ ଦାସ ଓ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସନ୍ଦୀପ ମହାନ୍ତି। ଅଭିଯୋଗ ଅନୁଯାୟୀ, ଗତ ୩୦ ତାରିଖ ରାତିରେ ଏହି ୩ ଅଭିଯୁକ୍ତ ଗ୍ରାମର ମାନସୀ ମହାନ୍ତିଙ୍କ ଘର କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଏହା ପରେ ତାଙ୍କର ୨ଟି ମୋବାଇଲ ଓ ବେକରେ ପିନ୍ଧିଥିବା ଏକ ଚେନ୍ ନେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ମାନସୀ ସୋମବାର ଏରସମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୩୦/୧୮ ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

### ମହାନଦୀ ମୁହାଣରେ ମତ୍ସ୍ୟଜୀବୀ ନିଖୋଜ

ପାରାଦୀପ,୪।୯(ସ୍ୱ.ପ୍ର.): ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମହାନଦୀ ମୁହାଣରେ ମଙ୍ଗଳବାର ଡଙ୍ଗାରୁ ପଡି ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସ୍ଥାନୀୟ ଷଣ୍ଢକୁଦର ଏମ ଜଗା (୪୫)। ସକାଳେ ସେ ୬ ଜଣ ମତ୍ସ୍ୟଜୀବୀଙ୍କ ସହ ସମୁଦ୍ରକୁ ମାଛ ମାରିବାକୁ ଯାଉଥିଲେ। ତେବେ ମୁହାଣରେ ପ୍ରବଳ ଲହଡି ମାଡ଼ରେ ଡଙ୍ଗାରୁ ତଳକୁ ଖସିପଡିଥିଲେ। ସାଥିରେ ଥିବା ମତ୍ସ୍ୟଜୀବୀମାନେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇନାହାନ୍ତି।

### ୩ ବଖରା ଜଳିଗଲା

ବାଲିକୁଦା,୪।୯(ସ୍ୱ.ପ୍ର.): ବାଲିକୁଦା ତହସିଲ ଅଧୀନ ତଣ୍ଡିକୁଳ ପଞ୍ଚାୟତର ତିହୁଡି ଗାଁରେ ଅଗ୍ନିକାଣ୍ଡ ଘଟି ପ୍ରଫୁଲ୍ଲ ମନ୍ତ୍ରୀଙ୍କ ୩ ବଖରା ସମେତ ସମସ୍ତ ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଛି। ବାଲିକୁଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁଯାୟୀ, ପ୍ରଫୁଲଙ୍କ ପରିବାର ଲୋକେ ସନ୍ଧ୍ୟାରେ ରୋଷେଇ କରୁଥିବା ବେଳେ ଅସାବଧାନତା ହେତୁ ଚୁଲିରୁ ଚାଳକୁ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ନିଆଁ ବ୍ୟାପି ଯାଇଥିଲା। ଗାଁ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ପରେ ବାଲିକୁଦା ଅଗ୍ନିଶମ ବିଭାଗ ଭାରାପ୍ରାପ୍ତ କେନ୍ଦ୍ରାଧିକାରୀ ନବଘନ ମଲ୍ଲିକ ନିଜ ଟିମ ସହ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ବିଧାୟକଙ୍କୁ ପୂଜ୍ୟପୂଜା ସଂସଦର ସମ୍ବର୍ଦ୍ଧନା

ବାଲିକୁଦା,୪।୯(ସ୍ୱ.ପ୍ର.): ଶ୍ରେଷ୍ଠ ବିଧାୟକ ଭାବେ ସମ୍ମାନିତ ହୋଇଥିବା ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସଂସଦ ସଭାପତି କୈଳାସ ବିଶ୍ୱାଳ, ସମ୍ପାଦକ ଅରୁଣ କୁମାର ମହାନ୍ତି, ଶିକ୍ଷାବିତ୍ ଗନ୍ଧର୍ବ ଚରଣ ସାଉ, ପ୍ରଫୁଲ କୁମାର ଷଡ଼ଙ୍ଗୀ, ଯୁଗ୍ମ ସମ୍ପାଦକ ବାବନ ସ୍ୱାଇଁ, ସ୍ୱେତ କୁମାର ସ୍ୱାଇଁ, ପବିତ୍ର ମୋହନ ସାଉ, ସୁଶ୍ରୀ ସ୍ମିତା ଦାସ, ରାମଚନ୍ଦ୍ର ଶତପଥୀ ପ୍ରମୁଖ ସୋମବାର ସନ୍ଧ୍ୟାରେ ବିଧାୟକ ମୁଦୁଲିଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ସଂସଦ ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଥିଲା।

# ୪,୪୦୦ ଥାଇଲେରିଆ ଟିକା ନଷ୍ଟ ସନ୍ଦେହ

**ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ**
- ଏଲ୍ଆଇମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି
- ପରୀକ୍ଷା ପରେ ନେବାକୁ ଆବେଦନ
- ସିଡିଭିଓଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

ଜଗତ୍‌ସିଂହପୁର ଅଫିସ, ୪।୯

ଜଗତ୍‌ସିଂହପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ପ୍ରାୟ ୪,୪୦୦ ଡୋଜ୍ ଥାଇଲେରିଆ ଟିକା (ମୂଲ୍ୟ ୫,୩୨,୪୦୦ ଟଙ୍କା) ନଷ୍ଟ ହୋଇଯାଇଥିବା ସନ୍ଦେହ ପ୍ରକାଶ ପାଇଛି। ତରଳ ଯବକ୍ଷାରଜାନ (ଲିକୁଇଡ୍ ନାଇଟ୍ରୋଜେନ୍) ଅଭାବରୁ ଏଭଳି ହୋଇଥିବା କୁହାଯାଉଛି। ତେଣୁ ଏହିସବୁ ଟିକା ନେବାକୁ ପ୍ରାଣୀଧନ ନିରୀକ୍ଷକ (ଏଲ୍ଆଇ)ମାନେ କୁଣ୍ଠାବୋଧ କରୁଛନ୍ତି। କାରଣ ଯଦି ଏଗୁଡିକ ନଷ୍ଟ ହୋଇଯାଇଥିବ ତେବେ କାମ କରିବ ନାହିଁ କିମ୍ବା ନକରାତ୍ମକ ପ୍ରଭାବ ପକାଇପାରେ। ଏ ପରିସ୍ଥିତିରେ ଟିକା ବ୍ୟବହାର କରିବା ବିପଦକୁ ଟାଣିବା ସହ ସମାନ। ତେଣୁ ଏଗୁଡିକର ପରୀକ୍ଷା କରାଯାଇ ଠିକ ଥିବା ପ୍ରମାଣିତ ହେଲେ ଦିଆଯାଉ ବୋଲି ସେମାନେ କହିଛନ୍ତି। ଏଲ୍ଆଇମାନେ ଚିକିତ୍ସାଳୟ ଦାୟିତ୍ୱରେ ଥିବା ଡେପୁଟି ଡାଇରେକ୍ଟର ଡା.ରଞ୍ଜନ କୁମାର ହୁମ୍‌ଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିବା ସହ ଏହାର ଏକ ନକଲ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ)ଙ୍କ ପାଖକୁ ପଠାଇଛନ୍ତି। ସିଡିଭିଓଙ୍କ ନିର୍ଦ୍ଦେଶରେ ଏଡିଭିଓ (ଆଡିସନାଲ ଡିଷ୍ଟ୍ରିକ୍ଟ ଭେଟେରିନାରୀ ଅଫିସର) ଡା.ଗିରିଜା ପ୍ରସାଦ ଦାଶ ମଙ୍ଗଳବାର ଏହାର ତଦନ୍ତ କରିଥିବା ଜଣାଯାଇଛି। କିନ୍ତୁ ତଦନ୍ତ ନ ସରିବା ପର୍ଯ୍ୟନ୍ତ କୌଣସି ସୂଚନା ଦେବାକୁ ଡା. ଦାଶ କୁଣ୍ଠାବୋଧ କରିଛନ୍ତି। ଅନ୍ୟପକ୍ଷରେ ଡେପୁଟି ଡାଇରେକ୍ଟର ହୁମ୍ ସେଭଳି କିଛି ହୋଇ ନ ଥିବା ସୂଚନା ଦେଇଛନ୍ତି। ସେ କହିଛନ୍ତି ଟିକାଗୁଡିକ ତରଳ ଯବକ୍ଷାରଜାନରେ ରଖାଯାଇଥିଲା। କିନ୍ତୁ ପରିମାଣରେ ଏପଟ ସେପଟ ହୋଇଥାଇପାରେ। ତଥାପି ଏସବୁ ନଷ୍ଟ ହୋଇ ନ ଥାଇ ପାରେ। ତଥାପି ପରୀକ୍ଷା ପାଇଁ ଅନ୍ୟ ଲାବୋରେଟୋରୀ ପଠାଗଲେ କିଛି ଅସୁବିଧା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଆଗକୁ ଦେଖିବାର ଅଛି ଟିକାଗୁଡିକ ପରୀକ୍ଷା ପାଇଁ ବାହାର ଲାବୋରେଟୋରୀ ଯାଉଛି କି ନାହିଁ।

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ମାସରେ ପାଖାପାଖି ୪,୪୧୫ ଡୋଜ୍ ଥାଇଲେରିଆ ଟିକା ଆସିଥିଲା। ଏଗୁଡିକୁ ଆବଶ୍ୟକ ପରିମାଣର ତରଳ ଯବକ୍ଷାରଜାନରେ ରଖାଯାଇ ନ ଥିବାରୁ ନଷ୍ଟ ହୋଇଯାଇଥିବା ସନ୍ଦେହ କରାଯାଉଛି। ଏଲ୍ଆଇମାନେ ଟିକା ନଷ୍ଟ ହୋଇଯାଇଥିବା ସନ୍ଦେହ କରି ଗ୍ରହଣ କରିବାକୁ ରାଜି ହୋଇ ନ ଥିଲେ। ତେଣୁ ଏଗୁଡିକୁ ଗ୍ରହଣ କରିବାକୁ ସେମାନଙ୍କ ଉପରେ ଚାପ ପଡୁଥିବା ନାମ ଗୋପନ ରଖି କେତେଜଣ ଏଲ୍ଆଇ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ଟିକା ନଷ୍ଟ ହୋଇଥିଲେ ଲୋକେ କ୍ଷମା କରିବେନାହିଁ। ଏପରି କି ଆକ୍ରମଣ କରିବାକୁ ମଧ ପଛାଇବେ ନାହିଁ । ତେଣୁ ନିଜର ସୁରକ୍ଷା ପାଇଁ ସେମାନେ ଏହି ଟିକା ପରୀକ୍ଷା ପରେ ନେବାକୁ ଲିଖିତ ଭାବେ ଜଣାଇଛନ୍ତି। ଡେପୁଟି ଡାଇରେକ୍ଟର ହୁମ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କୌଣସି ଅସୁବିଧା ନାହିଁ। ହେଲେ କାହିଁକି ପୁରୁଣା ଷ୍ଟକ୍ ସରୁନି ତାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି। ବରଂ କିଛି ଲୁଚାଇବା ପାଇଁ ଉଦ୍ୟମ କରିଛନ୍ତି। କହିଛନ୍ତି, ୩/୪ ଦିନ ପୂର୍ବରୁ ୪,୫୦୦ ଡୋଜ୍ ଥାଇଲେରିଆ ଟିକା ଆସିଛି । ସେଥିମଧ୍ୟରୁ ୧,୮୦୦ ଡୋଜ୍ ଦିଆ ସରିଲାଣି। ପଦ୍ମପୁର ୨୭୫, କାଦୁଆପଡ଼ା ୨୭୫, ସିଦ୍ଧଳ ୩୫୦, ମୋହିଉଦ୍ଦିନପୁର ୨୭୫, ମଣ୍ଡାସାହି ୨୭୫ ଓ ବ୍ରାହ୍ମଣଖଣ୍ଡ ଅଞ୍ଚଳ ପାଇଁ ୩୫୦ ଡୋଜ୍ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି। ଦୁଇ ଥରରେ ଆସିଥିବା ମୋଟ ୮,୯୧୫ ଡୋଜ୍ ମଧ୍ୟରୁ ୭,୧୧୫ ଜିଲା ମୁଖ୍ୟ ପ୍ରାଣୀ ଚକିତ୍ସାଳୟରେ ଗଚ୍ଛିତ ରଖାଯାଇଛି। ସରକାରୀ ଭାବେ ପ୍ରତି ଟିକାର ମୂଲ୍ୟ ୧୨୧ ଟଙ୍କା ଧାର୍ଯ୍ୟ କରାଯାଇଛି। କିନ୍ତୁ ଲୋକେ ୫୩ ଟଙ୍କା ମୂଲ୍ୟରେ ଏହି ଟିକା କିଣିପାରିବେ। ଅବଶିଷ୍ଟ ସରକାର ବହନ କରିବେ। ଏହି ହିସାବରେ ବର୍ତ୍ତମାନ ସୁଦ୍ଧା ୮,୬୦,୯୧୫ ଟଙ୍କାର ଟିକା ଗଚ୍ଛିତ ଅଛି। ସେଥିମଧ୍ୟରୁ ନିକଟରେ ଆସିଥିବା ୪,୫୦୦ ଟିକା ପାଇଁ ସମସ୍ୟା ନାହିଁ। କିନ୍ତୁ ପୁରୁଣା ଟିକାଗୁଡିକ କ'ଣ ହେବ ତାହା ଉପରେ ସନ୍ଦେହ ପ୍ରକାଶ ପାଇଛି। ଏ ସମ୍ପର୍କରେ ସିଡିଭିଓ ରମେଶ ଚନ୍ଦ୍ର ବେହେରାଙ୍କ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରିନାହିଁ।

## ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ପ୍ରତାରଣା, ଯୁବକ ଗିରଫ

ବିରିଡି,୪।୯(ଡି.ଏନ.ଏ)

ଜଣେ ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା ଦେବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବିରିଡି ଥାନା ଅଢଙ୍ଗ ମଜୁରାଇ ଗ୍ରାମର ବିଷ୍ଣୁ ଚରଣ ସିଂ। ମଙ୍ଗଳବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ମାମଲା ନଂ.୭୧/୧୮ ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ ଅଭିଯୁକ୍ତ ଜଣକ ବିବାହର ପ୍ରତିଶ୍ରୁତି ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ମହିଳା ଜଣଙ୍କ ଗର୍ଭବତୀ ହୋଇଥିଲେ। ଏକଥା ଜାଣିବା ପରେ ଅଭିଯୁକ୍ତ ଯୁବକ ତାଙ୍କୁ ବିବାହ କରିବେ ନାହିଁ ବୋଲି ମନା କରିଥିଲେ। ଏ ନେଇ ପୀଡିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଠିକା ଶ୍ରମିକଙ୍କ ଅନଶନ ପ୍ରତ୍ୟାହୃତ

ପାରାଦୀପ,୪।୯(ସ୍ୱ.ପ୍ର.)



ଅନଶନରତ ଠିକା ଶ୍ରମିକଙ୍କୁ ଫଳରସ ପିଆଇ ଶ୍ରମିକ ନେତା ଅନଶନ ଭଙ୍ଗ କରୁଛନ୍ତି।

ପାରାଦୀପର ଓଏସ୍ଏଲ୍ କମ୍ପାନୀ ସମ୍ମୁଖରେ ଠିକା ଶ୍ରମିକମାନେ ଚଳାଇଥିବା ଆମରଣ ଅନଶନ ମଙ୍ଗଳବାର ସାମୟିକ ଭାବେ ପ୍ରତ୍ୟାହୃତ ହୋଇଛି। ଗେଟ୍ ପାସ୍ ପ୍ରଦାନ ଓ ସେମାନଙ୍କ ନାମରେ ହୋଇଥିବା ମାମଲା ପ୍ରତ୍ୟାହାର ଦାବିରେ ଏହି ଶ୍ରମିକମାନେ ଦୀର୍ଘ ୧୦ ଦିନ ଧରି ଧାରଣାରେ ବସିଥିଲେ। କିନ୍ତୁ ଏଥିରେ କୌଣସି ସୁଫଳ ନ ମିଳିବାରୁ ୫ ଦିନ ହେଲା ଆମରଣ ଅନଶନ ଚଳାଇଥିଲେ। ସେମାନଙ୍କ ମଧ୍ୟରୁ ଗତ ଶନିବାର ଜଣେ ଶ୍ରମିକ ଅସୁସ୍ଥ ହୋଇପଡିବାରୁ ଏକ ଡାକ୍ତରୀ ଦଳ ଧାରଣାସ୍ଥଳକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରବିବାର ପୁନର୍ବାର ଆଉ ୪ଜଣ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଅଠରବାଙ୍କୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଥିଲା। କାର୍ଯ୍ୟରୁ ଛଟେଇ ହୋଇଥିବା ଏହି ଲୋଡର ହେଲପର-ଶ୍ରମିକମାନଙ୍କ ବାତିଲ ହୋଇଥିବା ଗେଟ୍‌ପାସ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଓ ସେମାନଙ୍କ ନାମରେ ଦିଆଯାଇଥିବା ଏତଲା ପ୍ରତ୍ୟାହାର କରିବାକୁ ଶ୍ରମିକମାନେ ଦାବି କରିଥିଲେ। ମଙ୍ଗଳବାର ଏ ସମ୍ପର୍କରେ ଶ୍ରମିକନେତା ବାବୁରାମ ଚୌଧୁରୀ, ବିଷ୍ଣୁ ମୁଦୁଲି, ଆନ୍ଦୋଳନକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ମିଳିତ ଭାବେ ଶ୍ରମ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଶ୍ରମିକମାନଙ୍କୁ କାମରୁ ବାହାର ନ କରିବା ପାଇଁ ଶ୍ରମ ଅଧିକାରୀ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଓଏସ୍ଏଲ କମ୍ପାନୀର ଛଟେଇ ହୋଇଥିବା ୧୬ ଶ୍ରମିକଙ୍କୁ କମ୍ପାନୀ କାରଣ ଦର୍ଶାଅ ନୋଟିସ ଜାରି କରିଥିବାରୁ ସେମାନେ ଏହାର ଉତ୍ତର ଦେବା ପାଇଁ ମଧ ଶ୍ରମ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟ କମ୍ପାନୀର ଶ୍ରମିକମାନଙ୍କ ରଦ୍ଦ କରାଯାଇଥିବା ଗେଟ୍ ପାସ ସମ୍ପର୍କରେ ଖୁବ୍‌ଶୀଘ୍ର ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ତେଣୁ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ସାମୟିକ ଭାବେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଶ୍ରମିକନେତା ଅନଶନକାରୀଙ୍କୁ ଜୁସ୍ ପିଆଇ ଅନଶନ ଭଙ୍ଗ କରାଇଥିଲେ। ଛଟେଇ ଶ୍ରମିକମାନଙ୍କ ଦାବି ଯଥାଶୀଘ୍ର ପୂରଣ ନ ହେଲେ ପୁନର୍ବାର ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଶ୍ରମିକନେତାମାନେ ଚେତାବନୀ ଦେଇଛନ୍ତି।

## ପଞ୍ଚସଖା ଯାଦବ ସଂଘର ନନ୍ଦୋତ୍ସବ



ବାଲିଆରେ ନନ୍ଦ ଉତ୍ସବ ଅବସରରେ ବିଭିନ୍ନ ବେଶ ହୋଇଥିବା ପିଲାମାନେ।

ବାଲିଆ,୪।୯

ହାଜିପୁର ପଞ୍ଚଶଖା ଯାଦବ ସଂଘ ଆନୁକୂଲ୍ୟରେ ପଞ୍ଚଶଖାଙ୍କ ଧ୍ୟାନ କ୍ଷେତ୍ର ଧ୍ୟାନକୁଦଠାରେ ନନ୍ଦ ଉତ୍ସବ ପାଳିତ ହୋଇଛି। ହାଜିପୁର ଗୋପାଳ ସାହିର ଗୋପାଳ ଭାଇମାନଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିତେଶ ଭଙ୍ଗାରିଆ ନନ୍ଦ, ରାଜେଶ କୁମାର ବେହେରା ଯଶୋଦା, ଲିପୁନ ବେହେରା କୃଷ୍ଣ, ଆଦିତ୍ୟ ନାରାୟଣ ଦାସ ବଳରାମ, ପଦ୍ମଲୋଚନ ବେହେରା ସୁଦାମ ଓ ଗୋପର ଗୋପାଳ ବେଶରେ ବିକାଶ ବେହେରା ସୁସଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଏଥିସହ ଗୋପାଳଙ୍କ ଲଉଡି ବା କୃଷ୍ଣଙ୍କ ପ୍ରିୟ ଖେଳ କାଠି ଖେଳ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚଶଖା ଯାଦବ ସଂଘ ସଭାପତି ଶଙ୍କର ଦାସ, ଯୁବ ସଭାପତି ବସନ୍ତ କୁମାର ବେହେରା, ମହେନ୍ଦ୍ର କୁମାର ଦାସ, ଦେବେନ୍ଦ୍ର ଦାସ, କାର୍ତ୍ତିକ ପରିଡା, ପର୍ଶୁରାମ ପରିଡା, ପିତାମ୍ବର ବେହେରା, ସନ୍ତୋଷ ବେହେରା, ପ୍ରଦୀପ୍ତ ଦାସ, ଆକାଶ ବେହେରା, ଦୟାନିଧି ଦାସ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଦୁଦୁରାମ ପାଟଣା କ୍ଲବ ଆନୁକୂଲ୍ୟରେ ନନ୍ଦ ଉତ୍ସବ ପାଳିତ ହୋଇଥିଲା। କ୍ଲବର ସଭ୍ୟ ରବୀନ୍ଦ୍ର ନନ୍ଦି, ବିବେକାନନ୍ଦ ସାହୁ, ପ୍ରଶାନ୍ତ ବେହେରା, ତ୍ରିଲୋଚନ ସାହୁ, ଶଶାଙ୍କ ବେହେରା, ବଳରାମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନନ୍ଦ ଭୂମିକାରେ ପ୍ରଶାନ୍ତ ବେହେରା, ଯଶୋଦା ଭୂମିକାରେ ସୁଟର କୁମାର ବେହେରା, କୃଷ୍ଣ ଭୂମିକାରେ ସନାତନ ବେହେରା, ବଳରାମ ଭୂମିକାରେ ବାବୁନା ବାରିକ, କଂସ ଭୂମିକାରେ ସୌମ୍ୟ ବେହେରା ଓ ଗୋପାଳ ଭୂମିକାରେ ସନ୍ତୋଷ ସାହୁ ନିଜର କଳା ପ୍ରଦର୍ଶନ କରିବା ସହ ସଂକୀର୍ତ୍ତନ ବାଦ୍ୟ ତାଳେ ତାଳେ ଗ୍ରାମ ପରିକ୍ରମା କରିଥିଲେ।

### ଜିଲାପାଳଙ୍କୁ ଗୁହାରି କରି ବି ମିଳିଲାନି ସୁଫଳ

# ପକ୍କାଘରକୁ ଚାହିଁ ଭୁଶୁଡ଼ିଲା ମାଟିକାନ୍ଥ

ବାଲିଆ,୪।୯



ଉର୍ମିଳା ନାୟକ ଓ ତାଙ୍କ ଝିଅ ସସ୍ମିତା।

- ଜରି ପାଲ ଟାଣି ରହୁଛନ୍ତି ଗରିବ ପରିବାର
- ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ

ସରକାର ଗରିବ ପରିବାରକୁ ପକ୍କା ଘର ଯୋଗାଇ ଦେବା ନିମନ୍ତେ ବିଭିନ୍ନ ଯୋଜନା କରିଛନ୍ତି। ଏ ବାବଦରେ ବିପୁଳ ଅର୍ଥ ମଧ ଖର୍ଚ୍ଚ କରୁଛନ୍ତି। ଯୋଜନାଗୁଡିକର ସଫଳ ରୂପାୟନ ନିମନ୍ତେ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ମଧ ଦିଆଯାଉଛି। ତଥାପି ମଧ ଯଦି କାର୍ଯ୍ୟ ହୋଇପାରୁନି, ତେବେ ଜନସାଧାରଣ ସିଧାସଳଖ ଜିଲାପାଳଙ୍କୁ ଅଭିଯୋଗ କରିବା ନିମନ୍ତେ ବ୍ୟବସ୍ଥା ମଧ କରାଯାଇଛି। ଏଥିପାଇଁ ପ୍ରତି ମାସରେ ବିଭିନ୍ନ ବ୍ଲକରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ହେଉଛି, ଯେଉଁଠି ସାଧାରଣ ଲୋକେ ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଉଛନ୍ତି। କିନ୍ତୁ ଏସବୁ ବ୍ୟବସ୍ଥା ସତ୍ତ୍ୱେ ସାଧାରଣ ଗରିବ ପରିବାର ଉପକୃତ ହୋଇପାରୁ ନାହାନ୍ତି, ଯାହାର ଉଦାହରଣ ଦେଖିବାକୁ ମିଳିଛି ବିରିଡ଼ି ବ୍ଲକରେ। ଏହି ବ୍ଲକରେ ଗତ ଅଗଷ୍ଟ ମାସରେ ଜିଲାପାଳଙ୍କ ଜନଶୁଣାଣି ଶିବିର ହୋଇଥିଲା। ଏଥିରେ ହାଜିପୁର ପଞ୍ଚାୟତର ବିଧବା ମହିଳା ଉର୍ମିଳା ନାୟକ ଓ ତାଙ୍କ ସ୍ୱାମୀ ପରିତ୍ୟକ୍ତା ଝିଅ ସସ୍ମିତା ନାୟକ ପକ୍କାଘର ପାଇଁ ନିବେଦନ କରିବା ସହ ଦରଖାସ୍ତ ଦେଇଥିଲେ। କିନ୍ତୁ ଇତିମଧ୍ୟରେ ୨୧ ଦିନ ବିତିଥିଲେ ସୁଧା ବ୍ଲକ କିମ୍ବା ଜିଲା ପ୍ରଶାସନ କେହି ବି ତାଙ୍କ କଥା ବୁଝିଲେ ନାହିଁ। ପରିଣାମ ସ୍ୱରୂପ ମଙ୍ଗଳବାର ଏହି ପରିବାର ଏକ ବଡ଼ ଧରଣର ଦୁର୍ଘଟଣାର ସମ୍ମୁଖୀନ ହେବାକୁ ଯାଉଥିବାବେଳେ ସୌଭାଗ୍ୟବଶତଃ ବର୍ତ୍ତି ଯାଇଛନ୍ତି। ସୂଚନାଅନୁଯାୟୀ, ଏହି ଗରିବ ପରିବାର ଏକ ନୂଆଣିଆ ଜରିପକା ମାଟି କାନ୍ଥ ଘରେ ରହୁଛନ୍ତି। ଏହି ଘରର ପଛପଟ କାନ୍ଥ ମଙ୍ଗଳବାର ପୂର୍ବାହ୍ନ ୧୦ଟା ବେଳେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯାଇଛି। କାନ୍ଥର ମାଟି ସବୁ ଘର ଭିତରେ ଓଜାଡି ହୋଇପଡିଛି। ସୌଭାଗ୍ୟବଶତଃ କାନ୍ଥ ଭୁଶୁଡ଼ିବା ବେଳେ ସେହି ଘର ଭିତରେ କେହି ନ ଥିଲେ। ତେଣୁ ଏକ ଦୁର୍ଘଟଣାରୁ ସମସ୍ତେ ବର୍ତ୍ତିଯାଇଛନ୍ତି। ଏହି ଗରିବ ପରିବାରରେ ୨ଟି ଛୋଟ ପିଲା ମଧ ଅଛନ୍ତି। ଯଦି ରାତିରେ ଘର କାନ୍ଥ ଭୁଶୁଡ଼ି ପଡିଥାନ୍ତା ତେବେ ନିଶ୍ଚିତ ଭାବେ ଦୁର୍ଘଟଣା ଘଟିବାର ଆଶଙ୍କା ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କାନ୍ଥ ଭୁଶୁଡ଼ିବା ସମ୍ପର୍କରେ ଉର୍ମିଳାଙ୍କ ଝିଅ ସସ୍ମିତା ତହସିଲଦାରଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ତହସିଲଦାର ଅନୁପସ୍ଥିତ ଥିବାରୁ ଡାକ ଯୋଗେ ତାଙ୍କ ଆବେଦନପତ୍ର ଦେଇ ଆସିଛନ୍ତି। ସବୁଠୁ ବଡ଼ ଦୁର୍ଭାଗ୍ୟର ବିଷୟ ହେଲା, ଘର କାନ୍ଥ ଭୁଶୁଡ଼ି ଉର୍ମିଳାଙ୍କ ପରିବାର ବେସାହାରା ହୋଇପଡିଥିବାବେଳେ ଅଦ୍ୟାବଧି ତାଙ୍କ ନିକଟରେ ପ୍ରଶାସନ କିମ୍ବା କୌଣସି ପଞ୍ଚାୟତ ପ୍ରତିନିଧି ପହଞ୍ଚି ନାହାନ୍ତି। ତେଣୁ ତୁରନ୍ତ ଏହି ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ପାଣି ମୋଟର ଚୋରି କରି ଗଲାବେଳେ ଦୁର୍ଘଟଣା, ୨ ଗିରଫ

ରଘୁନାଥପୁର, ୪।୯( ଡି.ଏନ.ଏ.)

ରଘୁନାଥପୁର ଥାନା ସାଳିଜଙ୍ଗା ଅଞ୍ଚଳରୁ ସୋମବାର ମଧ୍ୟରାତ୍ରିରେ ଫାର୍ମ ହାଉସ ଚାଳ ଛପର କାଟି ଏକ ପାଣି ମଟର ଚୋରି କରି ଫେରାର ହେଉଥିବା ବେଳେ ନିକଟସ୍ଥ କଳାଧାରୀ ଗାଁରେ ରାସ୍ତା ଉପରେ ଥିବା ଏକ କାର ସହ ଲୁଟେରାଙ୍କ ବାଇକ୍ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ କଳାଧରୀ ଗାଁର ରାଜେଶ ନାୟକ(୨୮)ଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ଆହତ ହୋଇଥିଲେ। ବାଇକ୍ ପଛରେ ବସିଥିବା ଆଳି ଥାନା ବଡମାନପୁର ଗାଁର ପ୍ରଶାନ୍ତ ସାମଲ ଓରଫ ପପୁଙ୍କୁ ସ୍ଥାନୀୟ ଲୋକେ କାବୁ କରି ନେଇଥିଲେ। ପୋଲିସ ଖବରପାଇ ଆହତ ରାଜେଶଙ୍କୁ ଚିକିତ୍ସିତ କରାଇବା ସହ ଦୁଇଜଣଙ୍କୁ ଧରି ଥାନାକୁ ଆଣିଥିଲେ। ଏଥିସହ ପାଣି ମଟରକୁ ମଧ ପୋଲିସ ଜବତ କରିଛି। ଦୁର୍ବୃତ୍ତ ଦ୍ୱୟ ବ୍ୟବହାର କରୁଥିବା ନମ୍ବର ବିହୀନ ବାଇକ୍‌କୁ ମଧ ପୋଲିସ ନିଜ ହେପାଜତକୁ ନେଇଛି। କଳାଧରୀ ଗାଁର ଅଦିତ୍ୟ ନାୟକଙ୍କ କାରର ପଛପାର୍ଶ୍ୱ ବାଇକ୍ ଧକ୍କାରେ କ୍ଷତିଗ୍ରସ୍ତ ହୋଇଛି। ପାଣି ମଟର ଚୋରି ହୋଇଥିବା ସମ୍ପର୍କରେ ଗଙ୍ଗାଧର ଜେନାଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ.୭୩/୧୮ରେ ମାମଲା ରୁଜୁ କରି ଏ ସମ୍ପର୍କରେ ତଦନ୍ତ ଜାରି ରଖିଛନ୍ତି। ଅଭିଯୁକ୍ତ ପ୍ରଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଆହତ ରାଜେଶଙ୍କୁ ପୋଲିସ ଥାନାରୁ ଛାଡି ଦେଇଥିବା ଆଇଆଇସି ରଞ୍ଜନ କୁମାର ମଲ୍ଲିକ କହିଛନ୍ତି।

## ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ବାଲିକୁଦା,୪।୯(ସ୍ୱ.ପ୍ର.)

ବାଲିକୁଦା ଥାନା ଅଞ୍ଚଳର ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀ ମଙ୍ଗଳବାର ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ୪ ଟାରେ ସ୍କୁଲ ଛୁଟି ପରେ ଛାତ୍ରୀ ଜଣଙ୍କ ଘରକୁ ଫେରିଥିଲେ। ଏହି ସମୟରେ ତାଙ୍କ ମା'ବାପା ଘରେ ନଥିବା ବେଳେ ସେ ନିଜ ଦେହରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କ ପାଟି ଶୁଣି ପଡୋଶୀ ଲୋକମାନେ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମର କାରଣ ଜଣାପଡିନାହିଁ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଅନ୍ତରରେ ଯଦି ସଦ୍‌ଗୁଣ ନ ଥିବ, ତୁମ ବାହାରର ବ୍ୟବହାର କେବେହେଲେ ଅନ୍ୟମାନଙ୍କୁ ଆନନ୍ଦ ଦେଇପାରିବ ନାହିଁ।

-ଜନ୍ ଟିଲୋଟ୍‌ସନ



## ସଂକ୍ଷେପରେ

### ପାର୍ଟ ଟାଇମ ନିଯୁକ୍ତି ପାଇଁ ଜିଲାପାଳଙ୍କୁ ଦାବିପତ୍ର



**ଯାଜପୁର ଅଫିସ,୪।୯:** ମା' ବିରଜା ପିଇଟି ସଂଘ ପକ୍ଷରୁ ପାର୍ଟଟାଇମ ନିଯୁକ୍ତି ନିମନ୍ତେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଏବେ ସୁଧା ରାଜ୍ୟର ବିଭିନ୍ନ ଜିଲାରେ ପାର୍ଟ ଟାଇମ ଇନ୍‌ଷ୍ଟ୍ରକ୍ଟର ଶାରୀରିକ ଶିକ୍ଷା ନିଯୁକ୍ତି ପ୍ରକ୍ରିୟା କରାଯାଇଥିଲେ ମଧ୍ୟ ୨୦୧୫ମସିହା ବିଜ୍ଞପ୍ତି ଅନୁଯାୟୀ ଯାଜପୁର ଜିଲାରେ ଏହା କାର୍ଯ୍ୟକାରୀ ହୋଇନାହିଁ ବୋଲି ଦର୍ଶାଯାଇଛି। ଏହାସହ ଏ ସମ୍ବନ୍ଧରେ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ମଧ୍ୟ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି କିମ୍ବା ନୂତନ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରୁନାହାନ୍ତି। ପ୍ରତ୍ୟେକ ବ୍ଲକ୍‌ର ୨୦ରୁ ୨୫ ଉଚ୍ଚ ପ୍ରାଥମିକ, ନୋଡାଲ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ନୋଡାଲ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ କ୍ରୀଡ଼ା ଓ କଳା ଶିକ୍ଷକ ପଦବୀ ଖାଲି ପଡିଛି। ଜିଲାରେ ୨ଶହରୁ ଉର୍ଦ୍ଧ୍ୱ ତାଲିମଧାରୀ ବେକାର ଯୁବତୀଯୁବକମାନେ ବିଭିନ୍ନ ଅନୁଷ୍ଠାନରୁ ଖେଳ ସାର୍ଟିଫିକେଟ ଆଣି ଶାରୀରିକ ଶିକ୍ଷା ନିଯୁକ୍ତି ପାଇଁ ଜାରି ରଖିଥିବା ବେଳେ ନୂତନ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ଯାଜପୁର ଜିଲା ଶିଳ୍ପ କେନ୍ଦ୍ର

# ଗୁରୁଶିଷ୍ୟ ପରମ୍ପରାରେ ତାଲିମ ଲକ୍ଷ୍ୟଭ୍ରଷ୍ଟ

ଯାଜପୁର ଅଫିସ,୪।୯



- ଗୁରୁ ଥିଲେ ଶିଷ୍ୟ, ଶିଷ୍ୟ ଥିଲେ ଗୁରୁ ନାହିଁ
- ମିଥ୍ୟା ବିଲ ଭାଉଚର କରି ଅନୁଦାନ ହଡପ

ଆଞ୍ଚଳିକ ଶିଳ୍ପ କେନ୍ଦ୍ର, କଳିଙ୍ଗନଗର ଜଗତପୁର ଦ୍ୱାରା ପରିଚାଳିତ ଗୁରୁ ଶିଷ୍ୟ ପରମ୍ପରା, ଆମ ଶିଳ୍ପୀ ଗ୍ରାମ ଆଦି ଯୋଜନାରେ ତାଲିମ ପ୍ରଦାନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ଓ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି । ହସ୍ତଶିଳ୍ପ ବିଭାଗର କେତେକ ଅଧିକାରୀ ଏମ୍‌ସିଏମ୍(ମାଷ୍ଟର କ୍ରାଫ୍ଟସ ମ୍ୟାନ)ଙ୍କ ସହ ମିଶି ତାଲିମ ପାଇଁ ଆସୁଥିବା ଅନୁଦାନକୁ ହଡପ ହେଉଛି। ଏପରିକି ପ୍ରଶିକ୍ଷଣ କେନ୍ଦ୍ରରେ ଅନଭିଜ୍ଞ ଏମ୍‌ସିଏମ୍‌ଙ୍କୁ ନିଯୁକ୍ତି ଯୋଗୁ ଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ନେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। କେତେକ ତାଲିମ କେନ୍ଦ୍ରରେ ଶିକ୍ଷାର୍ଥୀ ଅନୁପସ୍ଥିତ ରହିବା ଭଳି ଘଟଣା ମଧ୍ୟ ଦେଖିବାକୁ ମିଳିଛି। ୨୦୧୮-୧୯ ବର୍ଷ ପାଇଁ ସେପ୍ଟେମ୍ବର ମାସରେ ତାଲିମ କାର୍ଯ୍ୟକ୍ରମ ପାଇଁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି। ପୂର୍ବରୁ ମଧ୍ୟ ଏଥିପାଇଁ ଲକ୍ଷାଧିକ ଟଙ୍କା ମଞ୍ଜୁର ହୋଇ ସାରିଛି। କିନ୍ତୁ ଅନୁଦାନର ବିନିଯୋଗ ଠିକ ଭାବେ ହେଉ ନ ଥିବାରୁ ଜିଲାର ଶିଳ୍ପ ବିକାଶ ପାଇଁ ଗୁରୁଦାୟିତ୍ୱ ବହନ କରୁଥିବା ଜିଲା ଶିଳ୍ପ କେନ୍ଦ୍ର(ଡିଆଇସି) ଆବଶ୍ୟକତା ଅନୁଯାୟୀ ସକ୍ରିୟ ହେଉ ନ ଥିବା ଏବଂ ବିଭିନ୍ନ ଅନିୟମିତତା ଯୋଗୁ ଜିଲାରେ ହସ୍ତଶିଳ୍ପ ବିକାଶର ସ୍ଥିତି ଦୁର୍ବଳ ହେବାକୁ ବସିଛି ।

ଜିଲାରେ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ପଥର ଖୋଦିତ ବସ୍ତୁ, ଟେରାକୋଟା, ବାଉଁଶ ଶିଳ୍ପ, ପିତ୍ତଳ ଓ ଧାତୁ ଘଣ୍ଟି(ବ୍ରାସ ଆଣ୍ଡ ବେଲ ମେଟାଲ), ସୁନେଲି ଘାସ, ବସ୍ତ୍ର ସିଲାଇ କାର୍ଯ୍ୟ (ଏପ୍ଲିକ), କାଠ ଖୋଦିତ ସାମଗ୍ରୀ, ଜରି ମାଳି, କ୍ଲଥ ପେଚ ୱାର୍କ, ଖେଳଣା ଆଦି ନିର୍ମାଣ କାରିଗର ରହିଛନ୍ତି । ଏହି କାରିଗରଙ୍କୁ ଅଧିକ କୁଶଳୀ କରିବାକୁ ବିଭିନ୍ନ ସମୟରେ ତାଲିମ ଦିଆଯାଉଛି। ବଡଚଣା ବ୍ଲକ ଶୁଖୁଆପଦା ଓ ପଲେଇ ଗ୍ରାମରେ ଗୁରୁଶିଷ୍ୟ ପରମ୍ପରା ଓ ଏମ୍‌ସିଏମ୍ ତାଲିମ କାର୍ଯ୍ୟକ୍ରମକୁ ଗତ ୧୬।୮।୨୦୧୮ତାରିଖରେ ବଡଚଣା ଶିଳ୍ପ ବିକାଶ ଅଧିକାରୀ(ଆଇପିଓ)ପରିଦର୍ଶନରେ ଯାଇଥିଲେ। ହେଲେ ସେଠାରେ ତାଲିମ କାର୍ଯ୍ୟକ୍ରମ ବନ୍ଦ ରହିଥିବା ଦେଖିବାକୁ ସେ ପାଇଥିଲେ। ଏଥିରେ ସେ କେବଳ ଚେତାବନୀ ଦେଇ ଫେରି ଆସିଥିବାରୁ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ(ଜିଏମ୍) ଅସନ୍ତୁଷ୍ଟ ପ୍ରକାଶ କରିବା ସହିତ କଞ୍ଚାମାଲ୍‌ର ବିନିଯୋଗ, ଷ୍ଟକ ରେଜିଷ୍ଟାର ଯାଞ୍ଚ, ପରିଦର୍ଶନ ପୁସ୍ତକ ଯାଞ୍ଚ ଆଦି ଉପରେ ଅଧିକ ଗୁରୁତ୍ୱ ଦେବାକୁ ଜିଏମ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପଲେଇ ତାଲିମ କେନ୍ଦ୍ରକୁ ପରିଦର୍ଶନରେ ଯାଇଥିବାବେଳେ ମାତ୍ର ୫ଜଣ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଅନ୍ୟ ବିଦ୍ୟାର୍ଥୀମାନେ ଖାଇବାକୁ ଯାଇଥିଲେ ବୋଲି ସଂପୃକ୍ତ ତାଲିମଦାତା ଆଇପିଓଙ୍କୁ ଜଣାଇଥିଲେ। ତେଣୁ ଖାଇବା ସମୟ ଅପରାହ୍ନ ଦେଢଟାରୁ ଅଢେଇଟା ପର୍ଯ୍ୟନ୍ତ ଛୁଟି ରଖାଯିବ, ମାତ୍ର ଅନ୍ୟ କାର୍ଯ୍ୟ ସମୟରେ କେହି ଅନୁପସ୍ଥିତ ରହିବା ଦୃଷ୍ଟିକୁ ଆସିଲେ ନିୟମ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଏମ ଚେତାବନୀ ଦେଇଛନ୍ତି। ଶୁଖୁଆପଦା ତାଲିମ କେନ୍ଦ୍ରରେ ବିଦ୍ୟାର୍ଥୀମାନେ ଅନୁପସ୍ଥିତ ରହିଥିଲେ । ଗତ ୧୬।୮।୨୦୧୮ ତାରିଖରେ ଆଇପିଓ ପରିଦର୍ଶନରେ ଯାଇଥିବାବେଳେ ତାଲିମ କେନ୍ଦ୍ରରେ ତାଲିମଦାତାଙ୍କ ବ୍ୟତୀତ କେହି ନ ଥିଲେ। ତାଲିମ କେନ୍ଦ୍ର ବନ୍ଦ ରହିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଣୁ ସେହି ଦିନର ପାରିଶ୍ରମିକ ବିଦ୍ୟାର୍ଥୀଙ୍କୁ ପ୍ରଦାନ କରାଯିବ ନାହିଁ ବୋଲି ଜିଏମ ନିର୍ଦ୍ଦେଶ ଦେବା ସହ ୭ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ କୁହାଯାଇଛି। ସେହିପରି ଗୁରୁଶିଷ୍ୟ ତାଲିମ କେନ୍ଦ୍ର ଶୁଖୁଆପଦାରେ ୧୬।୮।୨୦୧୮ ତାରିଖରେ ନା ଗୁରୁ ନା କୌଣସି ବିଦ୍ୟାର୍ଥୀ ଉପସ୍ଥିତ ଥିଲେ । ତାଲିମ କେନ୍ଦ୍ର ବନ୍ଦ ରହିଥିଲା । ଶିଳ୍ପ କେନ୍ଦ୍ରର ଜିଏମ କେବଳ ବିଦ୍ୟାର୍ଥୀ ଓ ଗୁରୁଙ୍କ ପାରିଶ୍ରମିକ ପ୍ରଦାନ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦେବା ସହିତ କାରଣ ଦର୍ଶାଅ ନୋଟିସ ଦେଇଛନ୍ତି। ଅନ୍ୟପକ୍ଷେ ଧର୍ମଶାଳା ବ୍ଲକରେ ଚାଲିଥିବା ୮ଟି ଗ୍ରୁପର ତାଲିମ କାର୍ଯ୍ୟ ସୁଚାରୁରୂପେ ଚାଲିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଗତ ୩ ତାରିଖରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଜଗତପୁରର ଜିଏମ ପଥର ଖୋଦିତ ତାଲିମ, ଷ୍ଟାଇପେଣ୍ଡ ଓ ଘରଭଡା ବାବଦକୁ ୨୪ ହଜାର ଟଙ୍କା, ପଲେଇ ତାଲିମ କେନ୍ଦ୍ର ପାଇଁ ୫୨ ହଜାର ଟଙ୍କା, ଚମ୍ପାପୁର ସୁନେଲି ଘାସ ତାଲିମ ପାଇଁ ୨୬ ହଜାର ଟଙ୍କା, ରସୁଲପୁରରେ ସୁନେଲି ଘାସ ତାଲିମ ପାଇଁ ୧ ଲକ୍ଷ ୪ ହଜାର ଟଙ୍କା, ଚକ ତେଲିପୋଖରୀରେ ସୁନେଲି ଘାସ କାର୍ଯ୍ୟ ତାଲିମ ପାଇଁ ୧ ଲକ୍ଷ ୪ ହଜାର ଟଙ୍କା, ଶୁଖୁଆପଦା ପଥର ଖୋଦିତ ତାଲିମ ପାଇଁ ୨୬ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଛି । ଏଭଳି ଅନିୟମିତତାର ପୁନରାବୃତ୍ତି ଯେପରି ନ ହେବ ସେଥିପାଇଁ ଜିଏମ ମନୋଜ କୁମାର ବେହେରା ଆଇପିଓଙ୍କୁ ନିର୍ଦ୍ଦେଶ ଦେବା ସହିତ ତାଲିମ କାର୍ଯ୍ୟର ସବିଶେଷ ତଥ୍ୟ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି। ଦାୟିତ୍ୱରେ ଥିବା ତାଲିମଦାତା(ଗୁରୁ)ଙ୍କୁ ମଧ୍ୟ ଉପଯୁକ୍ତ ଭାବେ ତାଲିମ ପ୍ରଦାନ କରିବାକୁ ଚେତାବନୀ ଦିଆଯାଇଛି ବୋଲି ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

### ଲୁଟ୍ ଉଦ୍ୟମ କରି ଡ୍ରାଇଭରଙ୍କୁ ହତ୍ୟା

କଳିଙ୍ଗନଗର,୪।୯(ଡି.ଏନ୍.ଏ)

ଜଖପୁରା ଥାନା ଅନ୍ତର୍ଗତ ଭିସା ଓ ଜିନ୍ଦଲ କାରାଖାନା ଦେଇ ଯାଇଥିବା କମନ କରିଡର ରାସ୍ତାରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ସୁକିନ୍ଦା ଥାନା ଅର୍ନ୍ତଗତ ଯାମୁପଶି ଗ୍ରାମର ସନ୍ତୋଷ କୁମାର ଧଳ(୩୬) ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଭଦ୍ରକରୁ ଫେରି ଜିନ୍ଦଲ କରାଖାନା ପାଖରେ ଥିବା କମନ୍ କରିଡର ରାସ୍ତା ପାର୍ଶ୍ୱରେ ନିତ୍ୟକର୍ମ ସାରିବା ପାଇଁ ଟ୍ରକ୍‌କୁ ଅଟକାଇଥିଲେ। ଏହିସମୟରେ କିଛି ଦୁର୍ବୃତ୍ତ ଆସି ତାଙ୍କଠାରୁ ଟଙ୍କା ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ଏହାକୁ ସନ୍ତୋଷ ଓ ଟ୍ରକ୍‌ର ହେଲ୍‌ପର ବିରୋଧ କରିବାରୁ ଦୁର୍ବୃତ୍ତମାନେ ହେଲ୍‌ପରଙ୍କୁ ଏକ ପଥର ଦ୍ୱାରା ଆକ୍ରମଣ କରିବାରୁ ସେ ଘଟଣାସ୍ଥଳ ଛାଡ଼ି ପଳାଇଯାଇଥିଲେ। ପରେ ଡ୍ରାଇଭର ସନ୍ତୋଷ ଏକୁଟିଆ ହୋଇଯିବାରୁ ଦୁର୍ବୃତ୍ତମାନେ ପାଖରେ ପଡିଥିବା ଏକ ବଡ ପଥର ଦ୍ୱାରା ତାଙ୍କର ତଳିପେଟକୁ ବାରମ୍ବାର ଆଘାତ କରିବା ଦ୍ୱାରା ସେଠାରେ ସେ ଅଚେତ ହୋଇ ପଡିଯାଇଥିଲେ। ରାସ୍ତାରେ ଯାଉଥିବା କିଛି ଯୁବକ ଚେତାଶୂନ୍ୟ ଅବସ୍ଥାରେ ସନ୍ତୋଷଙ୍କୁ ଉଦ୍ଧାର କରି ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସନ୍ତୋଷଙ୍କ ପିତାଙ୍କ ଅଭିଯୋଗକୁ ଭିତ୍ତି କରି ଯଖପୁରା ପୋଲିସ ଏକ ମାମଲା(୬୪/୧୮) ରୁଜୁ କରି ତଦନ୍ତ ଚଳାଇଛି।

## ଭାରସାମ୍ୟ ହରାଇ ଘରେ ପଶିଗଲା ଟ୍ରାକ୍ଟର: ଜଣେ ମୃତ, ଦୁଇ ଆହତ

ବିଞ୍ଝାରପୁର,୪।୯(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା-ମଧୁପୁର ରାସ୍ତାର ଅଳକୁଣ୍ଡ ନିକଟରେ ଏକଛଣବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଜଣେ ବ୍ୟକ୍ତିଙ୍କ ଘର ମଧ୍ୟକୁ ପଶି ଯାଇଥିଲା। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ସମୟରେ ପ୍ରୀତିପୁର ଆଡୁ ଆସୁଥିବା ଏକ ଛଣ ବୋଝେଇ ଟ୍ରାକ୍ଟର ଅଳକୁଣ୍ଡ ଛକ ପୂର୍ବ ବାଙ୍କ ନିକଟରେ ଭାରସାମ୍ୟ ହରାଇ ସେହିବାଟ ଦେଇ ଯାଉଥିବା ପ୍ରକାଶ ମଲ୍ଲିକଙ୍କୁ ଧକ୍କା ଦେବା ସହ ରାସ୍ତାର ଡାହଣ ପାର୍ଶ୍ୱ ଶେଖ୍ ଶମ୍ଭୁଆଙ୍କ ଘରେ ପଶିଯାଇଥିଲା। ଫଳରେ ପ୍ରକାଶ, ଶେଖ ଶମ୍ଭୁଆ ଘରେ ଥିବା କାଦର ଖାଁ ଓ ଟ୍ରାକ୍ଟର ଚାଳକ ମଙ୍ଗରାଜ ମଲ୍ଲିକ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାସ୍ଥଳରୁ ଆହତଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ୧୦୮ଆମ୍ବୁଲାନସ ଯୋଗେ ପଠାଇଥିଲେ । ହେଲେ ସେଠାରେ ପ୍ରକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବିଞ୍ଝାରପୁର ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିବା କରି ଥାନାକୁ ଆଣିବା ସହ ୨୦୩/୧୮ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ମୃତକଙ୍କ ପରିବାରକୁ ରେଡକ୍ରସ ତରଫରୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

## ୧୦ଜଣ ଭୂମିହୀନଙ୍କୁ ଘରଡିହ ପଟ୍ଟା ବଣ୍ଟନ

ଯାଜପୁର ଅଫିସ,୪।୯

ଯାଜପୁର ତହସିଲ ଅଧିନସ୍ଥ ୧୦ ଜଣ ଭୂମିହୀନଙ୍କୁ ମଙ୍ଗଳବାର ଘର ଡିହ ପଟ୍ଟା ପ୍ରଦାନ କରାଯାଇଛି । ଜିଲାପାଳ ରଞ୍ଜନ କୁମାର ଦାସ ଏହି ପଟ୍ଟା ବଣ୍ଟନ କରିବା ସହ ଜମିର ଉପଯୁକ୍ତ ଯତ୍ନ, ସୁରକ୍ଷା ଓ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ତହସିଲଦାର ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମାଳଆନ୍ଦପୁରର ଗଣେଶ ରାଉତ, କାର୍ତ୍ତିକ ରାଉତ, ଶ୍ରୀକାନ୍ତ ରାଉତ, ଭାସ୍କର ରାଓ, ଶିବ ରାଓ, ସଂଜୁ ରାଉତ, ସେବତୀ ରାଉତ, ମହେଶ ରାଉତ, ବ୍ରଜରାଜ ନଗରର ଗୋପାଳଚନ୍ଦ୍ର ଘଡାଇ, ସାଧୁଚରଣ ବେଜ୍ ପ୍ରମୁଖଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା।

## ବର୍ଷାଜଳ ନିଷ୍କାସନ ପାଇଁ କାର୍ଯ୍ୟାନୁଷ୍ଠାନ

# ପ୍ରଶାସନ ଭାଙ୍ଗିଲା ବେଆଇନ ମାଛଧରା ଆଡିବନ୍ଧ

ବିଞ୍ଝାରପୁର,୪।୯(ଡି.ଏନ.ଏ)

ବିଞ୍ଝାରପୁର ଅଞ୍ଚଳରେ ଗତ ଶୁକ୍ରବାର ରାତିରେ ପ୍ରବଳ ବର୍ଷାଯୋଗୁ ବହୁ କ୍ଷତି ହୋଇଛି । କାହାର ଘର ଭୁଷୁଡି ପଡିଛି ତ ଆଉ କାହାର ଚାଷ ଜମି ଆଣ୍ଠୁଏ ପାଣିରେ ବୁଡି ରହିଛି। ଏହି ବର୍ଷାରେ ଯାହା ଘରର କ୍ଷତି ପହଞ୍ଚିଛି ପ୍ରଶାସନ ପକ୍ଷରୁ ସାହାଯ୍ୟ ସ୍ୱରୁପ ପାଲ ଯୋଗାଇ ଦିଆଯାଇଥିବାବେଳେ ଚାଷ ଜମିରେ ଏଯାବତ ପାଣିରେ ବୁଡି ରହିଥିବା ଦେଖାଯାଇଛି। ଏହି ବର୍ଷାଜଳକୁ ନିଷ୍କାସିତ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଥିଲେ ମଧ୍ୟ ବିଞ୍ଝାରପୁର ତଳ ଅଞ୍ଚଳରେ ଥିବା ନାଳ ଉପରେ କେତକଲୋକ ମାଛ ଧରିବା ପାଇଁ ବେଆଇନ ଆଡିବନ୍ଧ ନିର୍ମାଣ କରିଥିବାରୁ ବର୍ଷାଜଳ ଠିକଭାବରେ ନିଷ୍କାସିତ ହେଇପାରୁ ନ ଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ ତୁରନ୍ତ ଆଡିବନ୍ଧ ଭାଙ୍ଗିବା ପାଇଁ ଚେତାବନୀ ଦିଆଯାଇଥିଲା। କିନ୍ତୁ ଆଡ଼ିବନ୍ଧ ଭାଙ୍ଗା ନ ଯିବାରୁ ବିଞ୍ଝାରପୁର ବ୍ଲକର ଫଳପୁର-ହଳଦୀଡିଅ-ଅଣ୍ଡାଳୋଦେଇ ବହିଯାଇଥିବା ମୁଖ୍ୟନାଳରେ ବର୍ଷାଜଳ ନିଷ୍କାସିତ ହୋଇପାରୁ ନ ଥିଲା । ଯାହାଫଳରେ ଏହି ନଇଆ ନାଳର ତଳମୁଣ୍ଡରେ ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଥିବା ବେଆଇନ ଆଡିବନ୍ଧକୁ ଭାଙ୍ଗିବା ପାଇଁ ପ୍ରଶାସନପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ତହସିଲଦାର ଶୁଭ୍ରବାଳା ବେହେରା, ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ, ଡ୍ରେନେଜ ବିଭାଗର ସହକାରୀ ଯନ୍ତ୍ରୀ ଅଧରପ୍ରସାଦ ଯେନା ,ଅତିରିକ୍ତ ତହସିଲଦାର ଚକ୍ରଧର ପାଢ଼ୀ ପ୍ରମୁଖ ଆଡିବନ୍ଧ ଉଚ୍ଛେଦ କରିଥିଲେ। ଏହି କ୍ରମରେ ମଙ୍ଗଳବାର ବିଞ୍ଝାରପୁର ଅଞ୍ଚଳର ବାଙ୍ଗରା ଗ୍ରାପ ଅଧିନସ୍ଥ କୁସୁନପୁର, କଣ୍ଟିତରଠାରେ ପ୍ରବାହିତ ନଇଆ ନାଳ ଉପରେ ବେଆଇନ ଆଡିବନ୍ଧକୁ ଉଚ୍ଛେଦ କରାଯାଇଥିବାବେଳେ ବୁଧବାର ଅନ୍ୟସମସ୍ତ ସ୍ଥାନରେ ନିର୍ମାଣ ହୋଇଥିବା ବେଆଇନ ଆଡିବନ୍ଧକୁ ଉଚ୍ଛେଦ କରାଯିବ ବୋଲି ବିଞ୍ଝାରପୁର ତହସିଲଦାର ବେହେରା ସୂଚନା ଦେଇଛନ୍ତି।




**ଶ୍ରୀ ବଦ୍ରିନାରାୟଣ ପାତ୍ର**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ, ଓଡ଼ିଶା

**ବାର୍ତ୍ତା**

ପବିତ୍ର ଗୁରୁଦିବସ-୨୦୧୮ ପାଳନ ଅବସରରେ ରାଜ୍ୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଶିକ୍ଷକମାନେ ସମାଜର ମାର୍ଗଦର୍ଶକ। ଉତ୍ତମ ନୈତିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ କରି ସେମାନେ ସମର୍ପିତ ନାଗରିକ ସୃଷ୍ଟି କରିଥାନ୍ତି। ସରକାରଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀମାନେ ଶିକ୍ଷା ଅଧିକାର ଆଇନର ସଠିକ୍ ରୂପାୟନ ଓ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ କଲେ ରାଜ୍ୟର ଶୈକ୍ଷିକ ପରିମଣ୍ଡଳ ଅଧିକ ସମୃଦ୍ଧ ହୋଇପାରିବ।

ଆସନ୍ତୁ ଗୁରୁ-ଶିଷ୍ୟ ପରମ୍ପରାର ଏହି ମହାନ୍ ଦିବସ ପାଳନ ଅବସରରେ ଆମ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ସହିତ ଶିକ୍ଷାୟତନଗୁଡ଼ିକୁ ଜ୍ଞାନକେନ୍ଦ୍ର ଭାବେ ଗଢ଼ି ତୋଳିବାର ସଂକଳ୍ପ ନେବା।

(ବଦ୍ରିନାରାୟଣ ପାତ୍ର)





**ଗୁରୁଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା**

ଗୁରୁଦିବସ-୨୦୧୮ ଅବସରରେ ରାଜ୍ୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି।

ଶିକ୍ଷା ହିଁ ପ୍ରଗତିର ଚାବିକାଠି ଓ ପରିବର୍ତ୍ତନର ମାଧ୍ୟମ। ତେଣୁ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମରେ ମୁଁ ଆପଣମାନଙ୍କ ସମସ୍ତଙ୍କ ସହଯୋଗ କାମନା କରୁଛି।

( ନବୀନ ପଟ୍ଟନାୟକ )



**ପୂର୍ବ ତଟ ରେଳପଥ**

**ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଇ-କ୍ରୟ ପ୍ରଣାଳୀ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCEECoR1819TP06-08 ତା.31.08.2018ରିଖ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ/ଇଂଜିନିୟରିଙ୍ଗ୍, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଦ୍ୱାରା ବିଭିନ୍ନ ପ୍ରକାରର ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ଟେଣ୍ଡର-ସାମଗ୍ରୀ ଏବଂ ସର୍ଭିସ୍ ପୋର୍ଟାଲ ଅଧୀନସ୍ଥ ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ମାଧ୍ୟମରେ ଇ-ବିଡ୍ ଆମନ୍ତ୍ରଣ କରାଯାଉଛି, ଯାହାର ବନ୍ଦ ହେବାର ନିର୍ଦ୍ଧାରିତ ତାରିଖ : ତା.26.09.2018 ରିଖ ଅଟେ। ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଉପରୋକ୍ତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ, ଯେଉଁଥିରେ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ସଂପୂର୍ଣ୍ଣ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ। ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ।

PR-338/J/18-19 — ଉପ ମୁଖ୍ୟ ଯନ୍ତ୍ରୀ/TP, ଭୁବନେଶ୍ୱର













**UTKAL UNIVERSITY OF CULTURE**
Sanskruti Vihar, Madanpur
Bhubaneswar-752054
Phone: (0674) 2972312, Fax: 2972310
Email; mailboxuuc@gmail.com, Website: uuc.ac.in
No. 2050/UUC Dt.01.09.2018

CAD-792

**WALK-IN-INTERVIEW FOR ENGAGEMENT OF RESEARCH ASSISTANTS FOR BHANJA CHAIR OF THE UNIVERSITY**

A walk-in-interview for engagement of Research Assistants for Bhanja Chair of the University will be held on 18.09.2018 at 11.00AM on the Old Campus of the University located at Sardar Patel Hall Complex, Unit-II, Bhubaneswar-751009. For details, please visit University website uuc.ac.in (Recruitment).

*By Order of Vice-Chancellor*
Sd./-
REGISTRAR
03005/11/0016/1819








**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୧୦

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି ।

ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ଆକାଉଣ୍ଟ ନଂ. | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
| --- | --- | --- | --- | --- | --- |
| ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ସ୍ୱାଇଁ, ପିତା : ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ଛକ, ଆର.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ - ୭୫୩୦୦୮ / ଆକାଉଣ୍ଟ ନଂ. ୩୦୦୧୭୨୯୯୩୩୮ | ଜାମିନ୍‌ଦାର : ଶ୍ରୀମତୀ ରୀତା ବିଶାଳ, ସ୍ୱାମୀ : ୪ ଗୌର କୃଷ୍ଣ ବିଶାଳ, ଶିବଶ୍ରୀ ହାଉସ୍, ମହାନ୍ତି ପଡା, କାଫଲା, ଚାନ୍ଦିନୀ ଚୌକ, କଟକ - ୭୫୩୦୦୨ / ସମ୍ପତ୍ତିର ମାଲିକ: ଶ୍ରୀ ଅରୁଣ କୁମାର ସ୍ୱାଇଁ | ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: କଟକ ଟାଉନ୍, ଦକ୍ଷିଣ ତୁଳସୀପୁର, ୟୁନିଟ୍ ନଂ.-୮, ତହସିଲ୍ : କଟକ ସଦର, ଥାନା : ବିଡାନାସୀ, ଜିଲ୍ଲା : କଟକ, ଖାତା ନଂ.: ୧୫, ପରିବର୍ତ୍ତିତ ମିୟୁଟେଟେଡ୍ ଖାତା ନଂ.: ୧୭।୮୦, ପ୍ଲଟ ନଂ.: ୩୫୭(ଅଂଶ), ପରିବର୍ତ୍ତିତ ମିୟୁଟେଟେଡ୍ ପ୍ଲଟ ନଂ.: ୩୫୭/୧୪୪୯, କ୍ଷେତ୍ର : ଏକର୦.୦୮୦ଡିସିମିଲି ମଧ୍ୟରୁ ଏକର ୦.୦୫୬ଡିସିମିଲି, କିସମ : ଘରବାଡି, ଚୌହଦୀ : ପୂର୍ବ : ୧୬ଫୁଟ ସମସ୍ତଙ୍କ ରାସ୍ତା, ପଶ୍ଚିମ : ପ୍ଲଟ ନଂ.: ୩୫୬, ଉତ୍ତର : ଏହି ପ୍ଲଟରୁ ବିକ୍ରି ହୋଇଥିବା ଶ୍ରୀ ଲେଙ୍କାଙ୍କ ଜମିର କିଛି ଅଂଶ, ଦକ୍ଷିଣ : ଏହି ପ୍ଲଟରୁ ବିକ୍ରି ହୋଇଥିବା ଶ୍ରୀମତୀ ଦାସଙ୍କ ଜମିର କିଛି ଅଂଶ | ୧୫.୦୨.୨୦୧୮ | ୦୧.୦୯.୨୦୧୮ | ୧୪.୦୨.୨୦୧୮ ସୁଦ୍ଧା ଟ.୧,୧୨,୭୯,୬୭୦/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ସ୍ଥାନ : କଟକ
ତାରିଖ : ୦୪.୦୯.୨୦୧୮

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ନାବାଳିକା ଉଦ୍ଧାର: ଅଭିଯୁକ୍ତ ଗିରଫ

**ଧର୍ମଶାଳା, ୪।୯(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମର ଜଣେ ନାବାଳିକାଙ୍କୁ ଏହି ଥାନା ଅନ୍ତର୍ଗତ ହରଦେଇପୁର ଗ୍ରାମର ଜଣେ ଯୁବକ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ସୋମବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା । ଗିରଫ ଯୁବକ ଜଣଙ୍କ ହରଦେଇପୁର ଗ୍ରାମର ପ୍ରକାଶ ପରକାଣିକ । ମଙ୍ଗଳବାର ପୋଲିସ ଉଭୟଙ୍କ ଡାକ୍ତରୀ ମଇନା ପରେ ପ୍ରକାଶଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ କହିଛନ୍ତି। ପ୍ରକାଶ ପରକାଣିକ ଗତ ଅଗଷ୍ଟ ୧୦ରେ କଣ୍ଟାବଣିଆ ଗ୍ରାମର ଜନୈକ ନାବାଳିକାଙ୍କୁ ଅପହରଣ କରିନେଇଥିବା ନାବାଳିକାଙ୍କ ବାପା ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଧର୍ମଶାଳା ପୋଲିସ ଏକ ମାମଲା (୩୧୮/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ଅଗ୍ନିକାଣ୍ଡରେ ଜଳିଗଲା ଟ୍ରକ୍

**କାଳିଆପାଣି, ୪।୯(ଡି.ଏନ୍.ଏ.):** କାଳିଆପାଣି ଥାନା ଅନ୍ତର୍ଗତ କଲରଙ୍ଗୀ ଢାବା ଛକଠାରେ ସୋମବାର ସକାଳେ ଅଚାନକ ନିଆଁ ଲାଗି ଏକ ଟ୍ରକ୍ ପୋଡିଯାଇଛି। କଲରଙ୍ଗୀ ଗ୍ରାମର ବିମ୍ବାଧର ଭଞ୍ଜ (ନଂ.ଓଡ଼ି-୦୪ଇ-୦୨୭୫) ବାରଚକିଆ ଟ୍ରକ୍କୁ ନିଜ ଢାବା ପଛପଟରେ ରଖିଥିଲେ। ସକାଳେ ଟ୍ରକ୍‌ରେ ନିଆଁ ଲାଗିଥିବା ଖବର ପାଇ ତାଙ୍କ ପୁଅ ମାନସ ଘଟଣାସ୍ଥଳରେ ପହଞ୍ଚି ଟାଟା ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ଟ୍ରକ୍‌ର ଆର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିଲା। ଏନେଇ ମଙ୍ଗଳବାର କାଳିଆପାଣି ଥାନାରେ ମାନସ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ତଦନ୍ତ ଚଳାଇଛନ୍ତି।

## ■ ଏନ୍‌ଜିଟିରେ ଡଙ୍କାରୀ ପାହାଡ଼ ଲୁଟ୍ ଘଟଣା

# ଜଙ୍ଗଲ, ପରିବେଶ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ନିର୍ଦ୍ଦେଶ

■ମାସକ ମଧରେ ରିପୋର୍ଟ
■ଡିସେମ୍ବର ୭ରେ ପରବର୍ତ୍ତୀ ଶୁଣାଣି

**ଭୁବନେଶ୍ୱର,୪।୯(ବ୍ୟୁରୋ)**

ଯାଜପୁର ଡଙ୍କାରୀ ପାହାଡ଼ ଏବଂ ଏହାର ଚତୁଃପାର୍ଶ୍ୱରେ ହେଉଥିବା ବେଆଇନ ଖନନକୁ ରୋକିବାକୁ ନେଇ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ୍(ଏନ୍‌ଜିଟି)ରେ ହୋଇଥିବା ମାମଲାର ଶୁଣାଣି ହୋଇଛି। ଟ୍ରିବ୍ୟୁନାଲ୍‌ର ଜଷ୍ଟିସ୍ ଆଦର୍ଶ ଗୋଏଲ, ଜଷ୍ଟିସ୍ ଜୱାଦ ରହିମ୍, ଜଷ୍ଟିସ୍ ଏସ୍.ପି. ୱାଙ୍ଗଡି ଏବଂ ଡ. ନାଗିନ୍ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏକ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏକ ତଦାରଖ କମିଟି ଗଠନ କରିବା ପାଇଁ ଖଣ୍ଡପୀଠ କହିଛନ୍ତି। ଏହି କମିଟିରେ ଜଙ୍ଗଲ ଓ ପରିବେଶ ସଚିବଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ସଦସ୍ୟ, ଷ୍ଟେଟ୍ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟିର ଅଧ୍ୟକ୍ଷ ଏବଂ ପରିବେଶ ବିଭାଗର ପ୍ରତିନିଧି ରହିବେ। ଉକ୍ତ କମିଟିକୁ ମାସକ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୭ରେ ହେବାକୁ ଧାର୍ଯ୍ୟ ହୋଇଛି। ଆଇନଜୀବୀ ଚନ୍ଦ୍ରକାନ୍ତ ପ୍ରଧାନଙ୍କୁ ପଚାରିବାରେ, ଗତ ୩୧ତାରିଖରେ ଏହି ମାମଲାର ଶୁଣାଣି ହୋଇଥିଲା। ଏସମ୍ପର୍କିତ ରିପୋର୍ଟ ମଙ୍ଗଳବାର ହସ୍ତଗତ ହୋଇଛି। ଏନ୍‌ଜିଟି ନିର୍ଦ୍ଦେଶ ଅନୁଯାୟୀ ଜଙ୍ଗଲ ଓ ପରିବେଶ ସଚିବ ରିପୋର୍ଟ ପ୍ରଦାନ କରିବେ ବୋଲି ପ୍ରଧାନ କହିଛନ୍ତି। ପ୍ରକାଶ ଯେ, ଡଙ୍କାରୀରେ ହେଉଥିବା ବେଆଇନ ଖନନ ବିରୋଧରେ ସାମାଜିକ ଅଧିକାର କର୍ମୀ ସର୍ବେଶ୍ୱର ବେଉରା ଏନ୍‌ଜିଟିରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ , ରାଜ୍ୟ ସରକାର ଏବଂ ଯାଜପୁର ଜିଲାପାଳଙ୍କ ବିରୋଧରେ ଏକ ମାମଲା କରିଥିଲେ। ଯାହାକି ୬୦୪/୨୦୧୮ରେ ପଞ୍ଜୀକୃତ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘା ଯାଏ ଦାଗ ଥାଏ**
**ଲୋକ ଯାଏ କଥା ଥାଏ ।**

ଘା'ର କ୍ଷତ ସମୟକ୍ରମେ ଶୁଖିଗଲେ ମଧ ତା'ର ଦାଗ ଶରୀରରେ ରହିଯିବା ଭଳି ଲାଞ୍ଛନା ବା ଅପମାନର ସ୍ମୃତି ମନରୁ ସହଜରେ ଲିଭିପାରି ନ ଥାଏ। ସେହିପରି ମଣିଷ ମରି ହଜି ଗଲେ ମଧ ତା'ର ସୁଗୁଣ ତଥା ସୁକର୍ମ ସଂସାରରେ ତାକୁ ଚିରଜୀବିତ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନାହିଁ ଖଡ଼ା, ବାହାରେ ଆଖଡ଼ା ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହେବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିକି ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅଯଥା ବାହାଦୁରି ଦେଖେଇ ହେଉଥିବା ଜଣାଯାଇଥାଏ। ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ଏପରି ଆଡମ୍ବର ଶୋଭାପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

# କେଜେ ଇସ୍ପାତ କାରଖାନା ଆଗରେ ଶ୍ରମିକଙ୍କ ଧାରଣା

**କଳିଙ୍ଗନଗର,୪।୯(ଡି.ଏନ୍.ଏ)**



ଧାରଣାରେ ବସିଥିବା ଶ୍ରମିକ।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା କେଜେ ଇସ୍ପାତ କରାଖାନାର ଫାଟକ ସମ୍ମୁଖରେ ପୂର୍ବରୁ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଶ୍ରମିକ ଆନ୍ଦୋଳନ କରିଛନ୍ତି। କାରାଖାନା ଦୀର୍ଘ ୨୮ମାସ ବନ୍ଦରହି ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ ପୂର୍ବରୁ କାର୍ଯ୍ୟ କରୁଥିବା କିଛି ଠିକା ଶ୍ରମିକ କଳିଙ୍ଗନଗର ମଜଦୁର ୟୁନିୟନ ବ୍ୟାନର ତଳେ ଧାରଣାରେ ବସିଥିଲେ। ଏନେଇ କାରାଖାନା କର୍ତ୍ତୃପକ୍ଷଙ୍କୁ ପଚାରିବାରେ କାରାଖାନାରେ ପୂର୍ବରୁ ୨ଜଣଙ୍କ ଠିକାଦାରଙ୍କ ଅଧିନରେ ୭୨ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ। ୨୦୧୬ ମେ ୫ତାରିଖରୁ ବନ୍ଦରହିଥିବା କାରାଖାନା କାର୍ଯ୍ୟକ୍ଷମ ହେବା ପୂର୍ବରୁ ସମସ୍ତ ଠିକା ଶ୍ରମିକ ଓ କର୍ମଚାରୀଙ୍କୁ ପୂର୍ଣ୍ଣ ନିଯୁକ୍ତି ଦେବାକୁ କାରାଖାନାର କର୍ତ୍ତୃପକ୍ଷ ଜଣାଇଥିଲେ। ଯେଉଁମାନେ ପୁଣି କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ସେମାନେ ଗତ ୫।୮।୨୦୧୮ରିଖ ସୁଦ୍ଧା କାରାଖାନା କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଚିଠି କରାଯାଇଥିଲା । ପୁରୁଣା ଶ୍ରମିକଙ୍କ ମଧ୍ୟରୁ ମାତ୍ର ୩ଜଣ ଆଗ୍ରହ ପ୍ରକାଶ କରି ଏବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଆଉ ପ୍ରାୟ ୨୫ଜଣ ଶ୍ରମିକ ସେମାନଙ୍କ ବକେୟା ଅର୍ଥ ନେବାକୁ ଆଗ୍ରହ ପ୍ରକାଶ କରିଥିବା କାରାଖାନା କର୍ତ୍ତୃପକ୍ଷ କହିଥିଲେ। କିଛି ଖଳ ପ୍ରକୃତିର ଲୋକ କାରାଖାନାକୁ ବନ୍ଦକରିବା ପାଇଁ ମସୁଧା କରି ପୂର୍ବରୁ କାମ କରୁଥିବା ଶ୍ରମିକଙ୍କୁ ହାତ ବାରିସି କରି ବିଶୃଙ୍ଖଳା କରିବା ପାଇଁ ଉସୁକାଉଥିବା କାରାଖାନା କର୍ତ୍ତୃପକ୍ଷ ଆଶଙ୍କା ପ୍ରକାଶ କରୁଛନ୍ତି। ତେବେ ଏନେଇ ଜିଲା ଶ୍ରମ ଅଧିକାରୀ କଳିଙ୍ଗନଗର ମଜଦୁର ୟୁନିୟନ କର୍ତ୍ତୃପକ୍ଷ ଓ କରାଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତା ୭ତାରିଖରେ ଶ୍ରମ କାର୍ଯ୍ୟାଳୟରେ ଉଭୟ ପକ୍ଷ ବସି ଏହି ସମସ୍ୟା ଉପରେ ଆଲୋଚନା କରିବେ ବୋଲି ସମୟ ଧାର୍ଯ୍ୟ ହୋଇଛି।

## ବରୀ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ

**ରସୁଲପୁର,୪।୯(ଡିଏନଏ)**

ରସୁଲପୁର ବ୍ଲକରୁ ବରୀ ନିର୍ବାଚନ ମଣ୍ଡଳିରେ ସାମିଲ ହୋଇଥିବା ୧୦ଟି ପଞ୍ଚାୟତର କଂଗ୍ରେସ କର୍ମୀଙ୍କୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ଗୋପାଳପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ୩୫ନଂ କଂଗ୍ରେସ ଜୋନ ସଭାପତି ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନିରେ ବରୀ କଂଗ୍ରେସର ଯୁବନେତା ଉମେଶ ଜେନା ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ। ଆଗାମୀ ଦିନରେ କଂଗ୍ରେସକୁ ତୃଣମୂଳସ୍ତରରୁ ଦୃଢ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ବିଫଳତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ କର୍ମୀମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ ବୋଲି ମତ ରଖିଥିଲେ। ବରୀ କଂଗ୍ରେସ ଯୁବନେତା ଅମରେଶ ପରିଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ସମ୍ମିଳନୀରେ ଶତାଧିକ କର୍ମୀ ଯୋଗଦେଇ ଦଳୀୟ ସଂଗଠନ ମଜଭୁତ କରିବା ପାଇଁ ସଂକଳ୍ପ କରିଥିଲେ।

# ଟ୍ରକ୍ ମାଲିକଙ୍କ ପରିବହନ ଭଡ଼ା ପ୍ରଦାନରେ ବିଳମ୍ବ ଅଭିଯୋଗ

**କାଳିଆପାଣି, ୪।୯(ଡି.ଏନ୍.ଏ.)**

ଖଣି ଅଞ୍ଚଳରେ କ୍ରୋମାଇଟ ପରିବହନ କରୁଥିବା ଠିକାଦାର ସଂସ୍ଥା ଏନ୍‌ଇସିସି (ନର୍ଥ ଇଷ୍ଟର୍ନ କାରଗୋ କ୍ୟାରିୟର ) ଟ୍ରକ୍ ମାଲିକଙ୍କ ପରିବହନ ଭଡ଼ା ପ୍ରଦାନରେ ବିଳମ୍ବ କରୁଛି। ଏ ନେଇ ଦୁଇ ମାସତଳେ କାଳିଆପାଣି ଥାନାରେ ଟ୍ରକ୍‌ମାଲିକଙ୍କ ପକ୍ଷରୁ ଉକ୍ତ ଠିକା ସଂସ୍ଥା ବିରୋଧରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଠିକାଦାରଙ୍କ ପକ୍ଷରୁ କିଛି ଦିନ ଯଥା ସମୟ ପୂର୍ବରୁ ଭଡ଼ା ପ୍ରଦାନ କରାଯାଇଥିଲା। ହେଲେ ଏବେ ଉକ୍ତ ପରିବହନ ସଂସ୍ଥା ଭଡ଼ାପ୍ରଦାନରେ ଅହେତୁକ ବିଳମ୍ବ କରୁଥିବା ନେଇ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଟ୍ରକ୍‌ମାଲିକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଖଣି ଅଞ୍ଚଳରୁ ପ୍ରତ୍ୟେକ ଦିନ ହଜାର ହଜାର ଟନ୍ କ୍ରୋମାଇଟ ଉକ୍ତ ଏନ୍‌ଇସିସି ଠିକା ସଂସ୍ଥା ଜରିଆରେ କମ୍ପାନୀର ନିଜସ୍ୱ କାରଖାନା ଓ ବିଦେଶକୁ ରପ୍ତାନି କରାଯାଉଛି। ଏ ନେଇ ଖଣି ଅଞ୍ଚଳରେ ପରିବହନ କାର୍ଯ୍ୟରେ ନିୟୋଜିତ ଉକ୍ତ ଠିକା ସଂସ୍ଥା ନିଜ ମନଇଚ୍ଛାରେ ପରିବହନ ଭଡ଼ା ଦେଉଥିବା କୁହାଯାଇଛି। ପରିବହନ ଠିକାଦାର ପକ୍ଷରୁ କ୍ରୋମାଇଟ ଲୋଡ଼ିଂ କରିବାକୁ ଆବଶ୍ୟକ ଅଗ୍ରିମ ବାବଦକୁ କିଛି ଟଙ୍କା ଓ ଡିଜେଲ ଦିଆଯାଇଥାଏ। ନିର୍ଦ୍ଧାରିତ ସ୍ଥାନକୁ ପରିବହନର ୭ ଦିନ ମଧ୍ୟରେ ପେମେଣ୍ଟ ସ୍ଲିପ ଜମା କରିବା ସହ ୧୫ ଦିନରେ ପରିବହନ ଭଡ଼ା ମାଲିକଙ୍କୁ ପ୍ରଦାନ କରିବାକୁ ସଂଘ ମାଧ୍ୟମରେ ଚୁକ୍ତି ହୋଇଛି। ମାତ୍ର ଠିକା ସଂସ୍ଥା ଏହାକୁ କାର୍ଯ୍ୟକାରୀ କରୁନାହିଁ। ଏ ନେଇ ଏନ୍‌ଇସିସି ପରିଚାଳକ ବିଚିତ୍ର ଦାସଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
GNM ANM OT. Tech DMLT ICU X-RAY
ଯୋଗ୍ୟତା: ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL HOSPITAL PRATICAL PLACEMENT FACILITY AVAILABLE
KIMS, KHANDAGIRI, BBSR
7894487511

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GRAMIN FINANCE
1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
ନୋ ଫାଇଲ୍ ଚାର୍ଜ
ନୋ ଗ୍ୟାରେଣ୍ଟର
Only Bank Fees
ଋଣ ପାସ୍ ହେଲା ପରେ
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts:
18001007280

9911436726, 9540938429

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା ୫0,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW:
08570958738
08570958378

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ
9874247647
Plot No: 86, Sarkar Street, Kolkata

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କାଠ ପାଇଁ ଛେଳି ଯାହା, ବିଜ୍ଞତା ପାଇଁ ଗାମ୍ଭୀର୍ଯ୍ୟ ସେୟା।

-କନ୍‌ଫୁସିୟସ୍

# ପାଟଜମିରେ ବର୍ଷାଜଳ, ୫ ହଜାର ହେକ୍ଟର ଜଳମଗ୍ନ

ବରୀ,୪।୯(ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ବ୍ଲକ ଅଞ୍ଚଳର ପାଟ ଜମିରେ ବର୍ଷାଜଳ ଜମିରହିଛି। ଫଳରେ ୫ ହଜାର ହେକ୍ଟର ଚାଷଜମି ଜଳମଗ୍ନ ରହିଛି। ଲଘୁଚାପଜନିତ ବର୍ଷା ସାଙ୍ଗକୁ ଖରସ୍ରୋତାର ଶାଖା ନଦୀଗୁଡ଼ିକରେ ଜଳପତ୍ତନ ବୃଦ୍ଧି ଘଟି ପାଟଜମିକୁ ପାଣି ମାଡି ଆସିଥିଲା। ବର୍ଷା ଛାଡିବାର ୩ ଦିନ ବିତିଯାଇଥିଲେ ମଧ୍ୟ ଚାଷଜମିରୁ ଜଳ ନିଷ୍କାସନ ହୋଇପାରୁନି। ଧାନଗଛ ପାଣିରେ ବୁଡ଼ି ରହିବା ଯୋଗୁ ଗଛ ମୂଳ ପଚିବା ସହ ଗଜା ହେଉଥିବା ଧାନ ଗଛ ନଷ୍ଟ ହେବାକୁ ବସିଛି। ଏ ନେଇ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ଡ୍ରେନେଜ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପ୍ରକାଶ ଯେ, ଅନ୍ୟାସୀପୁର, ଅଙ୍ଗାଳ, କଳାମାଟିଆ, ବାଲିବିଲ, ଅରଙ୍ଗାବାଦ୍, ଭଅଁରା, ସାରନ୍ଦା, ସେରପୁର, କୃଷ୍ଣନଗର, ଅମଠପୁର ପାଟଜମିରେ ବର୍ଷାଜଳ ଜମିଛି। ଉକ୍ତ ଜମିରେ ଭଲ ଫସଲ ହୋଇଥିବାବେଳେ ପାଣି ଜମି ରହୁଥିବାରୁ ଚାଷୀ ଚିନ୍ତାରେ



**ବରୀ ବ୍ଲକ**

- ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବିଭାଗ ୫ କୋଟି ଟଙ୍କା ଖର୍ଚ୍ଚ କରିଛି
- ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ଅର୍ଥ ଲୁଟ୍ କରିଥିବା ଅଭିଯୋଗ

ଅଛନ୍ତି। ଏବେ ଚାଷୀ ଜମିରୁ ମାଛ ଧରୁଥିବା ଦେଖିବାକୁ ମିଳିଛି। ଜଳ ନିଷ୍କାସନ ପାଇଁ ଡ୍ରେନେଜ ବିଭାଗ ୨୦୧୪-୧୫, ୨୦୧୫-୧୬ ଓ ୨୦୧୭-୧୮ ମସିହା ସୁଦ୍ଧା ୫କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଛନ୍ତି। ଡ୍ରେନ୍ ଖନନ ନାମରେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ମିଶି ଲୁଟ୍ କରିଥିବା ଅଭିଯୋଗ ହୋଇଛି। କେଲୁଅ, ଦୁଧେଇ, ସାରନ୍ଦା ନାଳ ସଫା କରିବା ସହ ଖନନ କରିବା ପାଇଁ ଠିକାଦାରଙ୍କ ଜରିଆରେ କାମ କରାଯାଇଥିବା ଡ୍ରେନେଜ ବିଭାଗ ରେକର୍ଡରୁ ଜଣାପଡ଼ିଛି। ଏହି ନାଳ ବରୀ ଅଞ୍ଚଳର ପାଟ ଜମି ଦେଇ ପ୍ରବାହିତ ହୋଇଛି। ବର୍ଷା ହେଲେ ଚାଷ ଜମିରୁ ପାଣି ଗଡ଼ିଯାଇ ନାଳ ଦେଇ ବିଭିନ୍ନ ନଦୀକୁ ଯାଇଥାଏ। ହେଲେ ଏବେ ଏହି ନାଳ ପୋତି ହୋଇଯାଉଥିବା ଦେଖିବାକୁ ମିଳିଛି। ଏଥିସହ ପାଟ ଜମିକୁ ଯାତାୟାତ କରିବା ପାଇଁ ନାଳ ଉପରେ ଛୋଟ ଛୋଟ ପୋଲ ନିର୍ମାଣ ହୋଇଛି। କେତେକ ଜାଗାରେ ଏହି ପୋଲ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଡ୍ରେନେଜ ବିଭାଗ ଯନ୍ତ୍ରୀ ପ୍ରମୋଦ ବେହେରାଙ୍କୁ ପଚାରିବାରେ, ଡ୍ରେନ୍ କାମ ପାଇଁ ବରୀ ଅଞ୍ଚଳରେ ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଜଳସ୍ତର ଅଧିକ ଥିବାରୁ ନାଳ ଦ୍ୱାରା ନଈକୁ ବର୍ଷାଜଳ ପ୍ରବାହିତ ହୋଇପାରୁନାହିଁ। ଫଳରେ ଚାଷ ଜମିରେ ପାଣି ଜମିରହିଛି ବୋଲି କହିଥିଲେ।

# ପାଣିରେ ପଶି ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର



ବିଦ୍ୟାଳୟ ସମ୍ମୁଖରେ ଥିବା ରାସ୍ତାରେ ପାଣି ଜମିଛି ।

ରତ୍ନଗିରି,୪।୯(ଡି.ଏନ୍.ଏ.)

ବରୀ ଶିକ୍ଷାମଣ୍ଡଳ ଅଧୀନ ନାଥପୁର ସରସ୍ୱତୀ ଉଚ୍ଚ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟ ୧୯୮୪ରେ ସ୍ଥାପିତ ହୋଇଥିଲା । ବର୍ତ୍ତମାନ ଏହି ବିଦ୍ୟାଳୟରେ ୮ ଶ୍ରେଣୀ ରହିଥିବାବେଳେ ମୋଟ ୮୩ ଛାତ୍ରୀଛାତ୍ରଙ୍କୁ ୫ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଉକ୍ତ ବିଦ୍ୟାଳୟ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୩ କି.ମି. ଦୂରରେ ଅବସ୍ଥିତ। ବିଦ୍ୟାଳୟ ପରିସରରେ ଥିବା ରାସ୍ତାରେ ପାଣି ଜମି ରହୁଛି। ହେଲେ ଛାତ୍ରୀଛାତ୍ର ପାଣିରେ ପଶି ସ୍କୁଲ ଯିବା ଘଟଣା ଶିକ୍ଷାଧିକାରୀଙ୍କ ନଜରକୁ ନ ଆସିବା ଯୋଗୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ନାଥପୁର ଗ୍ରାମର ଅଭିରାମ ଦାସଙ୍କ ନେତୃତ୍ୱରେ ଯୁବକ ସଂଘ ତରଫରୁ ୨ଥର ଅଭିଯୋଗ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ । ଏ ସମ୍ପର୍କରେ ବରୀ ମଣ୍ଡଳ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରେ, ସପ୍ତାହକ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଚଣ୍ଡିଖୋଲ,୪।୯(ଡି.ଏନ.ଏ)- ବଡ଼ଚଣା ଥାନା ଅନ୍ତର୍ଗତ ବନ୍ଧାଲୋ ପଞ୍ଚାୟତ ଓଲର ଗ୍ରାମରେ ମଙ୍ଗଳବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମିଞ୍ଜାରୀ ସୁରୀ (୩୮)। ସୋମବାର ଅପରାହ୍ନରେ ଛୋଟ ଛୋଟ ତିନି ପିଲାଙ୍କୁ ଛାଡ଼ି ମାଛ ଧରିବାକୁ ଯାଉଥିବା କହି ସେ ଘରୁ ବାହାରି ଯାଇଥିଲେ। ତାଙ୍କ ସ୍ୱାମୀ ବାଜିଆ ରାଇସ୍ ମିଲ୍‌ରେ କାମ କରନ୍ତି। ରାତିରେ ଘରକୁ ଫେରି ସ୍ତ୍ରୀଙ୍କ ବିଷୟରେ ପିଲାଙ୍କୁ ପଚାରିବାରୁ ମାଛ ଆଣିବାକୁ ଯାଇଥିବା କହିଥିଲେ। ବାଜିଆ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ସକାଳୁ ଖୋଜାଖୋଜି କରିବା ପରେ ବିଲରେ ମରିପଡ଼ିଥିବାର ଦେଖିବାକୁ ପାଇଲେ। ଏ ନେଇ ବଡ଼ଚଣା ଥାନାକୁ ଖବର ଦେଇଥିଲେ। ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ଏକ ଅପମୃତ୍ୟୁ ମାମଲା(୨୦/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି।

### ମଦ ଜବତ, ଜଣେ ଗିରଫ

ଚଣ୍ଡିଖୋଲ/ଛତିଆ,୪।୯(ଡି.ଏନ.ଏ.)- ଚୋରା ମଦ କାରବାର ହେଉଥିବା ଖବରପାଇ ବୈରୀ ଥାନା ପୋଲିସ ସୋମବାର ଚଢ଼ାଉ କରି ୫୦ ଲିଟର ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ଅମୀୟଝରି ଗ୍ରାମର ଟୁଲୁ ଦେହୁରୀ। ସୂଚନାଯୋଗ୍ୟ, ଟୁଲୁ ଦୀର୍ଘଦିନ ହେବ ଦେଶୀ ମଦ ବିକ୍ରୟ କରୁଥିଲେ। ଏ ନେଇ ପୋଲିସ ଏକ ମାମଲା(୯୫/୧୮) ରୁଜୁ କରିଛି।

### ବିଦ୍ୟୁତ୍ ତାର ଛିଡ଼ି ଗର୍ଭଣୀ ଗାଈ ମୃତ

ବିରଜାକ୍ଷେତ୍ର,୪।୯(ଡି.ଏନ୍.ଏ.)- ଯାଜପୁର ଥାନା ଅନ୍ତର୍ଗତ ଆଙ୍କୁଲାପାଳଠାରେ ମଙ୍ଗଳବାର ଆଙ୍କୁଲା ଗ୍ରାମର ଗଜେନ୍ଦ୍ର ଜେନାଙ୍କ ଗର୍ଭଣୀ ଗାଈର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ଗାଈ ଚରି ବୁଲି ଫେରୁଥିବାବେଳେ ରାସ୍ତାରେ ବିଦ୍ୟୁତ୍ ତାର ଛିଡ଼ି ପଡ଼ିଥିଲା। ଗଜେନ୍ଦ୍ର ଅତ୍ୟନ୍ତ ଗରିବ ଶ୍ରେଣୀରେ ହୋଇଥିବାବେଳେ ଗାଈ ପାଳି ଜୀବିକା ନିର୍ବାହ କରୁଥିଲେ।

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ବିରଜାକ୍ଷେତ୍ର,୪।୯(ଡି.ଏନ୍.ଏ.)

ଯାଜପୁର ଥାନା ଅନ୍ତର୍ଗତ ଅକରପଡ଼ାଠାରେ ଥିବା ଅକରପଡ଼ା ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ହୋଇ ନ ଥିବାରୁ ପରିଚାଳନାଗତ ତ୍ରୁଟି ଦେଖାଦେଇଛି। ଏ ନେଇ ଗତ ୮ ମାସ ଧରି ଅଭିଭାବକ ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି । ଏହି ବିଦ୍ୟାଳୟରେ ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ଅଧ୍ୟୟନରତ । ଶେଷରେ ବାଧହୋଇ ଅଭିଭାବକମାନେ ମଙ୍ଗଳବାର ବିଦ୍ୟାଳୟରେ ତାଲା ପକାଇଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟ ବନ୍ଦ ଖବରପାଇ ଦଶରଥପୁର ବ୍ଲକ୍ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ରବିନାରାୟଣ ତ୍ରିପାଠୀ, ସିଆରସିସି ପ୍ରଭାତ ସାହୁ, ସର୍ବଶିକ୍ଷା ଅଭିଯାନର କର୍ମଚାରୀ ନାରାୟଣ ମହାଲିକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ୧୫ ଦିନ ମଧ୍ୟରେ ନୂତନ ପରିଚାଳନା କମିଟି ଗଠନ ହେବା, ପିଲାଙ୍କୁ ଶୌଚାଳୟ ବ୍ୟବହାର କରିବାକୁ ଦିଆଯିବା, ପିଲାଙ୍କୁ ଉନ୍ନତମାନର ମଧ୍ୟାହ୍ନଭୋଜନ ଦେବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେବାପରେ ବୁଧବାରଠାରୁ ବିଦ୍ୟାଳୟ ଖୋଲା ରହିବ ବୋଲି ଅଭିଭାବକମାନେ କହିଥିଲେ । ପ୍ରକାଶ ଯେ, ପିଲାଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ପିଲାଙ୍କୁ ଶୌଚାଳୟ ବ୍ୟବହାର କରିବାକୁ ଦିଆ ନ ଯାଇ ବାହାରକୁ ଯିବାକୁ ବାଧ କରାଯାଉଛି। ଫଳରେ ପିଲାମାନେ ସଡ଼କ ଦୁର୍ଘଟଣାର ଶିକାର ହେଉଛନ୍ତି । ଏପରି ଅବ୍ୟବସ୍ଥା ଯୋଗୁ ଅଗଷ୍ଟ ୨୮ ତାରିଖରୁ ଅଭିଭାବକମାନେ ପିଲାଙ୍କ ସ୍କୁଲ ଯିବା ବନ୍ଦ ରଖିଛନ୍ତି। ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଅଭିଭାବକମାନେ ଜିଲାପାଳ, ଜିଲା ଶିକ୍ଷାଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅବଗତ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ।

# କ୍ଷତିପୂରଣ, ବର୍ଷାଜଳ ନିଷ୍କାସନ ପାଇଁ ଦାବିପତ୍ର

ବିରଜାକ୍ଷେତ୍ର,୪।୯(ଡି.ଏନ୍.ଏ)

ଲଗାଣ ବର୍ଷା ଯୋଗୁ ଯାଜପୁର ବ୍ଲକ୍ ଅଞ୍ଚଳରେ ଖରିଫ୍ ଧାନଚାଷ ପ୍ରଭାବିତ ହୋଇଛି । ଫଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଉପରେ ପ୍ରଭାବ ପଡ଼ିଛି । କ୍ରମାଗତ ବର୍ଷା ହେବା ଦ୍ୱାରା ଖାଲୁଆ ଓ ତଳ ଜମିଗୁଡ଼ିକରେ ବର୍ଷାପାଣି ଜମିରହିଛି। ଏଣୁ ଚାଷଜମିରୁ ବର୍ଷାଜଳ ନିଷ୍କାସନ ଓ କ୍ଷତିପୂରଣ ଦାବିରେ ମୋଗଲପୁର, ମାର୍କଣ୍ଡପୁର, ବଇଭୂଇଁ, ଛବାଟୀ, ଧନୀପୁର ଗ୍ରାମର ଚାଷୀମାନେ ମଙ୍ଗଳବାର ଜିଲାପାଳ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷକରି ମାର୍କଣ୍ଡପୁର, ସାନସୁଆର, ବନ୍ଧମୁଣ୍ଡା, କରୁଣା, ଗୁହାଳି, ବାଙ୍କିପାଳ, ଜାଲପୁର, ବାସୁଦେବପୁର, ଜାହାନପୁର, ମୋଗଲପୁର, ବଇଭୂଇଁ, ବିଚିତ୍ରପୁର ପ୍ରଭୃତି ଅଞ୍ଚଳର ଚାଷଜମି ପ୍ରଭାବିତ ହୋଇଛି। ଅଧାରୁ ଉର୍ଦ୍ଧ୍ୱ ଧାନ ରୁଆ ସରିଲାଣି । ଉକ୍ତ ଅଞ୍ଚଳରେ ଚଳିତ ଖରିଫ୍

**ବର୍ଷାରେ ପ୍ରଭାବିତ ଖରିଫ ଧାନ**



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଚାଷୀ ।

ଧାନଚାଷ ନିମନ୍ତେ ଚାଷୀ ପ୍ରାଥମିକ କୃଷକ ସମିତି ଓ ବିଭିନ୍ନ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିଲେ । ବର୍ଷାରେ ଧାନଗଛ ନଷ୍ଟ ହୋଇଯିବାରୁ ସ୍ଥାନୀୟ ସାହୁକାରଙ୍କଠାରୁ ହାତଉଧାର ଆଣି ପୁନଶ୍ଚ ଧାନଚାଷ କରିଛନ୍ତି । ମାତ୍ର ୩ ଦିନ ଧରି ବର୍ଷା ଲାଗିରହିବାରୁ ଚାଷଜମିରେ ପାଣି ଜମି ରହିଛି । ଜଳ ନିଷ୍କାସନ ହୋଇପାରୁନାହିଁ ଧାନଗଛଗୁଡ଼ିକ ପଚି ନଷ୍ଟ ହୋଇଯିବାର ସମ୍ଭାବନା ରହିଛି । ଅପରପକ୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ଧାନବିଲ ପାଟରେ ଚେକ୍‌ଗେଟ୍ ନିର୍ମାଣକରି ଚାଷ ଜମିକୁ ପାଣି ଯୋଗାଇ ଦେବାପାଇଁ ବ୍ୟବସ୍ଥା କରିଥିଲେ। ଧାନଚାଷର ସୁରକ୍ଷା ପ୍ରତି ଧ୍ୟାନ ଦିଆ ନ ଯାଇ ତାଉନ୍ତରା-ଅରେଇ ପାଟରେ ଅତି ଉଚ୍ଚ ଚେକ୍‌ଗେଟ୍ ନିର୍ମାଣ କରାଯାଇଛି । ତେଣୁ ବର୍ଷାଜଳ ନିଷ୍କାସନ ହୋଇପାରୁନି । ଧାନଗଛ ପଚିଯିବାର ଆଶଙ୍କା ରହିଛି ବୋଲି ଚାଷୀ ଦିଲୀପ କୁମାର ମହାପାତ୍ର, ଅରୁଣ କୁମାର ନାଥ, ଏସ୍.କେ. ବସିରୁଦ୍ଦିନ୍, କାର୍ତ୍ତିକ ଜେନା, କୃଷ୍ଣ ମୋହନ ମହାପାତ୍ର, ବିଭୂତି ସ୍ୱାଇଁ, ମନୋଜ ନାଥ, ଭୀମସେନ ନାଥ, ସନାତନ ନାଥ, ଛବିଳ ନାଥ, ବୈଷ୍ଣବ ଜେନା ପ୍ରମୁଖ ପ୍ରକାଶ କରିଛନ୍ତି। ବର୍ଷାଜଳ ନିଷ୍କାସନ ହେବାରେ ବାଧା ସୃଷ୍ଟି ହେଉଥିବାରୁ ଉକ୍ତ ଚେକ୍‌ଗେଟ୍‌କୁ ଭାଙ୍ଗି ପୁନର୍ବାର ଠିକ୍‌ଭାବେ ଚେକ୍‌ଗେଟ୍ ନିର୍ମାଣ କରିବାକୁ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର

ବିରଜାକ୍ଷେତ୍ର,୪।୯(ଡି.ଏନ୍.ଏ.)

ଯାଜପୁର ଜିଲାରେ କାର୍ଯ୍ୟରତ କଳା ଓ କ୍ରୀଡ଼ା ଶିକ୍ଷକମାନେ ସ୍ଥାୟୀ ନିଯୁକ୍ତି ଦାବି ନେଇ ମଙ୍ଗଳବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୨୦୧୩ ପରଠାରୁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସର୍ବଶିକ୍ଷା ଅଭିଯାନ ଓ ଶିକ୍ଷା ଅଧିକାର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଉକ୍ତ ଯୋଜନାରେ ୪୮୫ ଜଣ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଶିକ୍ଷକ ନିଯୁକ୍ତି ପରେ ଛାତ୍ରୀଛାତ୍ର ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ଗୌରବ ଅର୍ଜନ କରିଛନ୍ତି । ଏପରି ପ୍ରଶିକ୍ଷଣ ଦ୍ୱାରା ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ପାଇଛି। ସର୍ବଶିକ୍ଷା ଅଭିଯାନ ଓ ଶିକ୍ଷା ଅଧିକାର ଯୋଜନାରେ ନିଯୁକ୍ତି ପାଇଥିବା ଅନ୍ୟ ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସ୍ୱତନ୍ତ୍ର ନିୟମାବଳୀ ଥିବାବେଳେ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ଏଥିରୁ ବଞ୍ଚିତ କରାଯାଇଛି । ଦୀର୍ଘ ୫ ବର୍ଷଧରି ରାଜ୍ୟ କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ବିଭିନ୍ନ ସମୟରେ ସ୍ଥାୟୀ ନିଯୁକ୍ତି ଦାବି ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଛି । ଆବାହକ ଅଶୋକ ସାମଲଙ୍କ ନେତୃତ୍ୱରେ ରାଜ୍ୟ ସଂଯୋଜକ ପ୍ରୀତମ ପଦ୍ମଲୋଚନ, ରାଜ୍ୟ ସମ୍ପାଦକ ସାଗର ମହାନ୍ତି, ଜିଲା ସଭାପତି ପଙ୍କଜ ମଲ୍ଲିକ, ସମ୍ପାଦକ ସନ୍ଦୀପ ମୁଦୁଲି ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଇଷ୍ଟଜୋନ୍ ଟେଣ୍ଟହାଉସ୍‌ର ଚତୁର୍ଥ ବାର୍ଷିକ ସମ୍ମିଳନୀ

ଦଶରଥପୁର,୪।୯(ଡିଏନ୍ଏ)

ଦଶରଥପୁର ବ୍ଲକ ଥାଲକୁଡି ବିଜୁ କଲ୍ୟାଣ ମଣ୍ଡପଠାରେ ଇଷ୍ଟଜୋନ୍ ଟେଣ୍ଟହାଉସ ଓ ସପ୍ଲାୟର ଆସୋସିଏଶନ ପକ୍ଷରୁ ଚତୁର୍ଥ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମ୍ମିଳନୀରେ ଯାଜପୁର ଜିଲା ସଭାପତି ଜଗତ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରିଥିବାବେଳେ ଦଶରଥପୁର ଜୋନ ସଭାପତି ବିଷ୍ଣୁଚରଣ ପୃଷ୍ଟି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜିଲା ସମ୍ପାଦକ ଅଶୋକ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ସୁବାସ ସାହୁ, ଶଙ୍କର୍ଷଣ ସାହୁ, ସୁଧାଂଶୁ ଶେଖର ଆଚାର୍ଯ୍ୟ, ଜୋନ ସମ୍ପାଦକ ସର୍ବେଶ୍ୱର ଜେନା ଓ ଦୁର୍ଯ୍ୟୋଧନ ସାହୁ, ଉପସଭାପତି ବିରଞ୍ଚି ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ତପନ ଜେନା ଓ ଉମେଶ ସାମଲ ପ୍ରମୁଖ ଯୋଗଦେଇ ସଂଗଠନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବହୁ ଗରିବ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ଓ ଅର୍ଥ ପ୍ରଦାନ କରାଯାଇଥିଲା। ସେହିପରି ଜୋନସ୍ତରରେ ବହୁ ଦିନ ହେଲା ଟେଣ୍ଟହାଉସ ବ୍ୟବସାୟ କରିଆସୁଥିବା ପୁରାତନ ସଭ୍ୟ, ଖବରଦାତା ମନୋଜ ପୃଷ୍ଟି, ଚନ୍ଦ୍ରଶେଖର ସାହୁଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ସହ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା । ଦିଲ୍ଲୀପ ପରିଡା, ଶ୍ରୀଧର ସାହୁ, ଶିଶିର ସାହୁ, କିଶୋର ପଣ୍ଡା, ସତ୍ୟାନନ୍ଦ ସାହୁ, ସୁଶାନ୍ତ ଦାସ, ଶରତ ଚନ୍ଦ୍ର ଦାସ, ବିଚିତ୍ର ଦଳାଇ, ରମେଶ ବେହେରା, ଜ୍ୟୋତିଶଙ୍କର ରାୟ, ସୁଶାନ୍ତ ମଲ୍ଲିକ, ଭାଗବତ ପୃଷ୍ଟି ପ୍ରମୁଖ ସଭାକାର୍ଯ୍ୟରେ ସହଯୋଗ କରିଥିଲେ।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

WANTED
MARKETING EXECUTIVE - 3 Nos.
Graduate with 1 Year. Exp. in IT Field with very Good Communication Skills.
CONTACT
SONATECH INFOSOLUTIONS PVT. LTD.
H.B. Colony, C.S. Pur, Bhubaneswar
7381951030 / 7381231122
E-mail: accounts@sonatechindia.in

URGENT REQUIRED
Banking, Back Office, HR/ Admin, Sales / Marketing
Qual: 10+2 / Graduation, MBA
Male / Female
8594906311, 9777466896

ଆବଶ୍ୟକ
ବିଭିନ୍ନ ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଅଭିନୟ କରିବା ପାଇଁ ଅଭିନେତା, ଅଭିନେତ୍ରୀ ଆବଶ୍ୟକ।
ଯୋଗାଯୋଗ: 7991067010

AEEXA
MARKETING EXECUTIVE (M/F): 15 Nos.
OFFICIAL JOB (M/F): 10 Nos.
Contact:
7978931819, 7008479200
Mail Id: hr.amrit@aeexa.com

SALES EXECUTIVE REQUIRED
For AES INDUSTRIAL Pvt. Ltd. BBSR
Preferably B.Sc., Diploma, ITI having work experience in Industrial Sales & Field Marketing, for BBSR & Angul.
Send Resume to
info@aesindustrial.in
Contact M:
9438112545/9437679795

WANTED AUTOCAD STAFF
For Architectural/ Structural Consultancy Office.
Diploma Civil/Draftsman Civil/ Architecture Diploma Holders can apply.
9777247762

COOK, HELPER, WAITER Post Vacant at Hotel CHANCELLER.
CONTACT
8895444888
7077707278

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ବ୍ଲକ/ଜିଲ୍ଲାସ୍ତରୀୟ ନିଯୁକ୍ତି
ନିଜ ନିଜ ଅଞ୍ଚଳରେ Official Jobରେ କାମ କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary upto 22,000/-. Age (18-34) years, ରହିବାର ସୁବିଧା ଅଛି।
Contact: 9668051710

REQUIRED
MARKETING MANAGER: 2
MARKETING EXECUTIVE: 2
Two Wheeler must.
Fixed Salary + TA + DA + Fuel Allowance Daily.
Contact: 9040076999
jena2421@gmail.com

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
09319469228

DIRECT JOINING
CALL CENTER
DATA ENTRY
TELE CALLER
DELIVERY EXE
BACK OFFICE
AUTOCAD
Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9937529015, 9853844830

REQUIRED
ACCOUNTANT for BBSR Branch
Min. 2 Yrs Exp. in Tally
WEST COAST DIESEL LLP.
HIG-II/34, BDA Colony, Kapilaprasad, BBSR-751002
Contact: 9337003316
Email: odisha@wcdllp.com

APPOINTMENT
'Z' FINANCE Requires
1. COMPUTER ASSISTANTS-2 Nos.
2. MARKETING MANAGER- 15 Nos.
3. PEON- 2 Nos.
4. FINANCE MANAGER- 5 Nos.
Plot No: N-1/39, IRC Village.
Ph. No: 8480697808, 9078445982
Dt. Timing: 11 A.M.- 2 P.M.

ଡ୍ରାଇଭର ଆବଶ୍ୟକ
ଘରୋଇ ଗାଡି ଚଳାଇବା ପାଇଁ ଏବଂ ଢେଙ୍କାନାଳ, ଅନୁଗୁଳ, ଗଞ୍ଜାମ ଜିଲ୍ଲାର ଲୋକ ହୋଇଥିବା। ରହିବା ବ୍ୟବସ୍ଥା ଅଛି।
7750899392

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରରେ Car ଏବଂ 407 ଗାଡ଼ି ଚଳାଇବା ପାଇଁ 4 ଜଣ ଡ୍ରାଇଭର ଆବଶ୍ୟକ।
Mobile: 7381203300

ଧରିତ୍ରୀ DHARITRI is looking for
LAYOUT DESIGNERS
• Minimum 3 years+ experience in news dailies.
• Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 10 days to:
recruitment@dharitri.com
Pay & perks will be the best in the industry for deserving candidates.

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍,
ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
(Part Time / Full Time)
Contact: 9938676412

REQUIREMENT
A smart Sales Girl (Fluent in English, Hindi & Odia, minimum qualification +2 with Computer knowledge) for a Boutique. Handsome Salary.
Contact- N2/180, IRC Village, Nayapalli, Bhubaneswar.
Mobile: 9438185270

REQUIRED
Experienced Beautician for Ladies Beauty SPA & Staff for Garment Showroom (Ladies & Gents), Chandrasekharpur, Bhubaneswar.
Ph: 9861610222, 7008679211

A leading mattress & foam manufacturing company requires for Odisha
Marketing Executive
6 Posts
Salary (10 - 20K)
Contact:
8269927225, 7747016509

See Career Appointment on every Wednesday & Saturday

WANTED
For a Hotel division handling Hotels & Luxury Apartments
• Stewards
• Electrician
• Housekeeping Boys
Candidates with Hotel experience will be an added advantage.
Ph: 080 - 41487000/9000
99457 11116 / 98446 60100

WANTED PROJECT MANAGER
APPAREL TRAINING CENTRE
We are a leading garment manufacturer & exporters in Tamilnadu. We need an experienced candidate for multiple location in Orissa (Bhubaneswar, Rayagada /Gajapati, Ganjam, Kandhamal(Phulbani), Malkangiri, Mayurbhanj, Balangir, Sundergarh) to handle training centre with capacity of 70-100 Sewing machines & good knowledge on implementing Government schemes like DDU-GKY,PMKVY, ISDS.
The candidate should be responsible for sourcing, train the candidates, documentation & Liaison with local government bodies.
Salary will not be a constraint for the right candidate.
Interested candidates can share their resume to
hrudt@victus.in& viji.victus@gmail.com

Brunel ମାଗଣା ନିଯୁକ୍ତି
ତୁନ୍ଦଲା (ଉତ୍ତରପ୍ରଦେଶ)ରେ ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍ ରେଲ୍‌ୱେ ପ୍ରୋଜେକ୍ଟ ପାଇଁ ଆମେ କର୍ମଚାରୀ ଆବଶ୍ୟକ କରୁଛୁ
ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍‌ରେ ଅଭିଜ୍ଞତା ବାଧ୍ୟତାମୂଳକ
▶ଫିଟର୍ ▶ଆସିଷ୍ଟାଣ୍ଟ ଫିଟର୍
▶ଆର୍‌ଆର୍‌ଭି ଅପରେଟର୍ସ ▶ଲୋକୋ ଅପରେଟର୍ସ
ଉପରୋକ୍ତ ସମସ୍ତ ବର୍ଗ ପାଇଁ ସର୍ବନିମ୍ନ 5 ବର୍ଷର ଅଭିଜ୍ଞତା ଆବଶ୍ୟକ
ଆଗ୍ରହୀ ପ୍ରାର୍ଥୀମାନେ 7021507193 / 7400402754 ରେ କଲ୍ କରିବା ଏବଂ ସାକ୍ଷାତ୍‌କାର ସ୍ଥାନକୁ ମୂଳ ଆଧାର କାର୍ଡ, ପ୍ୟାନ୍ କାର୍ଡ ଏବଂ ବ୍ୟାଙ୍କ ପାସ୍ ବୁକ୍ ସାଙ୍ଗରେ ଆଣିବା ଆବଶ୍ୟକ

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଅନ୍ତରରେ ଯଦି ସଦ୍‌ଗୁଣ ନ ଥିବ, ତୁମ ବାହାରର ବ୍ୟବହାର କେବେହେଲେ ଅନ୍ୟମାନଙ୍କୁ ଆନନ୍ଦ ଦେଇପାରିବ ନାହିଁ।
-ଜନ୍ ଟିଲୋଟ୍‌ସନ



## ସଂକ୍ଷେପରେ

### କଲମ କିଣିବାକୁ ଆସି ଚୋରି



**ନୟାଗଡ଼ ଅଫିସ,୪।୯:** ଚଳିତ ମାସ ୧ ତାରିଖରେ ଜଣେ ଯୁବକ ଏକ ବହି ଗୋଦାମରୁ କଲମ କିଣିବାକୁ ଆସି ଚୋରି କରିଥିବା ବେଳେ ଏ ନେଇ ଦୋକାନୀ ଜାଣିପାରି ନ ଥିଲେ। ପରେ ଏହା ସିସିଟିଭିରେ ଉତ୍ତୋଳନ ହୋଇଥିବା ଦୃଶ୍ୟରୁ ଜଣାପଡିଛି। ଏ ନେଇ ଦୋକାନୀ ବିଚଳିତ ହେବା ସହ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ସହରର ରାଜାବଗିଚାଠାରେ ମା' ମହାଲକ୍ଷ୍ମୀ ଏଜେନ୍ସି ନାମରେ ଏକ ବହି ଗୋଦାମ ଅଛି। ୧ ତାରିଖ ମଧାହ୍ନ ୧୨ଟାରେ ଜଣେ ଯୁବକ ଉକ୍ତ ଗୋଦାମରୁ କିଛି କଲମ ନେବା ପାଇଁ ଆସିଥିଲେ। ୫୦୦ ଟଙ୍କାର କଲମ କିଣି ତାଙ୍କ ସାଙ୍ଗରେ ଆସିଥିବା ବ୍ୟକ୍ତିଙ୍କୁ କଲମ ଆଣିବାକୁ କହି ନିଜେ ପରିସ୍ରା କରିବା ବାହାନାରେ ବାହାରକୁ ଯାଇଥିଲେ। କିଛି ସମୟ ପରେ ଦୋକାନୀ ଅନ୍ୟମନସ୍କ ଥିବା ଦେଖି ସମ୍ପୃକ୍ତ ଯୁବକ ଜଣଙ୍କ ନିଜ କଲମ ପ୍ୟାକେଟ ନେବା ସହ ଆଉ ଦୁଇଟି କଲମ ପେଟିକୁ ନେଇ ଯାଇଥିଲେ। ଉକ୍ତ ଦିନ ଦୋକାନୀ ଜଣଙ୍କ ଏ ନେଇ କିଛି ଜାଣି ପାରି ନ ଥିଲେ। ପର ଦିନ ସିସିଟିଭି କ୍ୟାମେରା ଦେଖିବା ପରେ ଏହା ସ୍ପଷ୍ଟ ଜଣାପଡ଼ିଥିଲା। ତେଣୁ ଦୋକାନୀମାନେ ଏହିଭଳି ଯୁବକଙ୍କଠାରୁ ସତର୍କ ରହିବା ପାଇଁ ସେ ଅନୁରୋଧ କରିଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଖଣ୍ଡପଡ଼ାରେ ଦୁର୍ନୀତି ନିବାରଣ ସଂଘ ଗଠିତ

**ଖଣ୍ଡପଡ଼,୪।୯(ସ୍ୱ.ପ୍ର.):** ଖଣ୍ଡପଡା ସହରର ବରିଷ୍ଠ ନାଗରିକ, ସମାଜସେବା କ୍ଷେତ୍ରରେ ନିୟୋଜିତ ଯୁବକ ଓ ସଂଗଠକମାନଙ୍କୁ ନେଇ ନୂତନ କରି ଦୁର୍ନୀତି ନିବାରଣ ସଂଘ ଗଠିତ ହୋଇଛି। ବିଭିନ୍ନସ୍ତରରେ ହେଉଥିବା ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରାଯିବା ସହ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ କାର୍ଯ୍ୟକଳାପ ଲୋକଲୋଚନକୁ ଆଣିବା ପାଇଁ ସଂଘ ସଦସ୍ୟମାନେ ସ୍ଥାନୀୟ ମା' ପାଟଚଣ୍ଡୀ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନେଇଥିଲେ। କାଉନସିଲର ମିହିର କୁମାର ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବରିଷ୍ଠ ନାଗରିକ ଲଡୁକିଶୋର ପାଣି ପୌରୋହିତ୍ୟ କରିଥିଲେ। ଦୁର୍ନୀତି ନିବାରଣ ସଂଘ ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ନୀତିଗତ ନିଷ୍ପତ୍ତି ନିଆଯାଇଥିଲା। ନବଗଠିତ ସଂଘର ସଭାପତି ଭାବେ ପର୍ଶୁରାମ ପାଢୀ, ସମ୍ପାଦକ ତ୍ରିବିକ୍ରମ ସିଂହସାମନ୍ତ, କୋଷାଧକ୍ଷ ବସନ୍ତ କୁମାର ସାହୁ ଓ କାର୍ଯ୍ୟକାରୀ ସଭ୍ୟ ଭାବେ ବଶିଷ୍ଟ ମିଶ୍ର, ମନୋଜ କୁମାର ଚୌଧୁରୀଙ୍କୁ ଚୟନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଛି।

# ପୁଅକୁ କିଡ୍‌ନୀ ରୋଗ, ବାପାଙ୍କୁ ଫାଇଲେରିଆ

**ନୟାଗଡ଼ ଅଫିସ,୪।୯**

ସାଧାରଣ ଲୋକଙ୍କ ପାଇଁ ସରକାରଙ୍କ ବହୁ ଯୋଜନା ରହିଛି। ନିକଟରେ କେହି ଯେମିତି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହେବେ ସେଥିପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମଧ୍ୟ ଆରମ୍ଭ କରାଯାଇଛି। ହେଲେ ଏସବୁ କିନ୍ତୁ ବାସ୍ତବତାଠାରୁ ଯେ ବହୁ ଦୂରରେ ତାହା ନୟାଗଡ଼ ଜିଲାରେ ଦେଖିବାକୁ ମିଳିଛି।

ଜିଲା ମୁଖ୍ୟାଳୟଠାରୁ ମାତ୍ର ୫ କିଲୋମିଟର ଦୂରରେ ଥିବା ଜେମାଦେଈପୁର ପାଟଣା ପଞ୍ଚାୟତ ନରସିଂହପ୍ରସାଦ ଗ୍ରାମର କୁନି ନାଏକଙ୍କ ପରିବାର ଏହାର ଏକ ଉଦାହରଣ। ଦଳିତ ଶ୍ରେଣୀର ଏହି ପରିବାର ସରକାରଙ୍କ ରାଶନ କାର୍ଡ ବ୍ୟତୀତ ଅନ୍ୟ ସମସ୍ତ ଯୋଜନାରୁ ବଞ୍ଚିତ। କୁନିଙ୍କ ପରିବାର କହିଲେ ସ୍ୱାମୀ, ଦୁଇ ପୁଅ ଓ ଦୁଇ ଝିଅ। ବଡ଼ ଝିଅ ସୁମିତ୍ରା ବାହାହୋଇ ସାରିଥିବା ବେଳେ ସାନ ଝିଅ ପ୍ରତିମା ପାଠପଢ଼ାରେ ଡୋରି ବାନ୍ଧି ଘରେ ବସିଛନ୍ତି। ବଡ଼ ପୁଅ ବାବୁଲି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କର ଦୁଇଟି କିଡ୍‌ନୀ ନଷ୍ଟ ହୋଇଗଲାଣି। ସ୍ୱାମୀ ଦୁର୍ଯ୍ୟୋଧନ ଫାଇଲେରିଆରେ ଆକ୍ରାନ୍ତ । ଫଳରେ ସାନ ପୁଅ କାବୁଲି ପାଠପଢ଼ା ଛାଡ଼ି ଔଷଧ ପାଇଁ ମୂଲ ଲାଗିବାକୁ ଯାଉଛନ୍ତି। ଘରେ ଚୁଲି ଜାଳିବା ପାଇଁ କୁନିଙ୍କ ପରିବାରକୁ ବହୁ କଷ୍ଟ କରିବାକୁ ପଡ଼େ ।



ନିଜ ଘର ଆଗରେ ପୁଅ ବାବୁଲି ଓ ସ୍ୱାମୀ ଦୁର୍ଯ୍ୟୋଧନଙ୍କ ସହ କୁନି।

ଦୁର୍ଯ୍ୟୋଧନ ଫାଇଲେରିଆ ଗୋଡ଼ରେ ଘୁଷୁରି ଘୁଷୁରି ଯାଇ ଜରି ଗୋଟାଇ ଆଣି ତାହାକୁ ବିକ୍ରି କଲେ ଘରେ ଚୁଲି ଜଳୁଛି ।

ପୂର୍ବରୁ ଠିକ୍‌ଠାକ୍ ଚାଲିଥିଲା ସେମାନଙ୍କ ସଂସାର। ପୁଅ ବାବୁଲି ମୂଲ ଲାଗିବା ସହିତ ଦୁର୍ଯ୍ୟୋଧନ ଟ୍ରଲି ଚଳାଇ ଯାହା ରୋଜଗାର କରୁଥିଲେ, ସେଥିରେ ଦୁଃଖେସୁଖେ ଚଳି ଯାଉଥିଲେ। ହେଲେ ୨ ବର୍ଷ ତଳେ ସେମାନଙ୍କ ପରିବାର ଉପରେ ସତେଯେମିତି ବଜ୍ର ପଡିଲା। ପ୍ରଥମେ ବାବୁଲିଙ୍କୁ ଜ୍ୱର ହେଲା। ଦୀର୍ଘଦିନ ଧରି ଜ୍ୱର ନ ଛାଡ଼ିବାରୁ ବିଭିନ୍ନ ଆଡ଼େ ପରୀକ୍ଷା କରି ଦେଖାଇବା ପରେ ଦୁଇଟି କିଡ୍‌ନୀରେ ପଥର ଥିବା ଜାଣିବାକୁ ପାଇଥିଲେ। ଏହା ପରେ ଯାହା କିଛି ଥିଲା ତାହାକୁ ବିକ୍ରି କରି ପୁଅର ଚିକିତ୍ସା କରାଇଥିଲେ। ହେଲେ ଟଙ୍କା ଅଭାବରୁ ଆଉ ଅଧିକ ଚିକିତ୍ସା କରାଇ ନ ପାରିବାରୁ ବାବୁଲି ବର୍ତ୍ତମାନ ଘରେ ପଡ଼ି ରହିଛନ୍ତି । ଦୁଇଟି କିଡ୍‌ନୀ ନଷ୍ଟ ହୋଇଯାଇଥିବାରୁ ବାବୁଲି କୌଣସି କାମଧନ୍ଦା କରି ନ ପାରି ଶୋଇ ରହୁଛନ୍ତି। ଏତିକିରେ ସରି ନାହିଁ କୁନିଙ୍କ ଦୁଃଖ। ଏହି ସମୟରେ ସ୍ୱାମୀ ଦୁର୍ଯ୍ୟୋଧନଙ୍କ ମଧ୍ୟ ଗୋଡ ଧୀରେ ଧୀରେ ଫୁଲିବାକୁ ଲାଗିଲା। ଡାକ୍ତରଙ୍କୁ ଦେଖାଇବାରୁ ଫାଇଲେରିଆ ବୋଲି ଜଣାପଡିଲା। ବେଡି ଉପରେ କୋରଡା ମାଡ ପରି ତାଙ୍କ ପରିବାର ଉପରେ ଦୁଃଖ କଷ୍ଟ ଓଜାଡି ହୋଇ ପଡିଲା।

- କାହା ପାଇଁ ସରକାରଙ୍କ ଯୋଜନା
- ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା
- ଜରି ଗୋଟାଇ ଆଣିଲେ ଜଳେ ଚୁଲି

ଆଉ ଟ୍ରଲି ଚଳାଇ ପାରୁନାହାନ୍ତି ଦୁର୍ଯ୍ୟୋଧନ। ସେହିପରି ସେମାନଙ୍କର ନିଜର ଜମିବାଡ଼ି କିଛି ନ ଥିବା ବେଳେ ନରସିଂହପ୍ରସାଦ ଗ୍ରାମର ପାହାଡ଼ ତଳେ ଏକ ମାଟି ଘରେ ରହୁଛନ୍ତି। ନିଜର ଜମି ପଟ୍ଟା ନ ଥିବାରୁ ପକ୍କା ଘର ଯୋଜନାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି କୁନିଙ୍କ ପରିବାର। ଯେତେ ଯାହାକୁ କହିଲେ ମଧ୍ୟ କେହି ତାଙ୍କ ଦୁଃଖଦୁର୍ଦ୍ଦଶା ବୁଝିଲେ ନାହିଁ । ତେଣୁ ଶୁଣିବ କିଏ କାହା ପାଖରେ ଗୁହାରି କରିବେ ଏହି ଚିନ୍ତାରେ ଥିଲେ କୁନି। ତେବେ କେତେକ ଲୋକ କହିବା ପରେ ସୋମବାର କୁନିଙ୍କ ପରିବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରିକୁ ଦୁଃଖ ଜଣାଇବାକୁ ଆସିଥିଲେ। ସେଠାରେ ତାଙ୍କୁ ଆଶ୍ୱାସନା ଛଡ଼ା ଆଉ କିଛି ମିଳିଲା ନାହିଁ। ସରକାର ତାଙ୍କର ଚିକିତ୍ସା କରାଇବା ସହିତ ତାଙ୍କର ଏକ ପକ୍କାଘର ପାଇଁ ବାବୁଲି ଅନୁରୋଧ କରିଛନ୍ତି। ଜିଲା ପ୍ରଶାସନ ଏହି ପରିବାରକୁ ସହାୟ ହେବା ପାଇଁ ସାଧାରଣରେ ଦାବି ହେଉଛି।

# ଯୁକ୍ତ ୨ ଛାତ୍ରଙ୍କ ପତ୍ତା ମିଳୁନି

## ହଷ୍ଟେଲରୁ ମିଳିଲା ହାତଲେଖା ଚିଠି

**ନୟାଗଡ଼ ଅଫିସ,୪।୯**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟରେ ଥିବା ଏକ ଘରୋଇ ଟ୍ୟୁଟୋରିଆଲ୍ ହଷ୍ଟେଲରୁ ଜଣେ ଛାତ୍ର ନିଖୋଜ ହୋଇଛନ୍ତି। ଛାତ୍ର ଜଣଙ୍କ ଘର ଇଟାମାଟି ଥାନା ଅଞ୍ଚଳରେ ।

ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ଛାତ୍ର ଜଣକ ନୟାଗଡ଼ର ଏକ ଘରୋଇ ଟ୍ୟୁଟୋରିଆଲ୍‌ରେ ଯୁକ୍ତ ୨ ବିଜ୍ଞାନ ପଢୁଥିଲେ। ପୂର୍ବରୁ ଘରକୁ ଯିବା ଆସିବା କରୁଥିଲା ବେଳେ ୪ ମାସ ହେଲାଣି ସେ ହଷ୍ଟେଲରେ ରହୁଥିଲେ। ସୋମବାର ତାଙ୍କ ବାପା ପୁଅକୁ ଦେଖା କରିବାକୁ ଆସିଥିବା ସମୟରେ ପୁଅ ନ ଥିବା ଜାଣିବାକୁ ପାଇଥିଲେ। ହଷ୍ଟେଲ ଇନ୍‌ଚାର୍ଜଙ୍କୁ ପଚାରିବାରୁ ତୁମ ପୁଅ ରବିବାର ସକାଳେ ପେଟ କାଟୁଛି ଘରକୁ ଯିବ ବୋଲି କହି ଯାଇଥିବା କହିଥିଲେ। ତେବେ ଛାତ୍ରଙ୍କ ବାପା ଏହାକୁ ଗ୍ରହଣ କରୁନାହାନ୍ତି। ତାଙ୍କ କହିବାନୁସାରେ ହଷ୍ଟେଲ ଇନ୍‌ଚାର୍ଜରେ ରହୁଥିବା ଶିକ୍ଷକ ଜଣଙ୍କ ଯେତେବେଳେ ପୁଅ ଘରକୁ ଯାଏ, ସେହି ସମୟରେ ଫୋନ୍ କରନ୍ତି। କିନ୍ତୁ ରବିବାର କାହିଁକି ଫୋନ୍ କଲେ ନାହିଁ ତାହାକୁ ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି। ତେଣୁ ଏ ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୨୮/୧୮ରେ ଏକ ମାମଲା ରୁଜୁ କରିଛି। ପୋଲିସ ତଦନ୍ତ ବେଳେ ହଷ୍ଟେଲରେ ଛାତ୍ରଙ୍କ ଟ୍ରଙ୍କ୍‌ରୁ ଏକ ଚିଠି ଉଦ୍ଧାର କରିଛି। ତାହା ତାଙ୍କ ହାତଲେଖା ବୋଲି କୁହାଯାଉଛି। ଯେଉଁଥିରେ ତାଙ୍କୁ ହଷ୍ଟେଲ ଭଲ ଲାଗୁ ନ ଥିବା ଓ ସେ ରାତିରେ ବିଭିନ୍ନ ସ୍ୱପ୍ନ ଦେଖି ଭୟଭୀତ ହେଉଥିବା ଲେଖାଯାଇଛି। ତେଣୁ ସେ ହଷ୍ଟେଲ ଛାଡ଼ି ପଳାଇ ଯାଉଛନ୍ତି ଓ ତାଙ୍କୁ ଖୋଜାଖୋଜି ନ କରିବାକୁ ଚିଠିରେ ଲେଖାଯାଇଛି। ଏ ନେଇ ଟାଉନ ଥାନା ଅଧିକାରୀ ରଶ୍ମୀରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ସେ କୁହନ୍ତି ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଚାଲୁରହିଛି।

### ୪ ଦଫା ଦାବିରେ ଆମରଣ ଅନଶନ

# ପ୍ରତିଶ୍ରୁତି ପରେ ହଟିଲା ଅନଶନ



ସୀମାଞ୍ଚଳ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଛନ୍ତି।

**ନୟାଗଡ଼ ଅଫିସ,୪।୯**

ସାହିର ରାସ୍ତାକୁ ପକ୍କା କରିବା, ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା, ସରକାରୀ ନଳକୂପ ବସାଇବା ଓ ସାହିରେ ସୋଲାର ଲାଇଟ୍ ଲଗାଇବା ଆଦି ୪ ଦଫା ଦାବିରେ ଜଣେ ବ୍ୟକ୍ତି ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଥିଲେ। ସେ ହେଲେ ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ କଇଥଗାଡ଼ିଆ ଦେବନଗର ୱାର୍ଡ଼ ବାସିନ୍ଦା ସୀମାଞ୍ଚଳ ତ୍ରିପାଠୀ । ସୀମାଞ୍ଚଳଙ୍କ ଅଭିଯୋଗ ଅନୁସାରେ ତାଙ୍କ ୱାର୍ଡ଼ରେ ୫୧ ଜଣ ଲୋକ ରହୁଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ମୌଳିକ ବ୍ୟବସ୍ଥା ନାହିଁ, ଫଳରେ ସାହିବାସୀ ବିଭିନ୍ନ ସମୟରେ ହଇରାଣ ହେଉଛନ୍ତି। ବିଭିନ୍ନ ସମୟରେ ଅନେକ ସ୍ଥାନରେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ପ୍ରତିକାର ହେଲା ନାହିଁ। ତେଣୁ ବାଧ୍ୟ ହୋଇ ମଙ୍ଗଳବାର ସେ ଆମରଣ ଅନଶନରେ ବସିଥିବା କହିଥିଲେ। ଅପରାହ୍ଣ ୨ଟାରେ ଖୁଣ୍ଟୁବନ୍ଧ ସରପଞ୍ଚ ଓ ନୟାଗଡ଼ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ୧୫ ଦିନରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସୀମାଞ୍ଚଳଙ୍କ ଅନଶନ ପ୍ରତ୍ୟାହୃତ ହୋଇଥିଲା।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ୍ର ଗୁରୁତର

# କଲେଜ ଗେଟ୍‌ରେ ତାଲା ପକାଇ ରାସ୍ତାରୋକୋ

**ରଣପୁର,୪।୯ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅଧୀନରେ ଥିବା ରାଜସୁନାଖଳା କଲେଜରେ ମଙ୍ଗଳବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ କଲେଜ ଛାତ୍ର ଗୁରୁତର ହୋଇଥିଲେ। ସେ ହେଲେ ଯୁକ୍ତ ୨ ପ୍ରଥମବର୍ଷ କଳା ଛାତ୍ର ସୂର୍ଯ୍ୟକାନ୍ତ ପଲାଇ। ଦୁର୍ଘଟଣା ପରେ ସହପାଠୀମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ ଆହତ ଛାତ୍ରଙ୍କ ଚିକିତ୍ସା ପାଇଁ କୌଣସି ସୁବିଧା କରାଯାଇ ନ ଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଛାତ୍ରୀଛାତ୍ର କଲେଜ ମୁଖ୍ୟ ଗେଟରେ ତାଲା ପକାଇ ରାସ୍ତାରୋକୋ କରିଥିଲେ। ଏହାକୁ



ଛାତ୍ରମାନେ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଛନ୍ତି।

ନେଇ କଲେଜରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ରାଜସୁନାଖଳା ନିକଟ ବିନୋଦପଡାଠାରେ ରହିଛି ରାଜସୁନାଖଳା ମହାବିଦ୍ୟାଳୟ। କଲେଜଠାରୁ ମାତ୍ର ୨୫ ହାତ ଦୂରରେ ବିଦ୍ୟୁତ୍ ବିଭାଗର ସେସୁ କାର୍ଯ୍ୟାଳୟ ଓ ଷ୍ଟ୍ରକ୍ଚର ରହିଛି। ଦୀର୍ଘମାସ ଧରି କଲେଜକୁ ୧୧ କେଭି ଖୁଣ୍ଟରୁ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ବି ତାର ଖୁଣ୍ଟରେ ନ ଯାଇ ପଡିଆରେ ପଡିରହିଛି । ମଙ୍ଗଳବାର ପୂର୍ବାହ୍ଣ ୧୦.୩୦ରେ ଛାତ୍ର ଡିହଗାଁର ସୂର୍ଯ୍ୟକାନ୍ତ ପଲାଇ ଉକ୍ତ ତାରକୁ ହାତରେ ଟେକି ଧରିବାକୁ ଚେଷ୍ଟା କରିବାରୁ ବିଦ୍ୟୁତ୍ ଆଘାତ ପାଇ ଗୁରୁତର ହୋଇଥିଲେ। ଏହା ଦେଖି କଲେଜ ଛାତ୍ରୀଛାତ୍ର ସେଠାରେ ପହଞ୍ଚି ତୁରନ୍ତ ସୂର୍ଯ୍ୟକାନ୍ତଙ୍କୁ ଡାକ୍ତରଖାନା ନେବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ କହିଥିଲେ। ହେଲେ ଏହାକୁ ଗୁରୁତ୍ୱ ନ ଦେବାରୁ ସହପାଠୀମାନେ ବାଇକ୍ ଯୋଗେ ତାଙ୍କୁ ସୁନାଖଳା ସରକାରୀ ଡାକ୍ତରଖାନାକୁ ନେଇଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ହୀନତା ଯୋଗୁ ଏଭଳି ଘଟଣା ଘଟିଲା ବୋଲି ଅଭିଯୋଗ କରି ପିଲାମାନେ କଲେଜ ମୁଖ୍ୟ ଗେଟରେ ତାଲା ପକାଇ ଜାତୀୟ ରାଜପଥର ବିନୋଦପଡାଠାରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଯାନବାହନ ଅଟକିରହି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ଖବର ପାଇ ସୁନାଖଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ କଲେଜ ଗେଟରୁ ତାଲା ଖୋଲାଯାଇଥିଲା । ଦୀର୍ଘଦିନ ହେଲା କଲେଜକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ମଧ ୧୧କେଭି ତାର କାହିଁକି ଖୁଣ୍ଟରେ ଲଗାଯାଇ ନ ଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




**ଶ୍ରୀ ବଦ୍ରିନାରାୟଣ ପାତ୍ର**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ, ଓଡ଼ିଶା

**ବାର୍ତ୍ତା**

ପବିତ୍ର ଗୁରୁଦିବସ-୨୦୧୮ ପାଳନ ଅବସରରେ ରାଜ୍ୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଶିକ୍ଷକମାନେ ସମାଜର ମାର୍ଗଦର୍ଶକ। ଉତ୍ତମ ନୈତିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ କରି ସେମାନେ ସମର୍ପିତ ନାଗରିକ ସୃଷ୍ଟି କରିଥାନ୍ତି। ସରକାରଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀମାନେ ଶିକ୍ଷା ଅଧିକାର ଆଇନର ସଠିକ୍ ରୂପାୟନ ଓ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ କଲେ ରାଜ୍ୟର ଶୈକ୍ଷିକ ପରିମଣ୍ଡଳ ଅଧିକ ସମୃଦ୍ଧ ହୋଇପାରିବ।

ଆସନ୍ତୁ ଗୁରୁ-ଶିଷ୍ୟ ପରମ୍ପରାର ଏହି ମହାନ୍ ଦିବସ ପାଳନ ଅବସରରେ ଆମ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ସହିତ ଶିକ୍ଷାୟତନଗୁଡ଼ିକୁ ଜ୍ଞାନକେନ୍ଦ୍ର ଭାବେ ଗଢ଼ି ତୋଳିବାର ସଂକଳ୍ପ ନେବା।

ବଦ୍ରି ନାରାୟଣ ପାତ୍ର
(ବଦ୍ରିନାରାୟଣ ପାତ୍ର)
୦୪.୯.୧୮



**ଗୁରୁଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା**

ଗୁରୁଦିବସ-୨୦୧୮ ଅବସରରେ ରାଜ୍ୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି।

ଶିକ୍ଷା ହିଁ ପ୍ରଗତିର ଚାବିକାଠି ଓ ପରିବର୍ତ୍ତନର ମାଧ୍ୟମ। ତେଣୁ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମରେ ମୁଁ ଆପଣମାନଙ୍କ ସମସ୍ତଙ୍କ ସହଯୋଗ କାମନା କରୁଛି।

ନବୀନ ପଟ୍ଟନାୟକ
( ନବୀନ ପଟ୍ଟନାୟକ )



**ପୂର୍ବ ତଟ ରେଳପଥ**

**ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଇ-କ୍ରୟ ପ୍ରଣାଳୀ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCEECoR1819TP06-08 ତା.31.08.2018ରିଖ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ/ଇଂଜିନିୟରିଙ୍ଗ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଦ୍ୱାରା ବିଭିନ୍ନ ପ୍ରକାରର ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ଟେଣ୍ଡର-ସାମଗ୍ରୀ ଏବଂ ସର୍ଭିସ୍ ପୋର୍ଟାଲ ଅଧୀନସ୍ଥ ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ମାଧ୍ୟମରେ ଇ-ବିଡ୍ ଆମନ୍ତ୍ରଣ କରାଯାଉଛି, ଯାହାର ବନ୍ଦ ହେବାର ନିର୍ଦ୍ଧାରିତ ତାରିଖ : ତା.26.09.2018 ରିଖ ଅଟେ। ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଉପରୋକ୍ତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ, ଯେଉଁଥିରେ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ସଂପୂର୍ଣ୍ଣ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ। ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ।

PR-338/J/18-19 | ଉପ ମୁଖ୍ୟ ଯନ୍ତ୍ରୀ/TP, ଭୁବନେଶ୍ୱର













**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି ।

ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ଆକାଉଣ୍ଟ ନଂ. | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ସ୍ୱାଇଁ, ପିତା : ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ଛକ, ଆର.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ - ୭୫୩୦୦୮ / ଆକାଉଣ୍ଟ ନଂ. ୩୦୦୧୭୨୯୯୩୩୮ | ଜାମିନ୍‌ଦାର : ଶ୍ରୀମତୀ ରୀତା ବିଶାଳ, ସ୍ୱାମୀ : ୪ ଗୌର କୃଷ୍ଣ ବିଶାଳ, ଶିବଶ୍ରୀ ହାଉସ୍, ମହାନ୍ତି ପଡା, କାଫଲା, ଚାନ୍ଦିନୀ ଚୌକ, କଟକ - ୭୫୩୦୦୨ / ସମ୍ପତ୍ତିର ମାଲିକ: ଶ୍ରୀ ଅରୁଣ କୁମାର ସ୍ୱାଇଁ | ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: କଟକ ଟାଉନ୍, ଦକ୍ଷିଣ ତୁଳସୀପୁର, ୟୁନିଟ୍ ନଂ.-୮, ତହସିଲ୍ : କଟକ ସଦର, ଥାନା : ବିଡାନାସୀ, ଜିଲ୍ଲା : କଟକ, ଖାତା ନଂ.: ୧୫, ପରିବର୍ତ୍ତିତ ମିୟୁଟେଟେଡ୍ ଖାତା ନଂ.: ୧୭/୮୦, ପ୍ଲଟ ନଂ.: ୩୫୭(ଅଂଶ), ପରିବର୍ତ୍ତିତ ମିୟୁଟେଟେଡ୍ ପ୍ଲଟ ନଂ.: ୩୫୭/୧୪୪୯, କ୍ଷେତ୍ର : ଏକର୦.୦୮୦ଡିସିମିଲି ମଧ୍ୟରୁ ଏକର ୦.୦୫୬ଡିସିମିଲି, କିସମ : ଘରବାଡି, ଚୌହଦୀ : ପୂର୍ବ : ୧୬ଫୁଟ ସମସ୍ତଙ୍କ ରାସ୍ତା, ପଶ୍ଚିମ : ପ୍ଲଟ ନଂ.: ୩୫୬, ଉତ୍ତର : ଏହି ପ୍ଲଟରୁ ବିକ୍ରି ହୋଇଥିବା ଶ୍ରୀ ଲେଙ୍କାଙ୍କ ଜମିର କିଛି ଅଂଶ, ଦକ୍ଷିଣ : ଏହି ପ୍ଲଟରୁ ବିକ୍ରି ହୋଇଥିବା ଶ୍ରୀମତୀ ଦାସଙ୍କ ଜମିର କିଛି ଅଂଶ | ୧୫.୦୨.୨୦୧୮ | ୦୧.୦୯.୨୦୧୮ | ୧୪.୦୨.୨୦୧୮ ସୁଦ୍ଧା ଟ.୧,୧୨,୭୯,୬୭୦/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ସ୍ଥାନ : କଟକ
ତାରିଖ : ୦୪.୦୯.୨୦୧୮

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ






ଆୟୁର୍ବେଦିକ କ୍ୟାପ୍‌ସୁଲ୍ 'ଷ୍ଟେ-ଅନ୍', ଯେଉଁଥିରେ ଅଛି 12ରୁ ବି ଅଧିକ ପରୀକ୍ଷିତ ଆୟୁର୍ବେଦିକ ଜଡିବୁଟି (ଭିଟାମିନ୍, ମିନେରାଲ୍ ଯୁକ୍ତର) ଅସାଧାରଣ ମିଶ୍ରଣ । ଯାହାଯୋଗୁ ଆପଣ ତନ-ମନରେ ନବଯୌବନ, ରୋଗ ପ୍ରତିରୋଧକ କ୍ଷମତା, ସ୍ଫୁର୍ତ୍ତି, ଉତ୍ସାହ, ଶକ୍ତି ଏବଂ ଉଦ୍ଦୀପନାର ଅନୁଭବ ପାଇବେ।

Available as CAPSULES, ORAL LIQUID, OIL & SPRAY form at Chemists
S/S. Mahendra Pharma

ଷ୍ଟେ-ଅନ୍
Daily Health Supplement



**UTKAL UNIVERSITY OF CULTURE**
**Sanskruti Vihar, Madanpur**
**Bhubaneswar-752054**
Phone: (0674) 2972312, Fax: 2972310
Email; mailboxuuc@gmail.com, Website: uuc.ac.in

No. 2050/UUC  Dt.01.09.2018

CAD-792

**WALK-IN-INTERVIEW FOR ENGAGEMENT OF RESEARCH ASSISTANTS FOR BHANJA CHAIR OF THE UNIVERSITY**

A walk-in-interview for engagement of Research Assistants for Bhanja Chair of the University will be held on 18.09.2018 at 11.00AM on the Old Campus of the University located at Sardar Patel Hall Complex, Unit-II, Bhubaneswar-751009. For details, please visit University website uuc.ac.in (Recruitment).

*By Order of Vice-Chancellor*

***Sd./-***
***REGISTRAR***

03005/11/0016/1819

## ସଂକ୍ଷେପରେ

### କର୍ଦ୍ଦମାକ୍ତ ରାସ୍ତାର ମରାମତି ଦାବି

**ବୋଲଗଡ,୪।୯(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ବଡ଼କୁମାରୀ ଗ୍ରାମର ନୂଆ ରାସ୍ତାଟି ବର୍ଷାଦିନରେ କାଦୁଅ ଓ ଦୂଷିତ ଜଳରେ ପୂରି ଉଠିଛି। ଖାଲୁଆ ସ୍ଥାନରେ ବର୍ଷା ପାଣି ଜମା ହୋଇରହିଥିବାରୁ ରାସ୍ତାରେ ଏବେ ସୃଷ୍ଟି ହୋଇଛି ଅସ୍ୱାସ୍ଥ୍ୟକର ପରିବେଶ। ବର୍ଜ୍ୟବସ୍ତୁ ମିଶ୍ରିତ ଏହି ଦୂଷିତ ଜଳ ଉପରେ ମଶା ବଂଶବୃଦ୍ଧି କରିବା ଫଳରେ ଏଠାରେ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ସାହିଲୋକେ ଏହି ରାସ୍ତାଦେଇ ଯାତାୟାତ ସମୟରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଦୁର୍ଘଟଣା ଓ ରୋଗ ସଂକ୍ରମଣର ଆଶଙ୍କା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି କରିଛି। ତେଣୁ ଏହି ରାସ୍ତାଟିର ଅତି ଶୀଘ୍ର ପୁନଃ ମରାମତି ନିମନ୍ତେ ସାଧାରଣରେ ଦାବି ଜୋର୍ ଧରିଛି। ଏ ସମସ୍ୟା ନେଇ ବୋଲଗଡ଼ ବିଡିଓ ମଧୁସୂଦନ ବେହେରା କହିଥିଲେ କି, ରାସ୍ତାଟିର ପୁନରୁଦ୍ଧାର ନିମନ୍ତେ ଚେଷ୍ଟା କରାଯିବ। ରାସ୍ତାଟିର ପୁନଃନିର୍ମାଣ କରାଯିବାକୁ ପ୍ରସ୍ତାବ ରଖାଯାଇଛି ବୋଲି କହନ୍ତି ବଡ଼କୁମାରୀ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ।

### ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା

**ବୋଲଗଡ,୪।୯(ଡି.ଏନ.ଏ.):** ବୋଲଗଡ଼ ବ୍ଲକସ୍ଥ ଅସରଳା ପଞ୍ଚାୟତର ପୁଆଣିଆ ସ୍ଥିତ ବାଲୁଙ୍କେଶ୍ୱରଦେବଙ୍କ ମନ୍ଦିର ନିକଟରେ ନନ୍ଦୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ମଙ୍ଗଳବାର ଅପରାହ୍ନରେ ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଅସରଳା ଗ୍ରାମର ମା' କ୍ଲବ ,ବିମଳାକ୍ଷୀ କ୍ଲବ, ତାରେଣୀ କ୍ଲବ ଓ ପୁଆଣିଆ ଗ୍ରାମର ରାମଚଣ୍ଡୀ କ୍ଲବର ପିଲାମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିମଳାକ୍ଷୀ କ୍ଲବ ବିଜୟୀ ହୋଇ ୨ହଜାର ଟଙ୍କା ପୁରସ୍କାର ଜିତିଥିଲା। ସୂଚନାଯୋଗ୍ୟ ଯେ, ୨୫ଫୁଟ ଉଚ୍ଚତାରେ ଏକ ବାଉଁଶ ଯୋଗେ ଦହିହାଣ୍ଡି ବନ୍ଧା ହୋଇଥିଲା। ଚାରିଥାକ ଭାବେ ଠିଆହୋଇ ଅତି ଖୁସିରେ ଦହିହାଣ୍ଡି ଭାଙ୍ଗିବାକୁ ପିଲାମାନେ ପ୍ରତିଯୋଗିତାରେ ସାମିଲ୍ ହୋଇଥିଲେ।

# ପ୍ଲାଷ୍ଟିକ୍‌ରେ ପୋତିହେବ ମଙ୍ଗଳା ନଦୀ

**ପୁରୀ ଅଫିସ, ୪।୯**

ମଙ୍ଗଳାନଦୀର ସ୍ଥିତି ଏବେ ସଙ୍କଟରେ। ସହରଯାକର ବର୍ଜ୍ୟଜଳ ମିଶୁଥିବା ବେଳେ ଏହି ନଦୀ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ଆଉ ମଙ୍ଗଳାନଦୀ କଡ଼ରେ ପୁରୀ ସହରର ଆବର୍ଜନା ଜମା କରାଯାଉଛି। ଅନ୍ୟପକ୍ଷରେ ଗତ କିଛି ମାସ ହେଲା ମଙ୍ଗଳାନଦୀ କଡ଼ରେ ପ୍ଲାଷ୍ଟିକ ବୋତଲ ଜମା ହୋଇଥିବା ଦେଖିବାକୁ ମିଳିଛି। ସେଠାରେ ପ୍ଲାଷ୍ଟିକ ବୋତଲର ପାହାଡ଼ ସୃଷ୍ଟି ହୋଇଛି। ମଙ୍ଗଳାନଦୀରେ ପାଣିରେ ବୋତଲଗୁଡିକ ଭାସିଯିବା ସହିତ ସମୁଦ୍ରରେ ମିଶୁଛି।

ଭାର୍ଗବୀ ନଦୀର ଏକ ଶାଖା ନଦୀ ହେଉଛି ମଙ୍ଗଳା। ଏହି ନଦୀ ପୁରୀର ହୋଟେଲ ଷ୍ଟର୍ଲିଂ ନିକଟରେ ସମୁଦ୍ରରେ ମିଶିଛି। ଉକ୍ତ ଅଞ୍ଚଳ ମଙ୍ଗଳା ମୁହାଣ ଭାବେ ପରିଚିତ। ମନୁଷ୍ୟକୃତ



ଆବର୍ଜନା ପ୍ଲାଷ୍ଟିକ୍‌ରେ ପୋତି ହେଲାଣି ମଙ୍ଗଳା ନଦୀ।

ସମସ୍ୟା ଯୋଗୁ ଏହି ନଦୀ ସଙ୍କଟରେ ରହିଛି। ପୁରୀ ସହରର ଆର୍ବଜନା ଜଳ ମଙ୍ଗଳାନଦୀରେ ପଶୁଛି। ସହରର ଅଳିଆ ଆର୍ବଜନା ମଙ୍ଗଳାନଦୀ କଡରେ ଗଦା କରୁଛି ପୌରସଂସ୍ଥା। ମଙ୍ଗଳାନଦୀ ଶଯ୍ୟା ଅବରୋଧ କରି ଜବରଦଖଲ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳାହାଟ ନିକଟରେ ଓଡ଼ିଶା ସ୍ୱେରେଜ ବୋର୍ଡର ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ରହିଛି। ସହରର ବର୍ଜ୍ୟଜଳକୁ ବିଶୋଧିତ କରି ମଙ୍ଗଳାନଦୀ ଦେଇ ସମୁଦ୍ରକୁ ଛଡାଯିବାର ବ୍ୟବସ୍ଥା ହୋଇଛି। କିନ୍ତୁ ଏସ୍‌ଟିପିରେ ବର୍ଜ୍ୟଜଳ ବିଶୋଧନ ଠିକ୍ ଭାବେ ହେଉ ନ ଥିବାରୁ ଅଣ ବିଶୋଧିତ ଜଳ ନଦୀରେ ମିଶୁଥିବା ଅଭିଯୋଗ ହେଉଛି। ସାଧାରଣ ଦିନରେ ମଙ୍ଗଳାନଦୀର ଜଳ କଳା ଦେଖାଯିବା ସହିତ ଫେଣ ବାହାରୁଥିବା ଦେଖିବାକୁ ମିଳିଛି। ଏପରି କି ପ୍ରଦୂଷଣ ଯୋଗୁ ଅଧିକାଂଶ ସମୟରେ ମଙ୍ଗଳାନଦୀରେ ମାଛ ମରି ଭାସୁଥିବାର ନଜିର ରହିଛି। ମଙ୍ଗଳାନଦୀର ଜଳ ବ୍ୟବହାର ଉପଯୋଗୀ ନୁହେଁ ଏବଂ ପ୍ରଦୂଷିତ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ରିପୋର୍ଟ କରିସାରିଛି। ମଙ୍ଗଳାନଦୀର ଜଳ ପ୍ରଦୂଷଣ ଯୋଗୁ ପୁରୀ ସଦର ବ୍ଲକର ୩ଟି ପଞ୍ଚାୟତର ୧୨ଟି ଗ୍ରାମର ଲୋକ ପ୍ରଭାବିତ ହେଉଛନ୍ତି। ଅନ୍ୟପକ୍ଷରେ ପୌରସଂସ୍ଥା ପକ୍ଷରୁ ମଙ୍ଗଳାନଦୀ କଡ଼ରେ ଆବର୍ଜନା ଗଦା କରାଯାଉ ନ ଥିବା କହିଛନ୍ତି ପୌରନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘା ଯାଏ ଦାଗ ଥାଏ**
**ଲୋକ ଯାଏ କଥା ଥାଏ ।**

ଘା'ର କ୍ଷତ ସମୟକ୍ରମେ ଶୁଖିଗଲେ ମଧ୍ୟ ତା'ର ଦାଗ ଶରୀରରେ ରହିଯିବା ଭଳି ଲାଞ୍ଛନା ବା ଅପମାନର ସ୍ମୃତି ମନରୁ ସହଜରେ ଲିଭିପାରି ନ ଥାଏ । ସେହିପରି ମଣିଷ ମରି ହଜି ଗଲେ ମଧ୍ୟ ତା'ର ସୁଗୁଣ ତଥା ସୁକର୍ମ ସଂସାରରେ ତାକୁ ଚିରଜୀବିତ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଘରେ ନାହିଁ ଖଡ଼ା, ବାହାରେ ଆଖଡ଼ା ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆମ୍ବଡ଼ିମା ଦେଖେଇ ହେବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ । ଏପରିକି ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅଯଥା ବାହାଦୁରି ଦେଖେଇ ହେଉଥିବା ଜଣାଯାଇଥାଏ । ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ଏପରି ଆଡମ୍ବର ଶୋଭାପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଏସ୍‌ସିଏସ୍ କଲେଜରେ ଦୁର୍ନୀତି ଅଭିଯୋଗ

# ଆରଡିଙ୍କୁ ଘେରିଲା ଏନ୍‌ଏସ୍‌ୟୁଆଇ

**ପୁରୀ ଅଫିସ, ୪।୯**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟ ଦୁର୍ନୀତିରେ ବୁଡି ରହିଥିବା ଅଭିଯୋଗ କରିଛି ନ୍ୟାଶନାଲ ଷ୍ଟୁଡେଣ୍ଟ ୟୁନିୟନ୍ ଅଫ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)। ବିଭିନ୍ନ ଯୋଜନାରେ କଲେଜର ବିକାଶ ଲାଗି ଆସୁଥିବା ଅର୍ଥ ତୋଷରପାତ କରାଯାଉଛି। ବିଭିନ୍ନ ସମୟରେ କିଣାଯାଉଥିବା ସାମଗ୍ରୀରେ ଲକ୍ଷାଧିକ ଟଙ୍କାର ହେରଫେର କରାଯାଇଛି। ନାକ୍ ଟିମ୍ ଆସିବା ପୂର୍ବରୁ କଲେଜରେ ଖର୍ଚ୍ଚ କରାଯାଇଥିବା ଅର୍ଥରେ ବ୍ୟାପକ ଦୁର୍ନୀତି ହୋଇଥିବା ପ୍ରତିବାଦରେ ମଙ୍ଗଳବାର ଏସସିଏସ କଲେଜ ଗସ୍ତରେ ଆସିଥିବା ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ (ଆରଡି)ଙ୍କୁ ଏନଏସୟୁଆଇର ଶତାଧିକ ଛାତ୍ର କଲେଜ କ୍ୟାମ୍ପସରେ



ଆରଡିଙ୍କୁ ଘେରିଲେ ଶତାଧିକ ଛାତ୍ର।

ଘେରାଉ କରିଥିଲେ। କଲେଜର ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହ ଦୁର୍ନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆରଡିଙ୍କୁ ପ୍ରଦାନ କରିଥିଲେ।

ଏନଏସୟୁଆଇର ପୁରୀ ଜିଲା ଆବାହକ ଆଶୁତୋଷ ମିଶ୍ର କୁହନ୍ତି, କଲେଜରେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଅର୍ଥ ତୋଷରପାତ କରାଯାଇଛି। ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆରଡିଙ୍କୁ ଦିଆଯାଇଛି। ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଆରଡି ଗଙ୍ଗାଧର ନାୟକ କୁହନ୍ତି, ଏନଏସୟୁଆଇ ପୁରୀ ଜିଲା ଶାଖା କଲେଜର ବିଭିନ୍ନ ସମସ୍ୟା ଓ ଅର୍ଥ ତୋଷରପାତ ହୋଇଥିବା ପ୍ରସଙ୍ଗରେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମୋତେ ପ୍ରଦାନ କରିଛି। ଏ ସମ୍ପର୍କରେ ମୁଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବି। ଅଭିଯୋଗ ଉପରେ ତଦନ୍ତ କରାଯିବ। ଦୋଷ ପ୍ରମାଣିତ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଏସ୍‌ସିଏସ୍ କଲେଜ ଦୁର୍ନୀତିର ତଦନ୍ତ କଲେ ଉଚ୍ଚଶିକ୍ଷା ବିଭାଗ ଆରଡି

**ପୁରୀ ଅଫିସ, ୪।୯**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ କରିଛନ୍ତି ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ (ଆରଡି) ଗଙ୍ଗାଧର ନାୟକ। ମଙ୍ଗଳବାର ସେ ଏସ୍‌ସିଏସ ମହାବିଦ୍ୟାଳୟକୁ ଆସି ଚଳିତ ଶିକ୍ଷାବର୍ଷରେ ବିଭିନ୍ନ ପ୍ରସଙ୍ଗରେ ହୋଇଥିବା ଅଭିଯୋଗ ଉପରେ କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ କଲେଜର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ପାଠପଢା ସମ୍ପର୍କରେ କେତେଜଣ ପିଲାଙ୍କ ସହ ଆଲୋଚନା କରିଥିଲେ।

ଚଳିତ ଶିକ୍ଷାବର୍ଷରେ ନାମଲେଖାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ବିଭିନ୍ନ ଛାତ୍ର ସଙ୍ଗଠନ, ଅଭିଭାବକ ଏହାର ତୀବ୍ର ବିରୋଧ କରିବା ସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ନାୟକ ମଙ୍ଗଳବାର ଏହି ପ୍ରସଙ୍ଗ ଉପରେ ସରଜମିନ ତଦନ୍ତ କରିଥିଲେ। ଏ ସମ୍ପର୍କରେ ନାୟକ କହିଲେ ଯେ, ଚଳିତ ଶିକ୍ଷାବର୍ଷରେ ନାମଲେଖାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ଲାଗି ଏସ୍‌ସିଏସ୍ କଲେଜକୁ ଆସିଥିଲି। ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ପ୍ରଦାନ କରିବି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar 8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
GNM ANM OT. Tech DMLT ICU X-RAY
ଯୋଗ୍ୟତା ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL HOSPITAL PRATICAL PLACEMENT FACILITY AVAILABLE
KIMS, KHANDAGIRI, BBSR
7894487511

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GRAMIN FINANCE
1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର
Only Bank Fees
ଋଣ ପାସ୍ ହେଲା ପରେ
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts:
18001007280

9114367726, 9540938429



କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଅରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ
9874247647
Plot No: 86, Sarkar Street, Kolkata

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା ୫୦,୦୦୦ + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW:
08570958738
08570958378

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### ଭର୍ତ୍ତୃହରି ମହତାବଙ୍କୁ ସମ୍ବର୍ଦ୍ଧନା



**ଖଣ୍ଡପଡା,୪।୯(ସ୍ୱ.ପ୍ର.):** କଟକ ଏମପି ଭର୍ତ୍ତୃହରି ମହତାବଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଜଣେ ଶ୍ରେଷ୍ଠ ସାଂସଦ ମାନ୍ୟତା ମିଳିଛି। ଏହି ପରିପ୍ରେକ୍ଷୀରେ ସୋମବାର ଏମପି ମହତାବ ଖଣ୍ଡପଡା ଅଞ୍ଚଳର ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବାବେଳେ ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆୟୋଜିତ ଉତ୍ସବରେ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ସମେତ ଖଣ୍ଡପଡା ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାର ସିଂ, ଅଖିଳ କୁମାର ମହାରଣା, ରାମେଶ୍ୱର ଶତପଥୀ, ମାଧବ ଚନ୍ଦ୍ର ସାହୁ, ମର୍ଦ୍ଦରାଜପୁର ସରପଞ୍ଚ ବୈକୁଣ୍ଠନାଥ ଗୋଛି ପ୍ରମୁଖ ଯୋଗଦେଇଥିଲେ ।

### ଆଦିବାସୀ ମହିଳାଙ୍କ ଦ୍ୱାରା ବୃକ୍ଷରୋପଣ

**ଖଣ୍ଡପଡା,୪।୯(ସ୍ୱ.ପ୍ର.):** ସୋମବାର ନନ୍ଦ ଉତ୍ସବ ଅବସରରେ ଭାପୁର ବ୍ଲକ ଧାନଚେଙ୍ଗଡା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ କାଳିଆପଲ୍ଲୀ ଗ୍ରାମର ମହିଳା ଗୋଷ୍ଠୀଙ୍କ ଦ୍ୱାରା ବିଭିନ୍ନ ଫଳପ୍ରଦାନକାରୀ ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ ଯୋଗଦେଇ କେତେକ ଫଳ ପ୍ରଦାନକାରୀ ବୃକ୍ଷ ରୋପଣ କରିଥିଲେ ।

# ଶିକ୍ଷାର ବ୍ୟବସାୟୀକରଣ ଦୂରତ୍ୱ ସୃଷ୍ଟି କରିଛି

**ଅଜୟ କୁମାର ମହାରଣା**
**ଖଣ୍ଡପଡା,୪।୯**

ଭାରତୀୟ ସଂସ୍କୃତିରେ ଗୁରୁ ଓ ଶିଷ୍ୟର ପରମ୍ପରା ମହାନ୍। ଗୁରୁ ହେଉଛନ୍ତି ପବିତ୍ରତା, ଶାନ୍ତି, ପ୍ରେମ ଓ ଜ୍ଞାନର ପ୍ରତିମୂର୍ତ୍ତି । ଅଜ୍ଞାନକୁ ଜ୍ଞାନବନ୍ତ କରି ଯିଏ ଗଢିତୋଳନ୍ତି ସେ ହିଁ ଗୁରୁ। ଗୁରୁଙ୍କ ସାନ୍ନିଧ୍ୟରେ ଯିଏ ଧନ୍ୟ ହୁଏ ସେ ହିଁ ଶିଷ୍ୟ। ଗୁରୁ ଜୀବନର ଲକ୍ଷ୍ୟପଥ ବାଛିବାରେ ଠିକ୍ ମାର୍ଗଦର୍ଶନ ଦିଅନ୍ତି। ପ୍ରାଚୀନ ସମାଜରେ ଗୁରୁମାନେ ଥିଲେ ସମାଜର ପ୍ରକୃତ ମାର୍ଗଦର୍ଶକ। ତେବେ ସାମ୍ପ୍ରତିକ ସମାଜରେ ବସ୍ତୁବାଦ ଚିନ୍ତାଧାରା ହେତୁ ପିଲାଟି ମନରୁ ଭକ୍ତି, ସ୍ନେହ, ଶ୍ରଦ୍ଧା ଧୀରେ ଧୀରେ କମିବାରେ ଲାଗିଛି। ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଥିଲେ ଜଣେ ଆଦର୍ଶ ଗୁରୁ। ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୫ ତାରିଖକୁ ସାରା ଦେଶରେ ୧୯୬୨ ମସିହାରୁ ଗୁରୁ ଦିବସ ଭାବେ ପାଳନ କରାଯାଇଆସୁଛି । ଏହି ମହାନ ପରମ୍ପରା ଆଜି ପାଶ୍ଚାତ୍ୟ ଶିକ୍ଷା ଓ ଶିକ୍ଷାର ବ୍ୟବସାୟୀକରଣ ଦ୍ୱାରା ବାଧାପ୍ରାପ୍ତ ହେବା ସହ ଗୁରୁ-ଶିଷ୍ୟ ସମ୍ପର୍କରେ ଅନ୍ତରାୟ ସୃଷ୍ଟି କରୁଥିବା ମତପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବର୍ଗର ମତାମତକୁ ନେଇ ଉପସ୍ଥାପନା।

❏ ସଚେତନ ବ୍ୟକ୍ତି ବା ଅନୁଷ୍ଠାନ କେବେହେଲେ ଶିକ୍ଷାର ମର୍ଯ୍ୟାଦା ନଷ୍ଟ କରିବା କଥା ଚିନ୍ତା କରିପାରିବ ନାହିଁ। ମାତ୍ର ପରିତାପର ବିଷୟ ଯେ, ସମ୍ପ୍ରତି ସମଗ୍ର ଦେଶରେ ଅନେକ ବ୍ୟକ୍ତି ଓ ଅନୁଷ୍ଠାନ ଶିକ୍ଷାକୁ ଏକ ବ୍ୟବସାୟ ସାମଗ୍ରୀରେ ପରିଣତ କରିସାରିଲେଣି। ଏହାଦ୍ୱାରା ଶିକ୍ଷାନୁଷ୍ଠାନ (ସ୍କୁଲ,କଲେଜ) ପ୍ରତି ପିଲାମାନଙ୍କର ଆଗ୍ରହ ରହୁନାହିଁ କି ଶିକ୍ଷକମାନଙ୍କର ପୂର୍ବ ଦାୟିତ୍ୱବୋଧ ଦେଖାଯାଉନାହିଁ। ଭାରତର ଗୁରୁ-ଶିଷ୍ୟ ପରମ୍ପରା ହଜିଗଲାଣି ।



**– ଡ. ଅର୍ଜୁନ ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ**

❏ ଗୁରୁ ଅଜ୍ଞାନର ଅନ୍ଧକାର ଦୂର କରି ଜ୍ଞାନର ଆଲୋକ ଦିଅନ୍ତି। ଜଣେ ଆଦର୍ଶ ଗୁରୁଙ୍କ ବିନା ଜଣେ ଆଦର୍ଶ ଶିଷ୍ୟର ସୃଷ୍ଟି ଅସମ୍ଭବ । ତେବେ ଆଜିକାଲିର ବ୍ୟବସାୟକରଣ ଶିକ୍ଷା ପଦ୍ଧତି ଗୁରୁ-ଶିଷ୍ୟ ସମ୍ପର୍କକୁ କଳୁଷିତ କରୁଛି। ନୀତି ନୈତିକତା, ବିଦ୍ୟା, ବୁଦ୍ଧି, ବିବେକ ଆଜି ବାସ୍ତବତାଠାରୁ ବହୁ ଦୂରରେ।



**– ସ୍ୱାତୀ ସୁରଭିତା ଭଞ୍ଜ, ଛାତ୍ରୀ ନୀଳମାଧବ ମହାବିଦ୍ୟାଳୟ**

❏ ବ୍ୟକ୍ତି ଓ ସମାଜ ସହ ସଭ୍ୟତା ତଥା ସଂସ୍କୃତିର ବିକାଶ ଶିକ୍ଷା ଦ୍ୱାରା ସମ୍ଭବ । ଶିକ୍ଷା-ଶିକ୍ଷକ ଓ ଶିକ୍ଷାୟତନ ସ୍ଥିତି ସୁଦୃଢ ହେଲେ ସମୁନ୍ନତ ଶିଷ୍ୟ ତିଆରି ହୋଇପାରିବେ । ଗୁରୁ-ଶିଷ୍ୟର ପରମ୍ପରା ଆଜି ଆଉ ନାହିଁ- ଏପରି କହି ଏହାକୁ ଅବହେଳା କରାଯିବା ଉଚିତ୍ ନୁହେଁ । ପ୍ରତ୍ୟେକ ଶିଷ୍ୟ ଭିତରେ ସ୍ନେହ, ପ୍ରେମ, କରୁଣା ସହ ତା'ର ହିତୈଶୀ ଭାବ ଜାଗ୍ରତ କରି ପାରିଲେ ଗୁରୁ ଶିଷ୍ୟର ପରମ୍ପରା ପୁନଃ ପ୍ରତିଷ୍ଠା ହୋଇପାରିବ।



**– ବିରଞ୍ଚି ନାରାୟଣ ତ୍ରିପାଠୀ, ଶିକ୍ଷକ, ବିସି ହାଇସ୍କୁଲ ରଣପୁର**

### ଗୁରୁ-ଶିଷ୍ୟ ସମ୍ପର୍କ

❏ ଆଧୁନିକ ସମାଜରେ ବ୍ୟବସାୟିକ ଶିକ୍ଷା ପ୍ରତି ଅଭିଭାବକଙ୍କ ଆଗ୍ରହ, ଶିକ୍ଷକ-ଛାତ୍ରଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ଅଭାବ ସହ ସରକାରଙ୍କ ନୂତନ ଶିକ୍ଷା ନୀତି ଓ ବେକାରି ସମସ୍ୟା ଗୁରୁ-ଶିଷ୍ୟ ସମ୍ପର୍କରେ ନିବିଡତା କମାଉଛି। ଅପସଂସ୍କୃତିର ଅନୁପ୍ରବେଶ ହେତୁ ଗୁରୁକୁଳର ଗୁରୁତ୍ୱ କମିବା ସହ ଶିଷ୍ୟର ଆନୁଗତ୍ୟରେ ଅଭାବ ପରିଲକ୍ଷିତ ହୋଇଛି।



**– ଲକ୍ଷ୍ମୀପ୍ରିୟା ସାହୁ, ଶିକ୍ଷୟିତ୍ରୀ, ବିଟିଏମ୍ ୟୁପି ସ୍କୁଲ,ପଦ୍ମାବତୀ**

❏ ଗୁରୁ-ଶିଷ୍ୟଙ୍କ ଦୂରତ୍ୱ ପାଇଁ କାହାକୁ ଦାୟୀ କରିବା- ଶିକ୍ଷକ, ଶିକ୍ଷାର୍ଥୀ ନା ଶିକ୍ଷାପଦ୍ଧତି ? ପରିସ୍ଥିତିର ଦ୍ୱାହି ଦେଇ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ଆଜି ଗୁରୁକୁଳ ବ୍ୟବସ୍ଥାଠାରୁ ଦୂରେଇ ଯାଉଛନ୍ତି। ଶିକ୍ଷାର ବ୍ୟବସାୟୀକରଣ ଏବଂ ଶିକ୍ଷକମାନଙ୍କ ମଧ୍ୟରେ ଅର୍ଥ ଲାଳସା ସେମାନଙ୍କୁ ପ୍ରକୃତ ସ୍ନେହ ଓ କର୍ତ୍ତବ୍ୟ ପଥରୁ ବିମୁଖ କରୁଛି । ଶିକ୍ଷକ ସମାଜ ଆଜିର ପରିସ୍ଥିତିର ଊର୍ଦ୍ଧ୍ୱକୁ ଯାଇ ଶିକ୍ଷାର ମାନକୁ ବଜାୟ ରଖିପାରିଲେ ପ୍ରକୃତ ପରିବର୍ତ୍ତନ ଆସିପାରିବ।



**– ଜଗଦୀଶ ପ୍ରସାଦ ରଥ, କଣ୍ଠଶିଳ୍ପୀ, କେନ୍ଦୁପଲ୍ଲୀ**

❏ ସମୟର କାଳଚକ୍ରରେ ମଣିଷ ଭିତରେ ଅମଣିଷ ପଶିଆ ଭର୍ତ୍ତି ହେବା ପରେ ସେ ଅନୁତାପ କରିବା ଆରମ୍ଭ କଲାଣି। ସେହି ଯୋଗ ଶାସ୍ତ୍ର, ପୁରାଣ, ଗୁରୁକୁଳ ଶିକ୍ଷାକୁ ଦୋହରାଇବା ଚିନ୍ତାଧାରାକୁ ଧୀରେ ଧୀରେ ଉଜ୍ଜୀବିତ କଲାଣି । ଆଜି କାଲିର ସମାଜରେ ବୟୋବୃଦ୍ଧ ବ୍ୟକ୍ତିଠାରୁ ଆରମ୍ଭ କରି ନୂତନ ପିଢିର କିଛି ଲୋକ ପୂର୍ବ ସଂସ୍କୃତିକୁ ଆପଣେଇବାର ପନ୍ଥା କିପରି ପାଇବେ ତା' ଉପରେ ତର୍ଜମା କରୁଛନ୍ତି। ଗୁରୁ-ଶିଷ୍ୟ ସମ୍ପର୍କର ସେତୁ ଭୁଶୁଡିଯିବା ପରେ ସମବେଦନା ଓ ସଂଯମତାର ଘୋର ଅଭାବ ଦେଖାଦେଇଛି। ଶିକ୍ଷକ ଓ ପିଲାମାନଙ୍କ ଭିତରେ ଯଦି ଭାବର ପ୍ରକୃତ ବିନିମୟ ହୋଇପାରିବ ତା'ହେଲେ ଏକ ନୂତନ ସୂର୍ଯ୍ୟୋଦୟ ସହିତ ଉନ୍ନତ ଚିନ୍ତାଧାରାର ବ୍ୟକ୍ତିଙ୍କୁ ଏ ସମାଜ ପାଇପାରିବ।



**– ଅଞ୍ଜନା ଦାଶ, ଅଭିନେତ୍ରୀ, ଭୁବନେଶ୍ୱର**

# କେଭିକେ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ




କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି।

**ନୟାଗଡ଼ ଅଫିସ,୪।୯**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ରାଜ୍ୟର ୩୧ ଗୋଟି କୃଷି ବିଜ୍ଞାନ କେନ୍ଦ୍ର (କେଭିକେ)ର ସମସ୍ତ କର୍ମଚାରୀ ଓଡ଼ିଶା କର୍ମଚାରୀ ମହାମଞ୍ଚର ଆହ୍ୱାନ କ୍ରମେ କଳାବ୍ୟାଜ୍ ପରିଧାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ବ୍ଲକ ପାଣିପୋଇଲା ସ୍ଥିତ କେଭିକେର ସମସ୍ତ କର୍ମଚାରୀ ସୋମବାରଠାରୁ କଳାବ୍ୟାଜ୍ ପରିଧାନ କରିଛନ୍ତି। ଏହି ପ୍ରତୀକାତ୍ମକ ଆନ୍ଦୋଳନ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି। ରାଜ୍ୟରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। କର୍ମଚାରୀମାନେ ୧୩ ବର୍ଷ ଧରି ନିଜର ଜୀବିକାକୁ ଓଡ଼ିଶାର କୃଷି କ୍ଷେତ୍ରର ଉନ୍ନତି ପାଇଁ ଉତ୍ସର୍ଗ କରିଥିବା ସତ୍ତ୍ୱେ ଓୟୁଏଟିଠାରୁ ବିଭିନ୍ନ ସମୟରେ ଅବହେଳା ଓ ନିର୍ଯାତନା ପାଇ ଆସୁଛନ୍ତି। କାର୍ଯ୍ୟରତ ଅଧିକାରୀ ତଥା କର୍ମଚାରୀଙ୍କୁ ଚାକିରିରେ ସ୍ଥାୟୀକରଣ, ପେନସନ୍ ଯୋଜନା, ସାମାଜିକ ସୁରକ୍ଷା ସର୍ବୋପରି ଭାରତ ସରକାରଙ୍କ ବୁଝାମଣାପତ୍ରର ଠିକ୍ ରୂପାୟନ କରାଯିବ ବୋଲି ଏମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଓଡ଼ିଶା କର୍ମଚାରୀ ମହାମଞ୍ଚ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏହାର କୌଣସି ସୁଫଳ ନ ମିଳିବାରୁ ଏହି ଆନ୍ଦୋଳନକୁ ଓହ୍ଲାଇଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି।

## ଶିକ୍ଷକଙ୍କ ତାଲାବନ୍ଦ ଆନ୍ଦୋଳନ ପ୍ରସ୍ତୁତି

**ଗଣିଆ,୪।୯(ଡି.ଏନ.ଏ.)**

ଓଡ଼ିଶା ସ୍କୁଲ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଗଣିଆ ବ୍ଲକ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଶ୍ରୀ ଦଧିବାମନ ଜୀଉ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀକାନ୍ତ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ସେପ୍ଟେମ୍ବର ୫ତାରିଖ ଗୁରୁଦିବସଠାରୁ ରାଜଧାନୀରେ ହେବାକୁ ଥିବା ତାଲାବନ୍ଦ ଆନ୍ଦୋଳନକୁ ସଫଳ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ବ୍ଲକସ୍ତରୀୟ କୋର କମିଟି ଗଠନ କରାଯାଇଥିଲା। ବୈଠକରେ ଜିଲା କୋର କମିଟି ସଦସ୍ୟ ଅଧ୍ୟାପକ ଅଖିଳ କୁମାର ହୋତା, ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା, ଶିକ୍ଷକ ଗୋଲକ ବିହାରୀ ସାହୁ ଓ ପ୍ରକାଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀକାନ୍ତ ପଣ୍ଡା ଓ ଜଗଦୀଶ ଚନ୍ଦ୍ର ମିଶ୍ର ବ୍ଲକ ଆବାହକ ଭାବେ ଚୟନ ହୋଇଥିଲେ।

## ନନ୍ଦୋତ୍ସବ ଉପଲକ୍ଷେ ଶୋଭାଯାତ୍ରା

**ନୂଆଗାଁ,୪।୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଉଠାଣୀସାହିଠାରେ ସୋମବାର ନନ୍ଦ ଉତ୍ସବରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉଠାଣିସାହିର ଟାଇଗର କ୍ଲବ ସଦସ୍ୟଙ୍କ ନେତୃତ୍ୱରେ ଏହି ଉତ୍ସବ ପାଳନ କରାଯାଇଥିଲା। ଶୋଭାଯାତ୍ରା ନୂଆଗାଁ ବଜାର ପରିକ୍ରମା କରି ଥାନା ଓ ପରେ ବ୍ଲକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଭିନ୍ନ ଭୂମିକାରେ ନନ୍ଦ ରାଜା ଶେଷଦେବ ସାହୁ, ନନ୍ଦରାଣୀ ବୈଦ୍ୟନାଥ ଭୋଇ, କୃଷ୍ଣ ମୃତ୍ୟୁଞ୍ଜୟ ଭୋଇ, ବଳରାମ ବାପି ଭୋଇ, ଜୟ ଅମିତ ବାଘ ଓ ବିଜୟ କେଦାର ନାଥ ଭୋଇ ଅଭିନୟ କରିଥିଲେ।

## ସ୍ୱଚ୍ଛତା ବିକାଶର ଚାବିକାଠି

**ଖଣ୍ଡପଡା/ଭାପୁର,୪।୯(ସ୍ୱ.ପ୍ର./ଡ଼ି.ଏନ.ଏ.)**

ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀ ବଳରାମ ତ୍ରିପାଠୀ ୟୁପିଏମଇ ବିଦ୍ୟାଳୟରେ ମଙ୍ଗଳବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଛାତ୍ରୀମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଘରେ ଘରେ ପାଇଖାନା ବ୍ୟବହାର କରିବା, ସ୍ୱଚ୍ଛ ଜଳ ପାନ କରିବା, ପରିବେଶ ସଫା ରଖିବା, ହାତ ଧୋଇବା, ନଖ ପରିଷ୍କାର ରଖିବା, ଜଳ ସଂରକ୍ଷଣ କରିବା ନେଇ ଜନସଚେତନତା ସୃଷ୍ଟି କରିଥିଲେ। ସେପ୍ଟେମ୍ବର୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ସ୍ୱଚ୍ଛତା ପକ୍ଷ ପାଳନ ହେଉଥିବା ବେଳେ ପ୍ରତ୍ୟହ ପ୍ରାର୍ଥନା ସମୟରେ ପିଲାମାନଙ୍କୁ ଶପଥ ପାଠ କରାଯାଉଥିବା ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ନନ୍ଦ ପ୍ରକାଶ କରିଥିଲେ । ଏହାଛଡା ସୋମବାର ପରିଚାଳନା ସମିତି କର୍ମକର୍ତ୍ତା ଓ ଅଭିଭାବକଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱଚ୍ଛତା ହିଁ ବିକାଶର ଚାବିକାଠି ବୋଲି ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ମତବ୍ୟକ୍ତ କରିଥିଲେ ।

## ବେଦ ଓ ଜ୍ଞାନ ସପ୍ତାହ ଉଦ୍‌ଘାଟିତ

**ରଣପୁର,୪।୯ (ସ୍ୱ.ପ୍ର.)**

ରଣପୁର ଏନ୍‌ଏସିର ଶୋଭା ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ସୋମବାର ବ୍ରଜେନ୍ଦ୍ର ଚନ୍ଦ୍ର ହାଇସ୍କୁଲ ପରିସରରେ ବେଦ ଓ ଜ୍ଞାନ ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। କୃଷ୍ଣ ଦ୍ୱୈପାୟନ ବେଦ ପାଠଶାଳା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଡ. ରାଧାମାଧବ ଦାଶ ମୁଖ୍ୟଅତିଥି, ପ୍ରଫେସର ଦିବାକର ମହାପାତ୍ର ମୁଖ୍ୟବକ୍ତା ଓ କୃପାସିନ୍ଧୁ ପଣ୍ଡା, ରଣପୁର କଲେଜ ସଂସ୍କୃତ ବିଭାଗର ସୁଧାକର ପଣ୍ଡା, ଶତ୍ରୁଘନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବେଦ ପାଠଶାଳାର ବିଦ୍ୟାର୍ଥୀଗଣ ସୁଜଡି ବେଦ ରଥକୁ ରଣପୁର ସହର ପରିକ୍ରମା କରାଇ ହାଇସ୍କୁଲଠାରେ ପହଞ୍ଚିଥିଲେ। ସେଠାରେ ସ୍ୱେଚ୍ଛାସେବୀ ସଂଗଠନ ସମ୍ପାଦିକା ରୁବାଳା ନନ୍ଦଙ୍କ ନେତୃତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟଅତିଥି ଦୈନନ୍ଦିନ ଜୀବନରେ ବେଦର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବେଦ ଦ୍ୱାରା ସମାଜରେ ବ୍ୟାପୁଥିବା ଅପସଂସ୍କୃତିକୁ ରୋକାଯାଇ ପାରିବ ବୋଲି ଅତିଥିମାନେ କହିଥିଲେ । ସପ୍ତାହେ ବ୍ୟାପୀ କାର୍ଯ୍ୟକ୍ରମ ଚାଲୁରହିବ। ପାଠଶାଳାର ବିଦ୍ୟାର୍ଥୀଙ୍କ ସହ ଗୁରୁଜୀ ଜଗନ୍ନାଥ ମହାପାତ୍ର ସହଯୋଗ କରିଥିଲେ। ଶେଷରେ ସାମାଜିକ କର୍ମୀ ଅଶୋକ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପଠାଣି ସାମନ୍ତ ଜ୍ୟୋତି ଗବେଷଣା କେନ୍ଦ୍ର ଉଦ୍‌ଘାଟିତ

**ଖଣ୍ଡପଡ଼ା.୪।୯(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ନୂଆଗଡିଆସାହି ଗ୍ରାମରେ ପଠାଣିସାମନ୍ତ ଜ୍ୟୋତି ଗବେଷଣା କେନ୍ଦ୍ର ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ତଥା ସିଦ୍ଧାନ୍ତ ଦର୍ପଣ ରଚୟିତା ମହାମହୋପାଧ୍ୟାୟ ପଠାଣିସାମନ୍ତଙ୍କ ସ୍ମୃତିରକ୍ଷା ନିମନ୍ତେ ଏହି ଗବେଷଣା କେନ୍ଦ୍ରଟି କାର୍ଯ୍ୟ କରିବ ବୋଲି କେନ୍ଦ୍ରର ମୁଖ୍ୟ ତତ୍ତ୍ୱାବଧାରକ ତଥା ଜ୍ୟୋତିଷଶାସ୍ତ୍ର ବିଶାରଦ ପଣ୍ଡିତ ପ୍ରାଣକୃଷ୍ଣ ଶର୍ମା ସୂଚନା ଦେଇଛନ୍ତି। ପଠାଣିସାମନ୍ତଙ୍କ ଦ୍ୱାରା ପ୍ରଣିତ ସିଦ୍ଧାନ୍ତ ଦର୍ପଣକୁ ପାଥେୟକରି ପଣ୍ଡିତ ଶର୍ମା ଗତ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଜ୍ୟୋତିଷଶାସ୍ତ୍ର ଉପରେ ଗବେଷଣା ଜାରି ରଖିଛନ୍ତି। ଏହି କେନ୍ଦ୍ର ଜରିଆରେ ସାମନ୍ତଙ୍କ ସୁଦୂରପ୍ରସାରୀ ପ୍ରତିଭା ସମ୍ପର୍କରେ ଅଞ୍ଚଳବାସୀ ସବିଶେଷ ଜ୍ଞାନ ଆହାରଣ କରିପାରିବେ ବୋଲି ସେ କହିଛନ୍ତି।

## ଏବିଭିପିର ବୈଠକ

**ଖଣ୍ଡପଡା,୪।୯(ସ୍ୱ.ପ୍ର.)**

ରାଜ୍ୟରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆସନ୍ତା ୧୧ ତାରିଖରେ ସଂଗଠନର ଆହ୍ୱାନକ୍ରମେ ଭୁବନେଶ୍ୱରଠାରେ ଏକ ବିଶାଳ ଛାତ୍ର ଅଧିକାର ସମାବେଶ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ନିମନ୍ତେ ମଙ୍ଗଳବାର ଖଣ୍ଡପଡାଠାରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି। ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିକାଶ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ ଜିଲା ସଂଯୋଜକ ପରମେଶ୍ୱର ମହାନ୍ତି, ସହସଂଯୋଜକ ପ୍ରିୟବ୍ରତ ମିଶ୍ର, ଶ୍ରୀମାନ ଦିଲୀପଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

## ମହାବୀର ବଣିକ ସଂଘର ଶୋକସଭା

**ଗଣିଆ,୪।୯(ଡି.ଏନ.ଏ.)**

ଗଣିଆ ବଜାରର ଜଣେ ବ୍ୟବସାୟୀଙ୍କ ପରଲୋକରେ ମଙ୍ଗଳବାର ମହାବୀର ବଣିକ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧନେଶ୍ୱର ଲେଙ୍କାଙ୍କ ଅଧ୍ୟକ୍ଷତାରେ ପୁରୁଣା ରାମମନ୍ଦିର ପରିସରରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରଭାତ କୁମାର ଦାଶଙ୍କ ସମେତ ବଜାର କମିଟି ସମସ୍ତ ସଦସ୍ୟ ଓ ବ୍ୟବସାୟୀ ଯୋଗଦେଇ ୨ମିନଟ ନୀରବ ପ୍ରାର୍ଥନା ପରେ ତାଙ୍କ ସ୍ମୃତି ଚାରଣ କରିଥିଲେ। ଏଥିପାଇଁ ସକାଳଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ସମସ୍ତ ଦୋକାନ ବନ୍ଦ ରହିଥିଲା । ସୂଚନାଯୋଗ୍ୟ ବ୍ୟବସାୟୀ ରବୀନ୍ଦ୍ର କୁମାର ସାହୁ (୫୨)ଗତ ରବିବାର ସନ୍ଧ୍ୟାରେ ନିଜ ଦୋକାନ ଆଗରେ ଛିଡ଼ା ହୋଇଥିବା ସମୟରେ ହଠାତ୍ ତଳେ ପଡ଼ିଗଲେ । ପାଖ ଦୋକାନୀମାନେ ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ପରେ ତାଙ୍କୁ ୧୦୫ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

WANTED
MARKETING EXECUTIVE - 3 Nos.
Graduate with 1 Year. Exp. in IT Field with very Good Communication Skills.
CONTACT
SONATECH INFOSOLUTIONS PVT. LTD.
H.B. Colony, C.S. Pur, Bhubaneswar
7381951030 / 7381231122
E-mail: accounts@sonatechindia.in

URGENT REQUIRED
Banking, Back Office, HR/ Admin, Sales / Marketing
Qual: 10+2 / Graduation, MBA
Male / Female
8594906311, 9777466896

ଆବଶ୍ୟକ
ବିଭିନ୍ନ ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଅଭିନୟ କରିବା ପାଇଁ ଅଭିନେତା, ଅଭିନେତ୍ରୀ ଆବଶ୍ୟକ।
ଯୋଗାଯୋଗ: 7991067010

AEEXA
MARKETING EXECUTIVE (M/F): 15 Nos.
OFFICIAL JOB (M/F): 10 Nos.
Contact:
7978931819, 7008479200
Mail Id: hr.amrit@aeexa.com

SALES EXECUTIVE REQUIRED
For AES INDUSTRIAL Pvt. Ltd. BBSR
Preferably B.Sc., Diploma, ITI having work experience in Industrial Sales & Field Marketing, for BBSR & Angul.
Send Resume to
info@aesindustrial.in
Contact M:
9438112545/9437679795

WANTED AUTOCAD STAFF
For Architectural/ Structural Consultancy Office.
Diploma Civil/Draftsman Civil/ Architecture Diploma Holders can apply.
9777247762

COOK, HELPER, WAITER Post Vacant at Hotel CHANCELLER.
CONTACT
8895444888
7077707278

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ବ୍ଲକ/ଜିଲ୍ଲାସ୍ତରୀୟ ନିଯୁକ୍ତି
ନିଜ ନିଜ ଅଞ୍ଚଳରେ Official Jobରେ କାମ କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary upto 22,000/-. Age (18-34) years, ରହିବାର ସୁବିଧା ଅଛି।
Contact: 9668051710

REQUIRED
MARKETING MANAGER: 2
MARKETING EXECUTIVE: 2
Two Wheeler must.
Fixed Salary + TA + DA + Fuel Allowance Daily.
Contact: 9040076999
jena2421@gmail.com

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
09319469228

DIRECT JOINING
CALL CENTER
DATA ENTRY
TELE CALLER
DELIVERY EXE
BACK OFFICE
AUTOCAD
Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9937529015, 9853844830

REQUIRED
ACCOUNTANT for BBSR Branch
Min. 2 Yrs Exp. in Tally
WEST COAST DIESEL LLP.
HIG-II/34, BDA Colony, Kapilaprasad, BBSR-751002
Contact: 9337003316
Email: odisha@wcdllp.com

APPOINTMENT
'Z' FINANCE Requires
1. COMPUTER ASSISTANTS-2 Nos.
2. MARKETING MANAGER- 15 Nos.
3. PEON- 2 Nos.
4. FINANCE MANAGER- 5 Nos.
Plot No: N-1/39, IRC Village.
Ph. No: 8480697808, 9078445982
Dt. Timing: 11 A.M.- 2 P.M.

ଡ୍ରାଇଭର ଆବଶ୍ୟକ
ଘରୋଇ ଗାଡି ଚଳାଇବା ପାଇଁ ଏବଂ ଢେଙ୍କାନାଳ, ଅନୁଗୁଳ, ଗଞ୍ଜାମ ଜିଲ୍ଲାର ଲୋକ ହୋଇଥିବା ରହିବା ବ୍ୟବସ୍ଥା ଅଛି।
7750899392

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରରେ Car ଏବଂ 407 ଗାଡ଼ି ଚଳାଇବା ପାଇଁ 4 ଜଣ ଡ୍ରାଇଭର ଆବଶ୍ୟକ।
Mobile: 7381203300

ଧରିତ୍ରୀ DHARITRI is looking for
LAYOUT DESIGNERS
• Minimum 3 years+ experience in news dailies.
• Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 10 days to:
recruitment@dharitri.com
Pay & perks will be the best in the industry for deserving candidates.

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ୍, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
(Part Time / Full Time)
Contact: 9938676412

REQUIREMENT
A smart Sales Girl (Fluent in English, Hindi & Odia, minimum qualification +2 with Computer knowledge) for a Boutique. Handsome Salary.
Contact- N2/180, IRC Village, Nayapalli, Bhubaneswar.
Mobile: 9438185270

REQUIRED
Experienced Beautician for Ladies Beauty SPA & Staff for Garment Showroom (Ladies & Gents), Chandrasekharpur, Bhubaneswar.
Ph: 9861610222, 7008679211

A leading mattress & foam manufacturing company requires for Odisha
Marketing Executive
6 Posts
Salary (10 - 20K)
Contact:
8269927225, 7747016509

See Career Appointment on every Wednesday & Saturday

WANTED
For a Hotel division handling Hotels & Luxury Apartments
• Stewards
• Electrician
• Housekeeping Boys
Candidates with Hotel experience will be an added advantage.
Ph: 080 - 41487000/9000
99457 11116 / 98446 60100

WANTED
PROJECT MANAGER
APPAREL TRAINING CENTRE
We are a leading garment manufacturer & exporters in Tamilnadu. We need an experienced candidate for multiple location in Orissa (Bhubaneswar, Rayagada /Gajapati, Ganjam, Kandhamal(Phulbani), Malkangiri, Mayurbhanj, Balangir, Sundergarh) to handle training centre with capacity of 70-100 Sewing machines & good knowledge on implementing Government schemes like DDU-GKY,PMKVY, ISDS.
The candidate should be responsible for sourcing, train the candidates, documentation & Liaison with local government bodies.
Salary will not be a constraint for the right candidate.
Interested candidates can share their resume to
hrudt@victus.in& viji.victus@gmail.com

Brunel ମାଗଣା ନିଯୁକ୍ତି
ତୁନ୍ଦ୍‌ଲା (ଉତ୍ତରପ୍ରଦେଶ)ରେ ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍ ରେଲ୍‌ୱେ ପ୍ରୋଜେକ୍ଟ ପାଇଁ ଆମେ କର୍ମଚାରୀ ଆବଶ୍ୟକ କରୁଛୁ
ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍‌ରେ ଅଭିଜ୍ଞତା ବାଧ୍ୟତାମୂଳକ
▸ଫିଟର୍ ▸ଆସିଷ୍ଟାଣ୍ଟ ଫିଟର୍
▸ଆର୍‌ଆର୍‌ଭି ଅପରେଟର୍ସ ▸ଲୋକୋ ଅପରେଟର୍ସ
ଉପରୋକ୍ତ ସମସ୍ତ ବର୍ଗ ପାଇଁ ସର୍ବନିମ୍ନ 5 ବର୍ଷର ଅଭିଜ୍ଞତା ଆବଶ୍ୟକ
ଆଗ୍ରହୀ ପ୍ରାର୍ଥୀମାନେ 7021507193 / 7400402754 ରେ କଲ୍ କରିବା ଏବଂ ସାକ୍ଷାତ୍‌କାର ସ୍ଥାନକୁ ମୂଳ ଆଧାର କାର୍ଡ, ପ୍ୟାନ୍ କାର୍ଡ ଏବଂ ବ୍ୟାଙ୍କ ପାସ୍ ବୁକ୍ ସାଙ୍ଗରେ ଆଣିବା ଆବଶ୍ୟକ

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।